

◀ ଆଜିର 'ସକାଳ' ସହ 'ସିନ୍ଦୂରା' ପଢ଼ନ୍ତୁ

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 44 ♦ISSUE-39 ♦SUNDAY ♦2 AUGUST 2026 ♦PAGE-12+4 ♦₹ 7.00 | PANIKOILI | ♦ବର୍ଷ-୪୪ ♦ସଂଖ୍ୟା-୩୯ ♦ରବିବାର ♦୨ ଅଗଷ୍ଟ ୨୦୨୬ ♦ପୃଷ୍ଠା-୧୨+୪ (ସିନ୍ଦୂରା) ♦ଟ.୭.୦୦


## ହିମସ୍ଖଳନରେ ଚାଲିଗଲା ୧୦ ପର୍ବତାରୋହୀଙ୍କ ଜୀବନ

### କିମ୍ବଦନ୍ତୀ ନିର୍ମଳ ପୁର୍ଜାଙ୍କ ଦେହାନ୍ତ

■ ଇସ୍ଲାମାବାଦ, ୧।୮ (ଏଜେନ୍ସି): ବିଶ୍ୱ ପର୍ବତାରୋହଣ ଜଗତକୁ ଶୋକାକୁଳ କରି ପାକିସ୍ତାନର ବ୍ରଡ୍ ପିକ୍ ପର୍ବତରେ ଘଟିଥିବା ଭୟଙ୍କର ହିମସ୍ଖଳନରେ ନେପାଳ ଜନ୍ମିତ କିମ୍ବଦନ୍ତୀ ପର୍ବତାରୋହୀ ନିର୍ମଳ 'ନିମ୍ସ' ପୁର୍ଜାଙ୍କ ସମେତ ୧୦ ଜଣ ପର୍ବତାରୋହୀଙ୍କ ମୃତ୍ୟୁ ଘଟିଛି। ୪୩ ବର୍ଷୀୟ ନିର୍ମଳ ପୁର୍ଜା ଓ ତାଙ୍କ ଦଳ ବ୍ରଡ୍ ପିକ୍‌ର ଶିଖର ଆରୋହଣ କରୁଥିବା ବେଳେ ଗୁରୁବାର ଦିନ ପ୍ରବଳ ହିମସ୍ଖଳନରେ ଫସିଯାଇଥିଲେ। ସେହିଦିନଠାରୁ ସେମାନେ ନିଖୋଜ ଥିଲେ। ଶନିବାର ପୁର୍ଜାଙ୍କ ଦ୍ୱାରା ପ୍ରତିଷ୍ଠିତ ଅଭିଯାନ ସଂସ୍ଥା ପକ୍ଷରୁ ତାଙ୍କ ମୃତ୍ୟୁର ସରକାରୀ ସୂଚନା ଦିଆଯାଇଛି। ସମସ୍ତ ପର୍ବାତରୋହୀଙ୍କ ମୃତଦେହ ମିଳିଥିବାର ସୂଚନା ଦିଆଯାଇଛି। ▶ପୃଷ୍ଠା-୭



**କେରଳରେ ନିଆରା ବନ୍ଧନ**

## ବର-କନ୍ୟା-ପୁରୋହିତ, ସମସ୍ତେ ଯାଆଁଳା

■ କୋଟ୍ଟାୟମ୍, ୧।୮ (ଏଜେନ୍ସି): କେରଳର ଚଙ୍ଗନାସେରୀ ମେଟ୍ରୋପୋଲିଟାନ୍ ଚର୍ଚ୍ଚରେ ଗୁରୁବାର ଏକ ଅତ୍ୟନ୍ତ ଅନନ୍ୟ ଏବଂ ରୋଚକ ବିବାହ ସମ୍ପନ୍ନ ହୋଇଯାଇଛି, ଯେଉଁଥିରେ ପ୍ରାୟ ସମସ୍ତ ମୁଖ୍ୟ ଭୂମିକାରେ ଯାଆଁଳା (ଟ୍ୱିନ୍ସ) ବ୍ୟକ୍ତିବିଶେଷ ନଜର ଆସିଛନ୍ତି। ଯାଆଁଳା ଭାଇ ଅଖିଲ ଓ ନିଖିଲ ଯଥାକ୍ରମେ ଯାଆଁଳା ଭଉଣୀ ମ୍ୟାଗି ଓ ମାରିଆଙ୍କୁ ବିବାହ କରିଛନ୍ତି। ଏହି ସ୍ୱତନ୍ତ୍ର ବିବାହ ଉତ୍ସବକୁ ଯାଆଁଳା ପୁରୋହିତ ଫାଦର ଆଣ୍ଟୋ ପେଜୁମକାଟ୍ଟିଲ୍ ଏବଂ ଫାଦର ଆଜୋ ପେଜୁମକାଟ୍ଟିଲ୍ ପରିଚାଳନା କରିଥିଲେ। ଏପରିକି ଚର୍ଚ୍ଚର ପୂଜାକାର୍ଯ୍ୟରେ ସହାୟତା କରୁଥିବା ଦୁଇ ବାଳକ ଜେରନ୍ ଏବଂ ଜୋହନ୍ ମଧ୍ୟ ଯାଆଁଳା ଭାଇ ଥିଲେ। ଛୋଟବେଳୁ ଯାଆଁଳା ପୁରୋହିତଙ୍କ ଦ୍ୱାରା ଏବଂ ଯାଆଁଳା ସାଥୀଙ୍କ ସହ ବିବାହ କରିବାର ଏକ ସ୍ୱପ୍ନ ରହିଥିଲା ବୋଲି କନ୍ୟା ମ୍ୟାଗି ଓ ମାରିଆ ପ୍ରକାଶ କରିଛନ୍ତି। ବିବାହ କରିଥିବା ଦୁଇ ଭାଇ ମର୍ଚାଣ୍ଟ ନେଭିରେ କାର୍ଯ୍ୟରତ ଥିବା ବେଳେ ଦୁଇ ଭଉଣୀ ଆଇଟି/ସୂଚନା ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ କାର୍ଯ୍ୟ କରୁଛନ୍ତି।



# କମୁଛି ପାଣି; ବଢୁଛି ଦୁର୍ଦ୍ଦଶା

### ଏବେବି ପ୍ରଶାସନ ଭରସାରେ ତଳିଆ ଅଞ୍ଚଳର ବନ୍ୟାବିପନ୍ନ

### ପ୍ରଭାବିତ ଅଞ୍ଚଳରେ ୯୩% ବିଦ୍ୟୁତ୍ ସେବା ସ୍ୱାଭାବିକ

■ ଭୁବନେଶ୍ୱର, ୧।୮ (ସମିସ): ଉତ୍ତର ଓଡ଼ିଶାରେ ଦେଖାଦେଇଥିବା ବନ୍ୟାସ୍ଥିତିରେ ବ୍ୟାପକ ସୁଧାର ଆସିଥିବା ବେଳେ ପ୍ରମୁଖ ନଦୀଗୁଡ଼ିକର ଜଳସ୍ତର ବିପଦ ସଙ୍କେତ ତଳେ ପ୍ରବାହିତ ହେଉଛି। ପ୍ରଭାବିତ ଅଞ୍ଚଳରୁ ପାଣି ଅନେକାଂଶରେ କମିବାରେ ଲାଗିଥିଲେ ହେଁ ଲୋକଙ୍କ ଦୁର୍ଦ୍ଦଶା କିନ୍ତୁ ହ୍ରାସ ପାଇନାହିଁ। ବନ୍ୟା ପାଣି ଛାଡୁଥିଲେ ହେଁ ଯାଜପୁର ଓ ଭଦ୍ରକ ଜିଲ୍ଲାର ଅନେକ ତଳିଆ ଅଞ୍ଚଳରେ ଲୋକେ ଏବେବି ଖାଦ୍ୟ ଓ ପାନୀୟ ପାଇଁ ପ୍ରଶାସନ ଉପରେ ନିର୍ଭରଶୀଳ ଅଛନ୍ତି। ସେମାନଙ୍କଠାରେ ଆବଶ୍ୟକୀୟ ସହାୟତା ନିରନ୍ତର ଭାବେ ଜାରି ରଖିବାକୁ ସାଧାରଣରେ ଦାବି ହେଉଛି।

ବନ୍ୟାରେ ଯାଜପୁର ଜିଲ୍ଲାରେ ବ୍ରାହ୍ମଣୀ, ବୈତରଣୀ ଓ କାଣୀ ନଦୀରେ ବନ୍ୟା କାରଣରୁ ୭ରୁ ଅଧିକ ଘାଇ ସୃଷ୍ଟି ହୋଇଥିବା ବେଳେ ଏହାଦ୍ୱାରା ବାପକ କ୍ଷୟକ୍ଷତି ହୋଇଛି। ଅନେକ ତଳିଆ ପଞ୍ଚାୟତରେ ଏବେବି ପାଁ ଛେଡ଼ିନଥିବା ବେଳେ ଲୋକେ ଆଶ୍ରୟସ୍ଥଳେ ଆଶ୍ରୟ ନେଇଛନ୍ତି। ସେହିପରି ଭାବେ ଭଦ୍ରକ ଜିଲ୍ଲାରେ ବାସୁଦେବପୁର, ଚାନ୍ଦବାଲି, ଧାମନଗର ଓ ତିହିଡ଼ି ବ୍ଲକ ବନ୍ୟାରେ ସର୍ବାଧିକ ପ୍ରଭାବିତ ହୋଇଥିବା ବେଳେ ଗତ ୩ ଦିନ ତୁଳନାରେ ବନ୍ୟା ପାଣି ଅନେକ ମାତ୍ରାରେ ହ୍ରାସ ପାଇଛି। ତେବେ କେତେକ ଅଞ୍ଚଳରେ ଲୋକଙ୍କ ନିକଟରେ ଆବଶ୍ୟକୀୟ ସହାୟତା ପହଞ୍ଚିପାରିନଥିବା ବେଳେ ଯାହାକୁ ନେଇ ସାଧାରଣରେ ଅସନ୍ତୋଷ ଦେଖିବାକୁ ମିଳିଛି। ରାଜ୍ୟ ସରକାରଙ୍କ ତଥ୍ୟ ଅନୁଯାୟୀ ଦେବୀ, କୁଶଭଦ୍ରା, ଇବ୍, ବ୍ରାହ୍ମଣୀ, ବୈତରଣୀ, ବୁଢାବଳଙ୍ଗ, ସୁବର୍ଣ୍ଣରେଖା, ବଂଶଧାରା, ଋଷିକୁଲ୍ୟା, ଜଳକା ଆଦି ନଦୀର ଜଳପତ୍ତନ ସ୍ତର କ୍ରମଶଃ ହ୍ରାସ ପାଇବା ସହ ବିପଦ ସଙ୍କେତ ତଳେ ପ୍ରବାହିତ ହେଉଛି। ଏପଟେ ମହାନଦୀରେ ମଧ୍ୟ ▶ପୃଷ୍ଠା-୭



## ହୀରାକୁଦର ୨୨ ଗେଟ୍ ଖୋଲା

### ଜଳସ୍ତର ୬୨୫ ଫୁଟ୍

■ ସମ୍ବଲପୁର, ୧।୮ (ସମିସ): ଦୁଇଦିନ ହେବ ହୀରାକୁଦ ଜଳସ୍ତର ୬୨୫ ଫୁଟ୍ ଉପରେ ରହିଛି। ହୀରାକୁଦ ନଦୀବନ୍ଧର ସର୍ବୋଚ୍ଚ ଜଳଧାରଣ କ୍ଷମତା ୬୩୦ ଫୁଟ୍। ଉପରମୁଣ୍ଡରେ ବର୍ଷା କମିଥିଲେ ହେଁ, ହୀରାକୁଦ ଜଳଭଣ୍ଡାରକୁ ପ୍ରାୟ ୩ ଲକ୍ଷ କ୍ୟୁସେକ୍ ଜଳ ଏବେ ବି ପ୍ରବେଶ କରୁଥିବାବେଳେ ଜଳସ୍ତର ହ୍ରାସ ପାଉନାହିଁ। ବର୍ତ୍ତମାନ ୨୨ଟି ଗେଟ୍ ଦେଇ ହୀରାକୁଦରୁ ବନ୍ୟାଜଳ ନିଷ୍କାସିତ ହେଉଛି। ପ୍ରବେଶ ଜଳ ଅପେକ୍ଷା ପ୍ରାୟ ୧ ଲକ୍ଷ କ୍ୟୁସେକ୍ ଅଧିକ ଜଳ ନିଷ୍କାସନ କରାଯାଉଥିବା ସୂଚନା ମିଳିଛି। ଶନିବାର ସନ୍ଧ୍ୟା ୬ଟା ସମୟରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୨୫.୨୧ ଫୁଟ୍ ରହିଛି। ନଦୀବନ୍ଧର ବାମପାଶ୍ୱର୍ର ୧୫ଟି ଏବଂ ଓ ଡାହାଣ ପାଶ୍ୱର୍ର ୭ଟି ଏହିଭଳି ମୋଟ ୨୨ଟି ସ୍ଲୁଇସ୍ ଗେଟ୍ ଖୋଲାରହିଛି। ଜଳଭଣ୍ଡାରକୁ ସେକେଣ୍ଡ ପ୍ରତି ୨,୮୪,୭୭୩ କ୍ୟୁସେକ୍ ଜଳ ପ୍ରବେଶ କରୁଥିବାବେଳେ ପାୱାର ଚେନାଲ, ଶିଳ୍ପାନୁଷ୍ଠାନ, କେନାଲ ଆଦି ଦେଇ ୩,୮୬,୪୨୧ କ୍ୟୁସେକ୍ ଜଳ ▶ପୃଷ୍ଠା-୭

## ଆସନ୍ତା ୬ ଆଡ଼କୁ ଆଉ ଏକ ଲଘୁଚାପ!

### ଆଜି ୬ ଜିଲ୍ଲାରେ ପ୍ରବଳ ବର୍ଷା

■ ଭୁବନେଶ୍ୱର, ୧।୮ (ସମିସ): ବନ୍ୟା ଦାଉରୁ ସାଧାରଣ ଲୋକେ ଏଯାବତ ମୁକୁଳିପାରି ନଥିବା ବେଳେ ଆଉ ଏକ ସମ୍ଭାବ୍ୟ ଲଘୁଚାପ ସାଧାରଣରେ ଛନକା ଭରିଛି। ବଙ୍ଗୋପସାଗରରେ ଆସନ୍ତା ୬ ତାରିଖ ବେଳକୁ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବା ନେଇ ଆଶଙ୍କା କରାଯାଉଛି। ରାଜ୍ୟରେ ବର୍ତ୍ତମାନ ମୌସୁମୀ ସକ୍ରିୟ ଥିବାବେଳେ ଏହାର ପ୍ରଭାବରେ ଭଲ ବର୍ଷା ଲାଗି ରହିଛି। ଏପରିସ୍ଥଳେ ସମ୍ଭାବ୍ୟ ଲଘୁଚାପର ପ୍ରଭାବକୁ ନେଇ ଏବେ ସାଧାରଣରେ ସଂଶୟ ପ୍ରକାଶ ପାଇଲାଣି।

ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ରବିବାର ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ, ନବରଙ୍ଗପୁର, ରାୟଗଡା ଓ କୋରାପୁଟରେ ପ୍ରବଳ ବର୍ଷା ସମ୍ଭାବନା ରହିଛି। ଏତ୍ ବ୍ୟତୀତ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡା, ଜଗତସିଂହପୁର, କଟକ, ସୁନ୍ଦରଗଡ, ଅନୁଗୋଳ, ଢେଙ୍କାନାଳ, ମୟୂରଭଞ୍ଜ, କଳାହାଣ୍ଡି, କେନ୍ଦୁଝର, ମୟୂରଭଞ୍ଜ, ନବରଙ୍ଗପୁର, ରାୟଗଡା, କୋରାପୁଟ, ମାଲକାନଗିରି, ଗଜପତି, ଗଞ୍ଜାମ, ପୁରୀ, ଖୋର୍ଦ୍ଧା ଓ ନୟାଗଡରେ ୩୦ରୁ ୪୦ କିମି ବେଗରେ ପବନ ବହିବା ସମ୍ଭାବନା ରହିଛି। ୩ ତାରିଖରେ ସୁନ୍ଦରଗଡ଼, କେନ୍ଦୁଝର ଓ ମୟୂରଭଞ୍ଜରେ ପ୍ରବଳ ବର୍ଷା ସମ୍ଭାବନା ରହିଛି।

**ବଢ଼ିଲା ଇ-୨୦ ତାତି**

## ପିଏମ୍‌ଙ୍କ ବାସଭବନ ଘେରିବେ କେଜ୍ରିୱାଲ


### ଅନଶନ ଘୋଷଣା କରିଥିବା ତହସୀନ ପୁନାୱାଲା ଗୃହବନ୍ଦୀ


■ ନୂଆଦିଲ୍ଲୀ, ୧।୮ (ଏଜେନ୍ସି): ପ୍ରଶ୍ନପତ୍ର ଲିକ୍ ପରେ ଏବେ ଇ-୨୦ (୨୦% ଇଥାନଲ ମିଶ୍ରିତ) ପେଟ୍ରୋଲକୁ ନେଇ ତାତି ବଢ଼ିବାରେ ଲାଗିଛି। ଇ-୨୦ ସପକ୍ଷରେ କେନ୍ଦ୍ର ସରକାର ଯେତେ ଯୁକ୍ତି ଉପସ୍ଥାପନ କଲେ ମଧ୍ୟ ଏହା ଗାଡ଼ି ମାଲିକମାନଙ୍କୁ ସନ୍ତୁଷ୍ଟ କରିପାରୁ ନାହିଁ। ଅନ୍ୟପକ୍ଷରେ ଏହା ବିରୋଧରେ ଅସନ୍ତୋଷ ବ୍ୟାପିବାରେ ଲାଗିଛି। ଅନେକ ସଂଗଠନ ସରକାରୀ ନିଷ୍ପତ୍ତିର ପ୍ରତିବାଦ କରି ଆନ୍ଦୋଳନ ଚଳାଇଥିବା ବେଳେ ଅରବିନ୍ଦ କେଜ୍ରିୱାଲଙ୍କ ଆମ୍ ଆଦ୍‌ମୀ ପାର୍ଟି (ଆପ୍) ମଧ୍ୟ ଆନ୍ଦୋଳନକୁ ଓହ୍ଲାଇବାକୁ ଘୋଷଣା କରିଛନ୍ତି। ଏହି ପ୍ରସଙ୍ଗରେ କେଜ୍ରିୱାଲ ଆସନ୍ତା ୩ ତାରିଖରେ ପ୍ରଧାନମନ୍ତ୍ରୀଙ୍କ ବାସଭବନ ଘେରାଉ କରିବେ ବୋଲି କହିଛନ୍ତି।

ଏସଂପର୍କରେ ସୂଚନା ଦେଇ କେଜ୍ରିୱାଲ କହିଛନ୍ତି ଯେ ସାଧାରଣ ପେଟ୍ରୋଲ ଏବଂ ଇଥାନଲ ମିଶ୍ରିତ ପେଟ୍ରୋଲ ମଧ୍ୟରୁ ନିଜ ପସନ୍ଦର ଇନ୍ଧନ ବାଛିବା ପାଇଁ ଗ୍ରାହକଙ୍କୁ ବିକଳ୍ପ ଦିଆଯାଉ। ଆସନ୍ତା ଅଗଷ୍ଟ ୩ ତାରିଖରେ ପ୍ରଧାନମନ୍ତ୍ରୀଙ୍କ ବାସଭବନ ଅଭିମୁଖେ ପଦଯାତ୍ରା କରି ଜନସାଧାରଣଙ୍କ ସ୍ୱାକ୍ଷରିତ ସ୍ମାରକପତ୍ର ପ୍ରଦାନ କରିବେ। ସୋମବାର ମଧ୍ୟାହ୍ନରୁ ଦାବିପତ୍ର ସଂଗ୍ରହ ଆରମ୍ଭ କରି ପ୍ରାୟ ୧୦୦ ଜଣ ସମର୍ଥକଙ୍କ ସହ ଲୋକ କଲ୍ୟାଣ ମାର୍ଗ ଅଭିମୁଖେ ଯିବେ। ସେ କହିଛନ୍ତି ଯେ, ଇଥାନଲ ମିଶ୍ରଣ ଯୋଗୁଁ ଗାଡ଼ି ମରାମତି ଏବଂ ପେଟ୍ରୋଲର ଖର୍ଚ୍ଚ ବୃଦ୍ଧି ପାଉଛି। ଏହା କେବଳ ଗ୍ରାହକ ନୁହନ୍ତି, ବରଂ ଜଳ ଓ ମୃତ୍ତିକା ପ୍ରଦୂଷଣ ଯୋଗୁଁ କୃଷକମାନଙ୍କ ପାଇଁ ମଧ୍ୟ ସମସ୍ୟା ସୃଷ୍ଟି କରୁଛି। ଭାରତ-ଆମେରିକା ବାଣିଜ୍ୟ ଚୁକ୍ତି ଯୋଗୁଁ ନାଗରିକଙ୍କ ଉପରେ ଜୋରଜବରଦସ୍ତ ଇ-୨୦ ଲଦି ଦିଆଯାଉଛି ଏବଂ ଏହାଦ୍ୱାରା ଇଥାନଲ ଆମଦାନୀ ବହୁଗୁଣିତ ହେବ ବୋଲି ସେ ଅଭିଯୋଗ କରିଛନ୍ତି। ଇ-୨୦ ପେଟ୍ରୋଲର ଦାମ ହ୍ରାସ କରିବା ସହ ଏହାର ସୁରକ୍ଷା ସମ୍ବନ୍ଧୀୟ ଗବେଷଣା ରିପୋର୍ଟ ସାର୍ବଜନୀନ କରିବାକୁ ସେ ସରକାରଙ୍କୁ ଆହ୍ୱାନ ଦେଇଛନ୍ତି।

ଇ-୨୦ ପେଟ୍ରୋଲ ନୀତି ବିରୋଧରେ ପ୍ରତିବାଦ ପଦଯାତ୍ରା ଏବଂ ଅନଶନ କରିବାକୁ ଘୋଷଣା କରିଥିବା ସାମାଜିକ କର୍ମୀ ତହସୀନ ପୁନାୱାଲାଙ୍କୁ ଦିଲ୍ଲୀ ପୋଲିସ ଗୃହବନ୍ଦୀ କରିଛି। ଏନେଇ ▶ପୃଷ୍ଠା-୭

## ଆକାଶମାର୍ଗରୁ ବନ୍ୟା ସ୍ଥିତି ପରଖିଲେ ମୁଖ୍ୟମନ୍ତ୍ରୀ





### ୮ ଲକ୍ଷ ପ୍ରଭାବିତ, ଆସନ୍ତା ଦୁଇ ଦିନ ମଧ୍ୟରେ ସ୍ଥିତି ସୁଧୁରିବାର ସମ୍ଭାବନା

### ପାଣି ଛାଡିବାର ୩ ଦିନ ମଧ୍ୟରେ କ୍ଷୟକ୍ଷତିର ରିପୋର୍ଟ ଦେବାକୁ ନିର୍ଦ୍ଦେଶ

### ରିପୋର୍ଟ ଭିତ୍ତିରେ ତୁରନ୍ତ ସହାୟତା ପ୍ୟାକେଜ ପ୍ରଦାନ କରାଯିବ: ମୁଖ୍ୟମନ୍ତ୍ରୀ

■ ଭୁବନେଶ୍ୱର, ୧।୮ (ସମିସ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶନିବାର ଆକାଶମାର୍ଗରୁ ରାଜ୍ୟର ୫ଟି ଜିଲ୍ଲାର ୧୨ଟିରୁ ଅଧିକ ବ୍ଲକରେ ବନ୍ୟାସ୍ଥିତି ଅନୁଧ୍ୟାନ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ସହିତ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଏବଂ ସ୍ୱତନ୍ତ୍ର ରିଲିଫ କମିଶନର ଉପସ୍ଥିତ ଥିଲେ। ପରିଦର୍ଶନ ପରେ ଗଣମାଧ୍ୟମ ଆଗରେ ବିବୃତି ରଖି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଉପରୋକ୍ତ ଅଞ୍ଚଳର ଅନେକ ଗାଁ ପାଣି ଘେରରେ ଅଛି। ଚଳିତ ବନ୍ୟାରେ ରାଜ୍ୟର ୧୦ ଜିଲ୍ଲାର ୮ ଲକ୍ଷ ଲୋକ ପ୍ରଭାବିତ ହୋଇଥିବା ବେଳେ ୨.୬୯ ଲକ୍ଷ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। ପରିସ୍ଥିତି ଧୀରେଧୀରେ ସୁଧୁରୁଛି। ଆସନ୍ତା ଦୁଇ ଦିନ ଭିତରେ ବନ୍ୟା ପାଣି ଛାଡି ଯିବାର ସମ୍ଭାବନା ଅଛି। ଏଥିସହିତ ବନ୍ୟା ଛାଡିବାର ୩ ଦିନ ମଧ୍ୟରେ କ୍ଷୟକ୍ଷତିର ଆକଳନ ପାଇଁ ନିର୍ଦ୍ଦେଶ ଦିଆଯାଇଛି ଏବଂ ଆକଳନ ପରେ ତୁରନ୍ତ କୃଷି ଓ ଘରଭଙ୍ଗା ଇତ୍ୟାଦି କ୍ଷେତ୍ରରେ ସହାୟତା ପ୍ୟାକେଜ ଦିଆଯିବ ବୋଲି ସେ ସୂଚନା ପ୍ରଦାନ କରିଛନ୍ତି।

ସୂଚନାଯୋଗ୍ୟ ଯେ ମୁଖ୍ୟମନ୍ତ୍ରୀ ଆକାଶମାର୍ଗରୁ ଯାଜପୁର ଜିଲ୍ଲାର ଦଶରଥପୁର, ବରୀ ଓ ବିଂଝାରପୁର, ଭଦ୍ରକ ଜିଲ୍ଲାର ଧାମନଗର, ଭଣ୍ଡାରିପୋଖରୀ ଓ ଚାନ୍ଦବାଲି, ବାଲେଶ୍ୱର ଜିଲ୍ଲାର ସୋର, ରେମୁଣା ଓ ବାଲେଶ୍ୱର ସଦର, ମୟୂରଭଞ୍ଜ ଜିଲ୍ଲାର ବଡସାହି, ଉଦଳା ଓ କପ୍ତିପଦାର କିଛି ପ୍ରଭାବିତ ଅଂଶ ଏବଂ କେନ୍ଦୁଝର ଜିଲ୍ଲାର ହାଟଡିହି ବ୍ଲକର ପ୍ରଭାବିତ ଅଞ୍ଚଳ ଗୁଡିକର ସ୍ଥିତି ସମ୍ପର୍କରେ ଅନୁଧ୍ୟାନ ▶ପୃଷ୍ଠା-୭

## କମିଲା ବାଣିଜ୍ୟିକ ଗ୍ୟାସ୍ ଦର

### ସିଲିଣ୍ଡର ପିଛା ୧୯୨ ଟଙ୍କା ହ୍ରାସ

■ ନୂଆଦିଲ୍ଲୀ, ୧।୮ (ଏଜେନ୍ସି): ହୋଟେଲ ଏବଂ ରେସ୍ତୋରାଁ ଭଳି ପ୍ରତିଷ୍ଠାନରେ ବ୍ୟବହୃତ ବାଣିଜ୍ୟିକ ଏଲ୍‌ପିଜି ସିଲିଣ୍ଡର ମୂଲ୍ୟରେ ଶନିବାର ବୃହତ୍ ହ୍ରାସ ଘଟିଛି। ଏହି ଅନୁଯାୟୀ,୧୯ କିଲୋଗ୍ରାମ ସିଲିଣ୍ଡର ମୂଲ୍ୟରେ ୧୯୨ ଟଙ୍କା ହ୍ରାସ ହୋଇଛି। ଫଳରେ ଦିଲ୍ଲୀରେ ଏଲ୍‌ପିଜି ସିଲିଣ୍ଡର ପିଛା ଦର ୨୭୩୮ ଟଙ୍କା ଓ କଲକାତାରେ ୨୮୭୨.୫୦ ଟଙ୍କାକୁ ଖସିଆସିଛି। ଅପରପକ୍ଷେ ବିମାନ ଟର୍ବାଇନ୍ ଇନ୍ଧନ (ଏଟିଏଫ୍) ମୂଲ୍ୟରେ ଲିଟର ପିଛା ୫ ଟଙ୍କା ବୃଦ୍ଧି କରାଯାଇଛି। ଆନ୍ତର୍ଜାତୀୟ ବଜାରରେ ତୈଳ ମୂଲ୍ୟରେ ବୃହତ୍ ହ୍ରାସ ପରେ ଏହି ପରିବର୍ତ୍ତନ କରାଯାଇଛି। ରାଜଧାନୀ ଭୁବନେଶ୍ୱରରେ ବାଣିଜ୍ୟିକ ଏଲ୍‌ପିଜି ମୂଲ୍ୟରେ ସିଲିଣ୍ଡର ପିଛା ୨୦୬ ଟଙ୍କା ୫୦ ପଇସା ହ୍ରାସ ଘଟି ଏହା ୨୯୨୮ ଟଙ୍କାକୁ ଖସିଆସିଛି। ତେବେ ବଜାରରେ ରନ୍ଧନ ଗ୍ୟାସ୍ ଦର ଅପରିବର୍ତ୍ତିତ ରହିଛି। ଦିଲ୍ଲୀରେ ପୂର୍ବରୁ ୧୯ କିଲୋଗ୍ରାମ ବିଶିଷ୍ଟ ବାଣିଜ୍ୟିକ ସିଲିଣ୍ଡର ମୂଲ୍ୟ ୨୯୩୦ ଟଙ୍କା ରହିଥିଲା। ହେଲେ ଏଟିଏଫ୍ ମୂଲ୍ୟ ପ୍ରତି ଲିଟର ୧୧୦ ଟଙ୍କାରୁ ୧୧୫ ଟଙ୍କାକୁ ବୃଦ୍ଧି ପାଇଛି। ବାଣିଜ୍ୟିକ ଏଲ୍‌ପିଜି ମୂଲ୍ୟରେ ଏହା ଲଗାତାର ଦ୍ୱିତୀୟ ମାସିକ ହ୍ରାସ। ପୂର୍ବ ଜୁଲାଇ ପହିଲାରେ ବାଣିଜ୍ୟିକ ଏଲ୍‌ପିଜି ସିଲିଣ୍ଡର ମୂଲ୍ୟରେ ୧୮୩ ଟଙ୍କା ହ୍ରାସ କରାଯାଇଥିଲା। ପଶ୍ଚିମ ଏସିଆ ସଙ୍କଟ ଯୋଗୁଁ ଜୁନରେ ମୂଲ୍ୟ ରେକର୍ଡ ସ୍ତରରେ ପହଞ୍ଚିବା ପରେ ଜୁଲାଇ ୧ ଏବଂ ଅଗଷ୍ଟ ୧ରେ ଉଭୟର ମୂଲ୍ୟରେ ହ୍ରାସ କରାଯାଇଛି।




## ପ୍ରଶ୍ନପତ୍ର ପ୍ରଘଟ ନିରୋଧୀ ସଂଶୋଧନ ବିଲ୍‌କୁ ରାଷ୍ଟ୍ରପତିଙ୍କ ମୋହର

■ ନୂଆଦିଲ୍ଲୀ, ୧।୮ (ଏଜେନ୍ସି): ସାଧାରଣ ପରୀକ୍ଷାରେ ଦୁର୍ନୀତି, ପ୍ରଶ୍ନପତ୍ର ଲିକ୍ ଏବଂ ଅନିୟମିତତା ରୋକିବା ପାଇଁ ସଂସଦରେ ଗୃହୀତ ହୋଇଥିବା କଠୋର ଆଇନ ସଂଶୋଧନ ବିଲ୍‌କୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ଅନୁମୋଦନ ପ୍ରଦାନ କରିଛନ୍ତି। 'ସାଧାରଣ ପରୀକ୍ଷା (ଅସାଧୁ ଉପାୟ ନିବାରଣ) ସଂଶୋଧନ ବିଲ୍, ୨୦୨୬'କୁ ରାଷ୍ଟ୍ରପତିଙ୍କ ଅନୁମତି ମିଳିବା ପରେ ଆଇନ ଓ ନ୍ୟାୟ ମନ୍ତ୍ରଣାଳୟ ଶୁକ୍ରବାର ଏହି ସମ୍ବନ୍ଧୀୟ ଗେଜେଟ୍ ବିଜ୍ଞପ୍ତି ପ୍ରକାଶ କରିଛି। ଏହାସହିତ ଏହା ଆଇନରେ ପରିଣତି ହୋଇଛି। ଏହି ସଂଶୋଧିତ ଆଇନ ଅଧୀନରେ ପରୀକ୍ଷା ପରିଚାଳନା ବ୍ୟବସ୍ଥାକୁ ସ୍ୱଚ୍ଛ କରିବା ସହ ଅପରାଧୀଙ୍କ ପାଇଁ କଠୋର ଦଣ୍ଡବିଧାନ ବ୍ୟବସ୍ଥା କରାଯାଇଛି। ପ୍ରଶ୍ନପତ୍ର ଲିକ୍ କିମ୍ବା ପରୀକ୍ଷାରେ ଅସାଧୁ ଉପାୟ ଅବଲମ୍ବନ କରୁଥିବା ବ୍ୟକ୍ତିଙ୍କୁ ୫ ରୁ ୧୦ ବର୍ଷ ପର୍ଯ୍ୟନ୍ତ ଜେଲ୍ ଦଣ୍ଡ ଏବଂ ୫୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଜରିମାନା ଦେବାକୁ ପଡ଼ିବ। ସେହିପରି ସଂଗଠିତ ଭାବେ ଏହି ଅପରାଧ କରୁଥିବା ଗ୍ୟାଙ୍ଗ୍ କିମ୍ବା ମାଫିଆଙ୍କ ପାଇଁ ସର୍ବନିମ୍ନ ୭ ବର୍ଷ ଜେଲ୍ ଏବଂ କମ୍‌ରେ ୧୦ କୋଟି ଟଙ୍କାର ଜରିମାନା ବ୍ୟବସ୍ଥା ରହିଛି। ସଂସଦର ଉଭୟ ଗୃହରେ ବିଲ୍ ଗୃହୀତ ହେବା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏକ ଭିଡିଓ ବାର୍ତ୍ତା ଜାରି କରି କହିଛନ୍ତି ଯେ, କୌଣସି ପେପର-ଲିକ୍ ମାଫିଆ ଯେପରି ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ସହ ଖେଳିପାରିବେ ନାହିଁ, ସେଥିପାଇଁ ସରକାର ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟା ଓ ଆଇନଗତ ବ୍ୟବସ୍ଥା କଡ଼ାକଡ଼ି କରୁଛନ୍ତି।


ସୂଚନାଯୋଗ୍ୟ ଯେ ନିଟ ପରୀକ୍ଷା ବିଭ୍ରାଟ ପ୍ରତିବାଦରେ କକ୍ରୋଚ ଜନତା ପାର୍ଟି ପକ୍ଷରୁ ଯନ୍ତର ମନ୍ତରରେ ଆନ୍ଦୋଳନ କରାଯିବା ପରେ ସେମାନଙ୍କ ଦାବିକୁ ଗ୍ରହଣ କରି ସରକାର ଆଇନରେ ସଂଶୋଧନ କରି ନୂଆ ବିଲ୍ ସଂସଦରେ ଆଗତ କରିଥିଲେ।

## ପୋଖରୀକୁ ବାଇକ୍ ଖସି ୩ ମୃତ

■ ବାରିପଦା/କୁଆମରା, ୧।୮ (ସମିସ): ମୟୂରଭଞ୍ଜ ଜିଲ୍ଲା ଖୁଣ୍ଟା ଥାନା ଅନ୍ତର୍ଗତ କୁଆମରା ଗ୍ରାମରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ୩ ବାଇକ୍ ଆରୋହୀ ଯୁବକଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ କୁଆମରା ଗ୍ରାମର ସହଦେବ ସିଂ, ଶକ୍ତି ସିଂ ଓ ରଘୁ ସିଂ। କୁଆମରା ହାଟ ସାରି ସମସ୍ତେ ଏକ କେଟିଏମ୍ ବାଇକ୍‌ରେ ଘରକୁ ଫେରୁଥିବା ସମୟରେ ନିଶାସକ୍ତ ଅବସ୍ଥାରେ ବେପରୁଆ ଚାଳନା ଓ ଦ୍ରୁତ ଗତି ପାଇଁ ଗାଁ ପୋଷ୍ଟ ଅଫିସ ନିକଟ କଲଭରର୍ଟରେ ନିୟନ୍ତ୍ରଣ ହରାଇ ବାଇକ୍‌ଟି ରାସ୍ତା ପାଶ୍ୱର୍ ପାଚେରିରେ ପିଟି ହୋଇ ପାଖ ▶ପୃଷ୍ଠା-୭

**କୂଳଲଙ୍ଘିଲା ସମୁଦ୍ର**

## ଲୀନହେଲା ରାସ୍ତା, ମନ୍ଦିର



■ ଛତ୍ରପୁର, ୧।୮ (ସମିସ): ଗଞ୍ଜାମ ଜିଲ୍ଲାରେ ଦିନକୁ ଦିନ ସମୁଦ୍ରକୂଳ ଅବକ୍ଷୟକୁ ନେଇ ଚିନ୍ତା ବଢ଼ିବାରେ ଲାଗିଛି। ଅଞ୍ଚଳବାସୀ ଆତଙ୍କିତ ଅବସ୍ଥାରେ ରହିଛନ୍ତି। ଏବେ ଆର୍ଯ୍ୟପଲ୍ଲୀ ଗ୍ରାମକୁ ସଂଲଗ୍ନ ହୋଇଥିବା ରାସ୍ତା ଓ ଗଙ୍ଗାଦେବୀ ମନ୍ଦିରଟି ଏବେ ସମୁଦ୍ର କୂଳ ମଧ୍ୟରେ ଲୀନ ହେବା ପରେ ଅଞ୍ଚଳବାସୀଙ୍କ ଭୟ ଦ୍ୱିଗୁଣିତ ହୋଇଯାଇଛି। ସ୍ଥାୟୀ ପ୍ରତିକାର ନିମନ୍ତେ ବିଭିନ୍ନ ଫୋରମରେ କହି ଆସୁଥିଲେ ମଧ୍ୟ ଏହାର ସ୍ଥାୟୀ ସମାଧାନ ହୋଇପାରୁନି। ଗଞ୍ଜାମ ଜିଲ୍ଲା ଛତ୍ରପୁର ପୌରପରିଷଦ ଅନ୍ତର୍ଗତ ଆର୍ଯ୍ୟପଲ୍ଲୀ ସମୁଦ୍ର ଦିନକୁ ଦିନ କୂଳଲଙ୍ଘି ଗ୍ରାମ ▶ପୃଷ୍ଠା-୭


ADMISSION OPEN

MBA | MCA | M.Sc. (Physics) | M.Sc. (Chemistry) | M.Sc. (Biotech)

MSW | M.Com. (F&C) | M.Com. (Traditional) | M.Sc. (Comp.Sc.) | MPMIR

NIIS GROUP OF INSTITUTIONS
Sarada Vihar, Madanpur, Bhubaneswar-752054
(Recognised by Govt. of Odisha & Affiliated to Utkal University)
Contact: 9778899990 / 9778899991 / 9040004375
Email: contactus@niisgroup.org Website: www.niisgroup.org

# କୁଲଗାମ୍‌ରେ ୨ ପ୍ରବାସୀ ହିନ୍ଦୁ ଶ୍ରମିକଙ୍କୁ ହତ୍ୟା

କୁଲଗାମ, ୧।୮ (ଏଜେନ୍ସି): ଜମ୍ମୁ-କାଶ୍ମୀରର କୁଲଗାମ୍ ଜିଲ୍ଲାରେ ପୁଣି ଏକ ବର୍ବର ଆତଙ୍କବାଦୀ ଆକ୍ରମଣ ଦେଖିବାକୁ ମିଳିଛି। ଶୁକ୍ରବାର ବିଳମ୍ବିତ ସନ୍ଧ୍ୟାରେ ଦକ୍ଷିଣ କାଶ୍ମୀରର କେଲାମ୍ ସ୍ଥିତ ଏକ ଇଟା ଭାଟିରେ କାର୍ଯ୍ୟରତ ଛତିଶଗଡ଼ର ଦୁଇ ଜଣ ପ୍ରବାସୀ ଶ୍ରମିକଙ୍କୁ ଆତଙ୍କବାଦୀମାନେ ନିର୍ମମ ଭାବେ ଗୁଳି କରି ହତ୍ୟା କରିଛନ୍ତି। ମୃତ ଶ୍ରମିକ ଦ୍ୱୟ ହେଲେ ୨୪ ବର୍ଷୀୟ ଦୀପକ ରଥିରେ ଏବଂ ୨୮ ବର୍ଷୀୟ ଭୋପେନ୍ଦ୍ର, ଯେଉଁମାନେ ଛତିଶଗଡ଼ର ଅଧିବାସୀ ଥିଲେ। ଗୁଳିମାଡ଼ ପରେ ଦୀପକଙ୍କର ମେଡିକାଲ ନିଆଯିବା ବାଟରେ ମୃତ୍ୟୁ ଘଟିଥିବା ବେଳେ ଭୋପେନ୍ଦ୍ର ଚିକିତ୍ସାଧୀନ ଅବସ୍ଥାରେ ସୌରା ସ୍ଥିତ ମେଡିକାଲରେ ଆଖି ବୁଜିଛନ୍ତି। ଘଟଣା ପରେ ସୁରକ୍ଷା ବଳ ସମ୍ପୂର୍ଣ୍ଣ ଅଞ୍ଚଳକୁ ଘେରାଉ କରି ବ୍ୟାପକ ସର୍ଚ୍ଚ ଅପରେସନ୍ ଆରମ୍ଭ କରିଛନ୍ତି। ଆତଙ୍କବାଦୀମାନେ ଆଖପାଖ ଅଞ୍ଚଳରେ ଲୁଚି ରହିଥିବା ସନ୍ଦେହ କରାଯାଉଛି। ଇଟା ଭାଟିରେ ଲଗାଯାଇଥିବା ସିସିଟିଭି ଫୁଟେଜ୍‌କୁ ଯାଞ୍ଚ କରାଯାଉଛି। ପ୍ରାଥମିକ ତଦନ୍ତରୁ ଏହି ଆକ୍ରମଣରେ ଜଣେ ସ୍ଥାନୀୟ ଏବଂ ଜଣେ ପାକିସ୍ତାନୀ ଆତଙ୍କବାଦୀ ସାମିଲ ଥିବା ସନ୍ଦେହ କରାଯାଉଛି।

## କିଭ୍‌ରେ ରୁଷ ଆକ୍ରମଣ; ୯ ମୃତ

କିଭ୍, ୧।୮ (ଏଜେନ୍ସି): ରୁଷ ପକ୍ଷରୁ ୟୁକ୍ରେନ୍ ରାଜଧାନୀ କିଭ୍ ଉପରେ ଶନିବାର ରାତିସାରା ଭୟଙ୍କର ବାଲିଷ୍ଟିକ୍ ମିସାଇଲ୍ ଏବଂ ଡ୍ରୋନ୍ ଆକ୍ରମଣ କରାଯାଇଛି। ଏହି କ୍ଷେପଣାସ୍ତ୍ର ମାଡ଼ରେ ଅତିକମ୍‌ରେ ୯ ଜଣ ସାଧାରଣ ନାଗରିକଙ୍କ ମୃତ୍ୟୁ ଘଟିଥିବା ବେଳେ ୨୨ ଜଣ ଗୁରୁତର ଆହତ ହୋଇଛନ୍ତି। ଆକ୍ରମଣ ଯୋଗୁଁ ଅନେକ ଆବାସିକ ଓ ବ୍ୟବସାୟିକ ଅଟ୍ଟାଳିକାରେ ନିଆଁ ଲାଗିଯିବା ସହ ବ୍ୟାପକ କ୍ଷତିଘଟିଛି। ମିସାଇଲ୍ ଆକ୍ରମଣର ଭୟାବହତାକୁ ଦୃଷ୍ଟିରେ ରଖି ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି ପାଶ୍ଚାତ୍ୟ ଦେଶଗୁଡ଼ିକୁ, ବିଶେଷ କରି ଆମେରିକାକୁ, ଅଧିକ 'ପାଟ୍ରିଅଟ୍' ଆଣ୍ଟି-ବାଲିଷ୍ଟିକ୍ ମିସାଇଲ୍ ଡିଫେନ୍ସ ସିଷ୍ଟମ୍ ଯୋଗାଇଦେବାକୁ ପୁନର୍ବାର ନିବେଦନ କରିଛନ୍ତି। ରୁଷର ବାଲିଷ୍ଟିକ୍ ମିସାଇଲ୍‌କୁ ଆକାଶମାର୍ଗରୁ ଖସାଇବା ପାଇଁ ଏହି ସୁରକ୍ଷା ପ୍ରଣାଳୀ ଅତ୍ୟାବଶ୍ୟକ ବୋଲି ଜେଲେନ୍‌ସ୍କି ପ୍ରକାଶ କରିଛନ୍ତି। କିଭ୍‌ର ସୋଲୋମିଆନ୍‌ସ୍କି ଏବଂ ଦାର୍ନିତସ୍କି ଅଞ୍ଚଳରେ ହୋଇଥିବା ଆକ୍ରମଣରେ ଅନେକ ନାଗରିକ ନିଜର ଘରଦ୍ୱାର ହରାଇଛନ୍ତି। ଉଦ୍ଧାରକାରୀ ଦଳ ନିଆଁକୁ ଆୟତ୍ତ କରିବା ସହ ଅଗ୍ନିକାଣ୍ଡ ଓ ଧ୍ୱଂସାବଶେଷ ତଳେ ଫସିଥିବା ଲୋକଙ୍କୁ ସୁରକ୍ଷିତ ଭାବେ ବାହାର କରିଛନ୍ତି।

## ରେଳବାଇର ୫ ଜଣ ଗ୍ରୁପ୍ ଏ' ଅଧିକାରୀଙ୍କୁ ଆଗୁଆ ଅବସର

ନୂଆଦିଲ୍ଲୀ, ୧।୮ (ଏଜେନ୍ସି): ଭାରତୀୟ ରେଳବାଇରେ ଦୁର୍ନୀତି, ସଚ୍ଚୋଟତା ଓ କାର୍ଯ୍ୟ ଦକ୍ଷତାର ଅଭାବ ପାଇଁ କଠୋର ଆଭିମୁଖ୍ୟ ଗ୍ରହଣ କରାଯାଇଛି। ଏହିକ୍ରମରେ ରେଳ ମନ୍ତ୍ରଣାଳୟ ପାଞ୍ଚ ଜଣ ପ୍ରଥମ ଶ୍ରେଣୀର ବରିଷ୍ଠ ଅଧିକାରୀଙ୍କୁ ଜନସ୍ୱାର୍ଥରେ ଅକାଳ ଅବସର ଦେବାକୁ ସୁପାରିସ କରିଛି। ରେଳ ବୋର୍ଡର ସମୀକ୍ଷା କମିଟି ଭାରତୀୟ ରେଳ ପ୍ରତିଷ୍ଠାନ ସଂହିତାର ସମ୍ପୃକ୍ତ ବ୍ୟବସ୍ଥା ଅନୁଯାୟୀ ଏହି ସୁପାରିସ କରିଛି। ଅକାଳ ଅବସର ପାଇଁ ସୁପାରିସ ହୋଇଥିବା ଅଧିକାରୀଙ୍କ ମଧ୍ୟରେ ଦୁଇ ଜଣ ଭାରତୀୟ ରେଳ ସ୍ୱାସ୍ଥ୍ୟ ସେବା, ଉତ୍ତର ରେଳର ଜଣେ ଭାରତୀୟ ରେଳ ସିଭିଲ୍ ଇଞ୍ଜିନିୟରିଂ ସେବା ଅଧିକାରୀ, ଉତ୍ତର ରେଳର ଜଣେ ଭାରତୀୟ ରେଳ ବିଦ୍ୟୁତ ଇଞ୍ଜିନିୟରିଂ ସେବା ଅଧିକାରୀ ଏବଂ ପଶ୍ଚିମ ରେଳର ଜଣେ ଭାରତୀୟ ରେଳ ଯାତାୟାତ ସେବା ଅଧିକାରୀ ଅଛନ୍ତି। ସମୀକ୍ଷା କମିଟି ଅଧିକାରୀମାନଙ୍କ ବାର୍ଷିକ କାର୍ଯ୍ୟଦକ୍ଷତା ମୂଲ୍ୟାଙ୍କନ, ସତତା ସମ୍ବନ୍ଧୀୟ ଅଭିଲେଖ, ସତର୍କତା ରିପୋର୍ଟ, ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଓ ଅନ୍ୟାନ୍ୟ ସେବା ଅଭିଲେଖକୁ ବିସ୍ତୃତ ଭାବେ ଯାଞ୍ଚ କରିବା ପରେ ସର୍ବସମ୍ମତିକ୍ରମେ ଏହି ସୁପାରିସ କରିଛି। ରେଳ ମନ୍ତ୍ରଣାଳୟ ସ୍ପଷ୍ଟ କରିଛି ଯେ ଦୁର୍ନୀତି, ସତତାର ଅଭାବ ଓ ଅଦକ୍ଷତା ପ୍ରତି ଶୂନ୍ୟ ସହନଶୀଳତା ନୀତି ଜାରି ରହିବ।

## ଝାଡ଼ଖଣ୍ଡରେ ଯନ୍ତରମନ୍ତର ସ୍ଥିତି ପରୀକ୍ଷା ଲିକ୍‌କୁ ନେଇ ଛାତ୍ର ଆନ୍ଦୋଳନ

ରାଞ୍ଚି, ୧।୮ (ଏଜେନ୍ସି): ଝାଡ଼ଖଣ୍ଡ ଲୋକସେବା ଆୟୋଗ (ଜେପିଏସ୍‌ସି) ପରୀକ୍ଷାରେ ହୋଇଥିବା ବ୍ୟାପକ ଅନିୟମିତତା, ପ୍ରଶ୍ନପତ୍ର ଲିକ୍ ଏବଂ ନିଯୁକ୍ତି ଦୁର୍ନୀତି ବିରୋଧରେ ରାଜଧାନୀ ରାଞ୍ଚିରେ ଗତ ଜୁଲାଇ ୨୫ ତାରିଖରୁ ଶହ ଶହ ଯୁବକ ଓ ଛାତ୍ରଛାତ୍ରୀ ଏକତ୍ରିତ ହୋଇ ଆନ୍ଦୋଳନ ଚଳାଇଛନ୍ତି। ଦିଲ୍ଲୀର ଯନ୍ତରମନ୍ତର ଭଳି ଏବେ ରାଞ୍ଚିରେ ମଧ୍ୟ ବିଶାଳ ଗଣ-ପ୍ରତିବାଦ ଦେଖିବାକୁ ମିଳିଛି। ପରୀକ୍ଷାର୍ଥୀମାନେ ଅଭିଯୋଗ କରିଛନ୍ତି ଯେ, ସରକାରୀ ନିଯୁକ୍ତି ପରୀକ୍ଷାଗୁଡ଼ିକରେ କ୍ରମାଗତ ଭାବେ ଅନିୟମିତତା ଦେଖାଯାଉଛି, ଯାହାଫଳରେ ବର୍ଷ ବର୍ଷ ଧରି ପରିଶ୍ରମ କରୁଥିବା ମେଧାବୀ ଛାତ୍ରଛାତ୍ରୀମାନେ ନିରାଶ ହେଉଛନ୍ତି। ବିଭିନ୍ନ ଜିଲ୍ଲାରୁ ନିଜସ୍ୱ ଖର୍ଚ୍ଚରେ ବସ୍ ଓ ଟ୍ରେନ୍ ଯୋଗେ ଆସୁଥିବା ଛାତ୍ରଛାତ୍ରୀମାନଙ୍କୁ ପୁଲିସ ସହର ବାହାରେ ଅଟକାଉଥିଲେ ମଧ୍ୟ ପ୍ରତିବାଦକାରୀଙ୍କ ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଉଛି।


# କେରଳ, କାଶ୍ମୀରରେ ବର୍ଷାର ତାଣ୍ଡବ

## ଭୂସ୍ଖଳନ, ବନ୍ୟାରେ ୫ ମୃତ



ନୂଆଦିଲ୍ଲୀ, ୧।୮ (ଏଜେନ୍ସି): ଶନିବାର ଦେଶର ବିଭିନ୍ନ ରାଜ୍ୟରେ ମୌସୁମୀ ବର୍ଷା ପ୍ରଳୟ ରୂପ ଧାରଣ କରିଛି। କେରଳରେ ପ୍ରବଳ ବର୍ଷା, ଭୂସ୍ଖଳନ ଓ ବନ୍ୟା ଯୋଗୁଁ ୫ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଜମ୍ମୁ-କାଶ୍ମୀରର କିଶ୍ତୱାଡ ଜିଲ୍ଲାରେ ବାଦଲଫଟା ବର୍ଷା ଯୋଗୁଁ ଆକସ୍ମିକ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ଏହାକୁ ଦୃଷ୍ଟିରେ ରଖି କିଶ୍ତୱାଡ, ଦୋଡା ଏବଂ ରାମବନ୍ ଜିଲ୍ଲାରେ ସମସ୍ତ ବିଦ୍ୟାଳୟ ବନ୍ଦ ଘୋଷଣା କରାଯାଇଛି। କେରଳର ଇଡୁକ୍କି ଓ କୋଟାୟମ୍ ଜିଲ୍ଲାରେ ଭିନ୍ନ ଭିନ୍ନ ଭୂସ୍ଖଳନ ଘଟଣାରେ ୪ ଜଣଙ୍କର ଜୀବନ ଯାଇଛି। ପ୍ରବଳ ବର୍ଷା ଯୋଗୁଁ ମଲପ୍ପୁରମରେ ଜଳାଶୟରେ ଖସିପଡ଼ି ଜଣେ ୪ ବର୍ଷର ଶିଶୁର ମଧ୍ୟ ମୃତ୍ୟୁ ଘଟିଛି। ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) କେରଳର ୮ଟି ଜିଲ୍ଲା (ପଥନମଥିଟ୍ଟା, କୋଟାୟମ୍, ଇଡୁକ୍କି, ମଲପ୍ପୁରମ୍, କୋଝିକୋଡ୍, ୱାୟନାଡ, କାନ୍ନୁର ଏବଂ କାସରଗୋଡ୍) ପାଇଁ 'ରେଡ୍ ଆଲର୍ଟ' ଜାରି କରିଛି। ଏନ୍‌ଡିଆରଏଫ, ଅଗ୍ନିଶମ ବାହିନୀ ଓ ସ୍ଥାନୀୟ ପ୍ରଶାସନ ପକ୍ଷରୁ ପ୍ରଭାବିତ ଅଞ୍ଚଳରୁ ଲୋକଙ୍କୁ ସୁରକ୍ଷିତ ସ୍ଥାନ ଓ ରିଲିଫ୍ କ୍ୟାମ୍ପକୁ ସ୍ଥାନାନ୍ତର କରାଯାଉଛି। ଜମ୍ମୁ-କାଶ୍ମୀରର କିଶ୍ତୱାଡ ଜିଲ୍ଲା ଛାତ୍ରୁ ଅଞ୍ଚଳରେ ରାତି ପ୍ରାୟ ୨.୩୦ ମିନିଟ୍‌ରେ ବାଦଲଫଟା ବର୍ଷା ଯୋଗୁଁ ଆକସ୍ମିକ ବନ୍ୟା ଆସିଛି। ଏଥିଯୋଗୁଁ ଦୋକାନ, ବଜାର ଓ ଘରଦ୍ୱାର ଜଳମଗ୍ନ ହେବା ସହ କିଶ୍ତୱାଡ-ଛାତ୍ରୁ-ସିନ୍ଥନ୍ ଜାତୀୟ ରାଜପଥ ବନ୍ଦ ହୋଇଯାଇଛି। କୌଣସି ଧନଜୀବନ ହାନିର ଖବର ମିଳିନାହିଁ। ସ୍କୁଲଗୁଡ଼ିକୁ ବନ୍ଦ ରଖି ଅନଲାଇନ୍ କ୍ଲାସ୍ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଗତ ୨୪ ଘଣ୍ଟାରେ ବନ୍ୟା ଯୋଗୁଁ ଆଉ ୨ ଜଣଙ୍କ ମୃତ୍ୟୁ ଘଟିଛି, ଯାହାଫଳରେ ମୋଟ ମୃତ୍ୟୁ ସଂଖ୍ୟା ୮୨ରେ ପହଞ୍ଚିଛି।

# ଇରାନ ଉପରେ ପୁଣି ବୋମାବର୍ଷଣ କରିବ ଆମେରିକା



ୱାସିଂଟନ, ୧।୮ (ଏଜେନ୍ସି): ଆମେରିକା ଏବଂ ଇରାନ ମଧ୍ୟରେ ଚାଲିଥିବା ଉତ୍ତେଜନା ଏବେ ଆହୁରି ଭୟାନକ ରୂପ ନେଇଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇରାନ ଉପରେ କଠୋର ଆକ୍ରମଣ କରିବା ପାଇଁ ସେନାକୁ ସଙ୍କେତ ଦେଇଛନ୍ତି। ଚଳିତ ସପ୍ତାହାନ୍ତରେ ଆମେରିକା ସେନା ଇରାନ ଉପରେ ଏକ ବଡ଼ ଧରଣର ବୋମାବର୍ଷଣ କରିପାରେ ବୋଲି ଆଶଙ୍କା କରାଯାଉଛି। ୱାଲ୍ ଷ୍ଟ୍ରିଟ୍ ଜର୍ଣ୍ଣାଲର ଏକ ରିପୋର୍ଟ ଅନୁସାରେ, ଇରାନକୁ ଆତ୍ମସମର୍ପଣ କରିବାକୁ ବାଧ କରିବା ଉଦ୍ଦେଶ୍ୟରେ ଟ୍ରମ୍ପ ସେନାକୁ ଏହି ନୂତନ ଆକ୍ରମଣ ପାଇଁ ପ୍ରସ୍ତୁତ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି। ମେରିଲ୍ୟାଣ୍ଡସ୍ଥିତ କ୍ୟାମ୍ପ ଡେଭିଡ୍ ଆବାସରେ ଅନୁଷ୍ଠିତ କ୍ୟାବିନେଟ୍ ବୈଠକରେ ଟ୍ରମ୍ପ କହିଛନ୍ତି, 'ଆମେ ସେମାନଙ୍କ ଉପରେ ବହୁତ ଶକ୍ତ ଆକ୍ରମଣ କରିବୁ, ଯାହାଫଳରେ ସେମାନେ ଆଉ ସହ୍ୟ କରିପାରିବେ ନାହିଁ।' ଏହା ସହିତ ସେ କହିଛନ୍ତି ଯେ ଇରାନର ମିଛ ଓ ଭ୍ରମାତ୍ମକ ବକ୍ତବ୍ୟ ଯୋଗୁଁ ସେ ସେମାନଙ୍କ ଉପରୁ ବିଶ୍ୱାସ ହରାଉଛନ୍ତି। ସିବିଏସ୍ ରିପୋର୍ଟ ଅନୁଯାୟୀ, ଆମେରିକା ଏବଂ ଇସ୍ରାଏଲ୍ ମିଳିତ ଭାବେ ଇରାନର ଶକ୍ତି ଭିତ୍ତିଭୂମି ଏବଂ ତୈଳ ବିଶୋଧନାଗାରଗୁଡ଼ିକୁ ଲକ୍ଷ୍ୟ କରି ଏପର୍ଯ୍ୟନ୍ତର ସବୁଠାରୁ କଠୋର ଆକ୍ରମଣ କରିବାକୁ ଯୋଜନା କରୁଛନ୍ତି। ସୋମବାର ଆନ୍ତର୍ଜାତୀୟ ଆର୍ଥିକ ବଜାର ଖୋଲିବା ପୂର୍ବରୁ ଏହି ସାମରିକ ଆକ୍ରମଣ ଶେଷ କରିବାକୁ କର୍ତ୍ତୃପକ୍ଷ ଆଲୋଚନା କରୁଛନ୍ତି, ଯେପରି ବିଶ୍ୱ ଏବଂ ଆମେରିକା ଅର୍ଥନୀତି ଉପରେ ଏହାର କମ୍ ପ୍ରଭାବ ପଡ଼ିବ। ଟ୍ରମ୍ପ ଏପର୍ଯ୍ୟନ୍ତ ଏହି ଆକ୍ରମଣ ପାଇଁ ଚୂଡ଼ାନ୍ତ ଆଦେଶ ଦେଇନାହାନ୍ତି। ତେବେ ଆମେରିକା ପେଣ୍ଟାଗନ୍ ସ୍ପଷ୍ଟ କରିଛି ଯେ ସେମାନଙ୍କ ସେନା ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିଛି।

**ଇରାନ ଉପରେ ଟ୍ରମ୍ପ କ୍ଷୁବ୍ଧ**

ଚଳିତ ବର୍ଷ ଫେବୃଆରୀ ୨୮ ରେ ଆମେରିକା ଓ ଇସ୍ରାଏଲର ମିଳିତ ଆକ୍ରମଣ ପରେ ଏହି ଯୁଦ୍ଧ ଆରମ୍ଭ ହୋଇଥିଲା। ଗତମାସରେ ଅସ୍ଥାୟୀ ଯୁଦ୍ଧବିରତି ହୋଇଥିଲେ ମଧ୍ୟ ଦୁଇ ଦେଶ ମଧ୍ୟରେ ପାଲଟା ଆକ୍ରମଣ ଜାରି ରହିଥିଲା। ଏହାର ଜବାବରେ ଇରାନ ହୋରମୁଜ ପ୍ରଣାଳୀକୁ ବନ୍ଦ କରିଦେଇଥିଲା, ଯାହାଫଳରେ ଅପରିଷ୍କୃତ ତୈଳ, ପ୍ରାକୃତିକ ଗ୍ୟାସ ଏବଂ ସାର ପରିବହନ ବାଧାପ୍ରାପ୍ତ ହୋଇଛି। ଇରାନର ଡ୍ରୋନ୍ ଓ ମିସାଇଲ୍ ଆକ୍ରମଣ ଯୋଗୁଁ ଗଲ୍ ଦେଶଗୁଡ଼ିକରେ ବ୍ୟାପକ ଆର୍ଥିକ ପ୍ରଭାବ ପଡ଼ିଛି। ଚଳିତ ସପ୍ତାହରେ ମିଶରର ଦାମିଏଟା ବନ୍ଦରରେ ଦୁଇଟି ଗ୍ୟାସ ବାହୀ ଜାହାଜ ଉପରେ ଆକ୍ରମଣ ପରେ ସ୍ଥିତି ଆହୁରି ସଙ୍ଗୀନ ହୋଇଛି।

# ରାହୁଲ, ପପ୍ପୁ ଯାଦବଙ୍କ ବିରୋଧରେ ପୁଲିସ ମାମଲା



ବାରଣାସୀ, ୧।୮ (ଏଜେନ୍ସି): ସଂସଦ ପରିସରରେ ବିରୋଧ ପ୍ରଦର୍ଶନ ସମୟରେ ସନାତନ ଧର୍ମକୁ ଅପମାନିତ କରିବା ଏବଂ ଧାର୍ମିକ ଭାବନାକୁ ଆଘାତ ଦେବା ଅଭିଯୋଗରେ ଲୋକସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଏବଂ ଅନ୍ୟ ୨ ସାଂସଦଙ୍କ ବିରୋଧରେ ଶନିବାର ମାମଲା ରୁଜୁ ହୋଇଛି। ଉତ୍ତରପ୍ରଦେଶର ବାରଣାସୀର କୋତୱାଲୀ ପୁଲିସ ଷ୍ଟେସନରେ କିଛି ସାଧୁସନ୍ଥଙ୍କ ଅଭିଯୋଗ ଆଧାରରେ ଏହି ମାମଲା ଦାୟର କରାଯାଇଛି। ଏଥିରେ ରାହୁଲ ଗାନ୍ଧୀଙ୍କ ସମେତ ସ୍ୱାଧୀନ ସାଂସଦ ରାଜେଶ ରଞ୍ଜନ ଓରଫ ପପୁ ଯାଦବ ଏବଂ ସମାଜବାଦୀ ପାର୍ଟି ସାଂସଦ ଅୱଧେଶ ପ୍ରସାଦଙ୍କ ନାମ ରହିଛି। ସୂଚନାଯୋଗ୍ୟ, ରାମ ମନ୍ଦିର ଦାନ ଅର୍ଥରେ ହେରଫେର ଅଭିଯୋଗରେ ବିରୋଧୀ ଦଳର ନେତାମାନେ ସଂସଦ ପରିସରରେ ଗତକାଲି ଅଭିନବ ନାଟକୀୟ ପ୍ରଦର୍ଶନ କରିଥିଲେ। ଏଥିରେ ସଂସଦର ମକର ଦ୍ୱାର ସମ୍ମୁଖରେ ଦାନ ବାକ୍ସ ରଖାଯାଇଥିଲା। ବାକ୍ସରେ ରାହୁଲଙ୍କ ସମେତ ଅନ୍ୟ ସାଂସଦମାନେ ଟଙ୍କା ପକାଉଥିବା ଅଭିନୟ କରିଥିଲେ ଏବଂ ଗେରୁଆ ବସ୍ତ୍ର ପିନ୍ଧିଥିବା ପପୁ ଯାଦବ ସେହି ଟଙ୍କାକୁ ଦାନ ବାକ୍ସ ନିକଟରୁ ଟାଣି ନେଇ ନିଜ ପକେଟରେ ପୁରାଉଥିବା ଦେଖାଯାଇଥିଲା। ଏହି ସମୟରେ ନିକଟରେ କଂଗ୍ରେସ ସାଂସଦ ପ୍ରିୟଙ୍କା ଭାଦ୍ରା, ସମାଜବାଦୀ ଦଳର ନେତା ଅୱଧେଶ ପ୍ରସାଦ ଏବଂ ଧର୍ମେନ୍ଦ୍ର ଯାଦବ ଓ ଝାଡଖଣ୍ଡ ମୁକ୍ତି ମୋର୍ଚ୍ଚାର ମହୁଆ ମାଜି ପ୍ରମୁଖ ଠିଆ ହୋଇଥିଲେ। ତେବେ ଏହି ନାଟକୀୟ ପ୍ରତିବାଦକୁ ସାଧୁସନ୍ଥମାନେ ସହଜରେ ଗ୍ରହଣ କରିନାହାନ୍ତି। ଏହି ପ୍ରଦର୍ଶନ ଜରିଆରେ ସନାତନ ଧର୍ମ ଏବଂ ଧାର୍ମିକ ପରମ୍ପରାକୁ ଅସମ୍ମାନ କରାଯାଇଛି ବୋଲି ସେମାନେ ଅଭିଯୋଗ କରିଛନ୍ତି। ପପୁ ଯାଦବ ଗୃହରେ ପ୍ରଭୁ ରାମ ଏବଂ ସନାତନ ଧର୍ମକୁ ଯେଉଁଭଳି ଭାବରେ ଅପମାନ କରିଛନ୍ତି ତାହା ଅକ୍ଷମଣୀୟ ବୋଲି ଜଗତଗୁରୁ ବାଳକ ଦାସ କହିଛନ୍ତି। ଏହି ଘଟଣା ପରେ ସନାତନ ଧର୍ମକୁ ଅପମାନିତ କରିବା ଏବଂ ଧାର୍ମିକ ଭାବନାକୁ ଆଘାତ କରିବା ଅଭିଯୋଗରେ ବାରଣାସୀରେ ମାମଲା ରୁଜୁ ହୋଇଛି।

## ବ୍ୟାଙ୍କ ଆକାଉଣ୍ଟ୍ ଫ୍ରିଜ୍ ବିରୋଧରେ ସୁପ୍ରିମ୍‌କୋର୍ଟ ଗଲା ଟିଏମ୍‌ସି

କୋଲକାତା, ୧।୮ (ଏଜେନ୍ସି): ଅର୍ଥ ହେରଫେର୍ (ମନି ଲଣ୍ଡରିଂ) ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଦ୍ୱାରା ୩ଟି ବ୍ୟାଙ୍କ ଆକାଉଣ୍ଟ୍ ସ୍ଥଗିତ କିମ୍ବା ଫ୍ରିଜ୍ କରାଯିବା ନିଷ୍ପତ୍ତିକୁ ଚ୍ୟାଲେଞ୍ଜ କରି ସୁପ୍ରିମ୍ କୋର୍ଟଙ୍କ ଦ୍ୱାରସ୍ଥ ହୋଇଛି 'ତୃଣମୂଳ କଂଗ୍ରେସ' (ଟିଏମ୍‌ସି)। ଅଗଷ୍ଟ ୩ ତାରିଖରେ ଜଷ୍ଟିସ୍ ଏମ୍‌ଏମ୍ ସୁନ୍ଦରେଶ ଏବଂ ଜଷ୍ଟିସ୍ ପ୍ରସନ୍ନ ବି ବରାଲେଙ୍କୁ ନେଇ ଗଠିତ ପୀଠରେ ଏହି ଆବେଦନର ଶୁଣାଣି ହେବ।

**୩ରେ ଶୁଣାଣି**

ବିମାନ୍ ଏବଂ ହେଲିକପ୍ଟର କ୍ରୟ ସହ ଜଡ଼ିତ ଆର୍ଥିକ କାରବାରର ତଦନ୍ତ କରି ଇଡି ଏହି ପଦକ୍ଷେପ ନେଇଥିଲା। ଏହି ୩ଟି ଆକାଉଣ୍ଟ୍‌ରେ ପ୍ରାୟ ୪୪୦ କୋଟି ଟଙ୍କା ଗଚ୍ଛିତ ରହିଛି। ଅନୁସନ୍ଧାନ ବେଳେ ଗୋଟିଏ ଆକାଉଣ୍ଟ୍‌ରୁ ବେସରକାରୀ କମ୍ପାନୀକୁ ୧୩୩.୮୪ କୋଟି ଟଙ୍କା ହସ୍ତାନ୍ତର କରାଯାଇଥିବା ଇଡି ଅଭିଯୋଗ କରିଛି। ଏହାପୂର୍ବରୁ ଟିଏମ୍‌ସି କଲିକତା ହାଇକୋର୍ଟରେ ପହଞ୍ଚି ବ୍ୟାଙ୍କ ଆକାଉଣ୍ଟ୍ ବନ୍ଦ ଯୋଗୁଁ ଦଳୀୟ ସଂଗଠନ ଓ ଦୈନନ୍ଦିନ କାର୍ଯ୍ୟାବଳୀ ପ୍ରଭାବିତ ହେଉଥିବା ଦର୍ଶାଇ ଅନ୍ତରୀଣ ଆଶ୍ୱାସନା ମାଗିଥିଲା। ମାତ୍ର ହାଇକୋର୍ଟ ଅନ୍ତରୀଣ ରହସ୍ୟ କିମ୍ବା ରୋକ୍ ଲଗାଇବାକୁ ମନା କରିଦେଇଥିଲେ। ହାଇକୋର୍ଟଙ୍କ ଏହି ନିର୍ଦ୍ଦେଶ ବିରୋଧରେ ଟିଏମ୍‌ସି ସୁପ୍ରିମ୍ କୋର୍ଟରେ ଏସ୍‌ଏଲ୍‌ପି (ସ୍ପେସିଆଲ ଲିଭ୍ ପିଟିସନ) ଦାଖଲ କରି ଆକାଉଣ୍ଟ ପରିଚାଳନା ପାଇଁ ଅନୁମତି ମାଗିଛି।

# ଯନ୍ତରମନ୍ତର ଗାଳିଗୁଲଜ ଘଟଣା: କ୍ଷମାକଲେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ, ୧।୮ (ଏଜେନ୍ସି): ଦିଲ୍ଲୀର ଯନ୍ତରମନ୍ତରଠାରେ ହୋଇଥିବା ଛାତ୍ର ଆନ୍ଦୋଳନ ସମୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ତାଙ୍କ ସ୍ୱର୍ଗତ ମା'ଙ୍କ ବିରୋଧରେ ଆପତ୍ତିଜନକ ଶବ୍ଦ ପ୍ରୟୋଗ ଘଟଣାରେ ପ୍ରଧାନମନ୍ତ୍ରୀ ନିଜର ପ୍ରତିକ୍ରିୟା ରଖିଛନ୍ତି। ସେ ଏହି ସମ୍ପୃକ୍ତ ଯୁବପିଢ଼ିଙ୍କୁ କ୍ଷମା କରିଦେବାକୁ ଏବଂ ଆକ୍ରୋଶ ପରିବର୍ତ୍ତେ



ସେମାନଙ୍କୁ ସଠିକ୍ ବାଟ ଦେଖାଇବାକୁ ଦେଶବାସୀଙ୍କୁ ନିବେଦନ କରିଛନ୍ତି। ପରୀକ୍ଷା ପ୍ରଶ୍ନପତ୍ର ପ୍ରକାଶ ଜାଲିଆତି ବିରୋଧରେ ଜନ୍ତରମନ୍ତରଠାରେ ଚାଲିଥିବା ଆନ୍ଦୋଳନ ସମୟରେ ଜଣେ ୨୫ ବର୍ଷୀୟା ଯୁବତୀ ପ୍ରଧାନମନ୍ତ୍ରୀଙ୍କ ପ୍ରତି ଅଶାଳୀନ ଭାଷା ବ୍ୟବହାର କରିଥିବା ଅଭିଯୋଗରେ ମାମଲା ରୁଜୁ ହୋଇଥିଲା। ଏହାକୁ ନେଇ ପ୍ରଧାନମନ୍ତ୍ରୀ ଏକ ଭିଡିଓ ବାର୍ତ୍ତାରେ କହିଛନ୍ତି ଯେ ଗାଳିଗୁଲଜ ଦ୍ୱାରା କୌଣସି ସମସ୍ୟାର ସମାଧାନ ହୁଏନାହିଁ। ଭୁଲ୍ କରିବା ବୟସର ଏକ ସ୍ୱାଭାବିକ ପ୍ରକ୍ରିୟା, ତେଣୁ ସେମାନଙ୍କୁ କୋର୍ଟ-କଚେରୀକୁ ଟାଣିବା ବଦଳରେ ବୁଝାଇ ସୁଝାଇ ସଠିକ୍ ମାର୍ଗଦର୍ଶନ କରିବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ପ୍ରଧାନମନ୍ତ୍ରୀ ଏହି ଘଟଣାକୁ ନେଇ କ୍ଷମାପ୍ରାର୍ଥନା ପୂର୍ବକ ଦେଶ ଗଠନରେ ମିଳିମିଶି କାମ କରିବାକୁ ଆହ୍ୱାନ ଦେଇଛନ୍ତି। ଅନ୍ୟପଟେ, ଆନ୍ଦୋଳନକାରୀଙ୍କ ବିରୋଧରେ ଆଇନଗତ ଆକ୍ସନ୍ ନେବାକୁ ନେଇ ରାଜନୈତିକସ୍ତରରେ ତର୍କବିତର୍କ ଜାରି ରହିଛି।

ଛାତ୍ର ଆନ୍ଦୋଳନ ସମୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବିରୋଧରେ ଆକ୍ଷେପମୂଳକ ଓ କଟୁ ଶବ୍ଦ ପ୍ରୟୋଗ କରି ଅଭିଯୁକ୍ତ ହୋଇଥିବା ଜଣେ ନାବାଳିକାଙ୍କ

**ନାବାଳିକାଙ୍କ କ୍ଷମାପ୍ରାର୍ଥନା; ଭିଡିଓ ଭାଇରାଲ୍**

କ୍ଷମାପ୍ରାର୍ଥନା ଭିଡିଓ ସୋସିଆଲ ମିଡିଆରେ ଭାଇରାଲ୍ ହୋଇଛି। ଭିଡିଓରେ ସେ ହାତ ଯୋଡ଼ି କହିଛନ୍ତି, 'ମୁଁ କିଛି ଲୋକଙ୍କ କଥାରେ ଆସି ପ୍ରଧାନମନ୍ତ୍ରୀଙ୍କ ବିରୋଧରେ ବହୁତ ଖରାପ ଭାଷା ପ୍ରୟୋଗ କରିଥିଲି। ମୋତେ ମାତ୍ର ୧୫ ବର୍ଷ ହୋଇଛି, ଏହା ମୋର ପ୍ରଥମ ଓ ଶେଷ ଭୁଲ୍। ମୁଁ ସମଗ୍ର ଦେଶବାସୀଙ୍କୁ କ୍ଷମା ମାଗୁଛି।' ପୂର୍ବରୁ ପୁଲିସ ଏଫ୍‌ଆଇଆର୍‌ରେ ତାଙ୍କ ବୟସ ୨୫ ବର୍ଷ ଦର୍ଶାଯାଇଥିଲା। ଉଲ୍ଲେଖଯୋଗ୍ୟ, ଜନ୍ତର ମନ୍ତର ପ୍ରତିବାଦ ସମୟରେ ହୋଇଥିବା ଏହି ଘଟଣାକୁ ନେଇ ନୋଏଡା ଓ ପରେ ଦିଲ୍ଲୀ ପୁଲିସ ମାମଲା ରୁଜୁ କରିଥିଲା। ତେବେ ଗତ ଶୁକ୍ରବାର ପ୍ରଧାନମନ୍ତ୍ରୀ ମୋଦୀ ଏକ ଭିଡିଓ ବାର୍ତ୍ତା ଜାରି କରି ଏହି 'ବାଟବଣା ଯୁବପିଢ଼ି'ଙ୍କୁ କ୍ଷମା କରିବାକୁ ଏବଂ ସେମାନଙ୍କୁ କୋର୍ଟ-କଚେରୀକୁ ନଟାଣି ସଠିକ୍ ବାଟ ଦେଖାଇବାକୁ ଦେଶବାସୀଙ୍କୁ ଆହ୍ୱାନ ଦେଇଥିଲେ। ପ୍ରଧାନମନ୍ତ୍ରୀଙ୍କ ଏହି ବାର୍ତ୍ତାର କିଛି ଘଣ୍ଟା ପରେ ହିଁ ସମ୍ପୃକ୍ତ କିଶୋରୀଙ୍କ ଏହି କ୍ଷମାପ୍ରାର୍ଥନା ଭିଡିଓ ସାମ୍ନାକୁ ଆସିଛି।

# ପ୍ରତିବାଦ ଭୟରେ 'ଟିସ୍' ସମାବର୍ତ୍ତନ ଉତ୍ସବ ସ୍ଥଗିତ

ମୁମ୍ବାଇ, ୧।୮ (ଏଜେନ୍ସି): ମୁମ୍ବାଇର ଅଗଷ୍ଟ ୨ ତାରିଖରେ ହେବାକୁ ଥିବା ଟାଟା ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସୋସିଆଲ୍ ସାଇନ୍‌ସେସ୍ (ଟିସ୍)ର ୮୬ତମ ସମାବର୍ତ୍ତନ ଉତ୍ସବକୁ ହଠାତ୍ ସ୍ଥଗିତ ରଖାଯାଇଛି। ଏହି ଉତ୍ସବରେ ଭାରତର ମୁଖ୍ୟ ବିଚାରପତି ସୂର୍ଯ୍ୟ କାନ୍ତ ମୁଖ୍ୟ ଅତିଥି ଭାବେ ଯୋଗଦେବାର କାର୍ଯ୍ୟକ୍ରମ ଥିଲା। ମାତ୍ର କ୍ୟାମ୍ପସରେ ସମ୍ଭାବ୍ୟ ବିକ୍ଷୋଭ ଓ ପ୍ରତିବାଦ ଆଶଙ୍କା ଏବଂ ସୁରକ୍ଷା କାରଣରୁ ଏହି ନିଷ୍ପତ୍ତି ନିଆଯାଇଥିବା କୁହାଯାଉଛି। ସଂସ୍ଥା ପକ୍ଷରୁ ଛାତ୍ରଛାତ୍ରୀଙ୍କୁ ପଠାଯାଇଥିବା ଇମେଲ୍‌ରେ 'ଅପ୍ରତ୍ୟାଶିତ ପରିସ୍ଥିତି' ଦର୍ଶାଯାଇ ଉତ୍ସବ ସ୍ଥଗିତ ରଖାଯାଇଥିବା କୁହାଯାଇଛି। ହଠାତ୍ କାର୍ଯ୍ୟକ୍ରମ ବାତିଲ ହେବା ଯୋଗୁଁ ନିଜ ପରିବାର ସହ ଯୋଗଦେବାକୁ ଯୋଜନା କରିଥିବା ଏବଂ ଟିକେଟ୍ ବୁକିଂ କରିସାରିଥିବା ଅନେକ ଛାତ୍ରଛାତ୍ରୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ଟିସ୍ କର୍ତ୍ତୃପକ୍ଷ ଜଣାଇଛନ୍ତି ଯେ, ସଂସ୍ଥାର ସ୍ୱାର୍ଥ ଏବଂ ସମସ୍ତଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଏହି କଠିନ ନିଷ୍ପତ୍ତି ନିଆଯାଇଛି। ସମାବର୍ତ୍ତନ ଉତ୍ସବ ସ୍ଥଗିତ ଯୋଗୁଁ ଆର୍ଥିକ କ୍ଷତି ସହିଥିବା ଛାତ୍ରଛାତ୍ରୀଙ୍କ ଦରଖାସ୍ତ ଆଧାରରେ ସହାୟତା ଯୋଗାଇ ଦିଆଯିବ ବୋଲି ସଂସ୍ଥା ପ୍ରତିଶ୍ରୁତି ଦେଇଛି। ଏହାସହ ଖୁବ୍‌ଶୀଘ୍ର ନୂତନ ତାରିଖ ଘୋଷଣା କରାଯିବ ଏବଂ ଜରୁରୀ ଶିକ୍ଷାଗତ ପ୍ରମାଣପତ୍ର ଆବଶ୍ୟକ କରୁଥିବା ଛାତ୍ରଛାତ୍ରୀମାନେ ନିୟମିତ ପ୍ରକ୍ରିୟା ଜରିଆରେ ତାହା ସଂଗ୍ରହ କରିପାରିବେ ବୋଲି କୁହାଯାଇଛି।

**ପ୍ରଧାନବିଚାରପତି ହେବାର ଥିଲେ ମୁଖ୍ୟ ଅତିଥି**

# ଅର୍ପିତା ଟାର୍ଗେଟରେ ଥିଲେ ରାଜନେତା, ଅଫିସର



କୋଲକାତା, ୧।୮ (ଏଜେନ୍ସି): ସନ୍ତ୍ରାସବାଦୀ କାର୍ଯ୍ୟକଳାପ ସହ ଜଡ଼ିତ ସନ୍ଦେହରେ ଗିରଫ ହୋଇଥିବା ହାମିମ୍ ମଣ୍ଡଳର ସହଯୋଗୀ ଅର୍ପିତା ସରକାରଙ୍କୁ ପଶ୍ଚିମବଙ୍ଗ ପୁଲିସର ସ୍ୱତନ୍ତ୍ର ଟାସ୍କ ଫୋର୍ସ (ଏସ୍‌ଟିଏଫ୍) ଝାଡ଼ଖଣ୍ଡର ସାହିବଗଞ୍ଜରୁ ଗିରଫ କରିଛି। ସମ୍ବେଦନଶୀଳ ତଥ୍ୟ ହାସଲ କରିବା ପାଇଁ ହାମିମ୍ ଏବଂ ଅର୍ପିତା ଗୋଟିଏ ନେଟୱାର୍କ ଚଳାଉଥିବା ନେଇ ପୁଲିସ ଦାବି କରିଛି। ଏସ୍‌ଟିଏଫ୍ ସୂତ୍ର ଅନୁଯାୟୀ, ଅର୍ପିତା ବରିଷ୍ଠ ସରକାରୀ ଅଧିକାରୀ, ପ୍ରଭାବଶାଳୀ ବ୍ୟକ୍ତିବିଶେଷ ଏବଂ ରାଜନେତାମାନଙ୍କୁ 'ହନି ଟ୍ରାପ୍' (ପ୍ରେମ ପ୍ରତାରଣାର ଜାଲ)ରେ ଫସାଇ ସେମାନଙ୍କଠାରୁ ବ୍ୟକ୍ତିଗତ ଓ ଗୁପ୍ତ ତଥ୍ୟ ହାସଲ କରୁଥିଲେ। ସେହି ତଥ୍ୟକୁ ପରବର୍ତ୍ତୀ ସମୟରେ ହାମିମ୍ ନିକଟକୁ ପଠାଯାଉଥିଲା। ପାକିସ୍ତାନର ଗୁପ୍ତଚର ସଂସ୍ଥା ଆଇଏସ୍‌ଆଇ ସହ ହାମିମ୍‌ର ସମ୍ପର୍କ ଥିବା ନେଇ ମଧ୍ୟ ତଦନ୍ତକାରୀ ଦଳ ଦାବି କରିଛନ୍ତି। ପୂର୍ବରୁ ବୁର୍ଦ୍ଧବାନରୁ ଗିରଫ ହୋଇଥିବା ହାମିମ୍‌କୁ ୧୪ ଦିନିଆ ଏସ୍‌ଟିଏଫ୍ ରିମାଣ୍ଡରେ ନିଆଯାଇଛି। ସେମାନଙ୍କ ବାଜ୍ୟାପ୍ତ ମୋବାଇଲ୍, ଲାପଟପ୍ ଏବଂ ଅନ୍ୟାନ୍ୟ ଇଲେକ୍‌ଟ୍ରୋନିକ୍ସ ଉପକରଣଗୁଡ଼ିକୁ ଫୋରେନ୍‌ସିକ୍ ଯାଞ୍ଚ ପାଇଁ ପଠାଯାଇଛି। ପଶ୍ଚିମବଙ୍ଗର ବହୁ ପ୍ରମୁଖ ନେତାଙ୍କ ଗତିବିଧି ଉପରେ ଏହି ନେଟୱାର୍କ ନଜର ରଖୁଥିବା ନେଇ ସନ୍ଦେହ କରାଯାଉଛି।

# ଆଣ୍ଟାର୍କଟିକାରେ ୬୯ % କମିଲେ ପେଙ୍ଗୁଇନ୍ ଶାବକ

ନୂଆଦିଲ୍ଲୀ, ୧।୮ (ଏଜେନ୍ସି): ପରିବେଶର ସୂକ୍ଷ୍ମ ଅସନ୍ତୁଳନ କିପରି ସମ୍ପୂର୍ଣ୍ଣ ଆବାସସ୍ଥଳୀକୁ ପ୍ରଭାବିତ କରିପାରେ, ତାହାର ଏକ ଚିନ୍ତାଜନକ ଚିତ୍ର ଆଣ୍ଟାର୍କଟିକାରେ ଦେଖିବାକୁ ମିଳିଛି। ମାତ୍ର ଗୋଟିଏ ୧୪ କିଲୋମିଟର ଲମ୍ବର ବିଶାଳ ହିମଶୈଳ ଯୋଗୁଁ ଆଣ୍ଟାର୍କଟିକାର କୁଲମ୍ୟାନ୍ ଦ୍ୱୀପରେ ବସବାସ କରୁଥିବା ବିଶିଷ୍ଟ 'ଏମ୍ପରର' ବା ସମ୍ରାଟ ପେଙ୍ଗୁଇନ୍ ଶାବକଙ୍କ ସଂଖ୍ୟା ଗୋଟିଏ ବଂଶବୃଦ୍ଧି ଋତୁରେ ପ୍ରାୟ ୬୯ ପ୍ରତିଶତ ହ୍ରାସ ପାଇଛି। ବିଜ୍ଞାନ ପତ୍ରିକା 'କମ୍ୟୁନିକେସନ୍ସ ଆର୍ଥ ଆଣ୍ଡ ଏନଭାଇରନମେଣ୍ଟ'ରେ ପ୍ରକାଶିତ ଗବେଷଣା ରିପୋର୍ଟ ଅନୁସାରେ, ୨୦୨୫ ବଂଶବୃଦ୍ଧି ଋତୁରେ ଆକାଶମାର୍ଗରୁ କରାଯାଇଥିବା ସର୍ବେକ୍ଷଣରୁ ମାତ୍ର ୬, ୬୫୮ଟି ଜୀବନ୍ତ ପେଙ୍ଗୁଇନ୍ ଶାବକ ଚିହ୍ନଟ ହୋଇଥିଲେ। ଏହା ୨୦୨୪ ମସିହା ଏବଂ ୨୦୧୭ ରୁ ୨୦୨୪ ମଧ୍ୟରେ ହୋଇଥିବା ହାରାହାରି ଶାବକ ସଂଖ୍ୟା ତୁଳନାରେ ୬୯ ପ୍ରତିଶତ କମ୍। ଗୋଟିଏ ବିଶାଳ ହିମଶୈଳ ପେଙ୍ଗୁଇନ୍‌ମାନଙ୍କ ଖାଦ୍ୟ ସଂଗ୍ରହ ପଥରେ ବାଧା ସୃଷ୍ଟି କରିଥିଲା। ୨୦୨୫ ମାର୍ଚ୍ଚ ମାସରେ ପ୍ରାୟ ୧୩.୯ କିଲୋମିଟର ଲମ୍ବ ଏବଂ ୪ କିଲୋମିଟର ଓସାରର ଏହି ହିମଶୈଳଟି ଭାସି ଆସି ଜୁଲାଇ ୨୮ ତାରିଖ ବେଳକୁ ପେଙ୍ଗୁଇନ୍ ରହୁଥିବା ସ୍ଥାନଠାରୁ ମାତ୍ର ୩ ରୁ ୫ କିଲୋମିଟର ଦୂରରେ ସମୁଦ୍ର ମଧ୍ୟରେ ଖସି ଅଟକି ଯାଇଥିଲା। ସମ୍ରାଟ ପେଙ୍ଗୁଇନ୍ ଶାବକମାନେ ନିଜ ପିତାମାତାଙ୍କ ଦ୍ୱାରା ଅଣାଯାଉଥିବା ଖାଦ୍ୟ ଉପରେ ସମ୍ପୂର୍ଣ୍ଣ ନିର୍ଭର କରନ୍ତି। ହିମଶୈଳର ଦକ୍ଷିଣ ପାର୍ଶ୍ୱ ଉଚ୍ଚ ଏବଂ ସିଧା ହୋଇଥିବାରୁ ବୟସ୍କ ପେଙ୍ଗୁଇନ୍‌ମାନଙ୍କୁ ସମୁଦ୍ରରୁ ମାଛ, ସ୍କୁଇଡ୍ ଏବଂ କ୍ରିଲ୍ ଶିକାର କରିବା ପାଇଁ ବହୁ ଦୂର ବୁଲିଯିବାକୁ ପଡ଼ିଥିଲା। ଫଳରେ ସେମାନେ ନିୟମିତ ଖାଦ୍ୟ ଦେଇପାରିନଥିଲେ,



ତେଣୁ ଶାବକମାନେ ଦୁର୍ବଳ ହୋଇପଡ଼ିଥିଲେ ଏବଂ ସେମାନଙ୍କ ଜୀବିତ ରହିବା କଷ୍ଟକର ହୋଇପଡ଼ିଥିଲା।

## ମହାନଦୀ ଜଳ ବିବାଦର ସମାଧାନ କରିବାରେ ବିଜେପି ବିଫଳ

# ଛତିଶଗଡ ପାଖରେ ଆତ୍ମସମର୍ପଣ କରିଛନ୍ତି ରାଜ୍ୟ ସରକାର: ବିଜେଡି

ଭୁବନେଶ୍ୱର,୧।୮ (ସମିସ): ବିଜେପି ସରକାରର ଅପାରଗତା ଯୋଗୁଁ ମହାନଦୀ ଜଳ ବିବାଦର ସମାଧାନ ହେବାରେ ବିଳମ୍ବ ହେଉଛି। ଟ୍ରିପଲ୍ ଇଞ୍ଜିନ ସରକାର ଥାଇ ବି ସମନ୍ୱୟ ଅଭାବରୁ ଓଡ଼ିଶାବାସୀ ଉପେକ୍ଷିତ ହେଉଛନ୍ତି। ଆଜି ଓଡ଼ିଶାରେ ଯେଉଁ ବନ୍ୟା ପରିସ୍ଥିତି ଉପୁଜିଛି ତାହା ସମ୍ପୂର୍ଣ୍ଣ ମନୁଷ୍ୟକୃତ। ଦିଲ୍ଲୀରେ ମହାନଦୀ ଜଳ ବିବାଦ ନେଇ ବୈଠକରେ ହୋଇଥିବା ଆଲୋଚନାକୁ ଜାଣିଶୁଣି ସାର୍ବଜନୀନ ନ କରି ଓଡ଼ିଶାବାସୀଙ୍କୁ ମିଛ ଆଶ୍ୱାସନା ଦେଇ ଭୁଆଁ ବୁଲାଉଥିବାରୁ ରାଜ୍ୟ ବିଜେପି ସରକାରକୁ କଡ଼ା ସମାଲୋଚନା କରିଛି ବିଜୁ ଜନତା ଦଳ। ଶନିବାର ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ବରିଷ୍ଠ ଉପସଭାପତି ତଥା ପୂର୍ବତନ ମନ୍ତ୍ରୀ ଦେବୀ ପ୍ରସାଦ ମିଶ୍ର, ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ଡ. ଅରୁଣ ସାହୁ ଓ ବରିଷ୍ଠ ସାଧାରଣ ସମ୍ପାଦକ ଭୃଗୁ ବକ୍ସିପାତ୍ର ମହାନଦୀ ଜଳ ବିବାଦ ସମାଧାନରେ ବିଜେପି ସରକାରର ଅପାରଗପଣିଆକୁ କଡ଼ା ନିନ୍ଦା କରିଛନ୍ତି। ଓଡ଼ିଶାରେ ଯେଉଁ ବନ୍ୟା ବିପ୍ରାତ ଦେଖାଦେଇଛି ତାହା ସମ୍ପୂର୍ଣ୍ଣ ଭାବେ ମନୁଷ୍ୟକୃତ ବୋଲି ସେମାନେ କହିଛନ୍ତି।

ଦେବୀ ପ୍ରସାଦ ମିଶ୍ର କହିଥିଲେ ଯେ ଓଡ଼ିଶାର କୌଣସି କଥାକୁ ଛତିଶଗଡ଼ ସରକାର ତିଳେ ମାତ୍ର ଭ୍ରୂକ୍ଷେପ କରୁନାହାଁନ୍ତି। ଓଡ଼ିଶାର ସ୍ୱାର୍ଥକୁ ଜଳାଞ୍ଜଳି ଦେଇ ଛତିଶଗଡ ପାଖରେ ନିଜକୁ ଓଡ଼ିଶା ସରକାର ଆତ୍ମସମର୍ପଣ କରିଛନ୍ତି। ମହାନଦୀ ଜଳ ବିବାଦ ନେଇ ଦିଲ୍ଲୀରେ କେନ୍ଦ୍ର ସରକାର, ଓଡ଼ିଶା ସରକାର ଏବଂ ଛତିଶଗଡ଼ ସରକାରଙ୍କ ମଧ୍ୟରେ ତ୍ରିପାକ୍ଷିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶାର ମୁଖ୍ୟମନ୍ତ୍ରୀ ନିଜେ ବୈଠକରେ ଉପସ୍ଥିତ ରହି ଆଲୋଚନା କରିଥିଲେ। ତେବେ ମହାନଦୀ ଜଳ ବିବାଦର ସମାଧାନ ଦୀପାବଳି ପୂର୍ବରୁ ହେବ ବୋଲି ମୁଖ୍ୟମନ୍ତ୍ରୀ ଗଣମାଧ୍ୟମକୁ ବିବୃତ୍ତି ପ୍ରଦାନ କରିଥିଲେ। କିନ୍ତୁ କେଉଁ ଆଧାରରେ ଦିଲ୍ଲୀରେ ଆଲୋଚନା ହେଲା, ସେ ବାବଦରେ ଓଡ଼ିଶାବାସୀଙ୍କୁ ଜଣାଇବା ମୁଖ୍ୟମନ୍ତ୍ରୀଙ୍କ ନୈତିକ ଦାୟିତ୍ୱ। ବୈଠକରେ ମୁଖ୍ୟମନ୍ତ୍ରୀ କ'ଣ ଆଲୋଚନା କରିଲେ ତାହାକୁ ସାର୍ବଜନୀନ କରିଲେ ନାହିଁ। ମହାନଦୀର ଜଳ ପରିଚାଳନ ନେଇ ଓଡ଼ିଶାକୁ ଛତିଶଗଡ ସହଯୋଗ କରୁନାହିଁ। ବାରମ୍ବାର ଜଣାଇବା ସତ୍ତ୍ୱେ ସରଡିହି ବ୍ୟାରେଜ ପାଖରେ ଏକ ନୂତନ ଗେଜ୍ ପ୍ରତିଷ୍ଠା ପାଇଁ ଛତିଶଗଡ଼ ମାନୁନାହିଁ। ଓଡ଼ିଶା ସରକାରଙ୍କ କଥାକୁ ଛତିଶଗଡ ବେଖାତିର କରିଚାଲିଛି। ପୁରୁଣା ଗେଜ



ସଠିକ୍ ଭାବରେ କାର୍ଯ୍ୟ କରୁନଥିବାରୁ ଜଳ ପରିଚାଳନାରେ ସମସ୍ୟା ହେଉଛି। ଏନ୍. ଖୋସଲାଙ୍କ ରିପୋର୍ଟ ପରେ ଛତିଶଗଡ ସରକାର ଏହାକୁ ଉଲ୍ଲଙ୍ଘନ କରି ଜଳ ବିବାଦ ସୃଷ୍ଟି କରୁଛନ୍ତି। ଛତିଶଗଡ ସରକାରଙ୍କ ମନମାନି ଯୋଗୁଁ ହୀରାକୁଦ ଜଳଭଣ୍ଡାର ସୁରକ୍ଷା ପାଇଁ ରୁଲକର୍ଭ ନୀତିର ଅନୁପାଳନ ହୋଇପାରୁ ନାହିଁ। ଛତିଶଗଡର ପଛୁଆ ପାଣି ହୀରାକୁଦକୁ ବିପଦ ସୃଷ୍ଟି କରିବା ସହ ଓଡ଼ିଶାରେ ବନ୍ୟା ସ୍ଥିତି ସଙ୍ଗୀନ ହେଉଛି। ଓଡ଼ିଶାର ବୃହତ୍ତର ସ୍ୱାର୍ଥ ପାଇଁ ରାଜ୍ୟ ସରକାର ଚୁପ୍ ନରହି ଲଢ଼େଇ କରନ୍ତୁ। ମହାନଦୀ ଜଳ ବିବାଦର ସମାଧାନ ନେଇ ଦିଲ୍ଲୀରେ ରାଜ୍ୟ ସରକାର କ'ଣ ଆଲୋଚନା କରିଲେ ସେ ବାବଦରେ ଓଡ଼ିଶାବାସୀଙ୍କୁ ଜଣାନ୍ତୁ ବୋଲି ସେ କହିଥିଲେ।

ଡ. ଅରୁଣ କୁମାର ସାହୁ କହିଥିଲେ ଯେ କେନ୍ଦ୍ର ସମେତ ଛତିଶଗଡ ଏବଂ ଓଡ଼ିଶାରେ ବିଜେପି ସରକାର ରହିଛି। ତେବେ ଟ୍ରିପଲ ଇଞ୍ଜିନ ସରକାର ଥାଇ ବି ମହାନଦୀ ଜଳ ବିବାଦର ସମାଧାନ ହୋଇପାରୁ ନାହିଁ। ରାଜ୍ୟ ସରକାର ନିଜକୁ ଛତିଶଗଡ ପାଖରେ ଆତ୍ମସମର୍ପଣ କରିଛନ୍ତି। ଖରାଦିନେ ମହାନଦୀ ଶୁଖିଲା ପଡ଼ିଥିବା ବେଳେ ରାଜ୍ୟ ସରକାର ଆଲୋଚନା କରିଲେ ନାହିଁ। ବର୍ଷା ସମୟରେ ଆଲୋଚନା କରିଲେ କାହିଁକି? ଖରାଦିନେ ମହାନଦୀର ଜଳ ସଙ୍କଟକୁ ଓଡ଼ିଶାବାସୀଙ୍କ ମନରୁ ଭୁଲାଇ ଦେବାକୁ ରାଜ୍ୟ ସରକାର ପ୍ରୟାସ କରୁଛନ୍ତି। ଛତିଶଗଡ ପାଖରେ ୨୪ ଲକ୍ଷ ମିଲିୟନ ଏକର ଫୁଟ ପାଣି ଥିବାବେଳେ ୧୦ ଲକ୍ଷ ମିଲିୟନ ଏକର ଫୁଟ ପାଣି ବ୍ୟବହାର କରିବା ପାଇଁ ତତ୍କାଳୀନ ଓଡ଼ିଶା ସରକାରଙ୍କ ପକ୍ଷରୁ କୁହାଯାଇଥିଲା। କିନ୍ତୁ ଛତିଶଗଡ଼ ମହାନଦୀ ଜଳର ୨୭ ଲକ୍ଷ ମିଲିୟନ ଏକର ଫୁଟ ଜଳ ଆବଶ୍ୟକ କରୁଥିବାରୁ ଜଳ ବିବାଦ ମୁଣ୍ଡ ଟେକିଥିଲା। ଅଣମୌସୁମୀ ସମୟରେ ହୀରାକୁଦ ଜଳଭଣ୍ଡାର ପରିଚାଳନା ଓ କୃଷି କାର୍ଯ୍ୟ ପାଇଁ ଓଡ଼ିଶାକୁ ୧.୭୪ ମିଲିୟନ ଏକର ଫୁଟ ପାଣିର ଆବଶ୍ୟକତା ଥିବାବେଳେ ଛତିଶଗଡ ନିଜର ମନମାନି କରି ତାହା ଦେଉନାହିଁ। ଖରାଦିନେ କଲମା ବ୍ୟାରେଜର ସମସ୍ତ ଗେଟ ବନ୍ଦ ରଖୁଛି ଛତିଶଗଡ, ଯାହାଫଳରେ ଓଡ଼ିଶା ପଟ ଶୁଖିଲା ପଡୁଛି। ବର୍ଷ ତମାମ ପାଣି ଅଟକାଇ ରଖୁଥିବା ବେଳେ ବନ୍ୟା ସମୟରେ କଲମା ବ୍ୟାରେଜର ସମସ୍ତ ଗେଟ ଛତିଶଗଡ ଖୋଲି ଦେବା ଯୋଗୁଁ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ବୃଦ୍ଧି ପାଇ ଓଡ଼ିଶାରେ ବନ୍ୟା ପରିସ୍ଥିତି ସୃଷ୍ଟି ହେଉଛି। ଜଳ ବିବାଦର ସମାଧାନ ନେଇ ରାଜ୍ୟ ସରକାର ଦିଲ୍ଲୀରେ ଆଲୋଚନା କରିଥିବା ବେଳେ ଏହାକୁ ସାର୍ବଜନୀନ କରିବା ପାଇଁ ଡରୁଛନ୍ତି କାହିଁକି ବୋଲି ଡ. ସାହୁ ପ୍ରଶ୍ନ କରିଥିଲେ। ଭୃଗୁ ବକ୍ସିପାତ୍ର କହିଥିଲେ ଯେ ମହାନଦୀ ଜଳ ବିବାଦ ସମାଧାନ ପାଇଁ ଟ୍ରିବ୍ୟୁନାଲ ଗଠନ ହୋଇଛି। ଉକ୍ତ ଟ୍ରିବ୍ୟୁନାଲ ୬ ଦିନ ଧରି ଓଡ଼ିଶା ବୁଲିକି ଗଲେ। ଏନେଇ ରାଜ୍ୟ ସରକାର ପ୍ରାୟ ୩ କୋଟି ଟଙ୍କା ଖର୍ଚ୍ଚ କରିଥିଲେ ହେଁ ଫଳ ଶୂନ୍ୟ। ଓଡ଼ିଶାକୁ ନ ଜଣାଇ ଛତିଶଗଡ କଲମା ବ୍ୟାରେଜ ଗେଟ୍ ଖୋଲିବାରୁ ଓଡ଼ିଶାରେ ବନ୍ୟା ବିପ୍ରାତ ହେଲା। ଏଥିପାଇଁ ବିଜେପି ସରକାର ହିଁ ସମ୍ପୂର୍ଣ୍ଣ ଭାବେ ଦାୟୀ। ମୁଖ୍ୟମନ୍ତ୍ରୀ ଦଳୀୟ ସ୍ୱାର୍ଥକୁ ଛାଡି ଓଡ଼ିଶାର ସ୍ୱାର୍ଥ ପାଇଁ ନିଜକୁ ସମର୍ପଣ କରନ୍ତୁ। ଅନ୍ୟ ମାନଙ୍କୁ ଖୁସି କରାଇବାକୁ ଛତିଶଗଡ ପାଖରେ ଓଡ଼ିଶାକୁ ବିକି ନଦିଅନ୍ତୁ। ମହାନଦୀ ଜଳ ବିବାଦର ସମାଧାନ ପାଇଁ ବୈଠକରେ କ'ଣ ଆଲୋଚନା ହୋଇଛି ତାହାକୁ ତୁରନ୍ତ ସାର୍ବଜନୀନ କରନ୍ତୁ ବୋଲି ସେ ଦାବି କରିଛନ୍ତି।

- ଓଡ଼ିଶାରେ ଉପୁଜିଥିବା ବନ୍ୟା ସ୍ଥିତି ସମ୍ପୂର୍ଣ୍ଣ ମନୁଷ୍ୟକୃତ
- ଟ୍ରିପଲ ଇଞ୍ଜିନ ସରକାର ଥାଇ ବି ମହାନଦୀ ଜଳ ବିବାଦ ସମାଧାନରେ ବିଳମ୍ବ
- ବୈଠକରେ ହୋଇଥିବା ଆଲୋଚନାକୁ ତୁରନ୍ତ ସାର୍ବଜନୀନ କରନ୍ତୁ ରାଜ୍ୟ ସରକାର

■ ଗଣମାଧ୍ୟମକୁ ମୁଖ୍ୟମନ୍ତ୍ରୀଙ୍କ ବିବୃତି

## ୩ ମାସ ମଧ୍ୟରେ ସମାଧାନର ପନ୍ଥା ବାହାରିବା ଆଶା ଉଜ୍ଜ୍ୱଳ

ଭୁବନେଶ୍ୱର,୧।୮ (ସମିସ): ଦିଲ୍ଲୀରେ ମହାନଦୀ ଜଳବିବାଦ ସମ୍ପର୍କିତ ବୈଠକରେ ଯୋଗଦେବା ରାଜ୍ୟ ପାଇଁ ଖୁବ୍ ଗୁରୁତ୍ୱପୂର୍ଣ୍ଣ ଥିଲା ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଗତ ୩୦ ତାରିଖ ଦିନ କେନ୍ଦ୍ର ଜଳଶକ୍ତି ମନ୍ତ୍ରୀ ସି.ଆର୍ ପାଟିଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ବୈଠକରେ ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁ ଦେଓ ସାଇଙ୍କ ସହିତ ସେ ଯୋଗଦେଇଥିଲେ। ବୈଠକରେ ସୌହାର୍ଦ୍ୟପୂର୍ଣ୍ଣ ପରିବେଶ ମଧ୍ୟରେ ଆପୋଷ ସମାଧାନ ପାଇଁ ଆଲୋଚନା ହୋଇଥିଲା। ଓଡ଼ିଶାର ଜନସାଧାରଣଙ୍କ ସ୍ୱାର୍ଥ ଓ ଅଧିକାର, ଚାଷୀକୂଳର ହିତ ଏବଂ ପରିବେଶର ସୁରକ୍ଷାକୁ ଗୁରୁତ୍ୱ ଦେଇ ସମାଧନର ପନ୍ଥା ନିର୍ଦ୍ଧାରଣ କରିବା ଉପରେ ସେ ଗୁରୁତ୍ୱ ଦେଇଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

**ମହାନଦୀ ଜଳ ବିବାଦ ବୈଠକ ଖୁବ୍ ଗୁରୁତ୍ୱପୂର୍ଣ୍ଣ ଥିଲା**

ନିଜର ଦିଲ୍ଲୀ ଗସ୍ତ ସମ୍ପର୍କରେ ଶନିବାର ଲୋକସେବା ଭବନରେ ଗଣମାଧ୍ୟମ ପ୍ରତିନିଧିଙ୍କୁ ସୂଚନା ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ କେନ୍ଦ୍ରୀୟ ଜଳ କମିଶନ ଅଧ୍ୟକ୍ଷଙ୍କ ଅଧିନରେ ଗଠିତ ଏକ ଟେକ୍ନିକାଲ୍ କମିଟି ଆସନ୍ତା ୩ ମାସ ମଧ୍ୟରେ ମହାନଦୀ ଟ୍ରିବ୍ୟୁନାଲକୁ ଏହାର ରିପୋର୍ଟ ପ୍ରଦାନ କରିବ। ଏହାଦ୍ୱାରା ମହାନଦୀ ଜଳ ସମସ୍ୟାର ସମାଧାନ ବାହାରିବ ଏବଂ ଆସନ୍ତା ଦୀପାବଳୀ ଆମ ପାଇଁ ଶୁଭଙ୍କର ହେବ। ଏହା ସହିତ ମୁଖ୍ୟମନ୍ତ୍ରୀ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହା, ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ, ନୀତି ଆୟୋଗ ତଥା ପ୍ରଧାନମନ୍ତ୍ରୀଙ୍କ ଅର୍ଥନୈତିକ ପରାମର୍ଶଦାତା ପରିଷଦର ସଦସ୍ୟ ପ୍ରଫେସର କେ.ଭି. ରାଜୁ ପ୍ରମୁଖଙ୍କୁ ଭେଟି ରାଜ୍ୟର ବିଭିନ୍ନ ସ୍ୱାର୍ଥ ସମ୍ବଳିତ ବିଷୟ ଉପରେ ଆଲୋଚନା କରିଥିଲେ ବୋଲି ସୂଚନା ଦେଇଛନ୍ତି।

## ୩୭.୩୨ ଲକ୍ଷ ସରକାରୀ ଟଙ୍କା ଆତ୍ମସାତ୍ ଅଭିଯୋଗ

# ପୂର୍ବତନ କନିଷ୍ଠ ସହାୟକଙ୍କୁ ବାନ୍ଧିଲା ଭିଜିଲାନ୍ସ

ବାଲେଶ୍ୱର, ୧।୮ (ସମିସ) : ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ଶିକ୍ଷା ଅଧିକାରୀ (ବିଇଓ)ଙ୍କ କାର୍ଯ୍ୟାଳୟରେ କାର୍ଯ୍ୟରତ ଥିବାବେଳେ ସରକାରୀ ଅର୍ଥକୁ ଜାଲିଆତି କରି ହଡ଼ପ କରିଥିବା ଅଭିଯୋଗରେ ପୂର୍ବତନ କନିଷ୍ଠ ସହାୟକ ଦେବଦ୍ୟୁତି ନନ୍ଦଙ୍କୁ ଗିରଫ କଲା ବାଲେଶ୍ୱର ଭିଜିଲାନ୍ସ ବିଭାଗ। ଅଭିଯୁକ୍ତ ଜଣକ ଜାଲ୍ ଦଲିଲ ପ୍ରସ୍ତୁତ କରି ୩୭ ଲକ୍ଷ ୩୨ ହଜାର ୭୦୮ ଟଙ୍କା ସରକାରୀ ଅର୍ଥ ଆତ୍ମସାତ୍ କରିଥିବା ଅଭିଯୋଗ ହୋଇଥିଲା।



ଭିଜିଲାନ୍ସ ବିଭାଗର ସୂଚନା ଅନୁଯାୟୀ ୨୦୨୨ରୁ ୨୦୨୬ ମଧ୍ୟରେ ଦେବଦ୍ୟୁତି ନନ୍ଦ ବାଲିଆପାଳ ବିଇଓଙ୍କ କାର୍ଯ୍ୟାଳୟରେ ବିଲ୍ କ୍ଲର୍କ-କମ୍-ଆକାଉଣ୍ଟାଣ୍ଟ ଭାବେ କାର୍ଯ୍ୟରତ ଥିଲେ। ସେହି ସମୟରେ ସେ ନିଜ ନାଁରେ ଜାଲ୍ ବକେୟା ବେତନ (ଏରିଅର ପେ) ବିଲ୍ ପ୍ରସ୍ତୁତ କରିଥିଲେ। କେବଳ ସେତିକି ନୁହେଁ, ଅନ୍ୟ କର୍ମଚାରୀଙ୍କ ବକେୟା ମହଙ୍ଗା ଭତ୍ତା (ଡ଼ିଏ) ବିଲ୍‌ରେ ମଧ୍ୟ ଠକେଇ କରି ଟଙ୍କା ଉଠାଇ ଥିବାର ଅଭିଯୋଗ ରହିଛି। ଏହା ମାଧ୍ୟମରେ ସରକାରୀ କୋଷାଗାରରୁ ଲକ୍ଷାଧିକ ଟଙ୍କା ବେଆଇନ ଭାବେ ଉଠାଯାଇଥିଲା। ଭିଜିଲାନ୍ସ ତଦନ୍ତରେ ଏହି ଅନିୟମିତତାର ପ୍ରମାଣ ମିଳିବା ପରେ ବାଲେଶ୍ୱର ଭିଜିଲାନ୍ସ ଥାନାରେ ମାମଲା ରୁଜୁ କରାଯାଇଥିଲା। ପରବର୍ତ୍ତୀ ସମୟରେ ଅଭିଯୁକ୍ତଙ୍କୁ ଗିରଫ କରି ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତରେ ହାଜର କରାଯାଇଛି। ତାଙ୍କ ବିରୋଧରେ ଦୁର୍ନୀତି ନିବାରଣ (ସଂଶୋଧନ) ଆଇନ, ୨୦୧୮ ସହିତ ଭାରତୀୟ ଦଣ୍ଡ ସଂହିତାର ଧାରା ୪୬୭ (ଜାଲ୍ ଦଲିଲ ପ୍ରସ୍ତୁତ), ୪୬୮ (ଠକେଇ ଉଦ୍ଦେଶ୍ୟରେ ଜାଲିଆତି), ୪୭୧ (ଜାଲ୍ ଦଲିଲ ବ୍ୟବହାର) ଓ ୪୭୭-ଏ (ହିସାବ ପତ୍ରରେ ହେରଫେର) ଭଳି ଗୁରୁତର ଦଫା ଲାଗିଛି।

ସୂଚନାଯୋଗ୍ୟ ଯେ, ଦେବଦ୍ୟୁତି ନନ୍ଦ ବର୍ତ୍ତମାନ ବାଲିଆପାଳ ବ୍ଲକର ପଦ୍ମଲୋଚନ ସରକାରୀ ଉଚ୍ଚ ବିଦ୍ୟାଳୟ, ଜଗାଇରେ କନିଷ୍ଠ ସହାୟକ ଭାବେ କାର୍ଯ୍ୟରତ ଅଛନ୍ତି। ତାଙ୍କ ବିରୋଧରେ ଆସିଥିବା ଅଭିଯୋଗ ପୂର୍ବରୁ ବିଇଓ କାର୍ଯ୍ୟାଳୟରେ କାର୍ଯ୍ୟରତ ଥିବା ସମୟରେ ଏହି ଠକେଇ ହୋଇଥିଲା। ଏହି ଘଟଣାରେ ଆଉ କିଏ କିଏ ସମ୍ପୃକ୍ତ ରହିଛନ୍ତି, ସେ ନେଇ ଭିଜିଲାନ୍ସ ବିଭାଗ ଖୋଳତାଡ଼ ଆରମ୍ଭ କରିଛି।

## ବନ୍ୟା ଦାଉ ସହ ଦୁଃଖ ଦେଉଛି ସରକାରୀ ନୀତି

# ଖରିଫ୍ ଚାଷୀ ପଞ୍ଜୀକରଣ କଥା ଭୁଲିଗଲେ କି ସରକାର

ନୟାଗଡ଼/ଭୁବନେଶ୍ୱର,୧।୮ (ସମିସ): ସାରା ରାଜ୍ୟରେ ବନ୍ୟା ପରିସ୍ଥିତି ଚାଷୀଙ୍କ ଅଣ୍ଟା ଭାଙ୍ଗି ଦେଇଥିବା ବେଳେ ସରକାରୀ ନୀତି ଚାଷୀଙ୍କ ଉପରେ ସମସ୍ୟାର ପାହାଡ଼ ଠିଆ କରିଛି। ନବୀନ ସରକାରଙ୍କ ଚାଷୀଙ୍କ ପ୍ରତି ଦରଦ ମନୋଭାବ ଏ ସରକାର ଅମଳରେ ନାହିଁ ବୋଲି ଖୋଦ୍ ଚାଷୀ ସଂଗଠନ ଗୁଡ଼ିକ ଅଭିଯୋଗ କରୁଛନ୍ତି। ପ୍ରତ୍ୟେକ ବର୍ଷ ଜୁଲାଇ ୧୫ ତାରିଖରୁ ଧାନ ବିକ୍ରି ପାଇଁ ସମବାୟ ବିଭାଗ ଆନୁକୁଲ୍ୟରେ ପ୍ୟାକ୍ସ ଜରିଆରେ ପଞ୍ଜୀକରଣ ହୋଇଥାଏ। ଗତ ବର୍ଷ ଏହା ସାମାନ୍ୟ ବିଳମ୍ବ ହୋଇଥିଲା। ଚଳିତ ବର୍ଷ ସରକାରଙ୍କ ଖରିଫ୍ ଚାଷୀ ପଞ୍ଜୀକରଣ ବିଷୟ ମନେ ଅଛି ନାଁ ନାହିଁ ବୋଲି ରାଜ୍ୟ ସମବାୟ ବ୍ୟାଙ୍କ ନିର୍ଦ୍ଦେଶକ ସନ୍ନ୍ୟାସୀ ପ୍ରଧାନ ପ୍ରଶ୍ନ ଉଠାଇଛନ୍ତି। ଏହା ସରକାରଙ୍କ ଅପାରଗତା ବୋଲି ସିଧାସଳଖ କହିବା ସହ ଚାଷୀଙ୍କ ସାଥିରେ ଖେଳିଲେ ପରିସ୍ଥିତି ଭୟଙ୍କର ହେବ ବୋଲି କହିଛନ୍ତି। ରାଜ୍ୟରେ ନଭେମ୍ବର ଓ ଡିସେମ୍ବର ମାସରୁ ଧାନକିଣା ଆରମ୍ଭ ହେଉଥିବା ବେଳେ ଜୁଲାଇ ୧୫ ତାରିଖରୁ ଅଗଷ୍ଟ ୧୫ ମଧ୍ୟରେ ଚାଷୀ ପଞ୍ଜିକରଣ ହୋଇଥାଏ। ଏହା ପରେ ଆର୍‌ଆଇ, କୃଷି ଅଧିକାରୀ ଓ ପ୍ୟାକ୍ସ ସମ୍ପାଦକଙ୍କ ଜରିଆରେ ଭେରିଫିକେସନ୍ ହୋଇଥାଏ। ଭେରିଫିକେସନ୍ ପରେ ସାଟେଲାଇଟ୍ ଭେରିଫିକେସନ୍, ଭାଗଚାଷୀ ଆବେଦନ ଯାଞ୍ଚ ଭଳି ନାନାଦି କାର୍ଯ୍ୟ ପରେ ଟୋକନ୍ ଇସ୍ୟୁ କରାଯାଏ। ଏଥିପାଇଁ ପର୍ଯ୍ୟାପ୍ତ ସମୟର ମଧ୍ୟ ଆବଶ୍ୟକତା ରହିଛି। ସରକାର ଚଳିତ ବର୍ଷ ଚାଷୀ ପଞ୍ଜୀକରଣ ପାଇଁ କୌଣସି ନିର୍ଦ୍ଦେଶ ପ୍ରକାଶ କରିନାହାନ୍ତି। ସରକାରଙ୍କ ନିର୍ଦ୍ଦେଶ ଆସିବା ପରେ ମାଷ୍ଟର ଟ୍ରେନର ତାଲିମ ପ୍ରକ୍ରିୟା, ଜିଲ୍ଲା ସ୍ତରରେ ପ୍ୟାକ୍ସ ଡିଇଓଙ୍କ ତାଲିମ ପ୍ରକ୍ରିୟା ପାଇଁ ମଧ୍ୟ ସମୟ ଆବଶ୍ୟକ। ସରକାର ଚିଠି ପ୍ରକାଶ ପାଇବା ପରେ ଅନୁନ୍ୟ ୧୫ ଦିନ ବ୍ୟବଧାନରେ ପଞ୍ଜିକରଣ କାର୍ଯ୍ୟ ଆରମ୍ଭ ହେବ। ଏଯାଏଁ ସରକାର ପଞ୍ଜିକରଣ ପାଇଁ କୌଣସି ନିର୍ଦ୍ଦେଶ ଜାରି କରିନଥିବାରୁ ଚାଷୀ, ସମବାୟ ବିଭ୍ ଓ ପ୍ୟାକ୍ସ କର୍ମଚାରୀମାନେ ଦ୍ୱନ୍ଦରେ ରହିଛନ୍ତି। ୨୦୨୫-୨୬ ମସିହାରେ ରାଜ୍ୟରେ ୧୮ ଲକ୍ଷ ୮୫ ହଜାର ଚାଷୀ ଧାନ ବିକ୍ରି କରିଥିଲେ। ରାଜ୍ୟ ସରକାର ଧାନ କିଣିବା ପାଇଁ ୪୮୬୯ ଟି ମଣ୍ଡି ବ୍ୟବସ୍ଥା କରିଥିଲେ। ସରକାର ୨୩, ୬୦୩ କୋଟି ଟଙ୍କା ଧାନକିଣା ବାବଦ ପ୍ରଦାନ କରିଥିବା ବେଳେ ୫୫୬୫ କୋଟି ଟଙ୍କା ଇନପୁଟ୍ ସବସିଡ୍ ପ୍ରଦାନ କରିଥିଲେ। ରାଜ୍ୟ ସରକାର ଇନପୁଟ୍ ସବସିଡ୍‌କୁ ନେଇ ବ୍ୟାପକ ଚିନ୍ତାରେ ରହିଥିବାରୁ ଚଳିତ ବର୍ଷ ପଞ୍ଜିକରଣରେ ବିଳମ୍ବତା ଘଟୁଥିବା ଅଭିଯୋଗ ହୋଇଛି। ଚଳିତ ବର୍ଷ କୌଣସି ଉପାୟ ଅବଲମ୍ବନ କରି ଚାଷୀ ପଞ୍ଜିକରଣ କମ କରିବା ତଥା ଧାନକିଣା କମ କରିବା ଯୋଜନାରେ ରହିଥାଇ ପାରନ୍ତି ବୋଲି ମତ ପ୍ରକାଶ ପାଇଛି।

- ଜୁଲାଇ ୧୫ରୁ ପଞ୍ଜୀକରଣ ଆରମ୍ଭ ହେଉଥିଲା
- ଏଯାଏଁ ପ୍ରକାଶିତ ହୋଇନି ବିଭାଗୀୟ ନିର୍ଦ୍ଦେଶ

## କିଶୋର ନ୍ୟାୟ ପରିଷଦ ପରିସରରୁ ବାଲ୍ ଅପରାଧୀ ଫେରାର୍

ବାରିପଦା,୧।୮ (ସମିସ): ଶନିବାର ଅପରାହ୍ନରେ ମୟୂରଭଞ୍ଜ ଜିଲ୍ଲା କିଶୋର ନ୍ୟାୟ ପରିଷଦ (ଜୁଭେନାଇଲ ବୋର୍ଡ) ପରିସରରୁ ଜଣେ ବାଲ୍ ଅପରାଧୀ ଫେରାର ହୋଇଯାଇଛନ୍ତି। ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ଫେରାର ସମ୍ବନ୍ଧରେ ଯଦିଓ ଥାନାରେ ଅଭିଯୋଗ ହୋଇନାହିଁ, ତେବେ ପୁଲିସ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରି ବିଫଳ ହୋଇଛି। ସୂଚନା ମୁତାବକ, ଗତ ଜୁଲାଇ ମାସ ୧୨ ତାରିଖରେ ଭଞ୍ଜପୁର ଥାନା ଅଞ୍ଚଳର ଏକ ଚୋରି ମାମଲାରେ ଜଡ଼ିତ ଥାଇ ବାଲ୍ ଅପରାଧୀ ଜଣଙ୍କ ଧରାପଡ଼ିବା ପରେ ପୁଲିସ ତାଙ୍କ ସ୍ୱଭାବ ପରିବର୍ତ୍ତନ ପାଇଁ ଜୁଭେନାଇଲ ବୋର୍ଡ ନିର୍ଦ୍ଦେଶକ୍ରମେ ରାଉରକେଲା ଜୁଭେନାଇଲ ହୋମକୁ ପଠାଇଥିଲା। ତେବେ ଶନିବାର ପୁନର୍ବାର ତାଙ୍କୁ ବୋର୍ଡରେ ହାଜର ପାଇଁ ଅଣାଯାଇଥିଲା। ଏହି ସମୟରେ ପରିସ୍ରା କରିବାକୁ କହି ଶୌଚାଳୟକୁ ଯାଇଥିବାବେଳେ ସ୍କାଇଲାଇଟ ଦେଇ ଗଳି ଖସି ଫେରାର ହୋଇଯାଇଥିବା ଜଣାପଡ଼ିଛି। ତାଙ୍କ ଘର ବାରିପଦାର କାଳିକାପୁର ଅଞ୍ଚଳରେ। ଏହି ଘଟଣା ବାରିପଦା ସହରରେ ଚର୍ଚ୍ଚାର ବିଷୟ ପାଲଟିଛି।

## ବିଦ୍ୟାଳୟରେ ଛାତ୍ରୀଙ୍କ ଅସ୍ୱାଭାବିକ ମୃତ୍ୟୁ

ରାଇକିଆ,୧।୮ (ସମିସ): କନ୍ଧମାଳ ଜିଲ୍ଲା ରାଇକିଆ ବ୍ଲକ ବଡ଼ବାରାବା ପଞ୍ଚାୟତର ପିର୍ଡିଗୁଡା ପ୍ରାଥମିକ ବିଦ୍ୟାଳୟର ଜଣେ ତୃତୀୟ ଶ୍ରେଣୀ ଛାତ୍ରୀଙ୍କର ଗତ ୨୮ ତାରିଖ ଦିନ ମୃତ୍ୟୁ ଘଟିଥିଲା। ତେବେ ଛାତ୍ରୀଙ୍କ ମୃତ୍ୟୁ କେଉଁ କାରଣ ଯୋଗୁଁ ଘଟିଲା ଅସ୍ପଷ୍ଟ ରହିଥିବା ବେଳେ ବିଦ୍ୟାଳୟକୁ ଭୟରେ ଛାତ୍ରୀଛାତ୍ର ଯାଉ ନଥିବା ଜଣା ପଡ଼ିଛି। ଛାତ୍ରଛାତ୍ରୀ ଆସୁନଥିବା ଖବର ପାଇ ରାଇକିଆ ଏବିଇଓ ବିନ୍ଦୁ ନାୟକ ବିଦ୍ୟାଳୟକୁ ଯାଇ ପ୍ରାଥମିକ ତଦନ୍ତ କରିଥିବା ବେଳେ ଛାତ୍ରୀ ଜଣକ ହଠାତ୍ ବିଦ୍ୟାଳୟରେ ଅସୁସ୍ଥ ହୋଇପଡ଼ିଥିଲେ। ପରବର୍ତୀ ସମୟରେ ତାଙ୍କୁ ଗଞ୍ଜାମ ଜିଲ୍ଲା ସୋରଡ଼ା ସ୍ୱାସ୍ଥ୍ୟ କେନ୍ଦ୍ରକୁ ନିଆ ଯାଇଥିଲା ବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ। ସେଠାରୁ ମୃତଦେହ ଆଣି ପରିବାର ଲୋକେ ଶେଷ କୃତ୍ୟ ସମ୍ପନ୍ନ କରିଥିଲେ। ଏହା ପରଠାରୁ ଭୟରେ ଛାତ୍ରୀଛାତ୍ର ଦୁଇ ଦିନ ଯାଇ ନଥିଲେ। ୩୧ ତାରିଖ ଦିନ ଏବିଇଓ ଗାଁକୁ ଯାଇ ଅଭିଭାବକ, ଛାତ୍ରଛାତ୍ରୀ, ବିଦ୍ୟାଳୟ କମିଟି ସହିତ ଆଲୋଚନା କରି ବୁଝାଇବା ପରେ କିଛି ଛାତ୍ରଛାତ୍ରୀ ବିଦ୍ୟାଳୟ ଯାଇଥିବା ଏବିଇଓ ପ୍ରକାଶ କରିଛନ୍ତି। ଅନ୍ୟ ପକ୍ଷରେ ଛାତ୍ରୀ ମୃତ୍ୟୁକୁ ନେଇ ପରିବାର ପକ୍ଷରୁ ରାଇକିଆ ବିଇଓଙ୍କ କାର୍ଯ୍ୟଳୟରେ କୌଣସି ଲିଖିତ ଅଭିଯୋଗ ହୋଇ ନଥିବା ବେଳେ ଏବଂ ଥାନାରେ ମଧ୍ୟ କୌଣସି ପ୍ରକାର ଅଭିଯୋଗ ହୋଇନଥିବା କହିଛନ୍ତି ଥାନା ଅଧିକାରୀ ଏ ସ୍ୱର୍ଣ୍ଣ ଲତା ପାତ୍ର।

**ବିଦ୍ୟାଳୟ ଆସୁନାହାନ୍ତି ଛାତ୍ରୀଛାତ୍ର**

## ଚେକ୍ ବାଉନ୍ସ ମାମଲାର ରାୟ ପ୍ରକାଶ

# ୬ ମାସ କାରାଦଣ୍ଡ ଓ ୭ ଲକ୍ଷ ଟଙ୍କା କ୍ଷତିପୂରଣ ନିର୍ଦ୍ଦେଶ

ବାରିପଦା,୧।୮ (ସମିସ): ବାରିପଦା ପ୍ରଥମ ଶ୍ରେଣୀ ଅଦାଲତରେ ଏକ ଚେକ୍ ବାଉନ୍ସ ମାମଲାରେ ଅଭିଯୁକ୍ତ ସୁଦର୍ଶନ ନାୟକଙ୍କୁ ଦୋଷୀ ସାବ୍ୟସ୍ତ କରାଯାଇଛି। ନ୍ୟାୟିକ ମାଜିଷ୍ଟ୍ରେଟ ମଧୁଶ୍ରବା ମହାନ୍ତି ଏହି ମାମଲାର ବିଚାର କରି ଅଭିଯୁକ୍ତଙ୍କୁ ୬ ମାସ କାରାଦଣ୍ଡ ଓ ୭ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। କ୍ଷତିପୂରଣ ଅନାଦେୟ ଅତିରିକ୍ତ ୩ ମାସ କାରାଦଣ୍ଡ ଭୋଗିବେ ବୋଲି ରାୟରେ ଉଲ୍ଲେଖ କରିଛନ୍ତି।

ସୂଚନା ମୁତାବକ, ଅଭିଯୋଗକାରୀ କୁଳିଅଣା ଥାନା ଗାଙ୍ଗରାଜ ଗ୍ରାମର ଗିରିଶ ଚନ୍ଦ୍ର ମହାକୁଦ ଓ ଅଭିଯୁକ୍ତ ବାରିପଦା ଟାଉନ ଥାନା ଅଧୀନ ଛାଞ୍ଚର ସୁଦର୍ଶନ ନାୟକଙ୍କ ମଧ୍ୟରେ ଏକ ବସ୍ କ୍ରୟବିକ୍ରୟ ସମ୍ପର୍କିତ ବିବାଦ ଥିଲା। ୨୦୧୫ରେ ଅଭିଯୁକ୍ତ ଏହି ବସକୁ ୮ ଲକ୍ଷ ଟଙ୍କାରେ ଅଭିଯୋଗକାରୀଙ୍କୁ ବିକ୍ରି କରିଥିଲେ। ଅଭିଯୋଗକାରୀ ପ୍ରାୟ ୬ ଲକ୍ଷ ଟଙ୍କା ଦେଇଥିଲେ। ପରେ ମାଲିକାନା ପରିବର୍ତ୍ତନ ନ ହେବା ଓ ଅନ୍ୟାନ୍ୟ କାରଣରୁ ଅଭିଯୁକ୍ତ ବସ୍ ଫେରାଇ ନେଇ ୫.୫ ଲକ୍ଷ ଟଙ୍କା ଫେରସ୍ତ କରିବାକୁ ରାଜି ହୋଇ ତିନୋଟି ଚେକ୍ (୧.୫ ଲକ୍ଷ, ୨ ଲକ୍ଷ ଓ ୨ ଲକ୍ଷ) ପ୍ରଦାନ କରିଥିଲେ। ୨୦୧୯ ଏପ୍ରିଲ ୧୪ ତାରିଖର ଏହି ଚେକ୍‌ଗୁଡ଼ିକୁ ୨୦୧୯ ଜୁଲାଇ ୨ ତାରିଖ ଯାଏ ପର୍ଯ୍ୟାପ୍ତ ପାଣ୍ଠି ନ ଥିବାରୁ ବାଉନ୍ସ ହୋଇଥିଲା। ଅଭିଯୋଗକାରୀ ଆଇନଗତ ନୋଟିସ ଦେଇଥିଲେ। ଅଭିଯୁକ୍ତ ଉତ୍ତର ଦେଇଥିଲେ ମଧ୍ୟ ଟଙ୍କା ଫେରସ୍ତ କରି ନ ଥିଲେ। ଅଭିଯୁକ୍ତଙ୍କ ଯୁକ୍ତି ଥିଲା ଯେ ଖାଲି ଚେକ୍ ଜୋର ଜବରଦସ୍ତିରେ ନିଆଯାଇଛି ଓ ପ୍ରକୃତରେ କେବଳ ୩ ଲକ୍ଷ ଟଙ୍କା ବାକି ଅଛି। କିନ୍ତୁ ଅଦାଲତ ଏହି ଯୁକ୍ତିକୁ ଗ୍ରହଣ କରିନାହାନ୍ତି। ଚେକ୍, ବ୍ୟାଙ୍କ ରିଟର୍ଣ୍ଣ ମେମୋ, ଚୁକ୍ତିପତ୍ର, ମନି ରିସିପ୍ଟ ଓ ନୋଟିସ ଆଦି ଦଲିଲ ଓ ସାକ୍ଷ୍ୟକୁ ଭିତ୍ତି କରି ନ୍ୟାୟାଳୟ ସିଦ୍ଧାନ୍ତ ନେଇଥିଲେ ଯେ ଅଭିଯୁକ୍ତ ବିଧିବଦ୍ଧ ଋଣ ବା ଦାୟିତ୍ୱ ନିର୍ବାହ ପାଇଁ ଚେକ୍ ଦେଇଥିଲେ ଓ ଏହା ବାଉନ୍ସ ହୋଇଥିଲା। ନେଗୋସିଏବଲ୍ ଇନ୍‌ଷ୍ଟ୍ରୁମେଣ୍ଟ ଆଇନର ଧାରା ୧୩୮ ଅଧୀନରେ ତାଙ୍କୁ ଦୋଷୀ ସାବ୍ୟସ୍ତ କରାଯାଇଛି। ତତସହିତ ଅଦାଲତ ପ୍ରୋବେସନ୍ ଅଫ୍ ଅଫେଣ୍ଡର୍ସ ଆଇନର ସୁବିଧା ଦେବାକୁ ମନା କରିଛନ୍ତି। କାରଣ ଏ ପ୍ରକାର ଅପରାଧ ସମାଜରେ ବଢ଼ୁଛି ଓ ଚେକକୁ ଅସତ୍ୟତାର ଉପକରଣ ଭାବେ ବ୍ୟବହାର କରିବା ଉଚିତ୍ ନୁହେଁ। ରାୟ ଘୋଷଣା ସମୟରେ ଅଭିଯୁକ୍ତ ଉପସ୍ଥିତ ଥିଲେ। ଏହି ମାମଲା ୨୦୧୯ରେ ଦାୟର ହୋଇଥିଲା ଓ ଦୀର୍ଘଦିନୀ ବିଚାର ପରେ ରାୟ ଆସିଛି।

## ଆଇଟିଇପି ପ୍ରଥମ ବର୍ଷ ପାଠପଢ଼ା ଆରମ୍ଭ

ଭୁବନେଶ୍ୱର,୧।୮ (ସମିସ): ଚଳିତ ଶିକ୍ଷାବର୍ଷ ପାଇଁ ଇଣ୍ଟିଗ୍ରେଟେଡ୍ ଟିଚର୍ ଏଜୁକେସନ୍ ପ୍ରୋଗ୍ରାମ୍ (ଆଇଟିଇପି) ରେ ଆଜି ଠାରୁ ପାଠପଢ଼ା ଆରମ୍ଭ ହୋଇଛି। ଉଚ୍ଚଶିକ୍ଷା ବିଭାଗ ଅଧୀନରେ ଥିବା ୭ଟି ବିଶ୍ୱବିଦ୍ୟାଳୟ ଓ ୮ଟି ସରକାରୀ ମହାବିଦ୍ୟାଳୟର ମୋଟ ୧୫ଟି ଶିକ୍ଷାନୁଷ୍ଠାନରେ ଛାତ୍ରଛାତ୍ରୀମାନେ ପାଠ ପଢ଼ିଛନ୍ତି। ପ୍ରଥମ ଦିନରେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଆଭାସୀ ମାଧ୍ୟମରେ ସମସ୍ତ ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇ ବା ସହ ଉଜ୍ଜ୍ୱଳ ଶୈକ୍ଷିକ ଭବିଷ୍ୟତ କାମନା କରିଛନ୍ତି। ଜାତୀୟ ଶିକ୍ଷା ନୀତି ପ୍ରଣୟନ ପରେ ଆଇଟିଇପି ପାଠ୍ୟକ୍ରମ ଆରମ୍ଭ ହୋଇଛି। ପୂର୍ବରୁ ସ୍ନାତକ ପରେ ୨ ବର୍ଷ ଅର୍ଥାତ୍ ବିଇଡି ପାଇଁ ମୋଟ୍ ୫ ବର୍ଷ ଲାଗୁଥିବାବେଳେ ଏବେ ୪ ବର୍ଷରେ ସରିବ। ଆଜିର ବୈଠକରେ ବିଭିନ୍ନ ମହାବିଦ୍ୟାଳୟର ଅଧ୍ୟକ୍ଷ, ଆଇଟିଇପିର ଅଧ୍ୟାପକ ଓ ଛାତ୍ରଛାତ୍ରୀମାନେ ଉପସ୍ଥିତ ରହି ନିଜର ଅନୁଭୂତି ବାଣ୍ଟିଛନ୍ତି। ବୈଠକରେ ବରଗଡ଼ ବିଧାୟକ ଅଶ୍ୱିନୀ କୁମାର ଷଡ଼ଙ୍ଗୀ, ବିଭାଗୀୟ ନିର୍ଦ୍ଦେଶକ କାଳୀ ପ୍ରସନ୍ନ ମହାପାତ୍ର, ଅତିରିକ୍ତ ଶାସନ ସଚିବ ପ୍ରତିଭା ସାହୁ, ଯୁଗ୍ମ ଶାସନ ସଚିବ ମୌସୁମୀ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ଆସନ୍ତା ସୋମବାର ବନ୍ଦ ରହିବ ମୁଖ୍ୟମନ୍ତ୍ରୀଙ୍କ ଜନଅଭିଯୋଗ ଶୁଣାଣି

ଭୁବନେଶ୍ୱର,୧।୮ (ସମିସ): ଆସନ୍ତା ସୋମବାର ଅଗଷ୍ଟ ୩ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ବନ୍ଦ ରହିବ। ମୁଖ୍ୟମନ୍ତ୍ରୀଙ୍କ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଥିବାରୁ ଆସନ୍ତା ଜନ ଅଭିଯୋଗ ଶୁଣାଣି ହେବ ନାହିଁ। ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ସମ୍ବାଦପତ୍ର ତଥା ଅନ୍ୟ ଗଣମାଧ୍ୟମ ଜରିଆରେ ଜଣାଇଦିଆଯିବ। ଏନେଇ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

## ମୃତ୍ୟୁ ପରେ ଶବକୁ ମିଳିଲାନି ସମ୍ମାନ

# ଶବ ବ୍ୟବଚ୍ଛେଦ ପାଇଁ ୩ଟି ହସ୍ପିଟାଲ ବୁଲିଲେ ପରିବାର

ଥୁଆମୂଳରାମପୁର/ଜୟପାଟଣା,୧।୮ (ସମିସ): ମୃତ୍ୟୁ ପରେ ମଧ୍ୟ ଜଣେ ନାବାଳିକାଙ୍କ ମୃତଦେହକୁ ଉଚିତ ସମ୍ମାନ ମିଳିଲା ନାହିଁ। ଶବ ବ୍ୟବଚ୍ଛେଦ ପାଇଁ ମୃତଦେହକୁ ଗୋଟିଏ ହସ୍ପିଟାଲରୁ ଅନ୍ୟ ହସ୍ପିଟାଲକୁ ବୁଲାଇବା ଘଟଣା କଳାହାଣ୍ଡି ଜିଲ୍ଲାରେ ଚର୍ଚ୍ଚାର ବିଷୟ ପାଲଟିଛି। ଏହି ଘଟଣା କେବଳ ମୃତକଙ୍କ ପରିବାରକୁ ମାନସିକ ଭାବେ ମର୍ମାହତ କରିନାହିଁ, ବରଂ ଦୁର୍ଗମ ଆଦିବାସୀ ଅଞ୍ଚଳର ସ୍ୱାସ୍ଥ୍ୟ ବ୍ୟବସ୍ଥାର ବାସ୍ତବ ଚିତ୍ରକୁ ମଧ୍ୟ ସାମ୍ନାକୁ ଆଣିଛି।

ସୂଚନା ଅନୁଯାୟୀ, କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ଥାନା ଅଧୀନ ସିନ୍ଧିପଦର ପଞ୍ଚାୟତର ବାର୍ଷିକୋନା ଗ୍ରାମର କାଳିଆ ମାଝୀଙ୍କ ୧୬ ବର୍ଷୀୟା ଝିଅ ମାଧୁରୀ ମାଝୀ ଗୁରୁବାର ବିଳମ୍ବିତ ରାତିରେ ନିଜର ଛଅଜଣ ସାଙ୍ଗଙ୍କ ସହ ଶୋଇଥିବା ବେଳେ ଏକ ସାପ କାମୁଡ଼ି ଦେଇଥିଲା। ଶୁକ୍ରବାର ସକାଳେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ପରିବାର ଲୋକେ ତାଙ୍କୁ କଲମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ଥୁଆମୂଳ ରାମପୁର ପୁଲିସ ହସ୍ପିଟାଲରେ ପହଞ୍ଚି ଆଇନଗତ ପ୍ରକ୍ରିୟା ଆରମ୍ଭ କରିବା ସହ ଶବ ବ୍ୟବଚ୍ଛେଦ ପାଇଁ ମୃତଦେହକୁ ଥୁଆମୂଳ ରାମପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲା। କିନ୍ତୁ ସେଠାରେ ଶବ ବ୍ୟବଚ୍ଛେଦ ସମ୍ଭବ ହୋଇ ନ ଥିବାରୁ



ମୃତଦେହକୁ ପୁଣି କଲମପୁର ଓ ଶେଷରେ ଜୟପାଟଣା ହସ୍ପିଟାଲକୁ ନିଆଯାଇଥିଲା। ସେଠାରେ ପ୍ରାୟ ୩୬ ଘଣ୍ଟା ପରେ ଶବ ବ୍ୟବଚ୍ଛେଦ କରାଯାଇଥିଲା। ଏହି ସମଗ୍ର ପ୍ରକ୍ରିୟାରେ ଜଣେ ଗରିବ ଆଦିବାସୀ ପରିବାରକୁ ଦୀର୍ଘ ୩୬ ଘଣ୍ଟା ଧରି ହସ୍ପିଟାଲରୁ ହସ୍ପିଟାଲ ଘୁରିବାକୁ ପଡ଼ିଥିଲା। ଶୋକର ସମୟରେ ଏଭଳି ଦୁର୍ଭୋଗ ସହିବାକୁ ପଡ଼ିବା ସାଧାରଣ ଲୋକଙ୍କ ମନରେ କ୍ଷୋଭ ସୃଷ୍ଟି କରିଛି। ଥୁଆମୂଳ ରାମପୁର ଏକ ବଣପାହାଡ଼ ଘେରା, ଆଦିବାସୀ ଅଧ୍ୟୁଷିତ ଏବଂ ଆର୍ଥିକ ଦୃଷ୍ଟିରୁ ଅନଗ୍ରସର ବ୍ଲକ। ଏଠାରେ ଏଭଳି ଘଟଣାରେ ପ୍ରାୟତଃ ସାଧାରଣ ଲୋକଙ୍କୁ ନାହିଁ ନଥିବା ଦୁର୍ଭୋଗ ସହିବାକୁ ପଡୁଛି। ଥୁଆମୂଳ ରାମପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଶବ ବ୍ୟବଚ୍ଛେଦ ପାଇଁ ସ୍ୱତନ୍ତ୍ର ନିୟମିତ ଚତୁର୍ଥ ଶ୍ରେଣୀ କର୍ମଚାରୀ ନଥିବାରୁ ବାହାର ବ୍ୟକ୍ତିଙ୍କ ଉପରେ ନିର୍ଭର କରିବାକୁ ପଡୁଥିବା ଅଭିଯୋଗ ହେଉଛି। ଏପରି ସ୍ଥିତିରେ ଶବ ବ୍ୟବଚ୍ଛେଦ ପାଇଁ ମନଇଚ୍ଛା ପାଉଣା ଦାବି ହେଉଥିବାରୁ ଗରିବ ପରିବାର ଉପରେ ଦୁଃଖ ସହିତ ଅତିରିକ୍ତ ଆର୍ଥିକ ବୋଝ ମଧ୍ୟ ପଡୁଛି। ଜିଲ୍ଲାରେ ସ୍ୱାସ୍ଥ୍ୟ ସେବାର ବିକାଶ ନେଇ ବଡ଼ ବଡ଼ ଦାବି କରାଯାଉଥିବା ବେଳେ, ଏକ ସାଧାରଣ ଶବ ବ୍ୟବଚ୍ଛେଦ ପାଇଁ ତିନୋଟି ହସ୍ପିଟାଲ ବୁଲିବାକୁ ପଡ଼ିବା ଏବଂ ଶୋକାକୁଳ ପରିବାରକୁ ୩୬ ଘଣ୍ଟା ଅପେକ୍ଷା କରିବାକୁ ବାଧ୍ୟ ହେବା ସ୍ୱାସ୍ଥ୍ୟ ବ୍ୟବସ୍ଥାର ଦୁର୍ବଳତାକୁ ସ୍ପଷ୍ଟ କରୁଛି। ଏହି ଘଟଣାରେ ସ୍ୱାସ୍ଥ୍ୟ ବିଭାଗର ଅବହେଳା, ପ୍ରଶାସନିକ ସମନ୍ୱୟର ଅଭାବ ନା ଅନ୍ୟ କୌଣସି କାରଣ ରହିଛି, ତାହାର ନିରପେକ୍ଷ ତଦନ୍ତ କରି ଦାୟୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି। ସେହିପରି, ଭବିଷ୍ୟତରେ ଏଭଳି ସମସ୍ୟାର ପୁନରାବୃତ୍ତି ରୋକିବା ପାଇଁ ଥୁଆମୂଳ ରାମପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଶବ ବ୍ୟବଚ୍ଛେଦ ପାଇଁ ସ୍ୱତନ୍ତ୍ର ନିୟମିତ କର୍ମଚାରୀ ନିଯୁକ୍ତି କରିବାକୁ ସାଧାରଣରେ ଜୋରଦାର ଦାବି ଉଠିଛି।

**ଥୁଆମୂଳ ରାମପୁରରେ ସ୍ୱତନ୍ତ୍ର ବ୍ୟବଚ୍ଛେଦ କର୍ମଚାରୀ ନିଯୁକ୍ତି ଦାବି**

# ଯାଜପୁର ଜିଲ୍ଲାରେ ସୁଧୁରୁଛି ବନ୍ୟା ସ୍ଥିତି

ଯାଜପୁର,୧।୮ (ସମିସ):



ଯାଜପୁର ଜିଲ୍ଲାରେ ଚଳିତ ଲଗାଣ ବର୍ଷା ଓ ବୈତରଣୀ, କାଣୀ, ବ୍ରାହ୍ମଣୀ, ଖରସ୍ରୋତା ନଦୀରେ ବନ୍ୟାଜଳ ପ୍ରବାହିତ ହେବା ଯୋଗୁଁ ବିଭିନ୍ନ ବ୍ଲକର ଲୋକମାନେ ପ୍ରଭାବିତ ହେବା ସହ ଚାଷ ଜମିରେ ପାଣି ମାଡି ବ୍ୟାପକ କ୍ଷୟକ୍ଷତି ଘଟାଇଛି। ଯାଜପୁର ଜିଲ୍ଲାପାଳ ଅମ୍ବର କୁମାର କର ବନ୍ୟା ପ୍ରଭାବିତ ଅଞ୍ଚଳଗୁଡ଼ିକରେ ଉଦ୍ଧାର ଓ ରିଲିଫ୍ ବଣ୍ଟନ କାର୍ଯ୍ୟର ପ୍ରତ୍ୟେକ୍ଷ ତଦାରଖ କରୁଛନ୍ତି। ବୈତରଣୀ, ବ୍ରାହ୍ମଣୀ ଓ ଖରସ୍ରୋତା ନଦୀର ବନ୍ୟା ଜଳରେ ବହୁ ପଞ୍ଚାୟତ ଜଳବନ୍ଦୀ ରହିଥିବାରୁ, କେହି ଯେପରି ସହାୟତାରୁ ବଞ୍ଚିତ ନହୁଅନ୍ତି ସେଥିପାଇଁ ଜିଲ୍ଲାପାଳ ସମସ୍ତ ଅଧିକାରୀଙ୍କୁ ସଜାଗ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି। ବନ୍ୟା ଆଶ୍ରୟସ୍ଥଳୀରେ ଶୁଖିଲା ଖାଦ୍ୟ, ରନ୍ଧାଖାଦ୍ୟ, ବିଶୁଦ୍ଧ ପାନୀୟ ଜଳ ଏବଂ ଶିଶୁମାନଙ୍କ ପାଇଁ ସ୍ୱତନ୍ତ୍ର ଖାଦ୍ୟ ପ୍ରଦାନ କରାଯାଉଛି। ରାଜ୍ୟ ସରକାରଙ୍କ ବରିଷ୍ଠ ଅଧିକାରୀ ପି. ଅନ୍ୱେଷା ରେଡ୍ଡୀ ଆଜି ଦଶରଥପୁର ବ୍ଲକର କର୍ଯାଁଗୋଲା, କମାରଡିହ ପଞ୍ଚାୟତ ଏବଂ ବିଭିନ୍ନ ବନ୍ୟା ପ୍ରଭାବିତ ପଞ୍ଚାୟତ ପରିଦର୍ଶନ କରିବା ସହ ନୋଡାଲ ଅଫିସର, ବ୍ଲକ୍ ଉନ୍ନୟନ ଅଧିକାରୀ, ତହସିଲଦାର ଏବଂ ଅନ୍ୟ ଅଧିକାରୀଙ୍କ ସହ ସମୀକ୍ଷା କରି ପ୍ରଶାସନ ପକ୍ଷରୁ ଯୋଗାଇ ଦିଆଯାଉଥିବା ରିଲିଫ୍ ଓ ଉଦ୍ଧାର କାର୍ଯ୍ୟର ତଦାରଖ କରିଥିଲେ। ଜିଲ୍ଲାପାଳ ଆଜି ଦଶରଥପୁର ଓ ବିଞ୍ଝାରପୁର ବନ୍ୟାଞ୍ଚଳ ପରିଦର୍ଶନ କରି ରିଲିଫ ଓ ଉଦ୍ଧାର କାର୍ଯ୍ୟ ତଦାରଖ କରିଥିଲେ। ଜିଲ୍ଲା ଜରୁରୀ କାଳୀନ ବିଭାଗ ପକ୍ଷରୁ ଆଜି ଅପରାହ୍ନ ୪ ଟା ସୁଦ୍ଧା ମିଳିଥିବା ସୂଚନା ଅନୁଯାୟୀ ଯାଜପୁର ଜିଲ୍ଲାରେ ୮ଟି ବ୍ଲକ୍ ଯାଜପୁର, କୋରେଇ, ଦଶରଥପୁର, ବିଞ୍ଝାରପୁର, ବରୀ, ରସୁଲପୁର, ଧର୍ମଶାଳା ଓ ବଡ଼ଚଣା ବ୍ଲକ୍ ପ୍ରଭାବିତ ହୋଇଛି। ସମୁଦାୟ ୧୧୭ଟି ଗ୍ରାମ ପଞ୍ଚାୟତ, ୩୨୮ଟି ଗ୍ରାମ ଓ ଯାଜପୁର ମ୍ୟୁନସିପାଲିଟି ପ୍ରଭାବିତ ହୋଇଛି।

## ୨୫,୦୮୧.୩ ହେକ୍ଟର ଚାଷ ଜମି ପ୍ରଭାବିତ

୨୧୩୮୨୧ ଜଣ ଲୋକ ପ୍ରଭାବିତ ହୋଇଥିବା ବେଳେ ୭୭,୬୫୪ ଜଣଙ୍କୁ ଉଦ୍ଧାର କରାଯାଇ ୧୮୨ ଟି ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତରିତ କରାଯାଇଛି। ୧୮୨ଟି ରିଲିଫ ସେଣ୍ଟର୍‌ରେ ଲୋକମାନଙ୍କୁ ଶୁଖିଲା ଓ ରନ୍ଧା ଖାଦ୍ୟ ପ୍ରଦାନ କରାଯାଉଛି।

୧୨ ଟି ମେଡିକାଲ ଟିମ୍ ନିୟୋଜିତ ହୋଇଥିବା ବେଳେ ୧୨ଟି ଭେଟେନାରି ଟିମ୍ ନିୟୋଜିତ କରାଯାଇଛି। ତହସିଲ କାର୍ଯ୍ୟାଳୟ ପକ୍ଷରୁ ପ୍ରଭାବିତ ଲୋକଙ୍କୁ ପଲିଥିନ ବଣ୍ଟନ କରାଯାଉଛି।

# କସପା ପଞ୍ଚାୟତରେ ବିପନ୍ନଙ୍କୁ ଭେଟିଲେ ସାଂସଦ

କର୍ଯାଁଗୋଲା,୧।୮ (ସମିସ): ଦଶରଥପୁର ବ୍ଲକ ଅନ୍ତର୍ଗତ କସପା ପଞ୍ଚାୟତରେ ଆଜି ପୂର୍ବାହ୍ନ ଯାଜପୁର ସାଂସଦ ରବୀନ୍ଦ୍ର ନାରାୟଣ ବେହେରା ବନ୍ୟା ପରିସ୍ଥିତିର ସମୀକ୍ଷା କରିଥିଲେ। ଏହି ଅବସରରେ ସ୍ଥାନୀୟ ପ୍ରଶାସନ ସହ ବନ୍ୟାର ସ୍ଥିତି ଏବଂ ରିଲିଫ୍ ବ୍ୟବସ୍ଥା ନେଇ ବିସ୍ତୃତ ଆଲୋଚନା ହୋଇଥିଲା। ସମୀକ୍ଷା ବୈଠକରେ ଯାଜପୁର ଜିଲ୍ଲାପାଳ ଅମ୍ବର କର, ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାୟକ, ଦଶରଥପୁର ବ୍ଲକ ଉନ୍ନୟନ ଅଧିକାରୀ (ବିଡିଓ) ଆକାଶ ପଟ୍ଟନାୟକ, ବରିଷ୍ଠ ନେତା ଗୌତମ ରାୟଙ୍କ ସହରମେଶ ସାମଲ, ଇନ୍ଦ୍ରଜିତ ଦାସ,



ସବ୍ୟସାଚୀ ଦାସ ସମେତ ବିଭିନ୍ନ ବିଭାଗର ପ୍ରଶାସନିକ ଅଧିକାରୀମାନେ ଉପସ୍ଥିତ ଥିଲେ। ବୈଠକରେ ବନ୍ୟା ପରିସ୍ଥିତି, ରିଲିଫ୍ ଓ ଉଦ୍ଧାର କାର୍ଯ୍ୟ, ପାନୀୟ ଜଳ ଯୋଗାଣ, ସ୍ୱାସ୍ଥ୍ୟସେବା, ଖାଦ୍ୟ ବଣ୍ଟନ ଏବଂ ବନ୍ୟା ପ୍ରଭାବିତ ଲୋକଙ୍କ ନିକଟରେ ତୁରନ୍ତ ସହାୟତା ପହଞ୍ଚାଇବା ନେଇ ସବିଶେଷ ସମୀକ୍ଷା କରାଯାଇଥିଲା।

# ଖରସ୍ରୋତାରୁ ଅଜଣା ମୃତଦେହ ଉଦ୍ଧାର

ବିଞ୍ଝାରପୁର,୧।୮ (ସମିସ): ଖରସ୍ରୋତା ନଦୀର ବନ୍ୟାଜଳରେ ଭାସି ଆସିଥିବା ଜଣେ ଅଜଣା ବ୍ୟକ୍ତିଙ୍କ ମୃତଦେହ ବିଞ୍ଝାରପୁର ବ୍ଲକର ଘଣ୍ଟିଆଳିକନ୍ତିଆ ପୋଲ ନିକଟରେ ଲାଗିଥିବା ଦେଖି ସ୍ଥାନୀୟ ଲୋକେ ପ୍ରଶାସନକୁ ଖବର ଦେଇଥିଲେ। ଖବର ପାଇ ପ୍ରଶାସନ ଓ ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ସ୍ଥାନୀୟଲୋକଙ୍କ କହିବାନୁସାରେ, ମୃତ ବ୍ୟକ୍ତି ଜଣକଙ୍କ ଶବ ପ୍ରାୟତିନିରୁ ଚାରି ଦିନ ଧରି ନଦୀସ୍ରୋତରେ ଭାସି ଆସିଥିବା ସନ୍ଦେହ କରାଯାଉଛି। ବନ୍ୟା ବିପର୍ଯ୍ୟୟର ଶିକାର ହୋଇ ସେ ପ୍ରଖର ସ୍ରୋତରେ ଭାସି ଏଠାରେ ପହଞ୍ଚିଥାଇପାରନ୍ତି ବୋଲି ଆଶଙ୍କା କରାଯାଉଛି। ଏହି ଘଟଣାରେ ବିଞ୍ଝାରପୁର ଥାନା ପକ୍ଷରୁ ଏକ ମାମଲା ରୁଜୁ କରାଯାଇଥିବାବେଳେ ମୃତଦେହର ପରିଚୟ ଚିହ୍ନଟ ପାଇଁ ପୋଲିସ ପକ୍ଷରୁ ତଦନ୍ତ ଓ ଆବଶ୍ୟକ ପ୍ରକ୍ରିୟା ଜାରି ରହିଛି ବୋଲି ବିଞ୍ଝାରପୁର ଥାନା ଅଧିକାରୀ ବିଲ୍ୱମଙ୍ଗଳ ସେଠୀ ସୂଚନା ଦେଇଛନ୍ତି।

# ବନ୍ୟା ବିପନ୍ନଙ୍କୁ ଔଷଧ ବଣ୍ଟନ

କର୍ଯାଁଗୋଲା,୧।୮ (ସମିସ): ବୈତରଣୀ ଶାଖା କାଣୀ ନଦୀରେ ବନ୍ୟା ଆସିବା ପରେ ଦଶରଥପୁର ବ୍ଲକର ବିଭିନ୍ନ ପଞ୍ଚାୟତରେ ବନ୍ୟା ବିପନ୍ନଙ୍କ ସହାୟତା ପାଇଁ ଦେବଜ୍ୟୋତି ଫାଉଣ୍ଡେସନ ପକ୍ଷରୁ ମାଗଣା ଔଷଧ ବଣ୍ଟନ କରାଯାଇଛି। ଫାଉଣ୍ଡେସନ ପକ୍ଷରୁ ଅହିୟାସ, ମଲ୍ଲୀକାପୁର, କାଷ୍ଠା, ତରପଦା ଆଦି ପଞ୍ଚାୟତର ବନ୍ୟା ପ୍ରଭାବିତ ଅଞ୍ଚଳରେ ପହଞ୍ଚି ବନ୍ୟା ବିପନ୍ନଙ୍କୁ ଜ୍ୱର, ଥଣ୍ଡା, ଡାଇରିଆ, ଚର୍ମରୋଗ ଓ ଅନ୍ୟାନ୍ୟ ଆବଶ୍ୟକୀୟ ଔଷଧ ମାଗଣାରେ ବଣ୍ଟନ କରାଯାଇଥିଲା। ଏହି



ସେବା କାର୍ଯ୍ୟକ୍ରମରେ ଦେବଜ୍ୟୋତି ଫାଉଣ୍ଡେସନର ମୁଖ୍ୟ ବିପ୍ଳବ ମଙ୍ଗରାଜଙ୍କ ସମେତ ଫାଉଣ୍ଡେସନର କର୍ମକର୍ତ୍ତାମାନେ ଉପସ୍ଥିତ ରହି ବନ୍ୟା ବିପନ୍ନଙ୍କୁ ସହଯୋଗ କରିଥିଲେ।

# କୁମ୍ଭୀର ଆକ୍ରମଣ ଓ ବନ୍ୟାରେ ମୃତକଙ୍କ ପରିବାରକୁ ସହାୟତା

ଯାଜପୁର,୧।୮ (ସମିସ): କୁମ୍ଭୀର ଆକ୍ରମଣ ଓ ବନ୍ୟା ଯୋଗୁଁ ପ୍ରାଣ ହରାଇଥିବା ୨ ଜଣ ମୃତକଙ୍କ ପରିବାରଙ୍କୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଯାଜପୁର ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲା ରେଡକ୍ରସ ଫଣ୍ଡରୁ ପ୍ରତ୍ୟେକ ମୃତକଙ୍କ ପରିବାରକୁ ୧୫ ହଜାର ଟଙ୍କା ଲେଖାଏଁ ଅନୁକମ୍ପାମୂଳକ ସହାୟତା ରାଶି ହସ୍ତାନ୍ତର କରାଯାଇଛି। ଏଥିରେ କୁମ୍ଭୀର ଆକ୍ରମଣରେ ମୃତ୍ୟୁବରଣ କରିଥିବା ରିଷିପୁର ଗ୍ରାମର ହରିହର ଜେନା, ବନ୍ୟାରେ ଭାସିଯାଇ ମୃତ୍ୟୁବରଣ କରିଥିବା ସିମିଳିଆ ଗ୍ରାମର ମନୋଜ ଜେନା, ଜାଫରପୁର ଗ୍ରାମର କିଶୋର ସାହୁଙ୍କ ପରିବାରକୁ ଏହି ସହାୟତା ପ୍ରଦାନ କରାଯାଇଥିଲା। ଯାଜପୁର ଅତିରିକ୍ତ ତହସିଲଦାର ଅଜୟ କୁମାର ପଣ୍ଡା ମୃତକଙ୍କ ପରିବାର ବର୍ଗଙ୍କୁ ହସ୍ତାନ୍ତର କରିଥିଲେ।

## ବନ୍ୟା ପୀଡ଼ିତଙ୍କୁ ପାଲ ବଣ୍ଟନ

**ପାଣିକୋଇଲି:** ବୈତରଣୀ ନଦୀ ବନ୍ୟା ଫଳରେ ପାଣିକୋଇଲିସ୍ଥିତ ଏସ୍‌ପି ଅଫିସ ପଛପଟ ପାଟସାହିରେ ବନ୍ୟାଜଳ ପ୍ରବେଶ କରିଥିଲା। ଘରେ ଓ ରାସ୍ତାରେ ପାଣି ପଶିବାରୁ ପୁଲିସ ସେମାନଙ୍କୁ ଟ୍ରାକ୍ଟର ଯୋଗେ ଆଣି ସ୍କୁଲରେ ରଖି ଖାଦ୍ୟ ବଣ୍ଟନ କପରିଥିଲା। ପାଣି ଛାଡିବା ପରେ ସେମାନେ ଘରକୁ ଫେରି ଯାଇଥିଲେ। ଆଜି ରାଜସ୍ୱ ବିଭାଗ ପକ୍ଷରୁ ସେଠାରେ ସମସ୍ତ ୧୮ ଟି ପରିବାରକୁ ପାଲ ବଣ୍ଟନ କରାଯାଇଛି। ଅତିରିକ୍ତ ବ୍ୟାସନଗର ତହସିଲଦାର ପ୍ରଶାନ୍ତ କୁମାର ପୁହାଣ, ରାଜସ୍ୱ ନିରୀକ୍ଷକ ବସନ୍ତ କୁମାର ଦାସ, ସବଇନ୍ସପେକ୍ଟର ସୁମିତ କୁଜୁର, ଯୁବନେତା ସେକ ଜହର ଅଲ୍ଲୀ, ନାଏବ ସରପଂଚ ଦେବେନ୍ଦ୍ର ସ୍ୱାଇଁ, ସୂର୍ଯ୍ୟମଣି ପଣ୍ଡା, ରତିକାନ୍ତ ନାୟକ, ବ୍ରଜ ସ୍ୱାଇଁ, ଗଣେଶ ଲେଙ୍କା ପ୍ରମୁଖ ପହଞ୍ଚି ସୂଚାରରୂପେ ସେଠାରେ ରହୁଥିବା ସମସ୍ତ ପରିବାରକୁ ପାଲ ବଣ୍ଟନ କରାଯାଇଥିଲା।

## ବନ୍ୟାରେ ଆଙ୍କୁଲା ରାସ୍ତା ଧୋଇଗଲା

**ପାଣିକୋଇଲି:** ପାଣିକୋଇଲି ଆଙ୍କୁଲା ରାସ୍ତା ବନ୍ୟାରେ ଧୋଇଯାଇଛି। ଯାହା ଏବେ ପଥାଚାରୀ ଓ ଆରୋହୀଙ୍କ ପାଇଁ ବଡ ସମସ୍ୟା ଦେଖାଦେଇଛି। ପାଣିକୋଇଲିରୁ



ଆଙ୍କୁଲା ଗ୍ରାମ ଉନ୍ନୟନ ରାସ୍ତାର ନମଟିକିରି ନିକଟସ୍ଥ ପେଟ୍ରୋଲ ପମ୍ପ ନିକଟରେ ଏଭଳି ଅବସ୍ଥା ସୃଷ୍ଟି ହୋଇଛି। ନିମ୍ନ ମାନର କାର୍ଯ୍ୟ, ସାଇଟ ୱାଲର ତଳୁ ପାଣି ପଶି ଏଭଳି ଅବସ୍ଥା ସୃଷ୍ଟି ହୋଇଛି। ଖାଲ ପରେ ଜନସାଧାରଣଙ୍କ ସ୍ୱାର୍ଥ ଦୃଷ୍ଟିରୁ ଏହାକୁ କୌଣସି ବ୍ୟାରିକେଟ କରାଯାଇ ନାହିଁ। ଫଳରେ ରାତିରେ ଦୁର୍ଘଟଣାର ଆଶଙ୍କା ରହିଛି। ଆଜି ବିଭାଗୀୟ ନିରୀକ୍ଷଣ ଯନ୍ତ୍ରୀ ଅବିନାଶ ବାରିକ ଘଟଣାସ୍ଥଳ ପରିଦର୍ଶନ କରିଛନ୍ତି। ତୁରନ୍ତ ବ୍ୟାରିକେଟ କରିବା ସହ ଏହାର ମରାମତି କରିବାକୁ ସାଧାରଣରେ ଦାବି ହୋଇଛି।

## ବ୍ୟବସାୟୀ ସଂଘ ପକ୍ଷରୁ ରିଲିଫ୍ ବଣ୍ଟନ

**ଯାଜପୁର:** ଯାଜପୁର ଜିଲ୍ଲା ଦଶରଥପୁର ବ୍ଲକର କାଣୀ ନଦୀରେ ଘାଇ ଯୋଗୁ ବିଶେଷ ପ୍ରଭାବିତ ହୋଇଥିବା ଦଶରଥପୁର ବ୍ଲକର ଅହିୟାସ ଓ ରାମଚନ୍ଦ୍ରପୁର ଠାରେ ଯାଜପୁର ଲୁଗା ଓ ରେଡିମେଟ୍ ପୋଷାକ ବ୍ୟବସାୟ ସଂଘ ପକ୍ଷରୁ ରନ୍ଧା ଖାଦ୍ୟ ଓ ପାନୀୟ ଜଳ ଯୋଗାଇ ଦିଆଯାଇଛି। ଗଣ୍ଡକୂଳ ଘାଇ ଯୋଗୁ କସପା, ମଲ୍ଲିକାପୁର, ପଞ୍ଚାୟତର ଅନେକ ପରିବାର ଏବେବି ମଧ୍ୟ ପାଣି ଘେରରେ ରହିଛନ୍ତି। ବୁଧବାର ଠାରୁ ସେମାନେ ଶୁଖିଲା ଖାଦ୍ୟ ଉପରେ ନିର୍ଭର କରିଥିବା ବେଳେ ଗୁରୁବାର ଦିନ ବ୍ୟବସାୟ ସଂଘ ପକ୍ଷରୁ ଏହି ବିପନ୍ନ ଲୋକମାନଙ୍କୁ ରନ୍ଧା ଖାଦ୍ୟ ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବ୍ୟବସାୟୀ ସଂଘର କର୍ମକର୍ତ୍ତା ଅଜୟ ପାତ୍ର, ସୁରେନ୍ଦ୍ର ନାୟକ, ଧର୍ମେନ୍ଦ୍ର ରାଉତ, ଅଜିତ୍ କୁମାର ନାୟକ, ଅଜୟ ସାମଲ, ସେକ୍ ସର୍ଫରାଜ, ଅଜୟ ରାଓ, ମାନସ ପାଣିଗ୍ରାହୀ ଓ ରତିକାନ୍ତ ପାତ୍ର ପ୍ରମୁଖ ସୁ.ରୁରୂପେ ଖାଦ୍ୟ ବଣ୍ଟନ କରିଥିଲେ।

## ପିସିସି ଅନୁଧ୍ୟାନ କମିଟିର ବନ୍ୟାଞ୍ଚଳ ପରିଦର୍ଶନ

**ଯାଜପୁର:** ପ୍ରଦେଶ କଂଗ୍ରେସ କମିଟିର ନବଗଠିତ ବନ୍ୟା ଅନୁଧ୍ୟାନ କମିଟିର ଅଧ୍ୟକ୍ଷ ବିଧାନସଭାର ଉପନେତା ଅଶୋକ କୁମାର ଦାସଙ୍କ ପ୍ରତିନିଧିତ୍ୱରେ ବରିଷ୍ଠ ନେତାମାନେ ଯାଜପୁର ଜିଲ୍ଲାକୁ ଆସି ବିଭିନ୍ନ ବନ୍ୟାଞ୍ଚଳ ପରିଦର୍ଶନ କରିଛନ୍ତି। ସେମାନେ ଘାଇ ହୋଇଥିବା ଚନ୍ଦନପୁର, କମ୍ପିରିଆପାଳ, ଆରୁଆଳ, ବୁଢ଼ାଘାଟ, କସପା, ଜୟନ୍ତରା, କଣ୍ଟପଡ଼ା, ହଳଦିଡ଼ିଆ ସହିତ ବରୀ, ଦଶରଥପୁର, ବିଞ୍ଝାରପୁର ଅଞ୍ଚଳମାନଙ୍କରେ ବୁଲି ଦେଖିବା ସହ ବନ୍ୟା ଦୁର୍ଗତଙ୍କ ସହ ଆଲୋଚନା କରିଥିଲେ। ତତ୍‌ପରେ ଜିଲ୍ଲାପାଳ ଅମ୍ବର କୁମାର କରଙ୍କ ସହ ବନ୍ୟା ସ୍ଥିତି ଉପରେ ଆଲୋଚନା କରି ରିଲିଫ୍, ଗୋଖାଦ୍ୟ ପର୍ଯ୍ୟାପ୍ତ ପରିମାଣରେ ପାନୀୟ ଜଳ, ତାର୍ପିଲିନ୍, ଶୁଖିଲା ଖାଦ୍ୟ, ବିସ୍କୁଟ ପ୍ରଭୃତି ଯୋଗାଇ ଦେବା ସହ ଗୃହପାଳିତ ପଶୁମାନଙ୍କ ପାଇ ଖାଦ୍ୟ ତୁରନ୍ତ ଯୋଗାଇ ଦେବା ପାଇଁ ଅନୁରୋଧ କରିଥିଲେ। ଏଥିସହିତ ଘାଇ ହୋଇଥିବା ବନ୍ଧ ଗୁଡିକ ସୁଦୃଢ଼ୀକରଣ କରିବା ପାଇଁ ଦାବି ରଖିଥିଲେ। ଏଥିରେ ରାଜ୍ୟ ସେବା ଦଳର ଅଧ୍ୟକ୍ଷ ଶୁଭେନ୍ଦୁ ମହାନ୍ତି, ରାଜ୍ୟ କୃଷକ କଂଗ୍ରେସ ସଭାପତି ଅଭୟ କୁମାର ସାହୁ, ନରେନ୍ଦ୍ର ସିଂହ ଭଟି, ମହିଳା କଂଗ୍ରେସ ସମ୍ପାଦିକା ଜୟଶ୍ରୀ ମହାନ୍ତି, ପୂର୍ବତନ ବିଧାୟକ କୃଷ୍ଣଚନ୍ଦ୍ର ଶଗଡ଼ିଆ, ଯାଜପୁର ଜିଲ୍ଲା କଂଗ୍ରେସର ସଭାପତି ମାଗୁଣି ଯେନା, ଯାଜପୁର ବିଧାନସଭା ମଣ୍ଡଳୀର କଂଗ୍ରେସ ନେତା ସନ୍ତୋଷ କୁମାର ନନ୍ଦ, ବିଞ୍ଝାରପୁରର କଂଗ୍ରେସ ନେତ୍ରୀ କନକଲତା ମଲ୍ଲିକ, ସୁଦୀପ କର, ବ୍ଲକ କଂଗ୍ରେସ ସଭାପତି ଗଦାଧର ଦାସ, ଏକାଦଶୀ ତ୍ରିପାଠୀ, ନଗର କଂଗ୍ରେସ ସଭାପତି ନାରାୟଣ ଚନ୍ଦ୍ର ସାମନ୍ତ, ଜିଲ୍ଲା ଦଳିତ ସେଲ୍‌ର ସଭାପତି ବିଦ୍ୟାଧର ଜେନା ପ୍ରମୁଖ ଶତାଧିକ କଂଗ୍ରେସ କର୍ମୀ ବନ୍ୟାଞ୍ଚଳ ପରିଦର୍ଶନ କରିଥିଲେ।

# ବନ୍ୟା ସମୟରେ ସାଂସଦଙ୍କ କାଜୁ ଖିଆକୁ ନିନ୍ଦା

ବରୀ,୧।୮ (ସମିସ): ଯାଜପୁର ଜିଲ୍ଲାର ବରୀ ବ୍ଲକରେ ବ୍ରାହ୍ମଣୀ ନଦୀରେ ୪ଟି ଘାଇ ସୃଷ୍ଟି ହୋଇ ବ୍ୟାପକ କ୍ଷତିଗ୍ରସ୍ତ ହୋଇଛି। ଏଭଳି ସ୍ଥଳେ ଜିଲ୍ଲା ପ୍ରଶାସନ ଓ ସରକାରଙ୍କ ପକ୍ଷରୁ ଠିକଣା ଥଇଥାନ ଓ ରିଲିଫ ଯୋଗାଇ ଦିଆଯାଇପାରିନି। ଏଭଳି ସ୍ଥଳେ ବ୍ଲକ କାର୍ଯ୍ୟାଳୟରେ ବସି ଯାଜପୁର ସାଂସଦ ରବୀନ୍ଦ୍ର ବେହେରା କାଜୁ ଖାଇ ସମୀକ୍ଷା କରିବା ଘଟଣାକୁ ନେଇ ବିବାଦ ଆରମ୍ଭ ହୋଇଛି। ବରୀ ବିଧାୟକ ବିଶ୍ୱରଞ୍ଜନ ମଲ୍ଲିକ ଏହାକୁ ନିନ୍ଦା କରି ତୁରନ୍ତ ବନ୍ୟା ପ୍ରପୀଡ଼ିତଙ୍କୁ ରିଲିଫ ଯୋଗାଇ ଦେବାକୁ ଦାବି କରିଛନ୍ତି। ବ୍ରାହ୍ମଣୀ ନଦୀର ବାମ ପାଶ୍ୱର୍ କିମିରିଆପାଳ ପଞ୍ଚାୟତର ବାଙ୍କସାହି, ଅଟିରା ପଞ୍ଚାୟତର ଅରୁଆଳ ଓ ଚନ୍ଦନପୁର ଠାରେ ଘାଇ ସୃଷ୍ଟି ହୋଇ ହଜାର ହଜାର ଲୋକ ପ୍ରଭାବିତ ହୋଇଥିବା ବେଳେ ପ୍ରଶାସନ ସାଧାରଣ ସୁବିଧା ଯୋଗାଇ ଦେବା ପାଇଁ ପହଞ୍ଚି ପାରିନାହିଁ। ବରୀ ବିଧାୟକ ଏକ ସାମ୍ବାଦିକ ସମ୍ମିଳନୀରେ ପ୍ରଶାସନର ଅପାରଗତା ଓ ରାଜ୍ୟ ସରକାରଙ୍କ ବନ୍ୟା ପ୍ରପୀଡ଼ିତ ଲୋକ ମାନଙ୍କ ପାଇଁ କେତେ ଯେ ସମ୍ବେଦନଶୀଳ ତାହା ସ୍ପଷ୍ଟ ଭାବରେ ବାରି ହୋଇ ପଡୁଛି ବୋଲି କହିଥିଲେ। ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟ ମାନଙ୍କ ମଧ୍ୟରେ ବ୍ଲକ ଉପାଧ୍ୟକ୍ଷା ଅର୍ଚ୍ଚନା ମଲିକ, ବ୍ଲକ ବିଜେଡି ସଭାପତି କେଦାର ଚନ୍ଦ୍ର ସାମଲ, ଜିଲ୍ଲା ପରିଷଦ ସଭ୍ୟ ଅଶୋକ କୁମାର ସାମଲ, ସନ୍ତୋଷ କୁମାର ସାମଲ, ଦିଲ୍ଲିପ କୁମାର ମହାନ୍ତି, ପ୍ରସନ୍ନ କୁମାର ସାମଲ ପ୍ରମୁଖ ଉପସ୍ଥିତ ଥିଲେ।



# ତୁରନ୍ତ ନଦୀ ବନ୍ଧ ମରାମତି ଦାବି

ଯାଜପୁର,୧।୮ (ସମିସ): ବର୍ଷା ଦିନେ ସରକାରଙ୍କ ଆଗୁଆ ପ୍ରସ୍ତୁତିର ଅଭାବ ବନ୍ୟା ଦୁର୍ଗତଙ୍କୁ ଅଧିକ କ୍ଷତିଗ୍ରସ୍ତ କରିଛି। ସାଧାରଣତଃ ଦୁର୍ବଳ ନଦୀ ବନ୍ଧକୁ ଚିହ୍ନଟ କରିବା କ୍ଷେତ୍ରରେ ସରକାରଙ୍କ ତ୍ରୁଟି ହୋଇଛି। ଜଳସମ୍ପଦ ବିଭାଗରେ କର୍ମଚାରୀଙ୍କ ଅଭାବ ଫଳରେ ନଦୀବନ୍ଧକୁ ବିଭାଗ ଠିକ୍ ଭାବରେ ଚିହ୍ନଟ ଓ ସୁରକ୍ଷା ଦେଇପାରି ନାହିଁ। ବ୍ରାହ୍ମଣୀ, ବୈତରଣୀ ଓ କାଣୀ ନଦୀର ବନ୍ୟା ଦ୍ୱାରା ଦଶରଥପୁର, ଯାଜପୁର, ବରୀ, ରସୁଲପୁର ଆଦି ବ୍ଲକ୍‌ର ଅନେକ ଅଞ୍ଚଳରେ ବନ୍ୟା ପାଣି ମାଡ଼ି ଯାଇଛି। ଫଳରେ ବ୍ୟାପକ ଚାଷଜମି କ୍ଷତିଗ୍ରସ୍ତ ହୋଇଛି, ଲୋକଙ୍କର ଘରଦ୍ୱାର କ୍ଷତିଗ୍ରସ୍ତ ହୋଇଛି। ଅହିୟାସ ବଜାରରେ ପାଣି ପଶିବା ଫଳରେ ଦୋକାନ ବଜାରରେ ଅନେକ କ୍ଷୟକ୍ଷତି ହୋଇଛି। ସ୍ଥାନୀୟ ଜନସାଧାରଣ ଅରୁଣ ପାଣିଗ୍ରାହୀ, ବିଜୟ କେତନ ମିଶ୍ର, ଏସ୍‌କେ ଗୋଲାମ କସପା, ମଲ୍ଲିକାପୁର, ତରପଦା, ଦୁଦୁରା ଅଣ୍ଟା, ଶୁଶୁଆ ପଞ୍ଚାୟତର ସମ୍ପୂର୍ଣ୍ଣ ଚାଷଜମି କ୍ଷତିଗ୍ରସ୍ତ ହୋଇଥିବା ଦୁଃଖର ସହିତ ପ୍ରକାଶ କରିଥିଲେ। ଏହାପରେ ଲକ୍ଷ୍ମୀ ବଜାର ଓ କାଳୀବଜାରର ବ୍ୟବସାୟୀମାନେ ବିଭିନ୍ନ ପ୍ରକାରର କ୍ଷୟକ୍ଷତି ବିଷୟରେ ଜଣାଇଥିଲେ। ସିପିଆଇ(ଏମ୍)ର ୫ ଜଣିଆ ପ୍ରତିନିଧି ମଣ୍ଡଳରେ ଜିଲ୍ଲା ସମ୍ପାଦକ ନିର୍ମଳ ରଥ, ଜିଲ୍ଲା କମିଟି ସଦସ୍ୟ ଗଣେଶ ସାହୁ, ଅମୂଲ୍ୟ ସାମଲ, ମଲ୍ଲିକାପୁର ବ୍ରାଞ୍ଚ ସମ୍ପାଦକ ନିଶୀକାନ୍ତ ମହାନ୍ତି ଓ ଅନ୍ୟ ତମ ସଦସ୍ୟ ଧୀରେନ୍ଦ୍ର ପଣ୍ଡା ଉପସ୍ଥିତ ଥିଲେ। ସିପିଆଇ(ଏମ୍) ପକ୍ଷରୁ କ୍ଷତିଗ୍ରସ୍ତ ମାନଙ୍କୁ ତୁରନ୍ତ କ୍ଷତିପୂରଣ, ଘାଇ ମରାମତି ସହ ଖୁବ୍ ଶୀଘ୍ର କୃଷକମାନଙ୍କୁ ସହାୟତା ପ୍ରଦାନ ସହ କାଣି ନଦୀରେ ସୃଷ୍ଟ ଘାଇର ଉପର ମୁଣ୍ଡରେ ବନ୍ୟା ଜଳର ସ୍ଥାୟୀ ନିୟନ୍ତ୍ରଣ କରାଯିବାକୁ ଦାବି କରାଯାଇଛି।



# ସାପ କାମୁଡ଼ା ନାବାଳକକୁ ଉଦ୍ଧାର

କର୍ଯାଁଗୋଲା,୧।୮ (ସମିସ): ଆଜି ସନ୍ଧ୍ୟା ସମୟରେ ଦଶରଥପୁର ବ୍ଲକର ବଡ଼କୁଆଁଳ ଗ୍ରାମର ଜଣେ ନାବାଳକଙ୍କୁ ବନ୍ୟା ପାଣି ଘେରା ପରିସ୍ଥିତିରେ ଏକ ସାପ କାମୁଡ଼ି ଦେଇଥିଲା। ବନ୍ୟା ପାଣିରେ ରାସ୍ତା ଜଳମଗ୍ନ ଥିବାରୁ କୌଣସି ଗାଡ଼ି କିମ୍ବା ଆମ୍ବୁଲାନ୍ସ ଗ୍ରାମକୁ ପହଞ୍ଚିପାରିନଥିଲା। ଏପରି ଜରୁରୀ ପରିସ୍ଥିତିରେ ନାବାଳକଙ୍କ ପରିବାର ଜରୁରୀକାଳୀନ ସେବା (ଟୋଲ୍-ଫ୍ରି) ନମ୍ବରରେ ଯୋଗାଯୋଗ କରିଥିଲେ। ଯାଜପୁର ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ଘଟଣା ସମ୍ପର୍କରେ ମଙ୍ଗଳପୁର ଥାନାକୁ ସୂଚନା ଦିଆଯାଇଥିଲା। ଖବର ପାଇବା ପରେ ମଙ୍ଗଳପୁର ଥାନାର ଏସ୍‌ଆଇ ଜଟାଧାରୀ ଦାସ ତୁରନ୍ତ ବନ୍ୟାପୀଡ଼ିତ ଅଞ୍ଚଳକୁ ପହଞ୍ଚି ନାବାଳକଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ମଙ୍ଗଳପୁର ମେଡିକାଲକୁ ଆଣିଥିଲେ। ପୁଲିସର ଏହି ତତ୍ପରତାକୁ ସ୍ଥାନୀୟ ଅଞ୍ଚଳବାସୀ ପ୍ରଶଂସା କରିଛନ୍ତି।

# ଖରସ୍ରୋତା ମହାବିଦ୍ୟାଳୟ ପକ୍ଷରୁ ରିଲିଫ ବଣ୍ଟନ



ସିଂହପୁର,୧।୮ (ସମିସ): ବିଞ୍ଝାରପୁର ବ୍ଲକରେ ବନ୍ୟା ବିଭୀଷିକା ଲୋକଙ୍କ ମେରୁଦଣ୍ଡ ଭାଙ୍ଗି ଦେଇଛି। ଶହ ଶହ ପରିବାର ପାଣି ଘେରରେ ଜୀବନ ବିତାଉଛନ୍ତି। ଏହି ବିପନ୍ନ ପରିବାରଙ୍କୁ ଆଜି ବିଞ୍ଝାରପୁର ବ୍ଲକର ଅଗ୍ରଣୀ ଶିକ୍ଷାନୁଷ୍ଠାନ ଖରସ୍ରୋତା ମହାବିଦ୍ୟାଳୟ ପକ୍ଷରୁ ରିଲିଫ ସାମଗ୍ରୀ ଶୁଖିଲା ଖାଦ୍ୟ, ବିଶୁଦ୍ଧ ପାନୀୟ ଜଳ, ମହମବତୀ ଆଦି ଯୋଗାଇ ଦିଆଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ସୁଧାଂଶୁ କୁମାର ଦାସଙ୍କ ଆହ୍ୱାନରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ବନ୍ୟା ବିପନ୍ନଙ୍କ ପାଇଁ ସହାୟତାର ହାତ ବଢ଼ାଇଥିଲେ। ଘାଇ ସୃଷ୍ଟି ଦ୍ୱାରା ୩ଦିନ ହେବ ଜଳବନ୍ଦୀରେ ରେ ଥିବା ହଳଦୀଡିହ, ଫଳପୁର ଗ୍ରାମରେ ଶତାଧିକ ପରିବାରଙ୍କ ନିକଟରେ ପହଞ୍ଚି ଖରସ୍ରୋତା ମହାବିଦ୍ୟାଳୟ ପକ୍ଷରୁ ଅଧ୍ୟାପକ ମାନେ ରିଲିଫ ପ୍ରଦାନ କରିଥିଲେ। ଅଧ୍ୟକ୍ଷ ଡ. ଶ୍ରୀ ଦାସଙ୍କ ସମେତ ଅଧ୍ୟାପକ ପୂର୍ଣ୍ଣଚନ୍ଦ୍ର ସାମଲ, ଗଗନ ବିହାରୀ ବେହେରା, ସୁରେନ୍ଦ୍ର କୁମାର ସାମଲ, ଦୀପ୍ତି ରଞ୍ଜନ ସେନାପତି, ନୀଳମଣି ମଲ୍ଲିକ, ସତ୍ୟବ୍ରତ ସେଠୀ, ଅମ୍ବିକା ପ୍ରସାଦ ଜେନା, ଦେବବ୍ରତ ଧଳ, ସୁବାସ ସାହୁ, ମୀନକେତନ ତ୍ରିପାଠୀ, ଅଧ୍ୟାପିକା ମମତାମୟୀ ସାମଲ, ଗାୟତ୍ରୀ ଧଳ, ଅର୍ପିତା ସ୍ୱାଇଁ, ରୁପାଲୀ ମହାରଣା, ଚନ୍ଦ୍ରହାସ୍ୟ ମଲ୍ଲିକ, ମଳୟକୁମାର ଦାସ, ରାଜେଶ ପୃଷ୍ଟି, ଚିନ୍ମୟଥଟୋଇ ପ୍ରମୁଖ ଏହି ରିଲିଫ ବଣ୍ଟନରେ ସାମିଲ ହୋଇ ବିପନ୍ନ ମାନଙ୍କୁ ଭେଟି ରିଲିଫ ପ୍ରଦାନ କରିଥିଲେ।

## ବନ୍ୟାଞ୍ଚଳ ବୁଲି ସ୍ଥିତି ପରଖିଲେ ସାଂସଦ

# ସମୀକ୍ଷା ବେଳେ ହୋହଲ୍ଲା

ବିଞ୍ଝାରପୁର,୧।୮ (ସମିସ):



ଯାଜପୁର ସାଂସଦ ଡ. ରବୀନ୍ଦ୍ର ବେହେରା ଶନିବାର ବିଞ୍ଝାରପୁର ବ୍ଲକର ବନ୍ୟା ପ୍ରଭାବିତ ଅଞ୍ଚଳ ଗସ୍ତ କରି ବନ୍ୟା ପରିସ୍ଥିତିର ସମୀକ୍ଷା କରିଛନ୍ତି। ସେ ବନ୍ୟାପୀଡ଼ିତ ଲୋକଙ୍କ ସହ ଆଲୋଚନା କରି ସେମାନଙ୍କ ସମସ୍ୟା ଶୁଣିବା ସହ ପ୍ରଶାସନକୁ ତୁରନ୍ତ ଆବଶ୍ୟକ ପଦକ୍ଷେପ ନେବାକୁ ପରାମର୍ଶ ଦେଇଥିଲେ। ସାଂସଦ ନୂଆମାହାରା ଘାଇ ସ୍ଥଳ ପରିଦର୍ଶନ କରି ମରାମତି କାର୍ଯ୍ୟର ଅଗ୍ରଗତି ସମୀକ୍ଷା କରିଥିଲେ। ପରେ ସେ ହଳଦୀଡିଅ ପଞ୍ଚାୟତର ବାତ୍ୟା ଆଶ୍ରୟସ୍ଥଳକୁ ଯାଇ ଆଶ୍ରିତ ପରିବାରଙ୍କ ସହ ଆଲୋଚନା କରି ଖାଦ୍ୟ, ପାନୀୟ ଜଳ, ସ୍ୱାସ୍ଥ୍ୟସେବା ଓ ଅନ୍ୟାନ୍ୟ ସୁବିଧା ସମ୍ପର୍କରେ ପଚାରି ବୁଝିଥିଲେ।ଏହାପରେ ବିଞ୍ଝାରପୁର ବ୍ଲକ କାର୍ଯ୍ୟାଳୟରେ ଜିଲ୍ଲାପାଳ ଅମ୍ବର କରଙ୍କ ଉପସ୍ଥିତିରେ ବନ୍ୟା ପରିସ୍ଥିତି ନେଇ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ବିଡିଓ ଛବିଲତା ସାହୁ, ତହସିଲଦାର ପ୍ରମୋଦ ବାସ୍କେ, ବିଞ୍ଝାରପୁର ଥାନା ଆଇଆଇସି ବିଲମଙ୍ଗଳ ସେଠୀ, ଆଳକୁଣ୍ଡ ଥାନାର ଅଧିକାରୀଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ। ତେବେ ସମୀକ୍ଷା ବୈଠକ ଚାଲିଥିବା ବେଳେ ଉତ୍ତେଜନା ପ୍ରକାଶ ପାଇଥିଲା। ବୈଠକକୁ ସ୍ଥାନୀୟ ବିଧାୟିକା ପ୍ରମିଳା ମଲ୍ଲିକଙ୍କୁ ଆମନ୍ତ୍ରଣ କରାଯାଇନଥିବା ଅଭିଯୋଗକୁ କେନ୍ଦ୍ର କରି ଏହି ପରିସ୍ଥିତି ସୃଷ୍ଟି ହୋଇଥିଲା। ବୈଠକ ଚାଲିଥିବା ସମୟରେ ବିଧାୟିକା ଓ ତାଙ୍କ ସମର୍ଥକମାନେ ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ବନ୍ୟା ବିପନ୍ନଙ୍କୁ କାହିଁକି ଆବଶ୍ୟକ ସହାୟତା ସହ ଗୋଖାଦ୍ୟ ପ୍ରଦାନକରାଯାଇନାହିଁବୋଲି ସାଂସଦଙ୍କୁ ପ୍ରଶ୍ନ କରିଥିଲେ। ଏହାପରେ ସାଂସଦ ସେଠାରୁ ଚାଲିଯାଇଥିଲେ। ପରବର୍ତ୍ତୀ ସମୟରେ ବିଡିଓଙ୍କ କାର୍ଯ୍ୟାଳୟରେ ବିଧାୟିକା ଜିଲ୍ଲାପାଳଙ୍କୁ ବନ୍ୟା ସମ୍ପର୍କିତ ବିଭିନ୍ନ ପ୍ରସଙ୍ଗରେ ପ୍ରଶ୍ନ କରୁଥିବା ବେଳେ ସାମ୍ବାଦିକମାନେ ଘଟଣାର ଭିଡିଓ ଧାରଣ କରୁଥିଲେ। ଏହାକୁ ନେଇ ଜିଲ୍ଲାପାଳ ଅସନ୍ତୋଷ ପ୍ରକାଶ କରିଥିବାରୁ ସାମ୍ବାଦିକମାନେ ତାଙ୍କ ପ୍ରତି ଜିଲ୍ଲାପାଳଙ୍କ କଥିତ ଦୁର୍ବ୍ୟବହାରର ପ୍ରତିବାଦ କରି ଏହି ଘଟଣାକୁ ଗଣତନ୍ତ୍ରର ୪ର୍ଥ ସ୍ତମ୍ଭ ପ୍ରତି ଅସମ୍ମାନ ଦର୍ଶାଇ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ। କିଛି ସମୟ ପରେ ଜିଲ୍ଲାପାଳ ଓ ବିଧାୟିକା ଧାରଣାସ୍ଥଳକୁ ଆସି ସାମ୍ବାଦିକମାନଙ୍କ ସହ ଆଲୋଚନା ଓ ବୁଝାସୁଝା କରିବା ପରେ ଧାରଣା ପ୍ରତ୍ୟାହାର କରାଯାଇଥିଲା। ସମଗ୍ର ଘଟଣାକୁ ନେଇ କିଛି ସମୟ ପାଇଁ ବ୍ଲକ ପରିସରରେ ଉତ୍ତେଜନାମୂଳକ ପରିସ୍ଥିତି ଲାଗି ରହିଥିଲା।

● ଟ୍ରକ୍‌ରୁ ବ୍ୟାଟେରି ଚୋରି; ୩ ଗିରଫ

# ୯ ଟି ବ୍ୟାଟେରି ଓ ବାଇକ୍ ଜବତ



ଯଖପୁରା,୧।୮ (ସମିସ): କଳିଙ୍ଗନଗର ଥାନା ଅଞ୍ଚଳରେ ଛିଡ଼ା ହୋଇଥିବା ଟ୍ରକ୍‌ରୁ ବ୍ୟାଟେରି ଚୋରି କରୁଥିବା ଅଭିଯୋଗରେ ପୁଲିସ ୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନଙ୍କ ନିକଟରୁ ମୋଟ ୯ଟି ବ୍ୟାଟେରି ଓ ଗୋଟିଏ ବାଇକ୍ ଜବତ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ସାରଙ୍ଗପୁର ଗ୍ରାମର ଦୁର୍ଗା ମୁଣ୍ଡାଙ୍କ ପୁତ୍ର ଲାଲୁ ମୁଣ୍ଡା, ଆଲେଖ ପେରାଇଙ୍କ ପୁତ୍ର ସୁବଳ ପେରାଇ ଓ ଦେବା ଜେନାଙ୍କ ପୁତ୍ର ପ୍ରଫୁଲ୍ଲ ଜେନା। ମିଳିଥିବା ସୂଚନା ମୁତାବକ, ଗତକାଲି ରାତିରେ ବିଆର୍‌ପିଏଲ୍ ଛକ ନିକଟରେ ଏକ ପାର୍କିଂ ଟ୍ରକ୍‌ରୁ ବ୍ୟାଟେରି ଚୋରି କରି ବାଇକ୍ ସାହାଯ୍ୟରେ ୨ଟି ବ୍ୟାଟେରି ନେଇ ଯାଉଥିବା ବେଳେ ପୁଲିସ ଚଢ଼ଉ କରି ଏହି ୩ ଜଣଙ୍କୁ କାବୁ କରିଥିଲା। ପରେ ପୁଲିସ ସେମାନଙ୍କୁ ଥାନାକୁ ଆଣି ତୁରନ୍ତ ଜେରା କରିବା ପରେ ଅଭିଯୁକ୍ତମାନଙ୍କ ନିଶାନଦେହୀରେ ଆଉ ୭ଟି ଚୋରା ବ୍ୟାଟେରି ଉଦ୍ଧାର କରାଯାଇଥିଲା। ଏହି ଘଟଣାରେ କଳିଙ୍ଗନଗର ଥାନାରେ କେସ୍ ନଂ ୨୨୦/୨୬, ଦଫା ୩୦୩(୨)/୩(୫) ବିଏନ୍‌ଏସ୍ ଅନୁସାରେ ଏକ ମାମଲା ରୁଜୁ କରାଯାଇ ଆଜି ତିନି ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି।

## ବାର୍‌ହା ଆକ୍ରମଣରେ ୨ ଗୁରୁତର

ବରୀ,୧।୮ (ସମିସ): ଯାଜପୁର ଜିଲ୍ଲା ବରୀ ବ୍ଲକ ବନ୍ୟା ପ୍ରଭାବିତ ହେଉଥିବା ବେଳେ ଦାଉ ସାଜିଛନ୍ତି ବାର୍‌ହା। ବାରାହା ଆକ୍ରମଣରେ ଅଙ୍ଗାଳ ପଞ୍ଚାୟତର ଡିହ ବାରିଙ୍ଗି ଗ୍ରାମର ସୁରେଶ ରାଉତ (୬୪) ଗୁରୁତର ଆହତ ହୋଇଛନ୍ତି। ସୁରେଶ ଆଜି ସକାଳୁ ଗ୍ରାମରେ ବୁଲୁଥିବା ବେଳେ ତାଙ୍କୁ ବାର୍‌ହା ଆକ୍ରମଣ କରିଥିଲା। ସେହିପରି ଗ୍ରାମର ନୂତନ ରାଉତ ମଧ୍ୟ ବାର୍‌ହା ଆକ୍ରମଣର ଶିକାର ହୋଇଛନ୍ତି। ବନ୍ୟା ଜଳ ପ୍ରଭାବିତ ହେଉଥିବା ବେଳେ ବାର୍‌ହାମାନେ ଏବେ ଗାଁ ମୁହାଁ ହୋଇଛନ୍ତି। ଫଳରେ ସେମାନେ ସାମ୍ନାରେ ପାଉଥିବା ମଣିଷଙ୍କ ସହିତ ଗୋରୁଗାଈମାନଙ୍କୁ ଆକ୍ରମଣ କରୁଛନ୍ତି। ଆକ୍ରମଣର ଶିକାର ହୋଇଥିବା ନୂତନ କୁମାର ରାଉତ ଓ ସୁରେଶ ରାଉତଙ୍କୁ ପ୍ରଥମେ ବରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରି ପ୍ରାଥମିକ ଚିକିତ୍ସା ପରେ ଅଧିକ ଚିକିତ୍ସା ପାଇଁ ଯାଜପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

## ମାର୍‌ପିଟ୍ ମାମଲାରେ ୪ ଗିରଫ

ଦାନଗଦି,୧।୮ (ସମିସ): ଯଖପୁରା ଥାନା ଅନ୍ତର୍ଗତ ଦସମାଣିଆ ଗ୍ରାମର ସୁଦାମ ପାତ୍ର ଓ ବଳରାମ ପାତ୍ରଙ୍କ ସହ ମନୋହରପୁର ଗ୍ରାମର ଜିତେନ୍ଦ୍ର ବିଶ୍ୱାଳ ଓ ଚକ୍ରଧର ବିଶ୍ୱାଳଙ୍କର ଗୁରୁବାର ଗଣ୍ଡଗୋଳ ହୋଇଥିଲା। ଏଥିରେ ବଳରାମଙ୍କ ହାତ ଭାଙ୍ଗି ଯାଇଥିଲା। ଗୁରୁବାର ଜିତେନ୍ଦ୍ର ତାଙ୍କ ଝିଅଙ୍କୁ ଆଣି ଆସୁଥିବା ବେଳେ ସୁଦାମ ପାତ୍ର ଓ ବଳରାମ ପାତ୍ର ମିଶି ଜିତେନ୍ଦ୍ରଙ୍କୁ ଆକ୍ରମଣ କରିଥିଲେ। ଏ ନେଇ ଯଖପୁରା ଥାନାରେ ୧୩୬/୨୬ ଏବଂ ୧୩୫/୨୬ ଦୁଇଟି ମାମଲା ରୁଜୁ କରି ଶନିବାର ସୁଦାମ, ବଳରାମ, ଜିତେନ୍ଦ୍ର ଓ ଚକ୍ରଧରଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିବା ଥାନା ଅଧିକାରିଣୀ ପ୍ରମୋଦିନୀ ସାହୁ କହିଛନ୍ତି।

## ପୂର୍ବ ଶତ୍ରୁତାରୁ ଆକ୍ରମଣ

ଯାଜପୁର,୧।୮ (ସମିସ): ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ମହିଳାଙ୍କ ଘରେ ପଶି ଆକ୍ରମଣ ଅଭିଯୋଗ। ଯାଜପୁର ଦଶରଥପୁର ଥାନା ଅନ୍ତର୍ଗତ କଳାକାଟି ଗାଁର ରିତାରାଣୀ ଦାସଙ୍କ ଘରେ ପଶି ଏଭଳି ଆକ୍ରମଣ ହୋଇଥିବା ଅଭିଯୋଗ ହୋଇଛି। ପୂର୍ବ ଶତ୍ରୁତାରୁ ଏଭଳି ଆକ୍ରମଣ କରାଯାଇଥିବା ଅଭିଯୋଗ ହୋଇଛି। ପଡୋଶୀ ଅକ୍ଷୟ ବେହେରା, ଚକ୍ରଧର ସାହୁ, ଜୀବନ ବେହେରା ଏବଂ ଅନ୍ୟ ସହଯୋଗୀ ମାନେ ଅସଭ୍ୟ ଭାଷାରେ ଗାଳି ଗୁଲଜ କରିବା ସହିତ କବାଟକୁ ବାଡ଼େଇ ଗୋଇଠି ମାରି କବାଟ ଭାଙ୍ଗିବାକୁ ଚେଷ୍ଟା କରୁବାରୁ ରିତାରଣିଙ୍କ ସ୍ୱାମୀ ଅକ୍ଷୟ ଏଥିରେ ପ୍ରତିବାଦ କରିବାରୁ ତାଙ୍କୁ ଆକ୍ରମଣ କରାଯାଇଥିଲା। ବଂଶୀଧର ଏଥିରେ ଗୁରୁତର ହୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ତୁରନ୍ତ ଆକ୍ରମଣକାରୀ ଗିରଫ କରିବାକୁ ଦାବି କରାଯାଇଛି।

## ପାଣି ପଞ୍ଚାୟତରୁ ପମ୍ପ୍ ଚୋରି ଉଦ୍ୟମ ବିଫଳ; ୩ ଅଟକ

ବେତାଳିଗାଁ,୧।୮ (ସମିସ): ଧାମନଗର ବ୍ଲକ୍ ଧୂଷୁରୀ ଅଞ୍ଚଳରେ ପାଣି ପଞ୍ଚାୟତର ସେଚ ପମ୍ପ୍ ମୋଟର ଓ ଅନ୍ୟାନ୍ୟ ସାମଗ୍ରୀ ଚୋରି ଉଦ୍ୟମକୁ ଗ୍ରାମବାସୀ ବିଫଳ କରି ୩ ଜଣ ସନ୍ଦିଗ୍ଧଙ୍କୁ ପୁଲିସ ହାତରେ ଦେଇଛନ୍ତି। ପାଳସାହି ପଞ୍ଚାୟତ ଅଧୀନ ଶାନାଲପୁରସ୍ଥିତ ବାବା ଶନିଦେବ ପାଣି ପଞ୍ଚାୟତରେ ଚୋରି ଉଦ୍ୟମ ବେଳେ ଗ୍ରାମବାସୀ ୨ ଜଣଙ୍କୁ କାବୁ କରିଥିବାବେଳେ ଅନ୍ୟମାନେ ଫେରାର୍ ହୋଇଯାଇଥିଲେ। ଘଟଣାସ୍ଥଳରୁ ଏକ ବାଇକ୍, ମୋବାଇଲ୍ ଫୋନ୍, ପେଟ୍ରୋଲ ଭର୍ତ୍ତି ଡ୍ରମ୍ ଓ ଏକ ଶାବଳ ଜବତ ହୋଇଛି। ସେହିପରି ହସନାବାଦ ଅଞ୍ଚଳର ଲୋକନାଥପୁର ବାବା ଲୋକନାଥ ପାଣି ପଞ୍ଚାୟତରୁ ମୋଟର ଓ କେବୁଲ୍ ଚୋରି କରି ନେଉଥିବାବେଳେ ଗ୍ରାମବାସୀ ଜଣେ ସନ୍ଦିଗ୍ଧଙ୍କୁ ଧରିଥିଲେ। ଅନ୍ୟମାନେ ବାଇକ୍ ଯୋଗେ ପଳାଇ ଯାଇଥିବାର ଅଭିଯୋଗ ହୋଇଛି। ଉଭୟ ଘଟଣାରେ ଗ୍ରାମବାସୀ ଓ ସମ୍ପୃକ୍ତ କନିଷ୍ଠ ଯନ୍ତ୍ରୀମାନେ ଥାନାରେ ପୃଥକ୍ ଏତଲା ଦାଖଲ କରିଛନ୍ତି। ପୁଲିସ ୩ ଜଣ ସନ୍ଦିଗ୍ଧଙ୍କୁ ହେପାଜତକୁ ନେଇ ମାମଲାର ତଦନ୍ତ ଜାରି ରଖିଥିବାବେଳେ ଫେରାର୍ ଅଭିଯୁକ୍ତମାନଙ୍କ ସନ୍ଧାନ ଚାଲିଛି। ବାରମ୍ବାର ପାଣି ପଞ୍ଚାୟତର ସମ୍ପତ୍ତି ଚୋରି ଘଟଣାକୁ ନେଇ ଚାଷୀ ଓ ପାଣି ପଞ୍ଚାୟତ ସଦସ୍ୟମାନେ ଗଭୀର ଅସନ୍ତୋଷ ପ୍ରକାଶ କରି ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି।

## ଟ୍ରେନ୍ ଲାଇନ୍ କଡ଼ରୁ ଲୁହା ଚୋରି ଉଦ୍ୟମ; ୪ ଅଟକ

ଦୋଲସାହି,୧।୮ (ସମିସ): ତିହିଡ଼ି ଥାନା ଅଞ୍ଚଳରେ ଦିନକୁ ଦିନ ବିଭିନ୍ନ ଧରଣର ଚୋରଙ୍କ ଦୌରାତ୍ମ୍ୟ ବୃଦ୍ଧି ପାଉଥିବାରୁ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଥିଲାବେଳେ ତିହିଡ଼ି ପୁଲିସ ପକ୍ଷରୁ ଏହି ଚୋରଙ୍କ ଉପରେ ତୀକ୍ଷ୍ଣ ନଜର ରଖିଥିବା ଜଣାଯାଇଛି। ସୂଚନାଯୋଗ୍ୟ, ତିହିଡ଼ି ଥାନାର ସବ୍‌ଇନ୍‌ସପେକ୍ଟର ରୋଜେନ କୁମାର ମୁର୍ମୁ ଶୁକ୍ରବାର ବିଳମ୍ବିତ ରାତିରେ ପାଟ୍ରୋଲିଂ କରୁଥିବାବେଳେ ନନ୍ଦପୁର ବଜାର ସନ୍ନିକଟରେ ଟ୍ରେନ୍ ଲାଇନ୍ କଡ଼ରେ କିଛି ବ୍ୟକ୍ତି ଲୁହା କାଟି ଚୋରି କରିବାକୁ ଉଦ୍ୟମ କରୁଥିବାବେଳେ ୪ ଜଣଙ୍କୁ ଥାନାରେ ଅଟକ ରଖିଛନ୍ତି। ଜଣେ ଚୋର ଫେରାର୍ ହୋଇଯାଇଥିବା ଜଣାପଡ଼ିଛି। ଖବର ଲେଖାହେବା ସୁଦ୍ଧା ଲୁହା ଚୋରି ହୋଇଥିବା କମ୍ପାନୀ ପକ୍ଷରୁ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିଲାବେଳେ ତିହିଡ଼ି ପୁଲିସ ନିଜଆଡ୍ରୁ ଏକ ମାମଲା ରୁଜୁ କରିବ ବୋଲି ଜଣାପଡ଼ିଛି।

## ବନ୍ୟା ପାଇଁ କାଉଡ଼ିଆଙ୍କୁ କଟକଣା

କଯାଁଗୋଲା,୧।୮ (ସମିସ): ବୈତରଣୀ ନଦୀରେ ଭୟଙ୍କର ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଥିବାରୁ ମଙ୍ଗଳପୁର ପୁଲିସ ପ୍ରଶାସନ ପକ୍ଷରୁ କାଉଡ଼ିଆ ଭକ୍ତମାନଙ୍କୁ ସତର୍କତା



ଅବଲମ୍ବନ କରିବା ସହ ଅନାବଶ୍ୟକ ଯାତ୍ରା ନ କରିବାକୁ ଅନୁରୋଧ କରାଯାଇଛି। ବନ୍ୟା ପାଣି ରାସ୍ତା ଉପରେ ଜମି ଯାଇଥିବାରୁ କଯାଁଗୋଲା ଛକ ନିକଟରେ ଯାତାୟାତ ସମ୍ପୂର୍ଣ୍ଣ ବନ୍ଦ କରାଯାଇଛି। ଶ୍ରାବଣ ମାସରେ ପ୍ରସିଦ୍ଧ ଶୈବକ୍ଷେତ୍ର ବାବା ଅଖଣ୍ଡଳମଣିଙ୍କ ପୀଠକୁ ହଜାର ହଜାର କାଉଡ଼ିଆ ଭକ୍ତ ପାଣି ଭାର ନେଇ ଯାତ୍ରା କରୁଥିବା ବେଳେ ବର୍ତ୍ତମାନର ବନ୍ୟା ପରିସ୍ଥିତିକୁ ଦୃଷ୍ଟିରେ ରଖି ପୁଲିସ ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି। ମଙ୍ଗଳପୁର ଥାନା ଅଧିକାରୀ ଭୁବନ ମୋହନ ସେଠୀଙ୍କ ନିର୍ଦ୍ଦେଶକ୍ରମେ ଏସ୍‌ଆଇ ଅନିତା ପ୍ରଧାନ ଏବଂ ଏଏସ୍‌ଆଇ ଜଟାଧାରୀ ଦାସ କଯାଁଗୋଲା ଛକରେ ମୁତୟନ ରହି ରାସ୍ତାକୁ ସିଲ୍ କରିବା ସହ ଭକ୍ତମାନଙ୍କୁ ସୁରକ୍ଷିତ ବିକଳ୍ପ ପଥ ବ୍ୟବହାର କରିବାକୁ ପରାମର୍ଶ ଦେଇଥିଲେ।

ବେନିୟମ ଭାବେ ବିଦ୍ୟୁତ୍ ସଜାଡ଼ିବାକୁ ଯାଇ କର୍ମଚାରୀଙ୍କ ମୃତ୍ୟୁ

# କ୍ଷତିପୂରଣ ଦାବିରେ ରାସ୍ତା ଅବରୋଧ

ବାସୁଦେବପୁର,୧।୮ (ସମିସ):

ବାସୁଦେବପୁର ବ୍ଲକ୍‌ର ଲୁଙ୍ଗାଠାରେ ବିଦ୍ୟୁତ୍ ସଜାଡ଼ିବାକୁ ଯାଉଥିବା ପ୍ରମୋଦ ପଣ୍ଡାଙ୍କର ମୃତ୍ୟୁ ହୋଇଛି। ମୃତକଙ୍କ ପରିବାରକୁ କ୍ଷତିପୂରଣ ଦାବିରେ ବାସୁଦେବପୁର ମେଡିକାଲ ଛକରେ ରାସ୍ତା ଅବରୋଧ କରିଥିଲେ।

କମାରଗାଁ କନିଷ୍ଠ ଯନ୍ତ୍ରୀଙ୍କ ଅଧୀନରେ କୋଲକାତାର ଇମ୍ପେଲ୍‌କୋ ଇଲେକ୍ଟ୍ରି କମ୍ପାନୀରେ ଆଉଟ୍‌ସୋର୍ସିଂରେ ପ୍ରମୋଦ କୁମାର ପଣ୍ଡା ଲାଇନ୍ସ ମ୍ୟାନ୍ ଭାବେ କାମ କରୁଥିଲେ। ଶନିବାର ଫାଷ୍ଟ ସିଫ୍ଟରେ କାମ କରୁଥିଲେ। ଦିନ ୨ଟା ବେଳେ ଡ୍ୟୁଟି ଶେଷ ହୋଇଥିଲା। ପ୍ରାୟ ସାଢ଼େ ୩ଟା ବେଳେ ଲୁଙ୍ଗା ବିଦ୍ୟୁତ୍ ସଜାଡ଼ିବାକୁ ଯାଇ ହାତ ମାରିବା





କ୍ଷଣି ବିଦ୍ୟୁତ୍ ଆଘାତରେ ପ୍ରାଣ ହରାଇଥିଲେ। ପ୍ରମୋଦ ଡ୍ୟୁଟି ସମୟ ପରେ କାହିଁକି ବିଦ୍ୟୁତ୍ ସଜାଡ଼ିବାକୁ ଯାଇଥିଲେ, କିଏ ଅଭିଯୋଗ କରିଥିଲେ, ଅଫିସିଆଲ ଅଭିଯୋଗ ଖାତାରେ ଅଭିଯୋଗ ପଞ୍ଜୀକରଣ ହୋଇଛି କି, ସଟ୍‌ଡାଉନ୍ ନେଇ ଥିଲେ କି, ଏହି ସମୟରେ କାହିଁକି ସେଫ୍ଟି ସାମଗ୍ରୀ ବ୍ୟବହାର କଲେନାହିଁ, ବିଦ୍ୟୁତ ସଜାଡ଼ିବାକୁ ଅଧିକାରୀଙ୍କଠାରୁ ଅନୁମତି ନେଇଥିଲେ କି, ତାଙ୍କ ସହିତ ଆଉ କେଉଁ କର୍ମଚାରୀ ଥିଲେ, ବେଆଇନ ଭାବେ କାହାର ପ୍ରଲୋଭନରେ କାମ କରିବାକୁ ଯାଇଥିଲେ କି ଏଭଳି ବହୁ ଅସମାହିତ ପ୍ରଶ୍ନ ତଦନ୍ତ ପରିସରକୁ ଆସୁଛି। ଆଇନଗତ ଭାବେ ସମସ୍ତ ବିଷୟକୁ ପଛରେ ପକାଇ ଉତ୍ତ୍ୟକ୍ତ ଲୋକମାନେ ମେଡିକାଲ ଛକରେ ଶବ ରଖି କ୍ଷତିପୂରଣ ଦାବି କରିଥିଲେ। ବାସୁଦେବପୁର ତହସିଲଦାର ପ୍ରିୟବ୍ରତ ଦାସ, ଭଦ୍ରକ ସଦର ଏସ୍‌ଡିପିଓ ବିଚିତ୍ରାନନ୍ଦ ସେଠୀ, ବାସୁଦେବପୁର ଥାନା ଇନ୍‌ସପେକ୍ଟର ନିରୋଜ ସାମଲ ଘଟଣାସ୍ଥଳରେ ପହଞ୍ଚି ବୁଝାସୁଝା କରିଥିଲେ। ଆଉଟ୍‌ସୋର୍ସିଂର ମ୍ୟାନେଜର ବିଭୂଦତ ମାଝୀ ପହଞ୍ଚିବା ପରେ କ୍ଷତିପୂରଣ ନେଇ ଥାନାରେ ବସି ଆଲୋଚନା କରିଥିଲେ।

ବରଫ କାରଖାନାରୁ ଚୋରି ଅଭିଯୋଗ /

## ଚୋରି ସାମଗ୍ରୀ, କାର୍ ଓ ମୋବାଇଲ୍ ଜବତ

ତିହିଡ଼ି,୧।୮ (ସମିସ): ତିହିଡ଼ି ଥାନା ଅଧୀନ ସୟା ପଞ୍ଚାୟତ କାର୍ଯ୍ୟାଳୟ ନିକଟସ୍ଥ ଏକ ବରଫ କାରଖାନାରୁ ଗୁରୁବାର ରାତିରେ ବିଭିନ୍ନ ସାମଗ୍ରୀ ଚୋରି ହୋଇଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ଶୁକ୍ରବାର ବରଫ କାରଖାନା ମାଲିକ ତଳବନ୍ଧ ଗାଁର ନରେଶ ବେହେରା ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ପୁଲିସ ଚୋରିରେ ବ୍ୟବହୃତ କାର୍, ମୋବାଇଲ୍ ଏବଂ ଚୋରି ହୋଇଥିବା ସାମଗ୍ରୀ ଜବତ କରିଥିବା ଜଣାଯାଇଛି।

ନରେଶ ଅଭିଯୋଗରେ ଦର୍ଶାଇଛନ୍ତି ଯେ, ସୟା ପଞ୍ଚାୟତ କାର୍ଯ୍ୟାଳୟ ଛକରେ ସେ ଏକ ବରଫ କାରଖାନା କରି ବିଗତ ୫ବର୍ଷ ହେଲା ସେଠାରେ ସପରିବାର ରହୁଛନ୍ତି। କାରଖାନା ବାହାରେ ୫ ଲକ୍ଷ ଟଙ୍କାର ବିଦ୍ୟୁତ ଚାଳିତ ମୋଟର, ତମ୍ବା ତାର, ଗ୍ୟାସ୍ ଇତ୍ୟାଦି ରହିଥିଲା। ଗତ ଗୁରୁବାର ରାତି ପ୍ରାୟ ସାଢ଼େ ୧ଟା ବେଳେ ନରେଶ ଓ ତାଙ୍କ ପରିବାର ଶୋଇବା ପରେ ୪/୫ ଜଣ ଦୁର୍ବୃତ୍ତ ସେମାନେ



ଶୋଇଥିବା ଘରର ସାମ୍ନା ଓ ପଛ ପାର୍ଶ୍ୱ ବନ୍ଦ କରି ଗ୍ୟାସ୍ କଟରରେ କାଟି ସାମଗ୍ରୀ ସବୁକୁ ନେଉଥିଲେ। କାଟିବା ଶବ୍ଦରେ ନରେଶଙ୍କ ନିଦ ଭାଙ୍ଗିଯିବାରୁ ସେ ଘର ବାହାରକୁ ଯିବାକୁ ଉଦ୍ୟମ କରି ବିଫଳ ହୋଇଥିଲେ। ପରେ ସେ ଝରକା ଖୋଲି ଘର ବାହାରେ ଏକ କାର୍ ଥିବା ଏବଂ କେତେକ ଦୁର୍ବୃତ୍ତ ମାରଣାସ୍ତ୍ର ଧରି ସାମଗ୍ରୀ ସବୁକୁ କାର୍‌ରେ ରଖୁଥିବା ଦେଖିବାକୁ ପାଇଥିଲେ। ପରେ ସେ ଏ ସମ୍ପର୍କରେ ପୁଲିସକୁ ଖବର ଦେବା ସହ ପଡ଼ୋଶୀଙ୍କୁ ଫୋନ୍ ଦ୍ୱାରା ଡାକିଥିଲେ। ପଡ଼ୋଶୀ ଆସି ତାଙ୍କ ଘର ଖୋଲିଥିଲେ। ମାତ୍ର ଦୁର୍ବୃତ୍ତମାନେ କାର୍ ନେଇ ଦ୍ରୁତ ଗତିରେ ସେଠାରୁ ଚାଲି ଯାଇଥିଲେ। ନରେଶ କିଛି ଲୋକଙ୍କ ସହ ବାଇକ୍ ଯୋଗେ କାର୍‌କୁ ପିଛା କରିଥିଲେ। ଦୁର୍ବୃତ୍ତଙ୍କ କାର୍ ଉତ୍ତରବାହା ଗ୍ରାମ ନିକଟରେ ଏକ ଚଉଁରାକୁ ଧକ୍କା ଦେବାରୁ ସେଠାରେ ରହି ଯାଇଥିଲା। ଦୁର୍ବୃତ୍ତମାନେ ସେଠାରୁ ଖସି ପଳାଇଥିଲେ। ପରେ ପୁଲିସ ସେଠାରେ ପହଞ୍ଚି କାର୍ ସହିତ ଚୋରି ସାମଗ୍ରୀ ଓ ମୋବାଇଲ୍ ଜବତ କରିଥିବା ଜଣାଯାଇଛି।

## ଆଦିବାସୀ ସାଂସ୍କୃତିକ କର୍ମଶାଳା ଉଦ୍‌ଯାପିତ



ଦାନଗଦି,୧।୮ (ସମିସ): ଟାଟା ଷ୍ଟିଲ ଫାଉଣ୍ଡେସନ ପକ୍ଷରୁ, ଜାମସେଦପୁରର "ଆଦିବାସୀ ରୋମୋଜ ଅଖଡ଼ା'ର ସହଯୋଗରେ, ନଡ଼ିଆଭଙ୍ଗା ଗ୍ରାମପଞ୍ଚାୟତ ଅନ୍ତର୍ଗତ ସାରଙ୍ଗପୁର ଗ୍ରାମରେ ଆୟୋଜିତ ପାଞ୍ଚଦିନିଆ "ଆଦିବାସୀ ପାରମ୍ପରିକ ନୃତ୍ୟ ଓ ବାଦ୍ୟଯନ୍ତ୍ର ପ୍ରଶିକ୍ଷଣ କର୍ମଶାଳା' ଉଦ୍‌ଯାପିତ ହୋଇଯାଇଛି। ଜୁଲାଇ ୨୭ ରୁ ୩୧ ପର୍ଯ୍ୟନ୍ତ ଆୟୋଜିତ ଏହି ସାଂସ୍କୃତିକ ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ ଥିଲା ସ୍ଥାନୀୟ ଜନଜାତି କଳା ସଂସ୍କୃତିର ପ୍ରଚାର, ପ୍ରସାର, ସଂରକ୍ଷଣ ଓ ଏହାର ପୁନରୁଦ୍ଧାର। ଏହି ସାଂସ୍କୃତିକ କାର୍ଯ୍ୟକ୍ରମରେ ଗ୍ରାମର ଯୁବକ, ଯୁବତୀ, ଛାତ୍ରଛାତ୍ରୀ ଓ ଗ୍ରାମବାସୀଙ୍କୁ ମିଶାଇ ମୋଟ ୬୧ ଜଣ ପ୍ରତିଯୋଗୀ ଉତ୍ସାହର ସହ ଅଂଶଗ୍ରହଣ କରିଥିଲେ। ନିଜର ମୂଳ ସଂସ୍କୃତି ସହ ଯୋଡ଼ିହେବାର ସୁଯୋଗ ପାଇଥିଲେ। ଏହି ପାଞ୍ଚ ଦିନ ଧରି ଅଂଶଗ୍ରହଣକାରୀମାନଙ୍କୁ ପାରମ୍ପରିକ ଆଦିବାସୀ ନୃତ୍ୟଶୈଳୀ ଏବଂ ବିଲୁପ୍ତପ୍ରାୟ ଦେଶୀୟ ବାଦ୍ୟଯନ୍ତ୍ର ବଜାଇବାର ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ନୂତନ ପିଢ଼ିକୁ ଏହି ପ୍ରାଚୀନ କଳା ଓ କୌଶଳ ସିଧାସଳଖ ହସ୍ତାନ୍ତର କରିବା ଦ୍ୱାରା, ଏହି କର୍ମଶାଳା ଯୁବପିଢ଼ିମାନଙ୍କ ମଧ୍ୟରେ ସାଂସ୍କୃତିକ ସ୍ୱାଭିମାନ ଜାଗ୍ରତ କରିବା ସହ ଆଗାମୀ ଭବିଷ୍ୟତ ପାଇଁ ସମୃଦ୍ଧ ଜନଜାତି ଐତିହ୍ୟକୁ ସୁରକ୍ଷିତ ରଖିବାରେ ଏକ ପ୍ରଶଂସନୀୟ ପଦକ୍ଷେପ ଭାବେ ସାବ୍ୟସ୍ତ ହୋଇଛି।

## କୁମ୍ଭୀର ଓ ସାପ କାମୁଡ଼ା ସଚେତନତା

ତିହିଡ଼ି,୧।୮ (ସମିସ): ବାରସର ଓ ଗୋବିନ୍ଦପୁର ପଞ୍ଚାୟତର ଲୋକ ପାଣିଘେରରେ ରହିଛନ୍ତି। ବନ୍ୟାଞ୍ଚଳରେ କୁମ୍ଭୀର ଆତଙ୍କ ଦେଖାଦେଇଥିବା ବେଳେ ସାପ କାମୁଡ଼ିବା ନେଇ ଭୟ ସୃଷ୍ଟି ହୋଇଛି। ଏଥିରୁ ସୁରକ୍ଷିତ ରହିବାକୁ ବିଡିଓ ନିରଞ୍ଜନ ବାରିକ ସଚେତନତା ବାର୍ତ୍ତା ଦେବା ସହ ନିହାତି ଜରୁରୀ ନ ଥିଲେ ଘରୁ ବନ୍ୟା ପାଣିକୁ ନ ବାହାରିବାକୁ ପରାମର୍ଶ ଦେଇଛନ୍ତି। ବ୍ଲକ୍ ପ୍ରଶାସନ ପକ୍ଷରୁ ନଳକୂଅ ସବୁ ବିଶୋଧନ କରାଯାଉଛି। ଏଥିରେ ସହଯୋଗ କରିବାକୁ ସେ କହିଛନ୍ତି। ବନ୍ୟାଞ୍ଚଳରେ ଡାକବାଜି ଯନ୍ତ୍ର ସହାୟତାରେ ମଧ୍ୟ ଲୋକମାନଙ୍କୁ ସଚେତନ କରାଯାଇଥିବା ଜଣାଯାଇଛି।

## ମଙ୍ଗଳପୁର ମେଡିକାଲ ପରିଦର୍ଶନ କଲେ ଜିଲ୍ଲାପାଳ



କଯାଁଗୋଲା,୧।୮ (ସମିସ): ଆଜି ଅପରାହ୍ନରେ ଯାଜପୁର ଜିଲ୍ଲାପାଳ ଅମ୍ବର କୁମାର କର ମଙ୍ଗଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରି ବନ୍ୟା ପରିସ୍ଥିତିକୁ ନେଇ ସ୍ୱାସ୍ଥ୍ୟ ସେବାର ସମୀକ୍ଷା କରିଥିଲେ। ବନ୍ୟା ପ୍ରଭାବିତ ଅଞ୍ଚଳର ଲୋକମାନଙ୍କୁ ଆବଶ୍ୟକ ଔଷଧ ଓ ସ୍ୱାସ୍ଥ୍ୟସେବା ଠିକ୍ ଭାବେ ମିଳୁଛି କି ନାହିଁ, ଡାଇରିଆ ରୋଗୀଙ୍କ ସଂଖ୍ୟା କେତେ ରହିଛି ଏବଂ ଦୈନିକ ଚିକିତ୍ସା ବ୍ୟବସ୍ଥା କିପରି ଚାଲିଛି, ସେନେଇ ସେ ଡାକ୍ତର ଓ ସ୍ୱାସ୍ଥ୍ୟ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ। ଏହି ଅବସରରେ ମଙ୍ଗଳପୁର ମେଡିକାଲର କାର୍ଯ୍ୟରତ ମେଡିକାଲ ଅଫିସର ଅମିତ୍ରା ପ୍ରୀତମ ମଲ୍ଲ, ମିହିର ରଞ୍ଜନ ନାୟକଙ୍କ ସହ ସମସ୍ତ ମେଡିକାଲ କର୍ମଚାରୀ ଉପସ୍ଥିତ ଥିଲେ।

■ +୩ ଟପ୍ପର ଛାତ୍ରଛାତ୍ରୀ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ

## 'ସଚ୍ଚିଦାନନ୍ଦ ମହାନ୍ତି ଥିଲେ ଏନ୍‌ସାଇକ୍ଲୋପେଡିଆ'



ଭଦ୍ରକ,୧।୮ (ସମିସ): ସ୍ଥାନୀୟ ସଂସ୍କୃତି ଭବନଠାରେ ବରିଷ୍ଠ ଆଇନଜୀବୀ ତଥା ସମାଜବାଦୀ ନେତା ସ୍ୱର୍ଗତ ସଚ୍ଚିଦାନନ୍ଦ ମହାନ୍ତିଙ୍କ ୯ମ ପୁଣ୍ୟତିଥି ଅବସରରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ରୋଟାରିଆନ୍ ଅଭିଜିତ୍ ନାୟକଙ୍କ ସଞ୍ଚାଳନାରେ ଅନୁଷ୍ଠିତ 'ସାମ୍ପ୍ରତିକ ଆହ୍ୱାନ ଓ ଯୁବ ସମାଜ' ଶୀର୍ଷକ ଆଲୋଚନାଚକ୍ରରେ ଉଦ୍‌ଘାଟକ ଓ ମୁଖ୍ୟ ଅତିଥି ଭାବେ ଜିଲ୍ଲାପାଳ ଡ. ଦିଲ୍ଲୀପ ରାଉତରାଏ ଯୋଗଦେଇ ଭଦ୍ରକ ସ୍ୱୟଂଶାସିତ କଲେଜ ସ୍ନାତକ ଶ୍ରେଣୀର ୨୮ ବିଭାଗର ଟପ୍ପର ଛାତ୍ରଛାତ୍ରୀ ଓ +୨ର ୩ ଜଣ ମେଧାବୀ ଛାତ୍ରଛାତ୍ରୀଙ୍କୁ ସମ୍ମାନିତ କରିଥିଲେ। ସାମ୍ପ୍ରତିକ ପରିସ୍ଥିତିରେ ଏହି ପିଢ଼ିର ବିଦ୍ୟାର୍ଥୀମାନେ ପୂଜ୍ୟପୂଜାଙ୍କ ତ୍ୟାଗ ଓ ବଳିଦାନକୁ ଅନୁସରଣ କରି ନିଜ ଅଞ୍ଚଳ, ରାଜ୍ୟ ଓ ଦେଶର ପରିବର୍ତ୍ତନ ଆଣିବାକୁ ଆହ୍ୱାନ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଶିକ୍ଷାବିତ୍ ଡ. ବ୍ରଜମୋହନ ମିଶ୍ର ଯୋଗଦେଇ ସାମ୍ପ୍ରତିକ ସମାଜରେ ଡିଜିଟାଲ ପଦ୍ଧତିର ଉପଯୋଗ କରି ଛାତ୍ରଛାତ୍ରୀମାନେ ସକାରାତ୍ମକ ଚିନ୍ତାଧାରା ଆପଣେଇବାକୁ ପରାମର୍ଶ ଦେବା ସଙ୍ଗେ ସଙ୍ଗେ ସଚ୍ଚି ଭାଇଙ୍କ ଭଦ୍ରକର ଅସ୍ମିତା ପାଇଁ ଲଢ଼େଇ ଆଜିର ଯୁବ ସମାଜ ପାଇଁ ଏକ ଆହ୍ୱାନ ବୋଲି କହିଥିଲେ। ଭଦ୍ରକ ସ୍ୱୟଂଶାସିତ କଲେଜ ଅଧ୍ୟକ୍ଷ ଡ. ଲଳିତ ରଞ୍ଜନ ସାହୁ ସମ୍ମାନିତ ଅତିଥିଭାବେ ଯୋଗଦେଇ ଦିବଂଗତ ମହାନ୍ତିଙ୍କ ପରିବାର ଓ ତାଙ୍କର ତ୍ୟାଗ ମନୋଭାବ ଛାତ୍ରଛାତ୍ରୀଙ୍କ ପାଇଁ ପ୍ରେରଣା ହୋଇ ରହିବ ବୋଲି କହିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ଭଦ୍ରକ ଓକିଲ ସଂଘ ସଭାପତି ଆଇନଜୀବୀ ଅରୁଣ ଚାନ୍ଦ ସ୍ୱର୍ଗତ ସଚ୍ଚିଦାନନ୍ଦ ମହାନ୍ତି ଜଣେ ଲିଭିଂ ଏନ୍‌ସାଇକ୍ଲୋପେଡିଆ ଥିଲେ ବୋଲି ମତବ୍ୟକ୍ତ କରିଥିଲେ। ଓକିଲ ସଂଘ ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ମହାନ୍ତି ବିଗତ ଦିନରେ ଆଇନ ସେବାରେ କିଭଳି ସମାଜର ନିଷ୍ପେସିତ ବର୍ଗର ଲୋକଙ୍କ ପାଇଁ ବିନା ମୂଲ୍ୟରେ ସ୍ୱର୍ଗତ ମହାନ୍ତି ସେବା ଯୋଗାଉଥିଲେ, ସେ ବିଷୟରେ ଆଲୋକପାତ କରିଥିଲେ। ସଚ୍ଚିଦାନନ୍ଦ ସ୍ମୃତି କମିଟି ଆବାହକ ଜ୍ୟୋତିପ୍ରକାଶ ମହାନ୍ତି ସମସ୍ତ ଅତିଥିଙ୍କୁ ସମ୍ବର୍ଦ୍ଧିତ କରିବା ସହ ଜିଲ୍ଲାପାଳ ଡ. ରାଉତରାଏଙ୍କୁ ବିଦାୟ ସମ୍ବର୍ଦ୍ଧନା ଜଣାଇଥିଲେ। କମିଟି ସଭାପତି ଆଇନଜୀବୀ ବିଷ୍ଣୁମୋହନ ମହାପାତ୍ର, ସମ୍ପାଦକ ଲଲାଟେନ୍ଦୁ ମହାନ୍ତି ସ୍ୱର୍ଗତ ମହାନ୍ତିଙ୍କ ସ୍ମୃତିଚାରଣ କରିବା ସଙ୍ଗେ ସଙ୍ଗେ ଏହି କାର୍ଯ୍ୟକ୍ରମ ପାଇଁ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ। ଉକ୍ତ ସଭାରେ ବୁଦ୍ଧିଜୀବୀ ଇଂ. ଅଖିଳମୋହନ ପାଢ଼ୀ, ଆଇନଜୀବୀ ପବନ ଶର୍ମା, ଜତିକାନ୍ତ ନାୟକ, ମନୋରଞ୍ଜନ ମିଶ୍ର, ଅଶୋକ ନାୟକ, ଡ. ରାଧାରାଣୀ ମହାପାତ୍ର, ଗାନ୍ଧୀ ଓଡ଼ିଶା ବାଳାଶ୍ରମ ସଭାପତି ଝରଣା ପଟ୍ଟନାୟକ, ସମ୍ପାଦକ ଅଶୋକ ଦାସ, ବରିଷ୍ଠ ନାଗରିକ ସଂଘ ପକ୍ଷରୁ କୈଳାସ ମହାପାତ୍ର, ଅମର ପାଣିଗ୍ରାହୀ, ଲକ୍ଷ୍ମୀକାନ୍ତ ବାରିକ, ପ୍ରାକ୍ତନ କାଉନ୍‌ସିଲର ବସୁମିତ୍ରା ସାହୁ, ସାମ୍ବାଦିକ ସୁବ୍ରତ ପାଲ୍, ପ୍ରଫେସର ଲକ୍ଷ୍ମୀକାନ୍ତ ନାୟକ, ଅଜିତ୍ ଦାସ ପ୍ରମୁଖ ଯୋଗଦେଇଥିଲେ।

## ନିଟ୍ କୃତୀ ଛାତ୍ରୀ ଅନ୍ୱେଷାଙ୍କୁ ସମ୍ବର୍ଦ୍ଧନା

ଯାଜପୁର,୧।୮ (ସମିସ): ଯାଜପୁର ବ୍ଲକ ଅନ୍ତର୍ଗତ ପଣସା ଗ୍ରାମପଞ୍ଚାୟତର ବିନ୍ଧାଣ ଗ୍ରାମର ଅନ୍ୱେଷା ପାଣି ନିଟ୍ ପରୀକ୍ଷାରେ ୬୨୦ ନମ୍ବର ରଖି କୃତକାର୍ଯ୍ୟ ହୋଇଥିବାରୁ ବିଭିନ୍ନ ନେତୃବୃନ୍ଦ, ଶିକ୍ଷାବିତ୍ ଓ ବୁଦ୍ଧିଜୀବୀ ଅଭିନନ୍ଦନ ଜଣାଇଛନ୍ତି। ସେ ସର୍ବଭାରତୀୟସ୍ତରରେ ୫୯୮୯ ର୍ୟାଙ୍କ ରହିବା ସହ କାଟାଗୋରୀ ର୍ୟାଙ୍କ ୨୫୭୦ରେ ଅଛନ୍ତି। ତାଙ୍କର ପିତା ଅଜିତ୍ କୁମାର ପାଣି, ମାତା ସନ୍ଧ୍ୟାରାଣୀ ପାଣି। ପ୍ରକାଶ ଥାଉକି ସେ ଆବଶ୍ୟକୀୟ ଅର୍ଥ ଅଭାବରୁ କୌଣସି କୋଚିଂର ସୁବିଧା ପାଇପାରିନଥିଲେ। ନିଜସ୍ୱ ପରିଶ୍ରମ ବଳରେ ଆଜି ପଣସା ପଞ୍ଚାୟତରେ ନିଜେ ସେ ଉତ୍ତୀର୍ଣ୍ଣ ହେବା ସହ ବିନ୍ଧାଣ ଗ୍ରାମକୁ ଗୌରବ ଆଣିଦେଇଛନ୍ତି। ତାଙ୍କର ସଫଳତା ପାଇଁ ସମାଜସେବୀ ସନ୍ତୋଷ କୁମାର ନନ୍ଦ, ହିମାଂଶୁଭୂଷଣ ନନ୍ଦ ତାଙ୍କ ପରିବାରକୁ ଯାଇ ଅଭିନନ୍ଦନ ଜଣାଇଛନ୍ତି।

## ବ୍ୟବସାୟୀଙ୍କ ବିୟୋଗରେ ଧର୍ମଶାଳା ବଜାର ବନ୍ଦ

ଧର୍ମଶାଳା,୧।୮ (ସମିସ): ଧର୍ମଶାଳା ବଜାରର ଜଣେ ଦୋକାନୀ ଭାଇଙ୍କ ଅକାଳ ବିୟୋଗରେ ଆଜି ବଜାରର ସମସ୍ତ ଦୋକାନ ବଜର ବନ୍ଦ ରହିଥିଲା। ଧର୍ମଶାଳା ଥାନା ଚହଟା ଗ୍ରାମର ଯୁବ ବ୍ୟବସାୟୀ ପ୍ରକାଶ କୁମାର ରାଉତ(୪୦)ଙ୍କ ଗତକାଲି ପରଲୋକ ଘଟିଥିଲା। ସେ ଧର୍ମଶାଳା ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଏକ ଜେରକ୍ସ ଦୋକାନ କରି ନିଜର ପରିବାର ପ୍ରତିପୋଷଣ କରୁଥିଲେ ଏବଂ ସେ କିଛି ମାସ ହେଲା ରୋଗରେ ପଡି ଚିକିତ୍ସିତ ହେଉଥିଲେ। ହେଲେ ଶୁକ୍ରବାର ତାଙ୍କ ଅବସ୍ଥା ବିଗିଡିଯାଇଥିଲା। ପରିବାର ଲୋକେ ତାଙ୍କୁ ଧର୍ମଶାଳା ଡାକ୍ତରଖାନା ଆଣିଥିବା ବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସ୍ୱର୍ଗତ ପ୍ରକାଶଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇ ବଜର କମିଟିର ନିଷ୍ପତ୍ତିକ୍ରମେ ଆଜି ଧର୍ମଶାଳା ବଜାରର ସମସ୍ତ ଦୋକାନ ବନ୍ଦ ରହିଥିଲା। ସେହିପରି ଗତ କିଛିଦିନ ତଳେ ବଜାରରେ ଦୋକାନ କରିଥିବା ବଡମଙ୍ଗଳପୁର ଗ୍ରାମର ମୁରଲି ସାହୁ(୭୮) ଓ ଶରତ ବାରିକ (୬୬)ଙ୍କ ଅଚାନକ ମୃତ୍ୟୁ ହେବାରୁ ତାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜଣାଇ ବଜାର କମିଟିର ନିଷ୍ପତ୍ତିକ୍ରମେ ଧର୍ମଶାଳା ବଜାରର ସମସ୍ତ ଦୋକାନ ବନ୍ଦ ରହିଥିଲା ବୋଲି ବଜାର କମିଟିର ସଭାପତି ଅମୀୟ କୁମାର ମହାନ୍ତି ଜଣାଇଛନ୍ତି।

# ବନ୍ୟା ନିୟନ୍ତ୍ରଣରେ ଭଦ୍ରକକୁ ଅବହେଳା: କଂଗ୍ରେସ

ଭଦ୍ରକ,୧।୮ (ସମିସ):

ଯାଜପୁର ପାର୍ଶ୍ୱର ନଦୀବନ୍ଧକୁ ସୁଉଚ୍ଚ ସୁଦୃଢ଼ୀକରଣ କରାଯାଇଥିବା ବେଳେ ଭଦ୍ରକ ପାର୍ଶ୍ୱରେ କାହିଁକି ହୋଇପାରୁନି ବୋଲି ପ୍ରଶ୍ନ କରିଛନ୍ତି କଂଗ୍ରେସ ନେତା ନବ୍‌ଜ୍ୟୋତ ପଟ୍ଟନାୟକ। ଶୁକ୍ରବାର ଭଦ୍ରକରେ ଜିଲ୍ଲା କଂଗ୍ରେସ ପକ୍ଷରୁ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ପଟ୍ଟନାୟକ ସରକାରଙ୍କୁ ଏହି ପ୍ରଶ୍ନ ପଚାରିଛନ୍ତି। ଶ୍ରୀ ପଟ୍ଟନାୟକ କହିଥିଲେ ଯେ, ବୈତରଣୀର ଡାହାଣ ପାର୍ଶ୍ୱ ଭଳି ଯଦି ବାମ ପାର୍ଶ୍ୱ(ଭଦ୍ରକ ଜିଲ୍ଲା ପାର୍ଶ୍ୱ)ର ନଦୀବନ୍ଧକୁ ସୁଉଚ୍ଚ ଓ ସୁଦୃଢ଼ୀକରଣ କରାଯାଇ ପାରିଥା'ନ୍ତା ତା'ହେଲେ ବନ୍ୟାକୁ ଅଧିକାଂଶରେ ଏଡ଼ାଇ ଦିଆଯାଇପାରନ୍ତା। ଭଦ୍ରକ ପାର୍ଶ୍ୱରେ





ଏକାଧିକ ଏସ୍କେପ ଦେଇ ବନ୍ୟାଜଳ ନିଷ୍କାସନର ବ୍ୟବସ୍ଥା ହୋଇଛି। ଏଥିଯୋଗୁଁ ଭଣ୍ଡାରିପୋଖରୀ ବ୍ଲକ୍ ସମେତ ଜିଲ୍ଲାର ବିସ୍ତୃତ ଅଞ୍ଚଳ କ୍ଷତିଗ୍ରସ୍ତ ହେଉଛି। ଭଦ୍ରକ ପାର୍ଶ୍ୱର ଏସକେପକୁ ବନ୍ଦ କରି ନଦୀବନ୍ଧକୁ ସୁଉଚ୍ଚ କରିବାର ଆବଶ୍ୟକତା ପଡ଼ିଛି। ନଦୀବନ୍ଧକୁ ସୁଉଚ୍ଚ ନ କରି ଲୋକଙ୍କ ପଇସାରେ ଲୋକଙ୍କୁ ରିଲିଫ୍ ବାଣ୍ଟିବାର ଯଥାର୍ଥତା କ'ଣ ବୋଲି ସେ ପ୍ରଶ୍ନ କରିଛନ୍ତି। ବିରୋଧୀ ଦଳ ଭାବେ ଆମେ ସରକାରଙ୍କୁ ଏ ବାବଦରେ ଚେତାଇ ଦେଉଛୁ, ବୃହତର ସ୍ୱାର୍ଥକୁ ନଜରରେ ରଖି ସରକାର ଏ ଦିଗରେ ପଦକ୍ଷେପ ନିଅନ୍ତୁ ବୋଲି ଶ୍ରୀ ପଟ୍ଟନାୟକ କହିଥିଲେ। ସାମ୍ବାଦିକ ସମ୍ମିଳନୀରେ ଉପସ୍ଥିତ ଜିଲ୍ଲା ସଭାପତି ନଳିନୀକାନ୍ତ ମହାନ୍ତି କହିଥିଲେ ଯେ, ହଦଗଡ଼ ଡ୍ୟାମ୍ ପରିଚାଳନାରେ ତ୍ରୁଟି ସହିତ ଅଫିସର ଠିକାଦାର ମେଣ୍ଟ ଭଦ୍ରକରେ କୃତ୍ରିମ ବନ୍ୟାର କାରଣ। ଏଠାରେ ଅବସ୍ଥାପିତ ଜଳସମ୍ପଦ ବିଭାଗ ଅଧୀକ୍ଷଣ ଯନ୍ତ୍ରୀଙ୍କ ବଡ଼ଭାଇ ଠିକାଦାରୀ କରୁଛନ୍ତି, ତାଙ୍କ ବାପା ଶାସକ ଦଳର ନେତା ଅଛନ୍ତି। ନିଜ ଅଞ୍ଚଳରେ

### ନିଜ ଅଞ୍ଚଳରେ ଅବସ୍ଥାପିତ ଜଳସମ୍ପଦ ବିଭାଗ ଅଧୀକ୍ଷଣ ଯନ୍ତ୍ରୀଙ୍କୁ ନେଇ ଉଠାଇଲା ପ୍ରଶ୍ନ

ଏଭଳି ଜଣେ ଇଞ୍ଜିନିୟରଙ୍କୁ ସରକାର କେମିତି ଅବସ୍ଥାପିତ କରିଛନ୍ତି ବୋଲି ଶ୍ରୀ ମହାନ୍ତି ପ୍ରଶ୍ନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରାକ୍ତନ ବିଧାୟକ ପଞ୍ଚାନନ ମଣ୍ଡଳ, ବରିଷ୍ଠ ନେତା ଦେବେନ୍ଦ୍ର ମହାନ୍ତି, ଅଜୟ ସାହୁ, ମନୋଜ ବିଶ୍ୱାଳ, ବଳରାମ ବାରିକ ପ୍ରମୁଖ ଉପସ୍ଥିତ ଥିଲେ।

# ଟପ୍ ଟପର୍ ଟପର୍ ଟପ୍ ଟପ୍



ବିରଜା ରାଉତରାୟ



ଝରକା ସେପଟେ ଅଝଟ ଛୁଆଙ୍କ ପରି ଗୋଡ଼ କଚାଡ଼ି ନାଚୁଥାଏ ବର୍ଷା।। ଟିଣଦସ୍ତା ଉପରେ ତା'ର ଲଗାଣ ଢୁ ଢୁ ପାଦ ଶବ୍ଦ ଆଡ଼କୁ ଏକଲୟରେ କାନପାତି ରହିଥାଏ ଖୋକନ୍। ତଳଚଟାଣ ଉପରେ ବାମଗୋଡ଼ର ଆଣ୍ଠୁକୁ ଭାଙ୍ଗି ଛକିପକାଇ ବସି ରହିଥାଏ। ତା'ର ଡାହାଣ ଗୋଡ଼ଟା ସିଧା ପଇଁଚାଳିଶ ଡିଗ୍ରୀ ପ୍ରାୟ ଉପରକୁ ସଳଖି ରହି ମଝିଫାଙ୍କ ତଳ ମୁଚୁଳା ଉପରେ ଚାପି ଧରିଥାଏ ଗୋଟିଏ ମୃଦଙ୍ଗ। ଦୁଇପଟର କିରଣ ମୁହଁକୁ ଢଳି ଦୁଇହାତ ପାପୁଲି ସାମାନ୍ୟ ଭାରାଦେଇ ଝୁଲି ରହିଥାନ୍ତି। ଖୋକନ୍ ତା'ର ସମସ୍ତ ଲୟକୁ ଠୁଳକରି ଏହି ବର୍ଷାନାଦର ବୋଲଟାକୁ ଧରିବା ପାଇଁ ଉଦ୍‌ଗ୍ରୀବ ହୋଇ ରହିଥାଏ। କେତେବେଳେ ଛାଏଁ ତା' ହାତର ତଳ ପାପୁଲି ଆଙ୍ଗୁଠିଗୁଡ଼ିକ ଉଠପଡ଼ ହୋଇ ନାଚି ଉଠୁଥାନ୍ତି, "ଧିନ୍ ତାକଡ଼ ତାକଡ଼... ଧା... ।"

ପରେ ପରେ କେମିତି ଗୋଟେ ଅଶାନ୍ତ ଭଉରୀ ଖେଳି ଉଠିବା ପରି ଏକ ପ୍ରତିକ୍ରିୟା ତା' ମୁହଁରେ ବାରିହୋଇ ଆସେ, "ଛ୍ୟା...ଶଶୁର ପୁଅ ପାଦର ତାଳଟାକୁ ଜମା ଧରି ହେଉନାହିଁ! କୋଉ ଗୋଟେ ବର୍ଣ୍ଣରେ ସିନା ପାଦ କଚାଡୁଥିଲେ ଧରି ହୁଅନ୍ତା! ଇଏତ ଅବିରତ ଘନଘୋର ନାଦ! କେତେବେଳେ ଟପ୍‌ଟପ୍.... କେତେବେଳେ ଥପ୍‌ଥପ୍... କେତେବେଳେ ଡବଡବ ହୋଇ କଚାଡ଼ି ହେଉଛି! ଛୋଟଟୋପା! ପୁଣି ବଡ଼ଟୋପା! ୟା'କୁ ଛାଡ଼ି ପୁଣି ମଝାମଝିଆ ଥୋପା ବି ଅଛି! କୋଉ ସେ ଏତେ ଧୁରନ୍ଧର ଯେ ଧରିପାରନ୍ତା ଏହାର କ୍ଷିପ୍ର ସୁତୀବ୍ର ବିବିଧ ନାଦକୁ! "ତେରେକେଟେ ତେରେକେଟେ... ଧିନ୍... ଧା...!" ଆଉଥରେ ଛାଏଁ ମୃଦଙ୍ଗର ଦୁଇପଟ କିରଣ ଉପରେ ପହଁରିଗଲା ତା'ର ଦୁଇ ଚପଳ ହାତର ଆଙ୍ଗୁଠି।

ବାହାରପଟେ ବର୍ଷୁଣି ମେଘମେଦୁର ଆକାଶ। ସନ୍ଧ୍ୟା ଉପଗତ ସମୟ ନ ଥିଲେ ସୁଦ୍ଧା ଅପରାହ୍ଣର ମୁଖମଣ୍ଡଳରେ କଳାଓଢ଼ଣୀ ଖଣ୍ଡେ ଢାଙ୍କି ପକାଇବା ପରି ମେଘ ଘୋଡ଼ାଇ ଆଣିଥାଏ ମାଛି ସଞ୍ଜପରି ଅନ୍ଧାରର ରଙ୍ଗ। ଖୋକନ୍‌ର ସେହି ଅସଜଡ଼ା କୋଠରି ମଧ୍ୟରେ ବିକ୍ଷିପ୍ତ ହୋଇ ପଡ଼ିରହିଥାଏ କିଛି ଅସମ୍ପୂର୍ଣ୍ଣ ଡୁବିତାବଲା ଓ ମୃଦଙ୍ଗ ସହ ଇତଃସ୍ତତ ପଡ଼ିରହିଥିବା ଚମଡ଼ାର ଟୁକୁରା ଓ ହାର, କିରଣ ପାଇଁ ଗୁଣ୍ଡ ତାଟିଆ ଆଦି ତାଳବାଦ୍ୟ ଯନ୍ତ୍ରର ଉପକରଣ।

ସେହି ଦୋକାନ ଘରକୁ ଲାଗି ଏକମାତ୍ର ସଂଯୁକ୍ତ କୋଠରି। ଯାହାର ଟିଣଦସ୍ତାର ଫାଙ୍କ ବାଟଦେଇ ନିର୍ଗତ ଧୂଆଁସବୁ ଜମାଟ ବାନ୍ଧି ଠୁଳ ଆକାରରେ କଡ଼ମୋଡ଼ି ହେଉଥାନ୍ତି। ବାହାର ବର୍ଷାଟା ଦାଉ ସାଜିବା ପରି ସେମାନଙ୍କ ଊର୍ଦ୍ଧ୍ୱ ଉଡ଼ାଣକୁ ବାଟ ଓଗାଳି ବସିଥାଏ।

କେବେକେବେ ସେଥିରୁ ପ୍ରଥମ କୋଠରିକୁ ଛିଟିକ ଆସୁଥାଏ ବାସନପତ୍ରର ଠୁଣଠାଣ୍ ସାଙ୍ଗକୁ ଖଡ଼ିକାର ଖର୍‌ଖର୍ ମିଶା ଶବ୍ଦ। ମଝିରେ ମଝିରେ ଧୂଆଁ ରୁନ୍ଧା ଖଣ୍ଡିକାଶ। ଠିକ୍ ପଛକୁ ଧସେଇ ଆସେ ଏକ ନାରୀକଣ୍ଠର ସତର୍କ ଜିଜ୍ଞାସ, "କରୁଥାଅ...କରୁଥାଅ...ସେମିତି ଟୁଙ୍ଗଟାଙ୍ଗ୍! କାଲିକି ମ୍ୟୁନିସପାଲିଟିର ଡୋଜର୍ ଗାଡ଼ି ଯେ ଆସି ଦୁଆର ମୁହଁରେ ଲାଗିବ, ସେୟାଡ଼କୁ ପର୍‌ବାୟ ନାହିଁ ! କି ଅଦ୍ଭୁତ ଏ ଲୋକଟା! ସାମାନପତ୍ର ବାନ୍ଧିବା ଲାଗି ଚିନ୍ତାଟିକେ ସୁଦ୍ଧା ନାହିଁ!"

ସେହି ସଂକୀର୍ଣ୍ଣ ରୋଷେଇ ଘରୁ ସବୁତକ ଉତ୍‌କ୍ଷିପ୍ତ ଶବ୍ଦଗୁଡ଼ା ବର୍ଚ୍ଛା ପରି ଛୁଟି ଆସୁଥିଲେ ବି କେଜାଣି କାହିଁକି ହାର୍ ମାନିଯାନ୍ତି ଖୋକନ୍‌ର ଦୁଇ କର୍ଣ୍ଣପଟଳ ପାଖରେ! ସମୁଦ୍ରରୁ ବଳ ଗୋଟେଇପାରି ନ ଥିବା ବାତ୍ୟା ଯେପରି ସ୍ଥଳଭାଗରେ ଧକ୍କା ଖାଇବା ଆଗରୁ ଦୁର୍ବଳ ହୋଇପଡ଼େ, ସେହିପରି ଘଟିଥାଏ ସବୁଥର। ମୃଦଙ୍ଗ ହେଉ କି ତାବଲାର ଦୁଇ କିରଣରେ ଉତ୍ପାଦ ବର୍ଣ୍ଣକୁ ମିଶାଇ ନୂଆ ବୋଲ ଖଣ୍ଡେ ତିଆରି କରିବାରେ ମଜ୍ଜିଯାଇଥାଏ। ଆଜିବି ସେଠାରୁ ଛୁଟି ଆସିଥିବା ତୀକ୍ଷ୍ଣ ଶରରୂପୀ ଶବ୍ଦଗୁଡ଼ାକ ଅକାମୀ ହୋଇଯାଇଥିଲା।

ଅର୍ଦ୍ଧଶତାବ୍ଦୀ ଖଣ୍ଡେ ହୋଇଯିବଣି ଖୋକନ୍‌ର ବାପା ନିତ୍ୟମୋହନ ନଦିଆରୁ ଓଡ଼ିଶା ମୁହାଁ ହୋଇ ବସା ବାନ୍ଧିବା। ଏହି ସହରର ଛାତି ଉପର ଦେଇ ଯେଉ ମୁଖ୍ୟରାସ୍ତାଟି ଯାଇଥାଏ ତାହାରି କଡ଼ରେ ବାନ୍ଧିଥିଲା ପ୍ରଥମେ ଅସ୍ଥାୟୀ ନୀଡ଼। ତାଳବାଦ୍ୟ ନିର୍ମାଣର ବିଶାରଦ ଭାବେ କେଇଟା ବର୍ଷ ମଧ୍ୟରେ ପରିଚୟ ପାଇଯାଇଥିଲା। ଖୋକନ୍‌ର ଜନ୍ମ ଏହି ଠିକଣାରେ। ବାପାଠାରୁ ବାଦ୍ୟକାରିଗରୀ କଳାତକ ଆୟତ୍ତ କରୁକରୁ ବଜାଇବାରେ ମଧ୍ୟ ଅପୂର୍ବ ଦକ୍ଷତା ହାସଲ କରିପାରିଥିଲା। କିନ୍ତୁ ବାପା ପରି ଥିଲା ଅସମ୍ଭବ ଭାବରେ ନିଜ ପ୍ରତିଭା ପ୍ରଦର୍ଶନରେ ଥିଲା ଉଦାସୀନ। ବିକ୍ରି ଆଉ ମରାମତିରେ ଯାହା ଯେତିକି ମିଳୁଥାଏ ସେତିକିରେ ଥାଏ ସନ୍ତୁଷ୍ଟି।

ଦିନକୁ ଦିନ ସହରର କଳେବର ଓ ରୂପରେଖରେ ଅଭିବୃଦ୍ଧି ଘଟି ଚାଲେ। ଠା' ଠା' ଦୋକାନର ରୂପାନ୍ତରଣ ଘଟି ଧାଡ଼ିଧାଡ଼ି ସୁଦୃଶ୍ୟ ଦୋକାନ ସବୁ ଉଭା ହୁଅନ୍ତି। ଅଥଚ ପୁରୁଣା ସବ୍‌ରେଜିଷ୍ଟର ଛକ କଡ଼କୁ ଥିବା ଏହି ସର୍ବସାଧାରଣ ସ୍ଥାନକୁ ଲାଗି ଖୋକନ୍‌ର ଛୋଟ ଆବାସଯୋଗ୍ୟ ଦୋକାନ ଘରଟିର ରୂପଚିତ୍ରରେ କିଛି ପରିବର୍ତ୍ତନ ଆସି ନ ଥାଏ। କେବଳ ଗୋଟିଏ ଫରକ୍ ଘଟିଥିଲା। ନିତ୍ୟମୋହନ ସ୍ଥାପନ କରିଥିବା ଛପର ଘରଟା ଇଟାକାନ୍ଥ ଓ ଟିଣଦସ୍ତାକୁ ପରିବର୍ତ୍ତିତ ହୋଇଥିଲା। ସହର ବଢୁଥିବାରୁ ଏବେ ମୁଖ୍ୟ ବଜାର ରାସ୍ତା ପ୍ରଶସ୍ତିକରଣ କାମ ଆରମ୍ଭ ହୋଇଥାଏ। ପ୍ରଥମଦଫା ପରେ ଦ୍ୱିତୀୟ ଥର ପାଇଁ ଖୋକନ୍‌ର ଦୋକାନ ଦାଣ୍ଡରେ ଅଠା ନେସାସହ ଝୁଲି ସାରିଥାଏ ଉଚ୍ଛେଦର ନୋଟିସ। ମାତ୍ର ଖିଆଲି ଖୋକନ୍ ମନରେ ଏହାର ସାମାନ୍ୟତମ ରେଖାପାତ ସୁଦ୍ଧା ପଡ଼ି ନ ଥାଏ। ତା'ର ଏହି ବେପାରୁଆ ଭାବକୁ ଚେତାଇ ଦେବାକୁ ଯାଇ ମଝିରେ ମଝିରେ ସତର୍କ ଘଣ୍ଟି ବଜାଇବା ପରି ଚିତ୍କାର କରି ଉଠୁଥାଏ ତା' ସ୍ତ୍ରୀ। ସେ କିନ୍ତୁ ଗୋଟାପଣ ହଜିଯାଇଥାଏ ସେଇ ଆବିଷ୍ଟ ଅନ୍ୱେଷାରେ। କିପରି ଏହି ଟପର୍ ଟପର୍ ବର୍ଷାର ବୋଲ୍‌ଟାକୁ ଉଠେଇବ ଦୁଇ କିରଣ ସଂସର୍ଗ ନାଦରେ। ବାହାରେ ବର୍ଷାର ଆବେଶ ସେହିପରି ଆଚ୍ଛନ୍ନ କରି ରଖିଥାଏ। ଢୁ ଢୁ ବର୍ଷୋରେ ଶୁଭୁଥାଏ ନିରବଧି ପଦପାତ। ଏକାତ୍ମ ହୋଇ ସେହିପରି ଝରକା ବାହାରକୁ ଚାହିଁ ମୃଦଙ୍ଗ କିରଣରେ ଟୁଙ୍ଗଟାଙ୍ଗ୍ ଜାରି ରଖିଥାଏ ଖୋକନ୍।

ନିଜର ଏହି ବିଚିତ୍ର ମଣିଷଟିର ହାବଭାବକୁ କୋଡ଼ିଏ ବର୍ଷ ଧରି ବୁଝି ଆସିଛି ତା'ର ସ୍ତ୍ରୀ। ସେଥିପାଇଁ, ଥାଳିରେ ରାତିର ଖାଇବାତକ ବାଢ଼ି ତା' ହାତପାଆନ୍ତାରେ ରଖି କଣମୁଣ୍ଡ ଖଟ ଉପରକୁ ଉଠି ଯାଇଥିଲା ଶୋଇବାକୁ।

ବାହାରେ ନିଶା ଗରଜୁଥାଏ। ଅବିରତ ଛନ୍ଦରେ ତା'ର ପାଦ କଚାଡ଼ି ଚାଲିଥାଏ ବର୍ଷା।। ଖୋକନ୍‌ର ସନ୍ଧାନୀ ଦୁଇଆଖି ଓ ଉଜାଗରୀ ଚିତ୍ତ ସାରାରାତି ଖୋଜି ଚାଲିଥାନ୍ତି ସେଇ ଈପ୍‌ସିତ ବୋଲକୁ। ଥକ୍କା ପଡ଼ି ଆସୁଥିବା ଦୁଇହାତ ପାପୁଲିର ସଂଘାତରେ ମଝିରେ ମଝିରେ ତରଙ୍ଗ ପରି ଚେଇଁ ଉଠୁଥାଏ... ଧି ତାକ୍... ଧି ତାକ... ଧି ତାକ୍... ଶବ୍ଦ।

ଭୋର ମେଘୁଆ ଆକାଶ କୋଣରୁ ଆଲୋକ ଜନ୍ମ ନେଉଥାଏ। ନିରବୀ ସାରିଥାଏ ବର୍ଷା ହେଲେ, ଏହା ଭିତରେ କେତେବେଳେ ରାତିର ବିଦାୟ ଆଉ ସକାଳର ଆସିବାଟା ପ୍ରତି ସମ୍ପୂର୍ଣ୍ଣ ଥାଏ ସେ ଅନ୍ୟମନସ୍କ!

ସେହି ଉଦୟ ଲଗ୍ନରେ ହଠାତ୍ ତା'ର ଦୁଇ ନିମଜ୍ଜିତ ଆଖି କିଛି ଗୋଟେ ଅପୂର୍ବ ପ୍ରାପ୍ତିର ଚମକରେ ଖୋଲି ଉଠିଲା! ଛାଏଁ ତା' ପାଟିରୁ ବାହାରି ଆସିଲା, "ଟପ୍ ଟପର୍ ଟପର୍ ଟପ୍ ଟପ୍.. ଧିନ୍ ତା... ତେରେକେଟେ... ତେରେକେଟେ... ଧିନ୍ ତା... ଧିନ୍ ତା... ଟପ୍ ଟପର୍ ଟପର୍ ଟପ୍ ଟପ୍...!"


ସହରକୁ ଛୁଇଁଥିବା ପ୍ରଥମ ସକାଳ ସହ ମ୍ୟୁନିସପାଲିଟିର ବୁଲଡୋଜରଟି ଆସି ଠିଆହୋଇ ସାରିଥାଏ ଖୋକନ୍‌ର ଏହି ଅବୈଧ ଦୋକାନଘର ସମ୍ମୁଖରେ। ତା'ର ଷଣ୍ଢୁଆଁଶି ଉପରମୁହାଁ ହୋଇ ଉଠିବା ଆଗରୁ ଶେଷଥର ପାଇଁ ସେହି ଘରଟି ସିତ୍କାର କରି ଉଠିଥିଲା, "ଧିନ୍ ତାକ୍... ତେରେକେଟେ... ତେରେକେଟେ... ଧିନ୍ ତାକ୍... ଧିନ୍ ତାକ୍... ଟପ୍ ଟପର୍ ଟପର୍ ଟପ୍ ଟପ୍!!" ■

ମୋ: ୯୬୫୮୮୧୦୨୪୪

## ପୁସ୍ତକ ପରିଚୟ

### ଅଚିନ୍ତ୍ୟ ଶ୍ରୀଜଗନ୍ନାଥ

ସଂପାଦନା: ପୀତବାସ ରାଉତରାୟ



ମହାବୀର ପ୍ରକାଶନ
ପୁରୁଣା ବସଷ୍ଟାଣ୍ଡ, ଭୁବନେଶ୍ୱର
ପ୍ରଥମ ସଂସ୍କରଣ: ୨୦୨୬
ମୂଲ୍ୟ: ୪୦୦ ଟଙ୍କା

ଶ୍ରୀଜଗନ୍ନାଥଙ୍କ ଲୀଳା ବୁଝିବା ଅସମ୍ଭବ। ଭକ୍ତ ଓ ଭଗବାନଙ୍କ ସଂପର୍କ ଅତ୍ୟନ୍ତ ନିବିଡ଼। ମହାପ୍ରଭୁଙ୍କୁ ଭିନ୍ନ ଭିନ୍ନ ରୂପରେ ଭକ୍ତମାନେ ଅନୁଭବ କରିଛନ୍ତି। ସେଭଳି କିଛି ବିରଳ ଅନୁଭବ, ଅନୁଭୂତିକୁ ନେଇ ପୀତବାସ ରାଉତରାୟଙ୍କ ସଂପାଦନାରେ ପ୍ରକାଶ ପାଇଛି 'ଅଚିନ୍ତ୍ୟ ଶ୍ରୀଜଗନ୍ନାଥ' ପୁସ୍ତକ। ଭାରତର ମହାମହିମ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁଙ୍କଠାରୁ ଆରମ୍ଭ କରି ଶ୍ରୀଜଗନ୍ନାଥ ସଂସ୍କୃତିର ଗବେଷକ, ପଦ୍ମଶ୍ରୀ ପୁରସ୍କାର ପ୍ରାପ୍ତ ବ୍ୟକ୍ତି, ବିଶିଷ୍ଟ କବି, ସାହିତ୍ୟିକ, ଶ୍ରୀମନ୍ଦିରର ପୂର୍ବତନ ପ୍ରଶାସକ, ସେବକ, ଅଭିନେତା ପ୍ରମୁଖ ବହୁ ପ୍ରସିଦ୍ଧ ବ୍ୟକ୍ତିଙ୍କ ଉଚ୍ଚକୋଟୀର, ଗବେଷଣାଧର୍ମୀ, ଅନୁଭବ ଓ ଅନୁଭୂତିମୂଳକ ଲେଖା ଏହି ପୁସ୍ତକରେ ପ୍ରକାଶ ପାଇଛି। 'ମହାମହିମ ରାଷ୍ଟ୍ରପତିଙ୍କ ଭକ୍ତି ସୁମନ', 'ପ୍ରଚ୍ଛଦ ପ୍ରସଙ୍ଗ', 'ପଦ୍ମଶ୍ରୀ ପୁରସ୍କାର ପ୍ରତିଭାଙ୍କ ବୟାନ', 'ଚତୁର୍ଦ୍ଧାମୂର୍ତ୍ତିଙ୍କ ରଥକାଠ ପାଇଁ ରଚନା ପଠନ', 'ଶ୍ରୀମନ୍ଦିର ପ୍ରଶାସକଙ୍କ ସ୍ମୃତିଚାରଣ', 'ଅପୂର୍ବ ମନ୍ଦିରର ବୟାନ', 'ବାଇଶି ପାହାଚରେ ସୁଭଦ୍ରାଙ୍କ କଥା ଓ କବିତାର ବୟାନ', 'ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଚାରି ସୁମନ' ଆଦି ବିଭାଗର ଲେଖାଗୁଡ଼ିକରେ ଶ୍ରୀଜଗନ୍ନାଥ ଓ ଶ୍ରୀମନ୍ଦିରକୁ ନେଇ ଅନନ୍ୟ ଅନୁଭୂତି ପ୍ରକାଶ ପାଇଛି। ଏହି ଗ୍ରନ୍ଥଟି ଶ୍ରୀଜଗନ୍ନାଥ ପ୍ରେମୀଙ୍କ ହୃଦୟକୁ ଭକ୍ତିଭାବରେ ଆପ୍ଲୁତ କରିବ ନିଶ୍ଚୟ। ■

### ଭାଷାଞ୍ଜଳି

ଦାଶ ବେନହୁର



ଶବ୍ଦସ୍ପର୍ଶ
ଭୁବନେଶ୍ୱର
ପ୍ରକାଶ କାଳ : ୨୦୨୪
ମୂଲ୍ୟ: ୨୦୦ ଟଙ୍କା

ନିଜ ମାତୃଭାଷା ପ୍ରତ୍ୟେକ ବ୍ୟକ୍ତିଙ୍କ ହୃଦୟକୁ ସ୍ପନ୍ଦିତ କରେ। ସଚେତନଶୀଳ ବ୍ୟକ୍ତିମାନେ ନିଜ ମାତୃଭାଷାକୁ ଭଲ ପାଇବା ସହିତ ତା'ର ସୁରକ୍ଷା, ପ୍ରଚାରପ୍ରସାରକୁ ପ୍ରାଥମିକତା ଦେଇଥାଆନ୍ତି। ମାତୃଭାଷାର ମହନୀୟତା ଓ ମମତ୍ୱବୋଧ ଅତି ମାର୍ମିକ ଭାବେ ପ୍ରତିଫଳିତ ହୋଇଛି ଦାଶ ବେନହୁରଙ୍କ 'ଭାଷାଞ୍ଜଳି' ପୁସ୍ତକର କବିତା ଗୁଡ଼ିକରେ। ମାତୃଭାଷା ପ୍ରତି ଛୋଟ ଛୋଟ ପିଲାଙ୍କ ଭିତରେ ଆଗ୍ରହ ସୃଷ୍ଟି କରିବା, ଭାଷା ପ୍ରତି ଅଙ୍ଗୀକାରବଦ୍ଧତାକୁ ଦୃଢ଼ୀଭୂତ କରିବା, ମାତୃଭାଷା ପ୍ରତି ଅନୁରାଗ ବୃଦ୍ଧି କରିବା, ମମତ୍ୱବୋଧ ଜାଗ୍ରତ କରିବା ପାଇଁ ଏହି ପୁସ୍ତକର କବିତାଗୁଡ଼ିକରେ ପ୍ରକାରାନ୍ତରରେ ପ୍ରେରଣା ରହିଛି। ମାତୃଭାଷାର ମହତ ରକ୍ଷା ପାଇଁ କବି ସାମାଜିକ ଗଣମାଧ୍ୟମରେ ଲେଖିଥିବା ଏହି କବିତାଗୁଡ଼ିକ ବେଶ୍ ପାଠକୀୟ ଆଦୃତି ଲାଭ କରିଥିଲା। ମାତୃଭାଷା ହେଉଛି ଗୋଟିଏ ଜାତିର ମହକ, ଜାତିର ଗାଥା, ଜାତିର ପରିଚୟ, ମଥାର ମଣି ସ୍ୱରୂପ। ସରଳ ଓ ବୋଧଗମ୍ୟ ଭାଷା, ଛଳ ଛଳ ଭାବ, ମାତୃଭାଷା ପ୍ରତି ମମତ୍ୱବୋଧ ଜାଗ୍ରତ କରିବାର ମହନୀୟ ଚିନ୍ତାଧାରା ଯୋଗୁଁ କବିତାଗୁଡ଼ିକ ଅଧିକ ହୃଦୟସ୍ପର୍ଶୀ ହୋଇଛି। 'ଭାଷାଞ୍ଜଳି'ର କବିତାଗୁଡ଼ିକ ପାଠକମାନଙ୍କ ହୃଦୟ ନିଶ୍ଚୟ ଛୁଇଁ ପାରିବ ବୋଲି ଆଶା କରାଯାଏ। ■

## ଆତ୍ମ ବିଶ୍ଳେଷଣର ବେଳ



ସ୍ୱୟଂପ୍ରଭା ରଥ

ସ୍ୱପ୍ନ କ'ଣ ନୟନ ଶେଜରେ
ଉଷୁମ ନିଦରେ ଶୋଇପଡ଼ିଥିବା ଆଖିର ପାଣି?
ସ୍ୱପ୍ନ ପରା ତିଳ ତିଳ କରି
ନିଜକୁ ନିଃଶେଷ କରି
ମନ ଇଲାକାରେ ନିତି ଆଙ୍କୁଥିବା
ସୁନେଲି ରାଇଜ
ତୁଷାରଠୁ ମସୃଣ ରୁପେଲି କାହାଣୀ !

ଏମିତି ତାକୁ ଯଦି ଭାଙ୍ଗିବାର ଥିଲା
କାହିଁକି ବଳୀ ପଡ଼ିଗଲା
କଞ୍ଚା ନିଦରୁ ଉଠିଥିବା କୋମଳ ତାରୁଣ୍ୟ
ସବୁଜେଇଯିବା ବୟସରେ କାହିଁ
କାରୁଣ୍ୟରେ ଲିଭିଯାଏ ଦୀପ୍ତ ଅରୁଣ!
ଖଡ଼ ଖଡ଼ କଲେ ଯେବେ କବାଟ ନଖୋଲେ
ତାକୁ ଚିତ୍କାର କରିବାକୁ ହେବ
ଶବ୍ଦ, କବିତା ହାର ମାନିବାକୁ ଅସ୍ୱୀକାର କରନ୍ତି
ତାକୁ ନେଇ ଆଗକୁ ବଢ଼ିବାକୁ ହେବ
ସେ'ଦେଶ ଭକ୍ତ, ଦେଶଦ୍ରୋହୀ ତ ନୁହେଁ!
ଦେଶ ପାଇଁ ପ୍ରାଣବଳୀ ଦେଇପାରିବ
କିନ୍ତୁ ଭ୍ରଷ୍ଟାଚାରରେ ତିଆରି ପୋଲରେ ଚାପି ହୋଇ ନୁହେଁ!

ପରୀକ୍ଷା ଆଗରୁ ପ୍ରଶ୍ନପତ୍ର ଆସି ବଜାରରେ
ଜଙ୍ଗଲ କଟି ଯାଉଛି, ପର୍ବତ ଭାଙ୍ଗିଯାଉଛି
ବିଷାକ୍ତ ରାସାୟନ ଆସି ମିଶିଯାଉଛି ନଦୀର ଜଳରେ!
ଏସବୁ ବିରୁଧରେ ସ୍ୱର ଉତ୍ତୋଳନ କରିବା
କ'ଣ ଦେଶଦ୍ରୋହ?
ଦେଶପ୍ରେମ ନୁହେଁ?

ଦିନ ଦ୍ୱିପ୍ରହରେ ନାବାଳିକାକୁ ଗଣ ଦୁଷ୍କର୍ମ କରିଥିବା
ଜଘନ୍ୟ ଅପରାଧୀ ଆସି ଖୋଲାରେ ବୁଲୁଛି ରାଜରାସ୍ତାରେ
ଦରିଦ୍ର୍ୟରେ, ଆଣ୍ଠୁଏ ପାଣିରେ କାହାଘରେ
ଚାରିଦିନ ହେଲା ଚୂଲି ଜଳିନାହିଁ!
ଅଥଚ ପୁଞ୍ଜିପତି, ନେତା
ଗୋଲାପ ଶେଜରେ, ଗହଳ ନିଦରେ
କୀଟ ପତଙ୍ଗଙ୍କ କଥା ଶୁଣିବାକୁ
ସେମାନଙ୍କର ବା ବେଳ କାହିଁ?
ସମୟରେ ଟ୍ୟାକ୍ସ ଦେଉଥିବା ଲୋକଙ୍କର
କ'ଣ କିଛି କହିବାର ବି ଅଧିକାର ନାହିଁ?
ନିଜ ଭାଗର ନ୍ୟାୟ ଟିକିଏ
ମାଗିବା କ'ଣ ଦେଶଦ୍ରୋହ ?
ଦେଶପ୍ରେମ ନୁହେଁ?

ଆଜି ବିଚାର କରିବାର ବେଳ
ଆତ୍ମ ବିଶ୍ଳେଷଣର ବେଳ!
ମୌନ ମୂକ ପାଷାଣର ଜଡ଼ତା ଛାଡ଼ି ବଞ୍ଚିବାର ବେଳ!
ଧୂଆଁଳିଆ ଦିନର ସୂର୍ଯ୍ୟ ଅପସରି ଯାଉ
ଦିନ ଦିନର ଅନ୍ଧକାର ପୋଛି
ରାତ୍ରୀ ଜ୍ୟୋସ୍ନାସ୍ନାତା ହେଉ
ନୂତନ ସମ୍ଭାବନାର ସୂର୍ଯ୍ୟ ଉଇଁଆସି
ପୂର୍ବାକାଶକୁ ଝଟକେଇ ଦେଉ
ଆସ ଆମେ ସ୍ୱାଗତ କରିବା
ଆଉ ଏକ ନୂତନ ସକାଳ !! ■

ଫ୍ଲାଟ୍ ନମ୍ବର -୫୧୩
୭୮ ଡ୍ରିମ୍ସ ଆପାର୍ଟମେଣ୍ଟ
ଘାଟିକିଆ, ଭୁବନେଶ୍ୱର
ମୋ: ୯୪୩୭୪୬୨୮୧୨

## ହରତାଳ



ଯାଦବେନ୍ଦ୍ର ସାହା

ଦେଖନ୍ତୁ, ମୋର ପୁଣି ଗୋଟେ ଇଚ୍ଛା
ଖୁବ୍ ସାଧାରଣ ଭାବରେ
ହରତାଳରେ ସାମିଲ ହେବାଟା,
ହେଲେ ମୁଁ କେମିତି ଜାଣୁନି ଯେ'
ମଝି ରାସ୍ତାର ଲାଠି ମାଡ଼ରେ
ମୁଣ୍ଡରୁ ଝରଝର ରକ୍ତ ଦେବାକୁ ହେବ।

ପୁଣି କିଛି ହୋ ହାଲ୍ଲା ହେବ, କାନ୍ଦ ବୋବାଳି ହେବ
କିଛି ବନ୍ଧୁଙ୍କ ଭିତରେ ବ୍ୟସ୍ତତା,
ପୁଣି କାହାରି ମନରେ ଚିନ୍ତା ଉଠିବ
ମୋର ରକ୍ତ ନିଥିରି ପଡୁଥିବା ଚିତ୍ରକୁ ଚାହିଁ।

ମୁଁ ମୋ ସ୍ତ୍ରୀକୁ କହିଛି, ଆଦୌ କାନ୍ଦିବୁନି
ମୋର ଯଦି କିଛି ହେଇଯାଏ -
ଯେତିକି ପାରିଛି ପ୍ରେମ ଦେଇଛି,
ସେତିକି ସମ୍ଭାଳି ନେବୁ ଯତନେ
ବାସ ! ଲୁହ ଢାଳି ଦେବୁ କେଇଟା ଦିନ...

ମୋର ବୁଢ଼ା ବାପାକୁ ବୁଝାଇ ଦେଇଛି-
ବାପା ! ଏ ଏକ ସବୁଦିନିଆ ଘଟଣା
ଜମା ମନ ଊଣା କରିବନି,
କେତେ ଥର ବୁଝେଇଛି ବି କେତେଥର
ଭିନ୍ନଭିନ୍ନ ବାଗରେ...

ତଥାପି, ମାଆ ମୋର ରାଗ କରେ
ମୋର ଏଭଳି କଥା ଶୁଣି ଦେଲେ
କୁହେ- ପୁଅ !
କେବେ ଏମିତି କହିବୁନି ?
ମୋ' ଛାତି ଭିତରେ କ'ଣ ଗୋଟେ ଧଡ଼ଧଡ଼ ଶୁଭେ।

ମୁଁ ତା' କଥା ଶୁଣି ହସେ ଓ କୁହେ -
ଶୁଣିଛୁ !
ଦିନେ ଗାନ୍ଧିଜୀଙ୍କ ମୁଣ୍ଡରୁ ବି କୁଆଡ଼େ
ଝର ଝର ରକ୍ତ ଝରିଛି ଲୋ ମାଆ ! ■

ବୋରିଙ୍ଗପଦର, କେସିଙ୍ଗା
କଳାହାଣ୍ଡି
ମୋ: ୯୯୩୮୭୧୧୭୦୫






# "ମୋର ବିଶ୍ୱାସ କବିତା ନିଜକୁ ଲେଖେଇ ନିଏ"



ପ୍ରହ୍ଲାଦ ଶତପଥୀ

ପ୍ଲାଟୋଙ୍କ ଉକ୍ତିରୁ ଆରମ୍ଭ କରାଯାଇପାରେ କବିତାର ଯାତ୍ରା।

"Every heart sings a song, incomplete until another heart whispers back. Those who wish to sing always finds a song. At the touch of a lover, everyman becomes a poet."

ଯିଏ ଗୀତ ଗାଇବାକୁ ଚାହେଁ, ସର୍ବଦା ଗୀତଟିଏ ପାଇଯାଏ। ପ୍ରେମାସ୍ପଦର ସ୍ପର୍ଶ ପାଇଲେ, ପ୍ରତ୍ୟେକ ମଣିଷ କବି ପାଲଟି ଯାଏ। ମୋ' କ୍ଷେତ୍ରରେ ସେଇମିତି ଘଟିଛି। ଯେମିତି ବିଧିବଦ୍ଧ ଯୋଜନା ପ୍ରେମ ପାଇଁ ନ ଥିଲା, କବିତା ଲେଖା ବି ଆକସ୍ମିକ ଥିଲା। ହଠାତ୍ କବିତାର ପ୍ରେମରେ ପଡ଼ିଲି। ମୋର ବିଶ୍ୱାସ କବିତା ନିଜକୁ ଲେଖେଇ ନିଏ। କବି ମାଧ୍ୟମଟିଏ।

ହଁ, କବିତା ମୋ' ପାଇଁ ଏକ ସୁନ୍ଦର ଆକସ୍ମିକ। ମୁଁ କେବଳ ମାଧ୍ୟମ ଟିଏ। ମୁଁ ନିଜେ ହିଁ ସେଇ କବିତା ଯାହାକୁ ମୁଁ ଲେଖି ଚାଲିଛି ଅନବରତ।

ମୋର ବିଶ୍ୱାସ କବିତା ଶବ୍ଦ ହୋଇ, ଧ୍ୱନି, ରୂପକଳ୍ପ ହୋଇ ଥାଏ କୋଉଠି ନା କୋଉଠି। କବିତା ଲେଖିଲା ବେଳେ ସେମାନେ କବି ପାଖକୁ ଆସନ୍ତି, ଓ ଲେଖା ସରିଲା ପରେ ଚାଲି ଯାଆନ୍ତି ଯିଏ ଯାର ଜାଗାକୁ। କବିତା ଲେଖା ଜାରି ଥାଏ।

ପ୍ରକୃତରେ କବିତା କ'ଣ ଭାଷାରେ ସୀମିତ ଥାଏ?

କବିତା ଘୁରୁ ଥାଏ ନିମଗ୍ନ ହୋଇ କେଉଁ ଏକ ଘୂର୍ଣ୍ଣି ଝଡ଼ରେ, ଧୂଳିର ପ୍ରତିଟି ଅଣୁରେ, ପବନ ସହ ତାଳ ଦେଇ ନାଚୁ ଥାଏ, ଡାଳ ପତ୍ର ସନ୍ଧି ରେ, ନିର୍ଦ୍ଧିଷ୍ଟ କେଉଁ ଏକ ରିୟାଜ୍‌ରେ, ନୀରବରେ, ତପସ୍ୱୀ ପରି, ଗଛ ବସିଥିବା ବେଳେ, ଯୋଗ ମୁଦ୍ରାରେ।

ମୁଁ ଲେଖୁ ନ ଥିବା ବେଳେ, କ'ଣ କବିତା ଲେଖା ଚାଲିନି?

ମୁଁ ଯାହାକୁ ଅନାଉଛି, ତା' ଆଖିରେ କବିତା ଦେଖୁଛି। କୋଦାଳ ନେଇ ମାଟି ହାଣୁଥିବା ହାତ, ଚାରା ରୋପୁଥିବା ଆଙ୍ଗୁଳି, ଫୁଲ ଫୁଟଉଥିବା ଗଛ, ପତ୍ରରେ ନିଜସ୍ୱ ଅଙ୍ଗ ପ୍ରତ୍ୟଙ୍ଗକୁ ଢାଙ୍କୁ ଥିବା ନଙ୍ଗଳା ଡାଳ, ନୂଆଁ ହୋଇ ଉଡ଼ି ଶିଖୁଥିବା ପକ୍ଷୀ, ମାଟି ଭିତରକୁ ପଶୁଥିବା କୀଟ, ଗୋଟାଏ ଉଦାସ ସନ୍ଧ୍ୟାକୁ କୂଳରେ ଅପେକ୍ଷା କରିଥିବା ନଈ, ଦିଓଟି ପାହାଡ଼ ସନ୍ଧିରେ ଉଦିବାକୁ ଥିବା ସୂର୍ଯ୍ୟ, ରାବିବାକୁ ଉଦ୍ୟମରତ ପକ୍ଷୀ, ସଭିଁଏ କବିତା ଯେଉଁମାନଙ୍କୁ ମୁଁ ଲେଖିନି, ଅଥଚ ସେମାନେ କବିତା ନିଜ ନିଜ ବାଗରେ।

କବିତା ନୂଆଁ ଦୃଷ୍ଟିକୋଣ ଦିଏ। ସାଧାରଣ ଘଟଣାକୁ ଅସାଧାରଣ କରିପାରେ। କବିତା ଜରିଆରେ ନକରାତ୍ମକ ଆବେଗ ସବୁ ସକରାତ୍ମକ ଅନେକାଂଶରେ ହୋଇପଡ଼େ ଓ ମନ ହାଲୁକା ହୋଇପଡ଼େ। କବିତା ମଣିଷ ଭିତରେ ସମବେଦନା ଜାଗ୍ରତ କରେ।

ଦୃଶ୍ୟମାନ ଜଗତ ପଛର ଅଦୃଶ୍ୟ ସତ୍ୟକୁ କବିତା ମାଧ୍ୟମରେ ଖୋଜିହୁଏ। ଏକାକୀପଣରୁ ମୁକ୍ତି ଦିଏ ଓ ସମ୍ପର୍କରେ ସେତୁ ତିଆରି କରେ। ଶବ୍ଦ ସେତୁ ସଦୃଶ ମଣିଷ ମଣିଷ ଭିତରେ, ଜୀବନ ଓ ଜୀବନ ଭିତରେ ସବୁବେଳେ ରହିଥାଏ। କବିତା ସମୟର ସାକ୍ଷୀ।

ମୁଁ କେବେବି ପଚାରିନି କବିତାକୁ, ଏତେ ଲୋକ ଥାଉ ଥାଉ ମୋତେ କିଆଁ ମାଧ୍ୟମ କଲା। ତେବେ କବିତା ଜରିଆରେ ମୁଁ ମୋର ଶାବ୍ଦିକ କୃତଜ୍ଞତା, ମଣିଷ ସ୍ଥାବର ଜଙ୍ଗମ କୀଟ ପତଙ୍ଗ ସଭିଙ୍କୁ ଜଣେଇବାର ସୁଯୋଗ ପାଇଲି। ହୃଦୟରେ ଅନ୍ୟ ଏକ ହୃଦୟକୁ କେମିତି ରୋପି ଦିଆଯାଇପାରେ, କବିତା ଶିଖେଇଲା। ବିଶ୍ୱାସ ଟିକକ ଛାତିରେ ଅଙ୍କୁରେଇବାର ପ୍ରଚେଷ୍ଟା ଜାରି ଥାଉ, ସେଇଥି ପାଇଁ ହୁଏତ କବିତାର ପାଖେ ପାଖେ ରହିଛି। କଳା ଜହ୍ନଟିଏ ମାଡ଼ି ଯାଉଛି ଆଗକୁ, ତା' ପାଇଁ ଅଙ୍କୁରେଇବାକୁ ହେବ ଦାନା, ନଙ୍ଗଳା ବୁଭୁକ୍ଷିତ କଙ୍କଡ଼ା ବିଛାମାନଙ୍କ ପାଇଁ ଅଙ୍କୁରେଇବାକୁ ହେବ କନା, ଲହ ଲହକା ଲହଁପି ଯାଉଥିବା ଅଙ୍ଗ ପ୍ରତ୍ୟଙ୍ଗମାନଙ୍କ ପାଇଁ ଛାଉଣି, ଶିଶିର ପାଇଁ ଅଙ୍କୁରେଇବାକୁ ହେବ ଦୁବଘାସର ହୃଦୟ। ରାତି ଅଧରେ ରାସ୍ତାରେ ଚରି ବୁଲୁଥିବା ଭୟମାନଙ୍କ ପାଇଁ ଅଙ୍କୁରେଇବାକୁ ହେବ ବିଶ୍ୱାସ।

ବେଳେବେଳେ ମନରେ ପ୍ରଶ୍ନ ଆସେ, ଆମେ କାହିଁକି ଲେଖୁ, ଯେତେବେଳେ ଲେଖିବା ନ ଲେଖିବା ଏକା ପରି ଲାଗୁଛି। ସହରଟିଏ ଅନ୍ଧ ମୂକ ବଧିର ସାଜୁଛି, ଯେତେବେଳେ ଉଜୁଡ଼ି ଯାଉଛି କ୍ଷେତ, ସବୁଜ ପତ୍ର ସବୁକୁ ଚରି ଯାଉଛନ୍ତି ପୋକ, ଯେତେବେଳେ ବର୍ବର ହାତ ଅଲଗା କରି ଦେଉଛି ସର୍ବାଙ୍ଗ, ଆଖି ଓଠ ହୃତପିଣ୍ଡ। ଆମେ କାହିଁକି ଲେଖୁଛୁ ଯେତେବେଳେ ଲୋକେ ଅକ୍ଷର ଭୁଲିଗଲେଣି ଶବ୍ଦର, ଭାଷା ଭୁଲିଗଲେଣି କବିତାର। ଗଜୁରିବାର ନ୍ୟାର୍ଯ୍ୟ ଦାବିରୁ ବଞ୍ଚିତ କରୁଛନ୍ତି ଚାରାକୁ, ରୋପିବାର ମନ୍ତ୍ର ଭୁଲିଗଲେଣି, ତିରସ୍କାର କରି ବସିଲେଣି ଦୋରସା ମାଟିର ମହନୀୟତାକୁ। ଆମେ କାହିଁକି ଲେଖୁଛେ?

ଯେତେବେଳେ ଉପଭୋକ୍ତା ସଂସ୍କୃତିର ବିରାଟ ଆଁ ଭିତରକୁ ପଶି ସବୁକିଛି କ୍ଷଣିକେ ଲୀନ ହେଇ ବସୁଛି।। ଜଣେ ଶିଳ୍ପପତିଙ୍କ ଚାରି ହଜାର କୋଟିର କୋଠା, ସେପଟେ ହଜାର ହଜାର କୋଟିର ନିଦୁଆ ଆଖିପତା, ଡ୍ରଇଂ ରୁମ୍ କାନ୍ଥରେ ପୁଞ୍ଜିବାଦର ସାଇତା ଜଳପ୍ରପାତ, ଗୋଟାଏ ପଟେ ପଞ୍ଚାବନ ପ୍ରତିଶତ ଲୋକଙ୍କ ମୁଣ୍ଡ ପିଛା ଖର୍ଚ୍ଚ ମାତ୍ର ସତର, ସେପଟେ ଦ୍ୱୈତ ଅର୍ଥନୀତି, ଦାରିଦ୍ର୍ୟର ସୀମାରେଖା ଟପି ପାରୁ ନ ଥିବା ହସ, ବଜାରୀକରଣର।

ଆମେ କାହିଁକି ଲେଖୁଛେ, ଯେତେବେଳେ ଗମଲାରେ ପାହାଡ଼ଗୁଡ଼ିକକୁ ସଜାଉଛି ରାଜ୍ୟ, ସେଲୁନରେ ଗଛମାନଙ୍କୁ ଟ୍ରିମିଂ କରୁଛି ରାଜଧାନୀ। ଯେତେବେଳେ ଅଧିବାସୀ ଜଳ ଜମି ଜଙ୍ଗଲକୁ ନେଇ ସରକାର ବିରୁଦ୍ଧରେ ଯୁଦ୍ଧ ଘୋଷଣାରତ ଏକ ଲଢୁଆ ଅପଶବ୍ଦ।

ଏମିତି ଏକ ବାସ୍ତବିକତା ସହ ମୁଁ ଆମେ ସଭିଏଁ ଯୁଝୁଥିବା ବେଳେ, ଯଦି କବିଟିଏ ଓଠ ପିଠିରେ ଜହ୍ନ ନେଇ ଫେରୁଛି ଓ ଓହ୍ଲେଇ ଦେଉଛି ଆକାଶ, ଛାଟି ଦେଉଛି ଇନ୍ଦ୍ରଧନୁର ତମ୍ବୁ, ଶବ୍ଦର ଚଞ୍ଚୁ ଘସା ଘଷି ରେ ପାହି ଯାଉଛି ରାତି, ଶୁଣୁଛି ସକାଳ ନଈର, କାକଳିର, ଶୁଣୁଛି ସକାଳ କଲ୍ଲୋଳର ଓ କହୁଛି, ଶବ୍ଦ ବି ଭୋକ ମେଣ୍ଟାଇ ପାରେ ଗୋଟାଏ ସଭ୍ୟତାର, ଖାଲି ଶବ୍ଦ ପ୍ରତି ସଭ୍ୟତାର ଭୋକ ଥିବା କଥା, ତାକୁ ପଚାରନା, ସେ କାହିଁକି ଲେଖେ? ■

ଟିକ୍ରାପରା,
ପୋ/ଜି: ବଲାଙ୍ଗୀର, ୭୬୭୦୦୧
ମୋ: ୯୪୩୭୧୫୦୯୫୧

# ଜେଏନ୍‌ୟୁରେ 'ଆଦିକବି ସାରଳା ଦାସ ଚେୟାର' ଦିଶାହୀନ

- ପ୍ରାଧ୍ୟାପକ ନ ଥିବାରୁ ୭ ମାସ ହେଲା କାର୍ଯ୍ୟକ୍ଷମ ହେଉନି
- ୫ କୋଟି ୫୬ ଲକ୍ଷ ଅନୁଦାନ ପାଇଁ କୁଳପତିଙ୍କ ଅନୁରୋଧ
- ଅନ୍ଧାରରେ ସ୍ୱତନ୍ତ୍ର ଓଡ଼ିଆ ବିଭାଗ ଖୋଲିବା ଏମ୍‌ଓୟୁର ଭାଗ୍ୟ

ଭୁବନେଶ୍ୱର,୧।୮(ସମିସ): ଦେଶର ଅନ୍ୟତମ ପ୍ରତିଷ୍ଠିତ ଉଚ୍ଚଶିକ୍ଷାନୁଷ୍ଠାନ ଜବାହରଲାଲ ନେହରୁ ବିଶ୍ୱବିଦ୍ୟାଳୟ (ଜେଏନ୍‌ୟୁ)ରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିର ପ୍ରଚାର ଓ ଗବେଷଣାକୁ ଜାତୀୟ ସ୍ତରରେ ସୁଦୃଢ଼ କରିବା ପାଇଁ 'ଆଦିକବି ସାରଳା ଦାସ ଚେୟାର୍ ଅଫ୍ ଓଡ଼ିଆ ଷ୍ଟଡିଜ୍' ସ୍ଥାପନ କରାଯାଇଥିଲା। ଓଡ଼ିଶା ସରକାରଙ୍କ ଆର୍ଥିକ ସହଯୋଗରେ ୨୦୧୬ରେ ଏହି ଚେୟାରକୁ ଅନୁମୋଦନ ମିଳିଥିବା ବେଳେ ୨୦୧୭ ଡିସେମ୍ବରରୁ କାର୍ଯ୍ୟକ୍ଷମ ହୋଇଥିଲା। ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି, ଲୋକପରମ୍ପରା ଓ ଐତିହ୍ୟ ଉପରେ ଉଚ୍ଚସ୍ତରୀୟ ଗବେଷଣାକୁ ପ୍ରୋତ୍ସାହନ ଦେବା ଏହାର ପ୍ରମୁଖ ଉଦ୍ଦେଶ୍ୟ ଥିଲା। ମାତ୍ର ଆର୍ଥିକ ପ୍ରୋତ୍ସାହନ ଅଭାବ ଏବଂ ପ୍ରାଧ୍ୟାପକ ନଥିବାରୁ ଏହା ଏବେ ଲକ୍ଷ୍ୟଭ୍ରଷ୍ଟ ହେବା ସ୍ତରରେ ଉପନୀତ ହୋଇଛି।

ତତ୍କାଳୀନ ସରକାର ଏହି ଚେୟାର ପାଇଁ ୪ କୋଟି ୪୪ ଲକ୍ଷ ଟଙ୍କା ଅନୁଦାନରେ ଏକ କର୍ପସ ପାଣ୍ଠି ଗଠନ କରିଥିଲେ। ଏଥିରୁ ମିଳୁଥିବା ସୁଧରେ ଚେୟାର କାର୍ଯ୍ୟକ୍ଷମ ହେଉଥିଲା। ସମ୍ପ୍ରତି ସୁଧହାର କମିଥିବାବେଳେ ଦରମା ବୃଦ୍ଧି କାରଣରୁ ଅନୁଦାନ ନିଅଣ୍ଟ ହୋଇଛି। ଅପରପକ୍ଷରେ ବିଭିନ୍ନ ଭାଷା ପାଇଁ ଅନ୍ୟ ରାଜ୍ୟର ସରକାରମାନେ ଅଧିକ ଅନୁଦାନ ଦେଇଛନ୍ତି। କନ୍ନଡ ଚେୟାର, ମହାରାଷ୍ଟ୍ରର ୨ଟି ଚେୟାର, ଅସାମୀୟାର ଶଙ୍କରଦେବ ଚେୟାର ପାଇଁ ସେହି ରାଜ୍ୟର ସରକାର ପ୍ରାୟ ୧୦ରୁ ୧୫ କୋଟି ଲେଖାଏଁ ଅନୁଦାନ ଦେଇଛନ୍ତି। ଏଣୁ ସାରଳା ଦାସ ଚେୟାରକୁ ସୁପରିଚାଳନା କରିବା ପାଇଁ ଆଉ ୫ କୋଟି ୫୬ ଲକ୍ଷ ଟଙ୍କାର କର୍ପସ ଫଣ୍ଡ ପ୍ରଦାନ କରିବାକୁ ଜେଏନ୍‌ୟୁ କୁଳପତି ରାଜ୍ୟ ସରକାରଙ୍କୁ ଚିଠି ଲେଖିଛନ୍ତି। ମାତ୍ର ଏବେଯାଏଁ ଓଡ଼ିଶା ସରକାର ଏହାକୁ ଅନୁଦାନ ଦେବା ସଂକ୍ରାନ୍ତରେ କୌଣସି ନିଷ୍ପତ୍ତି ନେଇ ନ ଥିବାରୁ ଚେୟାର କାର୍ଯ୍ୟକ୍ଷମ ହୋଇପାରିନାହିଁ।

ଅପରପକ୍ଷରେ ଏହି ଚେୟାର ଏବେ ମୂରବୀଶୂନ୍ୟ ହୋଇପଡ଼ିଛି। ପ୍ରାଧ୍ୟାପକ ଭାବେ ଡ. ଉଦୟନାଥ ସାହୁ ଡିସେମ୍ବର ୨୦୨୫ରେ ଅବସର ନେଇ ସାରିଥିବାବେଳେ ଦୀର୍ଘ ୭ ମାସ ହେବ ନୂତନ ନିଯୁକ୍ତି ହୋଇନାହିଁ। ପ୍ରାଧ୍ୟାପକ ପଦ ଖାଲି ପଡ଼ିଥିବାବେଳେ ମଞ୍ଜୁରୀପ୍ରାପ୍ତ ଜଣେ ସହକାରୀ ପ୍ରାଧ୍ୟାପକ, ଜଣେ କମ୍ପ୍ୟୁଟର ସହାୟକ ଓ ଜଣେ ଅଫିସ୍ ସହାୟକଙ୍କୁ ମଧ୍ୟ କାର୍ଯ୍ୟାନ୍ତର କରାଯାଇଛି। ଫଳରେ ଅନୁଦାନ ଅଭାବ ଓ ପ୍ରାଧ୍ୟାପକ ନଥିବାରୁ ସାରଳା ଦାସ ଚେୟାରରେ ଏବେ ସମ୍ପୂର୍ଣ୍ଣ ଅକାମୀ ହୋଇପଡ଼ିଛି।

ଅନୁରୂପ ଭାବେ ଜେଏନ୍‌ୟୁରେ ଓଡ଼ିଆ ଭାଷାର ଏକ ସ୍ପେଶାଲ୍ ସେଣ୍ଟର ବା ସ୍ୱତନ୍ତ୍ର ଓଡ଼ିଆ ବିଭାଗ ଖୋଲିବା ପାଇଁ ରାଜ୍ୟ ସରକାର ଓ ବିଶ୍ୱବିଦ୍ୟାଳୟ ମଧ୍ୟରେ ଚୁକ୍ତି ହୋଇଥିଲା। ୨୦୨୪ରେ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ସମୟରେ ଏମ୍‌ଓୟୁ ହୋଇଥିଲେ ମଧ୍ୟ ରାଜ୍ୟରେ ନୂତନ ସରକାର ଆସିବା ପରେ ଏହାକୁ ପ୍ରତିଷ୍ଠା ପାଇଁ ଗୁରୁତ୍ୱ ଦେଇ ନାହାନ୍ତି। ଫଳରେ ଦିଲ୍ଲୀରେ ଓଡ଼ିଆ ଭାଷା ପଢ଼ିବା ଓଡ଼ିଆ ଛାତ୍ରଛାତ୍ରୀଙ୍କ ପାଇଁ ଆଜି ମଧ୍ୟ ସ୍ୱପ୍ନ ହୋଇ ରହିଛି। ଦେଶ ଓ ବିଶ୍ୱରେ ଓଡ଼ିଆ ଭାଷାର ଲୋକପ୍ରିୟତା ପାଇଁ ଓଡ଼ିଆ ଭାଷାର ପ୍ରଚାର ପ୍ରସାର ଓ ଗବେଷଣା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହୋଇଥିବାବେଳେ ସରକାର ତୁରନ୍ତ ଏହାକୁ ପୂର୍ଣ୍ଣ କାର୍ଯ୍ୟକ୍ଷମ କରିବାକୁ ପଦକ୍ଷେପ ନିଅନ୍ତୁ। ଆର୍ଥିକ ଅନୁଦାନ ସହିତ ପ୍ରୋତ୍ସାହନ, ଉଦ୍ୟମ ଓ ସହଯୋଗ ବିନା ଓଡ଼ିଆ ଭାଷା ପରିଚିତି ଲାଭ କରି ପାରିବ ନାହିଁ ବୋଲି ଶିକ୍ଷାବିତ ଓ ଭାଷାପ୍ରେମୀମାନେ ମତବ୍ୟକ୍ତ କରିଛନ୍ତି।

## ଶାଳୀନତା ଭୁଲିଗଲେ ଯୋଗାଣ ମନ୍ତ୍ରୀ

# ସର୍ବସମ୍ମୁଖରେ ଅଧିକାରୀଙ୍କୁ କହିଲେ ଅପଶବ୍ଦ

ଢେଙ୍କାନାଳ,୧।୮(ସମିସ): ରାଜ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କୁ ବିବାଦ ପିଛା ଛାଡୁନି। ଅତୀତରେ ଆଳୁ, ପିଆଜ ଦର ବୃଦ୍ଧି ଓ ଯୋଗାଣ ସଂକଟ, ପିଡିଏସ୍ ସାମଗ୍ରୀ ବଣ୍ଟନ ଅନିୟମିତତା, ଚାଷୀ ପଞ୍ଜୀକରଣ, ଇ-କେୱାଇସି, ସାର ସଂକଟ ଆଦି ବିଭିନ୍ନ ପ୍ରସଙ୍ଗରେ ବାତୁଳ ମନ୍ତବ୍ୟ ଦେଇ ସମାଲୋଚନାର ଶୀକାର ହୋଇଥିବା ମନ୍ତ୍ରୀ ଶ୍ରୀ ପାତ୍ର ପୁଣି ଚର୍ଚ୍ଚାକୁ ଆସିଛନ୍ତି।

ସେ ନିଜ ଶାଳୀନତା ଭୁଲି ସର୍ବସମ୍ମୁଖରେ ଦୁଇ ବରିଷ୍ଠ ଅଧିକାରୀଙ୍କୁ ଅପଶବ୍ଦ ପ୍ରୟୋଗ କରିଥିବା ଭଳି ସଙ୍ଗୀନ ଘଟଣା ସାମ୍ନାକୁ ଆସିଛି। ମନ୍ତ୍ରୀ ଶ୍ରୀ ପାତ୍ର ଜଣେ ପଞ୍ଚାୟତ ନିର୍ବାହୀ ଅଧିକାରୀ (ପିଇଓ)ଙ୍କୁ 'ଚୁପ୍ ବେ' ବୋଲି କହିବା ସହ ବଦଳି କରିଦେବାକୁ ଧମକ ମଧ୍ୟ ଦେଇଥିବା ଅଭିଯୋଗ ହୋଇଛି। ଏ ନେଇ ବ୍ଲକର ପିଇଓମାନେ ଜିଲ୍ଲାପାଳଙ୍କୁ ଲିଖିତ ଭାବେ ଅବଗତ କରିବା ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ କାର୍ଯ୍ୟବନ୍ଦ ଆନ୍ଦୋଳନ କରିବାକୁ ଚେତାବନୀ ଦେଇଛନ୍ତି।

ଢେଙ୍କାନାଳ ଜିଲ୍ଲା ସଦର ବ୍ଲକ କାଇମାଟି ପଞ୍ଚାୟତ ଗହମଖୁଣ୍ଟି ଗ୍ରାମରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଅନିୟମିତତା ହୋଇଥିବା ଖବର ପାଇ ମନ୍ତ୍ରୀ ସମୀକ୍ଷା କରିବାକୁ ସେଠାକୁ ଯାଇଥିଲେ। ଗରିବ ତଥା ଯୋଗ୍ୟ ହିତାଧିକାରୀ ତାଲିକାରୁ ବାଦ୍ ପଡ଼ିଥିବା ଜାଣିବା ପରେ ସେ ବିଡିଓ ରାହୁଲ ମଣ୍ଡଳ ଏବଂ ପଞ୍ଚାୟତ ନିର୍ବାହୀ ଅଧିକାରୀ ସ୍ୱର୍ଣ୍ଣପ୍ରଭା ସାହୁଙ୍କ ତାଗିଦ କରିଥିଲେ। ଏପରିକି ଗ୍ରାମବାସୀଙ୍କ ସମ୍ମୁଖରେ ବିଡିଓଙ୍କୁ ବଦଳି କରିଦେବେ ବୋଲି ମଧ୍ୟ ଧମକ ଦେଇଥିଲେ।

ଏ ସଂକ୍ରାନ୍ତରେ ଗଣମାଧ୍ୟମକୁ ସୂଚନା ଦେଇ ମନ୍ତ୍ରୀ ପାତ୍ର କହିଲେ, ଆମେ ଚାହୁଁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଗରିବ ଲୋକମାନେ ପାଆନ୍ତୁ। ଗରିବ ଲୋକଙ୍କ ପାଇଁ ଏହି ଯୋଜନା ପ୍ରଣୟନ କରାଯାଇଛି। କିନ୍ତୁ ସର୍ଭେ ସମୟରେ ଅଧିକାରୀମାନେ ଭୁଲ୍ କରିଛନ୍ତି। ସେଥିପାଇଁ ତାଗିଦ କରିଥିବା କହିଥିଲେ।

# ଏସ୍‌ଆଇଆର୍ -୨୦୨୬: ଦାବି ଓ ଆପତ୍ତି ଦାଖଲ ଅବଧି ୧୯ ଅଗଷ୍ଟ ପର୍ଯ୍ୟନ୍ତ ବୃଦ୍ଧି

ଭୁବନେଶ୍ୱର,୧।୮(ସମିସ): ଓଡ଼ିଶାରେ ଚାଲିଥିବା ସ୍ୱତନ୍ତ୍ର ସଘନ ସଂଶୋଧନ ୨୦୨୬ କାର୍ଯ୍ୟକ୍ରମ ଅଧୀନରେ ଚିଠା ଭୋଟର ତାଲିକା ଉପରେ ଦାବି ଓ ଆପତ୍ତି ଦାଖଲ ପାଇଁ ସମୟସୀମାକୁ ଭାରତ ନିର୍ବାଚନ ଆୟୋଗ ୧୯ ଅଗଷ୍ଟ ୨୦୨୬ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି। ଏ ସମ୍ପର୍କିତ ଆଧିକାରିକ ବିଜ୍ଞପ୍ତି ଆଜି ଗୃହ (ନିର୍ବାଚନ) ବିଭାଗ ପକ୍ଷରୁ ଓଡ଼ିଶା ଗେଜେଟ୍ ରେ ପ୍ରକାଶ ପାଇଛି। ୦୧ ଜୁଲାଇ ୨୦୨୬କୁ ଯୋଗ୍ୟତା ତାରିଖ ଭାବେ ଧାର୍ଯ୍ୟ କରି ଚାଲିଥିବା ଏହି ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରକ୍ରିୟା ପାଇଁ ଭାରତ ନିର୍ବାଚନ ଆୟୋଗ ସଂଶୋଧିତ କାର୍ଯ୍ୟସୂଚୀ ଜାରି କରିଛନ୍ତି। ରାଜ୍ୟରେ ଅଧିକରୁ ଅଧିକ ଯୋଗ୍ୟ ନାଗରିକଙ୍କୁ ଭୋଟର ତାଲିକାରେ ସାମିଲ କରିବା, ଯୋଗ୍ୟ ଭୋଟରଙ୍କୁ ପର୍ଯ୍ୟାପ୍ତ ସମୟ ଦେବା ଏବଂ ଦାବି ଓ ଆପତ୍ତି ପ୍ରକ୍ରିୟାକୁ ଅଧିକ ସୁବ୍ୟବସ୍ଥିତ ଓ ଅନ୍ତର୍ଭୁକ୍ତିମୂଳକ କରିବା ଉଦ୍ଦେଶ୍ୟରେ ଏହି ସମୟ ବୃଦ୍ଧି କରାଯାଇଛି। ଓଡ଼ିଶାର ମୁଖ୍ୟ ନିର୍ବାଚନ ଅଧିକାରୀ ଶ୍ରୀ ଆର୍. ଏସ୍. ଗୋପାଲନଙ୍କ ଅନୁରୋଧ କ୍ରମେ, Registration of Electors Rules, 1960ର Rule 12 ଅନୁଯାୟୀ ଭାରତ ନିର୍ବାଚନ ଆୟୋଗ ଦାବି ଓ ଆପତ୍ତି ଦାଖଲର ଶେଷ ତାରିଖକୁ ୧୯ ଅଗଷ୍ଟ ୨୦୨୬ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି।

ଯେଉଁ ଯୋଗ୍ୟ ନାଗରିକଙ୍କ ନାମ ଚିଠା ଭୋଟର ତାଲିକାରେ ସାମିଲ ହୋଇନାହିଁ କିମ୍ବା ଭୋଟର ତାଲିକାରେ ଥିବା ତଥ୍ୟରେ କୌଣସି ତ୍ରୁଟି ରହିଛି, ସେମାନେ ୧୯ ଅଗଷ୍ଟ ୨୦୨୬ ପର୍ଯ୍ୟନ୍ତ ଦାବି ଓ ଆପତ୍ତି ଦାଖଲ କରିପାରିବେ। ଏହି ଅବଧି ମଧ୍ୟରେ ଫର୍ମ-୬ ମାଧ୍ୟମରେ ନୂତନ ଭୋଟର ଭାବେ ପଞ୍ଜୀକରଣ, ଫର୍ମ-୭ ମାଧ୍ୟମରେ ନାମ ବିଲୋପ ପାଇଁ ଆବେଦନ ଏବଂ ଫର୍ମ-୮ ମାଧ୍ୟମରେ ଭୋଟର ତାଲିକାରେ ଥିବା ତଥ୍ୟର ସଂଶୋଧନ ପାଇଁ ଆବେଦନ କରାଯାଇପାରିବ। ୦୧ ଜୁଲାଇ ୨୦୨୬ ସୁଦ୍ଧା ୧୮ ବର୍ଷ ବୟସ ପୂରଣ କରିଥିବା ସମସ୍ତ ଯୋଗ୍ୟ ନାଗରିକ ଏହି ସୁଯୋଗର ସଦ୍‌ବ୍ୟବହାର କରିବାକୁ ଅନୁରୋଧ କରାଯାଇଛି।

ସଂଶୋଧିତ କାର୍ଯ୍ୟସୂଚୀ ଅନୁଯାୟୀ, ନୋଟିସ ପ୍ରଦାନ, ଶୁଣାଣି ଓ ଦାବି-ଆପତ୍ତିର ନିଷ୍ପତ୍ତି ପ୍ରକ୍ରିୟା ୧୭ ସେପ୍ଟେମ୍ବର ୨୦୨୬ ପର୍ଯ୍ୟନ୍ତ ଚାଲିବ। ଏହା ପରେ ୨୧ ସେପ୍ଟେମ୍ବର ୨୦୨୬ରେ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇବ ।

ମୁଖ୍ୟ ନିର୍ବାଚନ ଅଧିକାରୀ ସମସ୍ତ ଯୋଗ୍ୟ ନାଗରିକଙ୍କୁ ଏହି ବର୍ଦ୍ଧିତ ସମୟସୀମାର ସୁଯୋଗ ନେଇ ନିଜ ନାମ ଭୋଟର ତାଲିକାରେ ଅନ୍ତର୍ଭୁକ୍ତ କରିବା କିମ୍ବା ଆବଶ୍ୟକ ସଂଶୋଧନ କରାଇବା ପାଇଁ ଆହ୍ୱାନ ଜଣାଇଛନ୍ତି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ହିମସ୍ଖଳନରେ ଚାଲିଗଲା...

ନିର୍ମଳ ପୁର୍ଜା ଦୁଇ ହଜାର ଉଣେଇଶ ମସିହାରେ ପୃଥିବୀର ୮ ହଜାର ମିଟରରୁ ଅଧିକ ଉଚ୍ଚତା ବିଶିଷ୍ଟ ସମସ୍ତ ୧୪ଟି ଶିଖରକୁ ମାତ୍ର ଛଅ ମାସରେ ଆରୋହଣ କରି ବିଶ୍ୱ କୀର୍ତ୍ତିମାନ ସ୍ଥାପନ କରିଥିଲେ। ପରେ ତାଙ୍କ ଏହି ଅସାଧାରଣ ସଫଳତା ଉପରେ ନିର୍ମିତ ଚଳଚ୍ଚିତ୍ର ବିଶ୍ୱବ୍ୟାପୀ ଲୋକପ୍ରିୟତା ଲାଭ କରିଥିଲା। ଶୀତକାଳରେ ବିଶ୍ୱର ଦ୍ୱିତୀୟ ଉଚ୍ଚତମ ଶିଖର କେ–ଦୁଇକୁ ପ୍ରଥମ ଥର ପାଇଁ ସମ୍ପୂର୍ଣ୍ଣ ନେପାଳୀ ଦଳ ସହ ଆରୋହଣ କରିଥିବା ବୀରମାନଙ୍କ ମଧ୍ୟରେ ମଧ୍ୟ ସେ ଥିଲେ। ନିର୍ମଳ ପୁର୍ଜାଙ୍କ ଅକାଳ ବିୟୋଗକୁ ପର୍ବତାରୋହଣ ଜଗତ ପାଇଁ ଏକ ଅପୂରଣୀୟ କ୍ଷତି ବୋଲି କୁହାଯାଉଛି। ସାହସ, ଦୃଢ଼ ସଙ୍କଳ୍ପ ଓ ଅଦମ୍ୟ ଇଚ୍ଛାଶକ୍ତିର ପ୍ରତୀକ ଭାବେ ପରିଚିତ ଏହି ମହାନ ପର୍ବତାରୋହୀଙ୍କ ସ୍ମୃତି ବିଶ୍ୱ ପର୍ବତାରୋହଣ ଇତିହାସରେ ସଦା ଅମର ରହିବ।

## କମୁଛି ପାଣି...

ବନ୍ୟାର ଆଶଙ୍କା ନଥିବା ଜଳସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ସୂଚନା ପ୍ରଦାନ କରିଛନ୍ତି। ତେବେ ମହାନଦୀର ବନ୍ୟା କାରଣରୁ ବାଙ୍କୀ, ଖୋର୍ଦ୍ଧା, କଣାସ, ନିମାପଡ଼ା, ଗୋପ ପରି ବ୍ଲକର ଅନେକ ପଞ୍ଚାୟତରେ ପାଣି ପସିଥିବାରୁ ଲୋକେ ପ୍ରଭାବିତ ହୋଇଛନ୍ତି। ତେବେ ମହାନଦୀରେ ଇନଫ୍ଲୋ ବର୍ତ୍ତମାନ ପ୍ରାୟ ୨ ଲକ୍ଷ ୮୪ ହଜାର କ୍ୟୁସେକ ଥିବା କାରଣରୁ ଆଉ ବନ୍ୟା ଆଶଙ୍କା ନଥିବା କୁହାଯାଉଛି। ଜଳସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ କହିଛନ୍ତି ଦିଲ୍ଲୀପ ରାଉତ କହିଛନ୍ତି ଯେ ମହାନଦୀରେ ବର୍ତ୍ତମାନ ବନ୍ୟାର ଆଶଙ୍କା ନାହିଁ। ହୀରାକୁଦ ବନ୍ଧ ପାଇଁ ଚଳିତ ବର୍ଷ ଏକ ବଡ଼ ବନ୍ୟା ଦାଉରୁ ଆମେ ରକ୍ଷା ପାଇଛନ୍ତି। ଆମେ ଦୈର୍ଯ୍ୟର ସହ ହୀରାକୁଦ ବନ୍ଧର ପରିଚାଳନା କରିଥିଲୁ। ଯାହାଫଳରେ ଆମେ ତଳମୁଣ୍ଡରେ ବନ୍ୟାକୁ ଏଡ଼ାଇ ଦେଇପାରିଛୁ। ହୀରାକୁଦରେ ଏବେ ୬୨୫ .୨୧ ଫୁଟ ପାଣି ଅଛି। ଉପରମୁଣ୍ଡରୁ ମଧ୍ୟ ପାଣି କମିଛି। ଗତକାଲି ୨୨ ଗେଟ ଖୋଲା ଥିଲା । ଦୁଇ ଦିନ ଯାଏଁ ଆଉ ଗେଟ ବନ୍ଦ ହେବନି। ଆସନ୍ତା ୩ ତାରିଖ ବେଳକୁ ଏହା ୬୧୮ ଫୁଟକୁ ଜଳସ୍ତର ଖସିବା ନେଇ ଆମେ ଲକ୍ଷ୍ୟ ରଖିଛୁ। ତେବେ ପୁରୀ, ଖୋର୍ଦ୍ଧା, ଜଗତସିଂହପୁର ଓ କେନ୍ଦ୍ରାପଡ଼ା ଜିଲ୍ଲାର କେତେକ ତଳିଆ ଅଞ୍ଚଳରେ ଜଳବନ୍ଦୀ ପରିସ୍ଥିତି ଦେଖାଯିବ ବୋଲି ସେ ସୂଚନା ଦେଇଛନ୍ତି।

ଅପରପକ୍ଷେ ମିଳିଥିବା ସୂଚନା ଅନୁଯାୟୀ ଚଳିତ ବନ୍ୟାରେ ମୋଟ ୯ଟି ଜିଲ୍ଲାର ୪୫ ଟି ବ୍ଲକ୍ ଅନ୍ତର୍ଗତ ୩୩୧ ଟି ଗ୍ରାମ ପଞ୍ଚାୟତର ୧୩୪୧ ଟି ଗ୍ରାମ ବନ୍ୟା ଦ୍ୱାରା ପ୍ରଭାବିତ ହୋଇଥିବା ବେଳେ ତା ମଧ୍ୟରେ ୪୮୮୬୮ ପ୍ରାଣୀ ପ୍ରଭାବିତ ହୋଇଛନ୍ତି। ବନ୍ୟା ପ୍ରଭାବରେ ୫ ଟି ବଡ଼ ପ୍ରାଣୀ, ୧୨୦ ଟି ଛୋଟ ପ୍ରାଣୀ ଓ ୮୦୯୦୦ ଟି କୁକୁଡ଼ାଙ୍କର ମୃତ୍ୟୁ ଘଟିଛି। ବନ୍ୟା ପ୍ରଭାବିତ ଜିଲ୍ଲା ଗୁଡିକୁ ୮୦୦ ମେଟ୍ରିକ ଟନ ଗୋ ଖାଦ୍ୟ ଯୋଗାଇ ଦିଆଯାଇଥିବା ବେଳେ ୭୩.୨ କ୍ୱିଣ୍ଟାଲ ସବୁଜ ଘାସ ଏବଂ ୧୩.୯ କ୍ୱିଣ୍ଟାଲ ଶୁଖିଲା ଘାସ ଓ ନଡା ବଣ୍ଟନ କରାଯାଇଛି। ଏହି ବନ୍ୟା ପ୍ରଭାବିତ ଅଞ୍ଚଳରେ ଜରୁରୀକାଳୀନ ସେବା ପାଇଁ ୫୮ ଟି ରାପିଡ୍ ରେସପନ୍ସ ଟିମ ମୁତୟନ କରାଯାଇଥିବା ବେଳେ ୨୪୫ ଟି ପ୍ରାଣୀ ଚିକିତ୍ସା ଶିବିର ଆୟୋଜନ କରାଯାଇ ୧୫୧୭୯ ଟି ପ୍ରାଣୀଙ୍କର ଚିକିତ୍ସା କରାଯାଇଛି ବୋଲି ରାଜ୍ୟ ମତ୍ସ୍ୟ ଓ ପଶୁପାଳନ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ବନ୍ୟା ପ୍ରଭାବିତ ଅଞ୍ଚଳରେ ୯୩ ପ୍ରତିଶତ ବିଦ୍ୟୁତ୍ ଯୋଗାଣ ସ୍ୱାଭାବିକ କରାଯାଇଥିବା ଶକ୍ତି ବିଭାଗ ସୂଚନା ଦେଇଛି। ରାଜ୍ୟ ସରକାର ପ୍ରଭାବିତ ଅଞ୍ଚଳରେ ନିରାପଦ ପାନୀୟକୁ ସର୍ବାଧିକ ଗୁରୁତ୍ୱ ଦେଉଥିବା ବେଳେ ରାଜ୍ୟସ୍ତରରେ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍ କାର୍ଯ୍ୟ କରୁଛି ବୋଲି ସୂଚନା ମିଳିଛି।

## ହୀରାକୁଦର ୨୨ ଗେଟ୍...

ନିଷ୍କାସିତ ହେଉଛି। ସ୍ପିଲୱେ ଦେଇ ୩,୫୩,୬୭୨ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବାବେଳେ ପାୱାର ଚେନାଲ ଦେଇ ୨୮୪୮୨ କ୍ୟୁସେକ୍, ଶିଳ୍ପାନୁଷ୍ଠାନ ସକାଶେ ୨୪୭ କ୍ୟୁସେକ୍, କେନାଲ ପାଇଁ ୪୦୨୦ କ୍ୟୁସେକ୍ ଜଳ ନିଷ୍କାସିତ ହେଉଛି। ଅନ୍ୟପକ୍ଷରେ, ତଳମୁଣ୍ଡରେ ବେଲଗାଁଠାରେ ୨୯,୫୦୦ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବାବେଳେ, ପଥର୍ଲାଠାରେ ୯୧,୫୦୦ କ୍ୟୁସେକ୍, ଖଇରମାଲଠାରେ ୫,୩୪,୦୦୦ କ୍ୟୁସେକ୍, ବାରମୁଲଠାରେ ୪,୭୨,୦୦୦ କ୍ୟୁସେକ୍ ଏବଂ ମୁଣ୍ଡଲୀଠାରେ ୫,୫୯,୩୯୦ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବା ହୀରାକୁଦ ମୁଖ୍ୟ ନଦୀବନ୍ଧ ସୂତ୍ରରୁ ପ୍ରକାଶ। ଶନିବାର ସକାଳ ୮ଟା ପର୍ଯ୍ୟନ୍ତ ଗତ ୨୪ ଘଣ୍ଟାରେ ଉପରମୁଣ୍ଡରେ ୨.୧୨ ମିମି ବର୍ଷା ହୋଇଥିବାବେଳେ ତଳମୁଣ୍ଡରେ ୦.୨୯ ମିମି ବର୍ଷା ହୋଇଥିବା ସୂଚନା ମିଳିଛି।

## ଆକାଶମାର୍ଗରୁ ବନ୍ୟା...

କରିଛନ୍ତି। ବନ୍ୟା ପରିସ୍ଥିତି ଉପରେ ତାଙ୍କର ସମ୍ପୂର୍ଣ୍ଣ ନଜର ରହିଛି ବୋଲି ପ୍ରକାଶ କରି ମୁଖ୍ୟମନ୍ତ୍ରୀ କହିଲେ ଯେ ମନ୍ତ୍ରୀ ଓ ଅଧିକାରୀମାନଙ୍କ ସହିତ ଆଲୋଚନା କରି ଉପଯୁକ୍ତ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଛି। ପୁରୀ ଜିଲ୍ଲାର ବନ୍ୟା ପରିସ୍ଥିତି ଉପରେ ମଧ୍ୟ ସତର୍କ ଦୃଷ୍ଟି ରଖାଯାଇଛି। ସବୁ ବିପର୍ଯ୍ୟୟ ପରି ଏହି ବନ୍ୟାରେ ମଧ୍ୟ ଜିରୋ କାଜୁଆଲିଟିକୁ ଗୁରୁତ୍ୱ ଦିଆଯାଇଛି। ଚଳିତ ବନ୍ୟାରେ ଉଦ୍ଧାର କାର୍ଯ୍ୟରେ ୧୭ଟି ଓଡ୍ରାଫ, ୭ଟି ଏନଡିଆରଏଫ ଏବଂ ୧୨୯ଟି ଅଗ୍ନିଶମ ଓ ଜରୁରୀ ସେବାଦଳ ସାମିଲ ଅଛନ୍ତି। ୭୦୦ଟି ଆଶ୍ରୟ ସ୍ଥଳ ଓ ରିଲିଫ କ୍ୟାମ୍ପରେ କ୍ଷତିଗ୍ରସ୍ତ ଲୋକଙ୍କ ପାଇଁ ରହିବା, ଶୁଖିଲା ଓ ରନ୍ଧାଖାଦ୍ୟ ବ୍ୟବସ୍ଥା, ପିଇବା ପାଣି ଓ ଡାକ୍ତରୀ ସେବାର ବ୍ୟବସ୍ଥା କରାଯାଇଛି। ଏ ସମସ୍ତ ଜିଲ୍ଲା ଗୁଡିକରେ ବରିଷ୍ଠ ଅଧିକାରୀମାନେ କ୍ଷେତ୍ର ସ୍ତରରେ ରିଲି' ଓ ପୁନରୁଦ୍ଧାର କାର୍ଯ୍ୟର ତଦାରଖ କରୁଛନ୍ତି ବୋଲି ସେ କହିଥିଲେ। ବନ୍ୟା ପ୍ରପୀଡିତଙ୍କ ସହାୟତା ସମ୍ପର୍କରେ ସୂଚନା ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ରିଲିଫ ଓ ଉଦ୍ଧାର କାର୍ଯ୍ୟ ପାଇଁ ରାଜ୍ୟ ବିପର୍ଯ୍ୟୟ ପରିଚାଳନା ପାଣ୍ଠିରୁ ୨୬ କୋଟି ଟଙ୍କା ପ୍ରଦାନ କରାଯାଇଛି। କ୍ଷତିଗ୍ରସ୍ତ ପରିବାରମାନଙ୍କୁ ପଲିଥିନ, ଶୁଖିଲା ଓ ରନ୍ଧାଖାଦ୍ୟ, ପିଇବା ପାଣି ଓ ଔଷଧ ଆଦି ଯୋଗାଇଦିଆଯାଉଛି। କ୍ଷତିଗ୍ରସ୍ତ ରାସ୍ତାଗୁଡିକୁ ମଧ୍ୟ ତୁରନ୍ତ ମରାମତି ପାଇଁ ନିର୍ଦ୍ଦେଶ ଦିଆଯାଇଛି ବୋଲି ପ୍ରକାଶ କରି ବନ୍ୟା ପରେ ସ୍ୱାସ୍ଥ୍ୟଜନିତ ସମସ୍ୟା ଯେପରି ନଉପୁଜେ ସେଥିପାଇଁ ମଧ୍ୟ କଡା ନଜର ରଖାଯାଇଛି। ସରକାରଙ୍କ ପକ୍ଷରୁ ଉପଯୁକ୍ତ ସମୟରେ ସୂଚନା ପ୍ରଦାନ ଓ ଉଚିତ ପଦକ୍ଷେପ ଯୋଗୁ ବନ୍ୟାଜନିତ ବଡ କ୍ଷୟକ୍ଷତିକୁ ରୋକାଯାଇ ପାରିଛି ବୋଲି ସେ କହିଥିଲେ।

## ପିଏମ୍‌ଙ୍କ ବାସଭବନ...

ପୁନାୱାଲା ସୋସିଆଲ ମିଡିଆରେ ଭିଡିଓ ଜାରି କରି କେନ୍ଦ୍ର ପରିବହନ ମନ୍ତ୍ରୀ ନିତିନ୍ ଗଡ଼କରୀଙ୍କୁ ସମାଲୋଚନା କରିଛନ୍ତି। ସେ ଅଭିଯୋଗ କରିଛନ୍ତି ଯେ କୌଣସି ଆଇନଗତ କାଗଜପତ୍ର ବିନା ତାଙ୍କୁ ଘରେ ଅଟକ ରଖାଯାଇଛି। ଗାନ୍ଧୀ ସ୍ମୃତି ପୀଠ ପର୍ଯ୍ୟନ୍ତ ଏକାକୀ ଶାନ୍ତିପୂର୍ଣ୍ଣ ପଦଯାତ୍ରା ଓ ଏକଦିନିଆ 'ମୌନ ବ୍ରତ' ସହ ଅନଶନ କରିବା ପାଇଁ ସେ ଯୋଜନା କରିଥିଲେ। ତେବେ ଆଇନ ଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେବା ଆଶଙ୍କାରେ ପୋଲିସ ଏହି ପଦକ୍ଷେପ ନେଇଥିବା କହିଛି।

## ପୋଖରୀକୁ ବାଇକ୍...

ପୋଖରୀ ଭିତରକୁ ଖସିପଡ଼ିଥିଲା। ଧକ୍କା ଏତେ ଭୟଙ୍କର ଥିଲା ଯେ ବାଇକ୍‌ରେ ଥିବା ତିନିଜଣ ଯୁବକଙ୍କର ଘଟଣାସ୍ଥଳରେ ହିଁ ମୃତ୍ୟୁ ଘଟିଥିଲା। ଖବର ପାଇ ସ୍ଥାନୀୟ ଲୋକଙ୍କ ସହାୟତାରେ ଖୁଣ୍ଟା ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ପୋଖରୀ ମଧ୍ୟରୁ ମୃତଦେହ ଓ ବାଇକ୍‌କୁ ଉଦ୍ଧାର କରିବା ସହ ଘଟଣାର ଅଧିକ ତଦନ୍ତ ଜାରି ରଖିଛି। କୁଆମରା ଡାକ୍ତରଖାନାରେ ତିନିଜଣଙ୍କୁ ମୃତ ଘୋଷଣା କରାଯାଇଛି। ଖୁଣ୍ଟା ଥାନାରେ ଏକ ଦୁର୍ଘଟଣା ମାମଲା ରୁଜୁ ହୋଇଛି। ରବିବାର ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ। କୁଆମରା ଅଞ୍ଚଳରେ ଚୋରାମଦ ବିକ୍ରି ବନ୍ଦ ପାଇଁ ସାଧାରଣରେ ଦାବି ହୋଇଛି।

## ଲୀନହେଲା ରାସ୍ତା...

ଆଡକୁ ଅଗ୍ରସର ହେଉଥିବାରୁ ଆର୍ଯ୍ୟପଲ୍ଲୀ ଗ୍ରାମଟି ଦିନେ ନା ଦିନେ ସମୁଦ୍ରର ଆଁ ଭିତରକୁ ଚାଲିଯିବ ବୋଲି ଭୟଭୀତ ହୋଇପଡିଛନ୍ତି ଗ୍ରାମବାସୀ ମାନେ। ପୂର୍ବରୁ ସମୁଦ୍ର ଗ୍ରାମର ୨ କିଲୋମିଟର ଦୂରରେ ଥିବା ବେଳେ ଏବେ ଆଉ ମାତ୍ର ୫୦ ମିଟର ଦୂରରେ ରହିଛି ଗ୍ରାମର ଶେଷ ଭାଗରେ ଥିବା କୋଠ ଘର, ମନ୍ଦିର ଆଦି ସମୁଦ୍ର ଗର୍ଭରେ ମିଶି ଯାଇଥିବାରୁ ଗ୍ରାମବାସୀମାନେ ଏହାର ସ୍ଥାୟୀ ସମାଧାନ ପାଇଁ ଦାବି କରି ଆସୁଥିଲେ। ଗତ କିଛିଦିନ ତଳେ ଗଞ୍ଜାମ ଜିଲ୍ଲାପ୍ରଶାସନ ଅଞ୍ଚଳବାସୀଙ୍କ ସହ ଆଲୋଚନା କରି ସ୍ଥାୟୀ ସମାଧାନ ନିମନ୍ତେ ପ୍ରତିଶୃତି ଦେଇଥିଲେ। ଏବେ ଗାର୍ଡ ୱାଲ ନିର୍ମାଣ ପାଇଁ ଗ୍ରାମବାସୀ ମାନେ ଦାବି କରୁଛନ୍ତି। ଜଳସେଚନ ବିଭାଗର ଅଧିକ୍ଷକ ଯନ୍ତ୍ରୀଙ୍କୁ ବୈଷୟିକ ବିଶ୍ଳେଷଣ କରି ବିଶେଷଜ୍ଞଙ୍କ ପରାମର୍ଶ ଅନୁଯାୟୀ ଡିପିଆର୍ ପ୍ରସ୍ତୁତ କରିବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ସୂଚନା ଥାଉ କି, ପୂର୍ବରୁ ଚେନ୍ନାଇ ସ୍ଥିତ ଜାତୀୟ ସମୁଦ୍ର ପ୍ରଯୁକ୍ତିବିଦ୍ୟା ସଂସ୍ଥାନ ପକ୍ଷରୁ ଚିକିଟି ବ୍ଲକର ରାମୟାପାଟଣା ଓ ଆର୍ଯ୍ୟପଲ୍ଲୀ ବେଳାଭୂମି କ୍ଷୟ ଉପରେ ବିଶ୍ଳେଷଣ କରି ତାହାର ଡିପିଆର୍ ଅତି ନିକଟରେ ପ୍ରସ୍ତୁତ ହେବାକୁ ଯାଉଥିବା ଜିଲ୍ଲାପାଳ ସୂଚନା ଦେଇଥିଲେ। ଏବେ ସମୁଦ୍ର କୂଳ ଲଙ୍ଘିବା ପରେ ଗାର୍ଡ ୱେଲ କାର୍ଯ୍ୟ ଶୀଘ୍ର ନିର୍ମାଣ କରିବାକୁ ସେମାନେ ଦାବି କରିଛନ୍ତି। ନଚେତ ଆଗାମୀ ଦିନରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଆତ୍ମାହୁତି ଦେବେ ବୋଲି ସେମାନେ ଚେତାବନି ଦେଇଛନ୍ତି।


**ପଶ୍ଚିମ ରେଳବାଇ - ରତଲାମ ମଣ୍ଡଳ**

**ଇ-ଟେଣ୍ଡର ବିଜ୍ଞପ୍ତି**

ପଶ୍ଚିମ ରେଳବାଇ–ରତଲାମ ଡିଭିଜନ – ଇ-ଟେଣ୍ଡର ବିଜ୍ଞପ୍ତି: କ୍ରମିକ ସଂଖ୍ୟା ୧: ଟେଣ୍ଡର ବିଜ୍ଞପ୍ତି ସଂଖ୍ୟା: M247GLRSGRREH262721 • କାର୍ଯ୍ୟର ନାମ: ବିଦ୍ୟୁତ୍ ଲୋକୋମୋଟିଭ୍‌ର Type N-32 Tap Changersର ପୁନରୁଦ୍ଧାର କାର୍ଯ୍ୟ • ସ୍ଥାନ: CWMଙ୍କ କାର୍ଯ୍ୟାଳୟ, ଦାହୋଦ, ପଶ୍ଚିମ ରେଳବାଇ • କାର୍ଯ୍ୟର ଆନୁମାନିକ ମୂଲ୍ୟ: ଟ. ୫,୮୦,୭୧,୧୯୬/- • ବିଡ୍ ସିକ୍ୟୁରିଟି: ଟ. ୧୧,୬୧,୫୦୦/- • ଇ-ଟେଣ୍ଡର ଦାଖଲ ଏବଂ ଖୋଲିବାର ତାରିଖ ଓ ସମୟ: ଇ-ଟେଣ୍ଡର ୨୦.୦୮.୨୦୨୬ ତାରିଖ ଅପରାହ୍ନ ୧୪:୩୦ ଘଣ୍ଟା ପର୍ଯ୍ୟନ୍ତ ଦାଖଲ କରାଯାଇପାରିବ ଏବଂ ସେହି ଦିନ ୧୫:୦୦ ଘଣ୍ଟାରେ ଖୋଲାଯିବ • ଟେଣ୍ଡର ବିଜ୍ଞପ୍ତି ଓ ଦଲିଲ ଉପଲବ୍ଧ: www.ireps.gov.in / E-Tenders/Works/IRElectrical V/0181

Like us on: facebook.com/WesternRly

**LOST**

ମୁଁ ଜୁଗଳ କିଶୋର ଦୀପ, ପି- ସ୍ୱ.ବିଶି କେଶନ ଦୀପ, ନି-ୱାର୍ଡ୬, କେସିଙ୍ଗା, ଜି-କଳାହାଣ୍ଡି, ଗତ ତା-31.07.2026 ରିଖରେ, ଭବାନୀପାଟଣା ସହର ରେ ମୋ ପିତା ଙ୍କ ନାମରେ ଥିବା ଦୁଇଟି ଦଲିଲ ଯାହାର "ନଂ.- ୮୭୬/୧୯୯୦ ଓ ୮୭୭/୧୯୯୦, (ଭ.- ୧୬, ପୃ.-୧୨୩)" ତାହା ୧୯୯୦ ମସିହାରେ ସମ୍ପାଦିତ ହୋଇଥିଲା, ତାହା ହଜିଯାଇଛି । ଯଦି କେହି ସହୃଦୟ ବ୍ୟକ୍ତି ପାଇଅଛନ୍ତି ତେବେ ଏହାକୁ ମୋତେ ଫେରସ୍ତ କରିବାକୁ ଅନୁରୋଧ। ଆମେ ଉକ୍ତ ଦଲିଲଙ୍କୁ କୌଣସି ବ୍ୟାଙ୍କ କିମ୍ବା ଆର୍ଥିକ ଅନୁଷ୍ଠାନରେ ବନ୍ଧକ ରଖିନାହୁଁ। ଯୋଗାଯୋଗ-8249134125

**LOST**

I, **Debesh Kumar Agrawal,** S/o Late Mangtu Ram Agrawal, resident of Silda, PO: Dumerpani, PS & District: Nuapada, (Odisha), Prop. Vishesh Industries, do hereby solemnly declare that I deposited a sum of **Rs. 1,25,712/-** on **25.10.2004,** toward a security deposit, for which **Money Receipt No. 636071, dated-25.10.2004,** was duly issued to me. That, the aforesaid original money receipt of said amount of Rs. 1,25,712/- has been lost somewhere, which cannot be trace out after all effort, this affidavit is to filled before the **TPWODL, Nuapada** for release of aforesaid security deposit as affirmed in the affidavit No. 546, dated-31.07.2026, executed before the Executive Magistrate, Nuapada, Odisha.

**GOVERNMENT OF ODISHA** 34001/563/2627

**OFFICE OF THE SUPERINTENDING ENGINEER, BOUDH (R&B) DIVISION, BOUDH**

Phone: - 06841-296119 Email: - eeboudhrb@gmail.com

**INVITATIONS FOR BIDS (IFB)**

**e-Procurement Notice**

Letter No. 3719 Dated. 30-07-2026

**BID IDENTIFICATION No. : SE (R&B)-BDH 06/2026-27**

| | | | |
|---|---|---|---|
| 1. | Number of work | : | 03 (Three) Nos. of EI work (Single cover) |
| 2. | Estimated cost | : | As per the column No. 3 of the table |
| 3. | Period of completion | : | As per the column No. 8 of the table |
| 4. | Date & time of availability of Bid documents in the portal | : | From 04.08.2026, 10:00 AM to 12.08.2026, 05:00 PM |
| 5. | Last date / time for seeking of Tender clarification | : | 12.08.2026 up to 01:00 PM |
| 6. | Last date / time for receipt of bids in the portal | : | Up to 5:00 PM of Dtd. 12.08.2026 |
| 7. | Date & time of opening of Tender / Bid | : | 13.08.2026 at 11:30 AM |
| 8. | Name and address of the officer inviting bid | : | Superintending Engineer, Boudh (R&B) Division, Boudh |

A. Other details can be seen from detailed notice.
B. Inviting tenders, available in the website : www.tendersorissa.gov.in
C. Corrigendum if any shall only be published in the website : www.tendersorissa.gov.in

Superintending Engineer, Boudh (R&B) Division, Boudh

OIPR-34001/34134/1/26-27/0010

**LOST**

I, Tapan Kumar Kalo, S/o Aswini Kumar Kalo, Resident of Jhankarpada, P.O. Hirakud, Dist. Sambalpur, Odisha, hereby inform the public that I have lost my original educational certificates:B.Tech (Electrical Engineering) – Registration No. 1021317021, Certificate Sl. No. BDC14118193 10th Board Certificate – Roll No. 04PE235, Certificate Sl. No. 051090201 Diploma in Electrical Engineering – Registration No. 072502017, Certificate Sl. No. 10/2409741. The certificates have been reported lost, and an FIR/GD has been lodged at Dhanupali Police Station, Sambalpur, vide GD No. 021, dated 30/07/2026.If anyone finds these certificates, please kindly inform me on below mentioned contact number -8093331253

**GOVT. OF ODISHA** 25001/861/2627

**OFFICE OF THE SUPERINTENDING ENGINEER RURAL WORKS DIVISION, ANANDAPUR**

E-Mail:- eerw_anandapur@yahoo.co.in

**NOTICE INVITING TENDER**

**NATIONAL COMPETITIVE BIDDING THROUGH e-PROCUREMENT NOTICE**

**On line-10 /SE/RW/AND/2026-27**

**Construction of Building work in the District of Keonjhar for the year 2026-27.**

**No. 5629** **Date: 28.07.2026**

Executive Engineer, Rural Works Division, Anandapur on behalf of **Government of Odisha** invites **PERCENTAGE (%) RATE** tender for Building work through e-Procurement as per annexure in Single Cover system. The bid should be submitted on-line in the website **www.tendersorissa.gov.in** by eligible class of contractors having legal competency & expertise, registered with the state Government & contractors of equivalent grades /class registered with central Govt./ MES/ Railways for execution of only Civil works. The bidders should have necessary Portal Enrollment (with his own Digital Signature Certificate). The registered bidders of outside Odisha can also participate in this process, after necessary Portal Enrolment, but shall have to subsequently undergo registration with the appropriate authority of the State Government before award of the work.

| Procurement Officer | Bid Identification No. | Availability of Tender on-line for bidding | | Last Date & Time of seeking tender clarification | Date & Time of opening of tender in: O/o the S. E., R.W. Division, Anandapur |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Superintending Engineer, R.W. Division, Anandapur | NCB-On line 10/ SE/RW/ AND/ 2026-27 | 01.08.2026 at 11.00 A.M. | 11.08.2026 up to 5.00 P.M. | 10.08.2026 up to 11.00 A.M. | 12.08.2026 at 11.30 A.M. |

Superintending Engineer
R.W. Division, Anandapur

OIPR-25001/25055/1/26-27/0014

**GOVT. OF ODISHA** 32001/633/2627

**DEPARTMENT OF WATER RESOURCES, OFFICE OF THE SUPERINTENDING ENGINEER, RENGALI RIGHT CANAL DIVISION NO-I, KHUNTUNI, DHENKANAL**

Email Id - eebaghuabol@gmail.com

**'e' Procurement Notice**

The Superintending Engineer, Rengali Right Canal Division No-I, Khuntuni At/Po-Mahisapat, Dhenkanal, PIN-759001 on behalf of the Governor of Odisha invites **on line percentage rate bid** in double cover system from the eligible mampower service provider for sanitation work as detailed below:

| | | | |
|---|---|---|---|
| 1. | Name of the work | : | Construction of RCC Drain near CD at RD 27210M (L/s) & near VRB at RD 27453M (R/s) & C.C. Guard Wall near VRB at RD 27453M (L/s) of DBC of RRIP. |
| 2. | Tender Cost | : | Rs. 50,35,997.00 |
| 3. | Bid Document Cost | : | Rs. 10,000.00 (on line) |
| 4. | Bid Security | : | Rs. 50,400.00 |
| 5. | Class of Contractor | : | 'B' Class |
| 6. | Period of Completion | : | 6 months |
| 7. | Other details are as follows: | | |

| Procurement Officer | Bid Identification No. | Availability of Tender On- line for bidding | | Date of Opening of Bid |
|---|---|---|---|---|
| | | From | To | |
| Superintending Engineer, RRC Division No-I, Khuntuni | SERRCDI-12/ 2026-27 | 04.08.2026 10.00 AM | 19.08.2026 5.00 PM | 20.08.2026 11.00 AM |

Further details can be seen from the e-procurement portal https://www.tendersodisha.gov.in
Any addendum/ Corrigendum/ Cancellation to the above notice will be published in the Govt. website www.tendersodisha.gov.in

Superintending Engineer
Rengali Right Canal Division No-I
Khuntuni, Dhenkanal

OIPR-32001/32082/1/26-27/0001

**OFFICE OF THE SUPERINTENDENT** 10001/429/2627

**FAKIR MOHAN MEDICAL COLLEGE & HOSPITAL, BALASORE**

**Remuna, Balasore, Pin-756019 (Odisha)**

**TENDER NOTICE FOR OFFICE STATIONARY & CONSUMABLE ITEMS OF FMMCH, BALASORE (2026-27)**

Bid Ref. No. **5084** /S/FMMCHB Date : 30/07/2026

FMMCH, Balasore invites sealed Tender from registered Firm/ Agencies/ Company for **Office Stationary & Consumable Items** for FMMCH, Balasore. The proposal in the prescribed format along with all supportive documents should reach to the Office of the Superintendent, Remuna, FMMCH, Balasore by Dt. **31/08/2026 up to 05.30 PM** through Registered post/ speed post/ courier only and the same will be opened on **Dt. 02/09/2026, 11.00 AM** at Office chamber of Superintendent, Remuna, FMMCH, Balasore. Application form as well as other details will be available and downloaded from district website https://balasore.odisha.gov.in/ www.fmmch.odisha.gov.in . Authority reserves every right to reject all or any of the Tender without assigns any reason thereof.

Superintendent
FMMCH, Balasore

OIPR-10001/10134/1/26-27/0008

**AFFIDAVIT**

By virtue of an affidavit sworn before the Executive Magistrate, Gunupur, Rayagada, I, Visweswar Subudhi, S/o- T. Minna Rao, resident of Town/Post- Gunupur, Dist-Rayagada, Odisha vide affidavit no. 113, dt: 31.07.2026 that now onwards I will be known as **Bisweswar Subudhi** for all future purposes.

**AFFIDAVIT**

By Virtue of an affidavit sworn before Executive Magistrate Bhograi , no- 3959, dated 31.07.2026, I ,s/o Gangadhar Khamari, At/Po -Dubsahi, PS-Kamarda District-Balsore, Odisha, pin-756035 declare that, I have changed my name from Sunil Kumar Khamari to Samir Kumar Khamari.Henceforth,I shall be known as **Samir Kumar Khamari** for all purpose.

**AFFIDAVIT**

By virtue of an affidavit sworn before the Notary Public, Nuapada, dtd 10.04.2026, I, Anjana Panda, At/Po/Dist.-Nuapada hereby declare that my daughter's correct name is MANISA SHUKLA, whereas in her Birth Certificate her name has inadvertently been recorded as MANASA SHUKLA. That both names refer to one and the same person. Henceforth she shall be known as **MANISA SHUKLA** for all purposes.

Minara Panda

**AFFIDAVIT**

By virtue of an affidavit sworn before In the Court of Executive Magistrate, Basta, Balasore. Vide Affidavit Sl No-3380, Dated-28/07/2026. I, Sukanti Dhungia, W/o- Chakradhar Dhungia, of Village-At/Po-Futukisole, Ps-Moroda, Dist-Mayurbhanj, Pin-757023, Odisha, declare that I have changed the name of my Minor Son from "ROUDRADHWAJA DHUNNGIA" to "RUDRADHARYA DHUNGIA". Henceforth, He shall be known as **"RUDRADHARYA DHUNGIA"** for all future purposes.

Sukanti Dhungia

**AFFIDAVIT**

By virtue of an affidavit (CF No. 107, dtd- 28.07.2026) sworn before The Executive Magistrate, Bhubaneswar. I, **Pankaj Kumar Amar** (new name), S/o-Bishwambhar Prasad Singh, permanent resident of B3/303, Bright Residency, Road No.12, Jagannath Nagar, PO: GGP Colony, P.S. Mancheswar, Bhubaneswar, Dist: Khordha, Odisha, Pin-751025 declare that I have changed my name from **P K Amar** (old name) to **Pankaj Kumar Amar** (new name). Henceforth, I shall be known as **Pankaj Kumar Amar** (new name) for all purposes.

Pankaj Kumar Amar

# ଏମ୍ସ ସାଟେଲାଇଟ୍‌କୁ ପୂର୍ଣ୍ଣ କାର୍ଯ୍ୟକ୍ଷମ ଦାବିରେ ଗଣବିକ୍ଷୋଭ

ବାଲେଶ୍ୱର/ରେମୁଣା, ୧।୮ (ସମିସ)

ଦୀର୍ଘ ଆଠ ବର୍ଷ ଧରି ବାଲେଶ୍ୱର ଏମ୍ସର ବହିର୍ବିଭାଗ ସପ୍ତାହକୁ ମାତ୍ର ଦୁଇ ଦିନ ଖୋଲୁଛି। ୩୫୦ ଶଯ୍ୟା ବିଶିଷ୍ଟ ହସ୍ପିଟାଲ୍ ଏପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇପାରି ନାହିଁ। ଫଳରେ ବାଲେଶ୍ୱର ଓ ଆଖପାଖ ଅଞ୍ଚଳର ରୋଗୀମାନେ ଉନ୍ନତ ଚିକିତ୍ସା ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହାକୁ ଆଧାର କରି ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ବାଲେଶ୍ୱର ଏମ୍ସ ସାଟେଲାଇଟ୍ ସେଣ୍ଟରକୁ ପୂର୍ଣାଙ୍ଗ

**ଚଳିତମାସରେ ବହିର୍ବିଭାଗ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ହେବା ନେଇ ପ୍ରଶାସନର ପ୍ରତିଶ୍ରୁତି**



କାର୍ଯ୍ୟକ୍ଷମ କରିବା ଦାବିରେ ଶନିବାର ସକାଳ ୯ ଟାରୁ ୧୨ଟା ପର୍ଯ୍ୟନ୍ତ ଶତାଧିକ ଲୋକ ଗଣଧାରଣାରେ ବସିଥିଲେ। ସରକାରୀ ମେଡିକାଲ୍ କଲେଜ୍ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଆୟୋଜିତ ଏହି ବିକ୍ଷୋଭରେ କମିଟି ସଭାପତି ନିରଞ୍ଜନ ପରିଡ଼ା ଓ ଉପସଭାପତି ନିରଞ୍ଜନ ରାଉତ ଅଧ୍ୟକ୍ଷତା କରିଥିଲେ। ବିଭିନ୍ନ ରାଜନୈତିକ ଦଳ ଓ ଗଣସଂଗଠନର ନେତୃବୃନ୍ଦ ମଧ୍ୟ ଯୋଗ ଦେଇ ଆନ୍ଦୋଳନକୁ ସମର୍ଥନ ଜଣାଇଥିଲେ। ଧାରଣା ସ୍ଥଳରୁ ଏକ ପ୍ରତିନିଧି ଦଳ ଏମସ୍‌ର ନର୍ସିଂ ସୁପରିଟେଣ୍ଡେଣ୍ଟ ଦିଲ୍ଲୀପ ହେମ୍ବ୍ରମ୍‌ଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ସେ ଚଳିତ ଅଗଷ୍ଟ ମାସ ମଧ୍ୟରେ ବହିର୍ବିଭାଗକୁ ସଂପୂର୍ଣ୍ଣ କାର୍ଯ୍ୟକ୍ଷମ କରାଯିବା ସହ ସରକାରୀ ଔଷଧ ଦୋକାନ ଓ ସମସ୍ତ ରୋଗର ପରୀକ୍ଷା ନିରୀକ୍ଷା ଆରମ୍ଭ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହି ଆଶ୍ୱାସନା ପରେ କମିଟି ପକ୍ଷରୁ ଚଳିତ ଅଗଷ୍ଟ ମାସ ଶେଷ ପର୍ଯ୍ୟନ୍ତ ଆନ୍ଦୋଳନକୁ ସ୍ଥଗିତ ରଖାଯାଇଛି। ତେବେ ଦାବି ପୂରଣ ନ ହେଲେ ଆଗାମୀ ଦିନରେ ଆହୁରି ବ୍ୟାପକ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି। ଏହି ଧାରଣାରେ ପୂର୍ବତନ ବିଧାୟକ ସୁଦର୍ଶନ ଜେନା, ସୁଧାଂଶୁ ଶେଖର ପରିଡ଼ା, ଡ. ଲେଖାଶ୍ରୀ ସାମନ୍ତ ସିଂହାର, ଦିଲ୍ଲୀପ ଗିରି, ସତ୍ୟଶିବ ଦାସ, ଅକ୍ଷୟ ମଲ୍ଲିକଙ୍କ ସମେତ ଜିଲ୍ଲା ପରିଷଦ ସଭାପତି ନାରାୟଣ ଚନ୍ଦ୍ର ପ୍ରଧାନ, କ୍ରିୟାନୁଷ୍ଠାନ କମିଟି କର୍ମକର୍ତ୍ତା ଡ. ହୃଷିକେଶ ସାହୁ, ଶତ୍ରୁଘ୍ନ ମଲ୍ଲିକ, ମାୟାଧର ନାୟକ, ବିଜୟ ପାତ୍ର, ଡ. ଅଜିତ୍ ମହାନ୍ତି, ପ୍ରେମରଂଜନ ପାତ୍ର, ରମେଶ ଚନ୍ଦ୍ର ଜେନା, ଶ୍ୟାମସୁନ୍ଦର ଜେନା, ଗୌରାଙ୍ଗ ପାଣିଗ୍ରାହୀ, କୁମୁଦ ରଂଜନ ଗିରି, ଜଗତାନନ୍ଦ ବିଶ୍ୱାଳ, ସରସ୍ୱତୀ ପଣ୍ଡା, ଅକ୍ଷୟ ତ୍ରିପାଠୀ, ନବକିଶୋର ଦାସ, ଜିତେନ୍ଦ୍ର ବେହେରା, ରଘୁନାଥ ଲେଙ୍କା, ନିରଞ୍ଜନ ବେହେରା, ଡ. କେଶବ ଚରଣ ପଣ୍ଡା, ଗୋବିନ୍ଦ ଚନ୍ଦ୍ର ଭୋଇ, ପୂର୍ବତନ ସରପଞ୍ଚ ବିଧାନ ରାୟ ଓ ଷ୍ଟାଲିନ୍ ମିଶ୍ର, ସିଭିଲ୍ ସୋସାଇଟି ସଭାପତି ଅନ୍ତର୍ଯ୍ୟାମୀ ପ୍ରଧାନ, ଓକିଲ ସଂଘ ସଭାପତି ମନୋଜ ନାୟକ, ଭିଟାମାଟି ସୁରକ୍ଷା କମିଟି ନେତା ଅରୁଣ ଜେନା, ଅନୁଜ ମହାପାତ୍ର, ଆଇନଜୀବୀ ତୁଷାର ମହାପାତ୍ର, କୃଷି ମହାବିଦ୍ୟାଳୟ କ୍ରିୟାନୁଷ୍ଠାନ ସମିତିର ସଂପାଦକ ଅଭୟ ମିଶ୍ର, ଭରତ ଚନ୍ଦ୍ର ସେଠୀ, ଯତୀନ୍ ପାତ୍ର, ଜୀବନ ପରିଡ଼ା, ନାରୀନେତ୍ରୀ ପ୍ରମିତା ଦାସ, ମିନତୀ ପ୍ରଧାନ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ।

## କୁମ୍ଭାରୀ ନଗେନ୍ଦ୍ର ନାଥ ସଂସ୍କୃତ ମହାବିଦ୍ୟାଳୟର ନୂତନ ଅଧ୍ୟକ୍ଷଙ୍କ ଦାୟିତ୍ୱ ଗ୍ରହଣ

**ବାଲିଆପାଳ, ୧।୮ (ସମିସ):** ବ୍ଲକର ଅଗ୍ରଣୀ କୁମ୍ଭାରୀସ୍ଥିତ ନଗେନ୍ଦ୍ର ନାଥ ସଂସ୍କୃତ ମହାବିଦ୍ୟାଳୟର ନୂତନ ଅଧ୍ୟକ୍ଷ ଭାବେ ଅଧ୍ୟାପକ ରମେଶ ଚନ୍ଦ୍ର ସେଠୀ ଦାୟିତ୍ୱ ଗ୍ରହଣ କରିଛନ୍ତି । ପୂର୍ବତନ ଅଧ୍ୟକ୍ଷ ମନୋରଞ୍ଜନ ପଣ୍ଡାଙ୍କ ଠାରୁ ଶ୍ରୀ ସେଠୀ ଦାୟିତ୍ୱ ଗ୍ରହଣ କରିଥିଲେ। ଏହି ଅବସରରେ ଆୟୋଜିତ ଉତ୍ସବରେ ନୂତନ ଅଧ୍ୟକ୍ଷ ରମେଶ ଚନ୍ଦ୍ର ସେଠୀ ସଭାପତିତ୍ୱ କରିଥିଲେ। ମହାବିଦ୍ୟାଳୟର ଅଧ୍ୟାପକ କାଶୀନାଥ ଗିରି, ଶ୍ରୀଧର ମହାଳିକ, ଦିଲ୍ଲୀପ ଭଦ୍ର, ଅଧ୍ୟାପିକା ସବିତା ରାଣୀ ମହାପାତ୍ର ଏବଂ କର୍ମଚାରୀ କଳ୍ପନା ପାତ୍ର, ବିନୋଦ କୁମାର ସାହୁ, ପ୍ରଦୀପ ଦାସ ପ୍ରମୁଖ ନୂତନ ଅଧ୍ୟକ୍ଷଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ। ମୁଖ୍ୟ କିରାଣି ବିକାଶ ମହାପାତ୍ର ଧନ୍ୟବାଦ ଦେଇଥିଲେ।



## ଶିକ୍ଷା ବ୍ୟବସ୍ଥାରେ ସୁଧାର ଦାବି

**ବାଲେଶ୍ୱର, ୧।୮ (ସମିସ):** ଭାରତୀୟ ବିଦ୍ୟାର୍ଥୀ ମୋର୍ଚ୍ଚା ଓ ଭାରତ ମୁକ୍ତି ମୋର୍ଚ୍ଚା ତତ୍ତ୍ୱାବଧାନରେ ଆଜି ଛାତ୍ରଛାତ୍ରୀ ଦେଶର ଶିକ୍ଷା ବ୍ୟବସ୍ଥାରେ ସୁଧାର ଦାବିରେ ବାଲେଶ୍ୱର ଅତିରିକ୍ତ ଜିଲ୍ଲା ମାଜିଷ୍ଟ୍ରେଟଙ୍କ ମାଧ୍ୟମରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଛନ୍ତି। ନିଟ୍-ୟୁଜି ପରୀକ୍ଷାରେ ଘଟିଥିବା ଗୁରୁତର ଅନିୟମିତତା ଓ ଦୁର୍ନୀତିର ନିରପେକ୍ଷ, ଉଚ୍ଚସ୍ତରୀୟ ତଦନ୍ତ ଏବଂ ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ସେମାନଙ୍କ ମୁଖ୍ୟ ଦାବି ଥିଲା। ଅନ୍ୟାନ୍ୟ ଦାବି ଯଥା ଏନଟିଏ ର କାର୍ଯ୍ୟ ପ୍ରଣାଳୀର ସମୀକ୍ଷା ଏବଂ ଏମସ୍ ତତ୍ତ୍ୱାବଧାନରେ ସ୍ୱଚ୍ଛ ଚିକିତ୍ସା ପ୍ରବେଶ ପରୀକ୍ଷା, ଏନଇପି-୨୦୨୦ ର ସମୀକ୍ଷା ଏବଂ ଡ୍ରପ୍-ଆଉଟ୍ ସମସ୍ୟାର ସମାଧାନ, ନିଟ୍, ଏସଏସସି ପରୀକ୍ଷାରେ ପ୍ରଶ୍ନପତ୍ର ଲିକ୍ ରୋକ ସହ ସମସ୍ତ ଖାଲି ପଦବୀରେ ନିୟମିତ ନିଯୁକ୍ତି, ଜନ୍ତର-ମନ୍ତର ଆନ୍ଦୋଳନକାରୀ ଛାତ୍ରଙ୍କ ବିରୋଧରେ ମାମଲା ପ୍ରତ୍ୟାହାର ଏବଂ ବାଲେଶ୍ୱର ଗୃହରକ୍ଷୀ ନିଯୁକ୍ତିରେ ଅନିୟମିତାର ତଦନ୍ତ ଓ ପୁନଃ ପରୀକ୍ଷା। ଦାବି ପୂରଣ ନ ହେଲେ ଏସପି ଅଫିସ୍ ଘେରାଉ ଚେତାବନୀ ଦେଇଛନ୍ତି। ଆନ୍ଦୋଳନର ନେତୃତ୍ୱ ନେଇଥିଲେ ଇ. ସୌମ୍ୟ ରଞ୍ଜନ ଆଢ୍ୟ ଓ ସାଧୁ ଚରଣ ମଲ୍ଲିକ। ଅନ୍ୟମାନଙ୍କ ମଧ୍ୟରେ ସ୍ନେହ ଆଢ୍ୟ, ବୁଲୁ ସିଂ, ଗଗନ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ବନ୍ୟା ବିପନ୍ନଙ୍କୁ ଶୁଖିଲା ଖାଦ୍ୟ ବଣ୍ଟନ

**ସିମୁଳିଆ, ୧।୮ (ସମିସ):** ଲଗାଣ ବର୍ଷା ପ୍ରଭାବରେ ସିମୁଳିଆ ୬ରୁ ଉର୍ଦ୍ଧ୍ୱ ପଞ୍ଚାୟତ ସମ୍ପୂର୍ଣ୍ଣ ଜଳ ଘେରରେ ରହିଛି। ସେଥି ମଧ୍ୟରୁ ସିମୁଳିଆ ବ୍ଲକ୍ ଚାଲୁଣିଗାଁ ପଞ୍ଚାୟତ ଅଧିନ ଚାଲୁଣୀ ଗାଁ, ବାଙ୍ଗଶୀ ବାଟି, ମଙ୍ଗରାଜପୁର, କହ୍ନେଇବାଙ୍କ ଓ ସାଧୁବୀର ଗ୍ରାମ ପାଣି ଘେରରେ ରହିଥିବା ପରିବାର ନିକଟରେ ସିମୁଳିଆ ବିଧାୟକ ପଦ୍ମଲୋଚନ ପଣ୍ଡାଙ୍କ ପ୍ରତିନିଧି ତଥା ବାଲେଶ୍ୱର ଜିଲ୍ଲା ସାଧାରଣ ସମ୍ପାଦକ, ଯୁବନେତା ଡା. ଅଣୁମାଧବ ପଣ୍ଡା ଆଜି ଉକ୍ତ ଗ୍ରାମକୁ ଯାଇ ବନ୍ୟା ପୀଡିତ ଲୋକଙ୍କୁ ଭେଟି ଶୁଖିଲା ଖାଦ୍ୟ ବଣ୍ଟନ କରିବା ସହିତ କ୍ଷତିଗ୍ରସ୍ତ ଲୋକମାନେ କିପରି ସରକାରୀ ସହାୟତା ପାଇବେ ସେଥିପାଇଁ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଛନ୍ତି। ଏହା ସହିତ ସେହି ଗ୍ରାମକୁ ଯିବାପାଇଁ କୌଣସି ରାସ୍ତା ନଥିବାରୁ ସାମାନ୍ୟ ବର୍ଷା ହେଲେ ଲୋକ ମାନେ ଜଳବନ୍ଦୀ ହେଇ ରହୁଛନ୍ତି ସେଥିପାଇଁ ତୁରନ୍ତ ରାସ୍ତା ବ୍ୟବସ୍ଥା କରାଇବେ ବୋଲି ଯୁବନେତା ଶ୍ରୀ ପଣ୍ଡା ପ୍ରତିଶ୍ରୁତି ଦେଇଛନ୍ତି। ଜିଲ୍ଲା ମହିଳା ଉପସଭାପତି ଭାରତୀ ମଲ୍ଲିକ, ସରପଞ୍ଚ ମମତା ନାୟକ, ରାମ ଗୋବିନ୍ଦ ନାୟକ ଓ ସତ୍ୟ ନାରାୟଣ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।



## ହେଲଦି ଲାଇଫ୍‌ରେ ଗୁରୁ ପୂର୍ଣ୍ଣିମା

**ବାଲେଶ୍ୱର,୧।୮ (ସମିସ):** ଚିଡିଆପୋଲସ୍ଥିତ ହେଲଦି ଲାଇଫ ଯୋଗ ମହାବିଦ୍ୟାଳୟ ଇନଷ୍ଟିଚ୍ୟୁଟ ଅଫ୍ ନେଚର୍ କିୟର ଏଣ୍ଡ ଯୋଗିକ ସାଇନ୍ସ ପରିସରରେ ସହରର ବୈରାମ ନଗର ସ୍ଥିତ ଦିବ୍ୟ ସଂଘ ଦ୍ୱାରା ଗୁରୁ ପୂର୍ଣ୍ଣିମା ଉତ୍ସବ ପାଳିତ ହୋଇଯାଇଛି। ଉତ୍ସବରେ ଯୋଗ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ଓ ଦିବ୍ୟ ଜୀବନ ସଙ୍ଘ ସଭ୍ୟ ଯୋଗ ଦେଇଥିଲେ। ଗୁରୁ ପାଦୁକା ପୂଜା, ସ୍ୱାଧ୍ୟାୟ, ପ୍ରାର୍ଥନା, ବେଦପାଠ ଏବଂ ଶେଷରେ ପ୍ରସାଦ ସେବନ ହୋଇଥିଲା। ସଂଘ ତରଫରୁ ଆନନ୍ଦ ଶଙ୍କର ମହାପାତ୍ର, ଡାକ୍ତର ଚିତ୍ତରଞ୍ଜନ ସାହୁ, ଶରତ କୁମାର ଦାସମହାପାତ୍ର, ନିତ୍ୟାନନ୍ଦ ବାରିକ, ସୁରେନ୍ଦ୍ର ମାଝୀ, ପୁରୁଷୋତ୍ତମ ମାଝୀ, ମଣି ଦାସ, ମନୋଜ କୁମାର ମହାନ୍ତି, ଲକ୍ଷ୍ମୀକାନ୍ତ ରଣା, ରଞ୍ଜନ ବାରିକ, ଅନୁଷ୍ଠାନର ଅଧ୍ୟକ୍ଷା ଦେବୀ ଅର୍ଚ୍ଚନା ଦାସ, ଅଧ୍ୟାପିକା କ୍ରାନ୍ତି ପାଣିଗ୍ରାହୀ, ଅନୀତା ଦାସ, ଅଧ୍ୟାପକ ଅଭିଷେକ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଡାକ୍ତର ଚିତ୍ତରଞ୍ଜନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।



## ଉନ୍ନତ ମତ୍ସ୍ୟଚାଷ ସମ୍ବନ୍ଧୀୟ କର୍ମଶାଳା

**ଜଳେଶ୍ୱର, ୧।୮ (ସମିସ):** ଓଡିଶା ସରକାରଙ୍କ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗ ଦ୍ୱାରା ଆୟୋଜିତ ଉନ୍ନତ ମତ୍ସ୍ୟ ଚାଷ ସମ୍ବନ୍ଧୀୟ ଏକ ଦିବସୀୟ ତାଲିମ ତଥା ସଚେତନତା କର୍ମଶାଳା ଜଳେଶ୍ୱର ବ୍ଲକ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଏହି କର୍ମଶାଳାରେ ମୁଖ୍ୟଅତିଥି ଭାବେ ଜଳେଶ୍ୱର ବ୍ଲକ ଅଧ୍ୟକ୍ଷ ମାନସ କୁମାର ଜେନା ଯୋଗଦେଇଥିବା ବେଳେ ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଗୌରାଙ୍ଗ ଚରଣ ଘୋଷ, ବ୍ଲକ ଉପାଧ୍ୟକ୍ଷା ସଂଜୀତା ସେନାପତି ପ୍ରମୁଖ ଯୋଗ ଦେଇଥିଲେ। ଜିଲ୍ଲା ମତ୍ସ୍ୟ ଚାଷ ବିଶେଷଜ୍ଞ ସାଗରୀକା ଦାସ ଓ ବ୍ଲକ ସହକାରୀ ମତ୍ସ୍ୟ ଅଧିକାରିଣୀ ପ୍ରୀୟଙ୍କା ସାହୁ କର୍ମଶାଳାରେ ଯୋଗଦେଇଥିବା ମତ୍ସ୍ୟ ଚାଷୀମାନଙ୍କୁ ଚାଷ ବିଷୟରେ ସଚେତନ କରାଇବା ସହିତ ତାଲିମ ପ୍ରଦାନ କରିଥିଲେ। ତା ସହିତ ସରାକାରଙ୍କ ମତ୍ସ୍ୟଚାଷୀ ମାନଙ୍କ ପାଇଁ ଥିବା ବିଭିନ୍ନ ପ୍ରକଳ୍ପ ତଥା ସୁବିଧା ସୁଯୋଗ ବିଷୟରେ ବୁଝାଇଥିଲେ। ଏହି କର୍ମଶାଳାରେ ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସଦସ୍ୟ ତଥା ମତ୍ସ୍ୟ ଚାଷୀ ଯୋଗଦେଇ ଉନ୍ନତ ମତ୍ସ୍ୟଚାଷ କରିବାର ତାଲିମ ନେଇଥିଲେ।



**ବାଲିଆପାଳ ଶାରୀରିକ ଶିକ୍ଷା ମହାବିଦ୍ୟାଳୟ**

## ଉଚିତ କ୍ଷତିପୂରଣ ଦାବିରେ ଜମିଦାତାଙ୍କ ଆନ୍ଦୋଳନ ଚେତାବନୀ

**କାଳିପଦା, ୧।୮ (ସମିସ):** ବାଲିଆପାଳସ୍ଥିତ ଶାରୀରିକ ଶିକ୍ଷା (କ୍ରୀଡା) କଲେଜରେ ପୂର୍ବରୁ ହୋଇଥିବା ମହାଘୋଟାଲାକୁ କେନ୍ଦ୍ର କରି ବିବାଦ ଥମି ନ ଥିବା ବେଳେ ଆଜି ସାନି ଏକ ସମସ୍ୟା ଦେଖା ଦେଇଛି। ଯେଉଁମାନେ କଲେଜକୁ ଜମି ଦାନ କରିଥିଲେ ଏବେ ସେମାନେ ତାହାର ଉଚିତ କ୍ଷତି ପୂରଣ ପାଇଁ ବାଲିଆପାଳ ପୂର୍ତ୍ତ ବିଭାଗ ଡାକ ବଙ୍ଗଳାଠାରେ ଏକ ସାମ୍ବାଦିକ ସମ୍ମିଳନୀ କରିଛନ୍ତି। ଆସନ୍ତା ୩ ତାରିଖରୁ ସେମାନେ କଲେଜ ସାମ୍ନାରେ ଅନଶନ ଆନ୍ଦୋଳନ କରିବେ ବୋଲି ସମ୍ମିଳନୀରେ ପ୍ରକାଶ କରିଛନ୍ତି। ଗତବର୍ଷ ଜମିଦାତା ମାନେ ଅଳ୍ପ କିଛି କ୍ଷତି ପୂରଣ ପାଇଥିବା ବେଳେ ଅବଶିଷ୍ଟ ଅର୍ଥ ଜୁନ ମାସ ସୁଦ୍ଧା ପାଇବା କଥା। ମାତ୍ର କଲେଜ କର୍ତ୍ତୃପକ୍ଷ ବିଭିନ୍ନ ଆଳ ଦେଖାଇ ସେମାନଙ୍କୁ ପ୍ରତାରିତ କରିଥିବା ପ୍ରକାଶ। ସେମାନଙ୍କ ମୁଖ୍ୟ ଦାବି ଗୁଡିକ ହେଉଛି ଜମିର ଉଚିତ କ୍ଷତି ପୂରଣ, ସେମାନଙ୍କ ପରିବାରର ଜଣଙ୍କୁ ଚାକିରି, କଲେଜରେ ନୂଆ ପରିଚାଳନା ସମିତି ଗଠନ, ନିୟମ ଅନୁସାରେ ନୂଆ ଅଧ୍ୟକ୍ଷ ଚୟନ, କଲେଜ ପ୍ରତିଷ୍ଠା ଦିନରୁ ଅଦ୍ୟାବଧି ସମସ୍ତ ଆୟ ବ୍ୟୟର ସିବିଆଇ ତଦନ୍ତ, ନିଶାସକ୍ତ କର୍ମଚାରୀଙ୍କୁ ଚାକିରୀରୁ ବରଖାସ୍ତ ଓ ଅବସରପ୍ରାପ୍ତ କର୍ମଚାରୀଙ୍କୁ ସମସ୍ତ ବକେୟା ପ୍ରଦାନ। ଏହି ସାମ୍ବାଦିକ ସମ୍ମିଳନୀରେ ଗିରୀଶ ଚନ୍ଦ୍ର ପାତ୍ର, ରାଜେଶ କୁମାର ପାତ୍ର, ଚିତ୍ତରଞ୍ଜନ ପାତ୍ର, ଗୌରୀ ଶଙ୍କର ମଜୁମଦାର , ଅନନ୍ତ କୁମାର ସିଂ, ଜୀବନ କୃଷ୍ଣ ପାତ୍ର, ସନ୍ୟାସୀ କୁମାର ପାତ୍ର, ବାଙ୍କିମ ଚନ୍ଦ୍ର ପାତ୍ର, ପ୍ରାଣକୃଷ୍ଣ ପାତ୍ର, ପଦ୍ମ ଲୋଚନ ପାତ୍ର, ଶାନ୍ତିଲତା ପାତ୍ର, ସୁବାସ ଚନ୍ଦ୍ର ପାତ୍ର, ସଂକୁନ୍ତଳା ଦାସ, ଶୁଭେନ୍ଦୁ ଗିରି, ଅମୂଲ୍ୟ କୁମାର ପାତ୍ର, ବଙ୍କିମ ଚନ୍ଦ୍ର ପାତ୍ର, ପ୍ରଦୀପ କୁମାର ପାତ୍ର, ଅଜୟ କୁମାର ପାତ୍ର, ପରୀକ୍ଷିତ ପାତ୍ର, ସତ୍ୟଜିତ ପାତ୍ର, ସଞ୍ଜୟ କୁମାର ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।



## ଦୀର୍ଘବର୍ଷର ସମସ୍ୟା ସମାଧାନ କଲେ ତହସିଲଦାର

**ସିମୁଳିଆ, ୧।୮ (ସମିସ):** ବନ୍ୟା ପାଣି ନିଷ୍କାସନ ହୋଇପାରୁ ନଥିବାରୁ ଗ୍ରାମବାସୀ ପ୍ରଶାସନକୁ ଜଣାଇଥିଲେ ହେଁ ସୁଫଳ ମିଳିନଥିଲା। ଆଜି ସିମୁଳିଆ ତହସିଲଦାର ସୌମ୍ୟରଞ୍ଜନ ମହାପାତ୍ର ଉକ୍ତ ସମସ୍ୟାର ସମାଧାନ କରିଛନ୍ତି। ବାଲେଶ୍ୱର ଜିଲ୍ଲା ସିମୁଳିଆ ବ୍ଲକ ଚାଲୁଣି ଗାଁ ପଞ୍ଚାୟତ ପାଟଣା ସାହିରେ ବନ୍ୟା ପାଣି ଯେଉଁ ବାଟ ଦେଇ ଯାଉଥିଲା, ଉକ୍ତ ଜାଗାଟି ଜଣଙ୍କର ବ୍ୟକ୍ତିଗତ ଜାଗା ହୋଇଥିବାରୁ ସେ ମାଟି ପକାଇ ଦେଇଥିଲେ। ଫଳରେ ବହୁ ଦିନ ଧରି ଲଘୁଚାପଜନିତ ବର୍ଷା ଲାଗିରହିଥିବାରୁ ଫଳରେ ପାଣି ନିଷ୍କାସନ ହୋଇ ନ ପାରି ବନ୍ୟା ପାଣି ଜମିରହିଥିଲା। ଫଳରେ ୪୦ଟି ପରିବାର ଘରଭିତରେ ପାଣି ପଶି ଯାଇଥିଲା। ଗ୍ରାମବାସୀ କୌଣସି ଉପାୟ ନ ପାଇ ସିମୁଳିଆ ତହସିଲ ଅଫିସ ସମ୍ମୁଖରେ ଧାରଣରେ ବସିଥିଲେ। କାର୍ଯ୍ୟରତ ତହସିଲଦାର ଧାରଣା ସ୍ଥଳୀକୁ ଆସି ସବୁ ବୁଝିବା ପରେ ସମସ୍ୟା ସମାଧାନ କରିବାର ପ୍ରତିଶୃତି ଦେଇଥିଲେ। ତହସିଲଦାର ସୌମ୍ୟରଞ୍ଜନ ମହାପାତ୍ର ପାଟଣା ଗ୍ରାମକୁ ଯାଇ ଉଭୟ ପକ୍ଷଙ୍କୁ ଏକଜୁଟ କରି ବୁଝାସୁଝା କରିଥିଲେ। ପରେ ହୋମ ପାଇପ ପକାଇ ବନ୍ୟା ପାଣି ନିଷ୍କାସନ କରାଯାଇଥିଲା।



## ଧର୍ମପରାୟଣ ମହିଳାଙ୍କ ପରଲୋକ

**ବାଲେଶ୍ୱର,୧।୮ (ସମିସ):** ଭୋଗରାଇ ବ୍ଲକ ଅନ୍ତର୍ଗତ ନୟାପାଲି ଗ୍ରାମର ବିଶିଷ୍ଟ ସମାଜସେବିକା ଶାନ୍ତିଲତା ପାତ୍ରଙ୍କ ପରଲୋକ ହୋଇଯାଇଛି। ସ୍ୱର୍ଗତ ପ୍ରଫେସର ଡ. ଜୀବନକୃଷ୍ଣ ପାତ୍ରଙ୍କ ଧର୍ମପତ୍ନୀ ତଥା ପ୍ରଫେସର ଡଃ ପ୍ରଦୀପ ପାତ୍ରଙ୍କ ମା' ଥିଲେ। ଶାନ୍ତିଲତା ଦେବୀ ଜଣେ ମିଷ୍ଟଭାଷୀ ଓ ପରୋପକାରୀ ମହିଳା ଥିଲେ। ସ୍ୱର୍ଗତ ପାତ୍ରଙ୍କ ମୃତ୍ୟୁରେ ଉକ୍ତ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଜିଲ୍ଲା କଂଗ୍ରେସ ସଭାପତି ସତ୍ୟଶିବ ଦାସ, ସମାଜସେବୀ ମୂରଲୀମୋହନ ପଟ୍ଟନାୟକ, କବି ସୁକୁମାର ଦାସ, ଶିକ୍ଷାବିତ ଡ଼ଃ କାଳିକିଙ୍କର ଦାସ, ମୁଖ୍ୟମନ୍ତ୍ରୀ ପୁରସ୍କାରପ୍ରାପ୍ତ ଶିକ୍ଷକ ଦେବବ୍ରତ ଦେ, ସାରସ୍ୱତ ସାଧିକା ସୌଭାଗିନୀ ଦାସ ପ୍ରମୁଖ ଗଭୀର ଶୋକ କରିବା ସହିତ ପରିବାର ବର୍ଗଙ୍କୁ ସମବେଦନା ଜଣାଇଛନ୍ତି। ମୃତ୍ୟୁଶଯ୍ୟା ନିକଟରେ ଡ. ବସନ୍ତ ପାତ୍ର, ଭୂପତି ପାତ୍ର, ଡ. ନିତ୍ୟ ଗୋପାଲ ପାତ୍ର, ହରେକୃଷ୍ଣ ପାତ୍ର, ବିଜୟ କୁମାର ପାତ୍ର, ପୁତ୍ରବଧୂ ପ୍ରଫେସର ଡ. ତନୁଶ୍ରୀ ପାତ୍ରଙ୍କ ସହିତ ଝିଅ ଜ୍ୱାଇଁ, ନାତି ନାତୁଣୀ, ବନ୍ଧୁବାନ୍ଧବ, ପରିବାରବର୍ଗ ଶେଷ ଦର୍ଶନ କରିଥିଲେ। ପୁତ୍ର ପ୍ରଫେସର ଡ. ପ୍ରଦୀପ ପାତ୍ର ମୁଖାଗ୍ନି ଦେଇଥିଲେ।



## ଗୋଚର ଜମିରେ ଘରୋଇ ରାସ୍ତା ନିର୍ମାଣକୁ ଗ୍ରାମବାସୀଙ୍କ ବିରୋଧ

**ବାଲିଆପାଳ, ୧।୮ (ସମିସ):** ବାଲିଆପାଳ ବ୍ଲକ ଅନ୍ତର୍ଗତ ଖଗଡାପାଳ ଗ୍ରାମରେ ଏକ ସରକାରୀ ଗୋଚର ଜାଗାରେ ଜନୈକ ବ୍ୟକ୍ତି ଜୋର ଜବରଦସ୍ତ ରାସ୍ତା ତିଆରି କରୁଥିବା ନେଇ ଗ୍ରାମବାସୀ ବିରୋଧ କରିବା ସହ ବାଲେଶ୍ୱର ଜିଲ୍ଲାପାଳ ଏବଂ ରାଜସ୍ୱ ବିଭାଗର ଦୃଷ୍ଟି ଆକର୍ଷଣ କରିଛନ୍ତି। ଅଭିଯୋଗ ମୂତାବକ ମଧୁପୁରା ପଞ୍ଚାୟତ ଖଗଡାପାଳ କାଳିପଦା ମୁଖ୍ୟ ରାସ୍ତାରୁ ମଧୁପୁରା ଗ୍ରାମ ଭିତରକୁ ଯାଇଥିବା ମୁଖ୍ୟ ରାସ୍ତା ପାର୍ଶ୍ୱରେ ୨୮୫ ଏବଂ ୨୮୬ ନମ୍ବର ୧୭ ଡେସିମିଲ ଗୋଚର ପ୍ଲଟ ରହିଛି। ଏହି ପ୍ଲଟରେ କିଛି ଅଂଶକୁ ତାଡି ଲୋକେ ଚାଷ ଜମିରେ ପରିଣତ କରିଦେଇଥିଲା ବେଳେ ଅବଶିଷ୍ଟ ପଦରେ ଗ୍ରାମର ଗୋରୁ ଗାଈ ଚରିବା ସହ ଗ୍ରାମର ଯୁବକ ମାନେ ବିଭିନ୍ନ ପୂଜା ପର୍ବାଣୀ ପାଳନ କରିଆସୁଛନ୍ତି। ମୁଖ୍ୟ ରାସ୍ତା ଠାରୁ ଏହି ଦୁଇଟି ଗୋଚର ପ୍ଲଟ ପରେ ଏହାକୁ ଲାଗି କରି ୨୮୪ ନମ୍ବର ଏକ ଘରୋଇ ପ୍ଲଟ ରହିଛି। ଯାହାକି ବାଲିଆପାଳ ବ୍ଲକ କୁଦମାନସିଂ ଗ୍ରାମର ମଧୁସୂଦନ ସାହୁ ନାମରେ ନାମିତ ରହିଛି। ଗତ କିଛି ବର୍ଷ ହେଲା ଶ୍ରୀ ସାହୁ ଙ୍କ ସମ୍ପର୍କୀୟ ତଥା ବାଲିଆପାଳ ବ୍ଲକର ସାମାଜିକ ସୁରକ୍ଷା ଅଧିକାରୀ ପାର୍ଥସାରଥୀ ସାହୁ ଏହି ପ୍ଲଟରେ ବାଡକରି ଘଛ ଲଗାଇବା ସହ ଘର ନିର୍ମାଣ କରୁଛନ୍ତି। ଗତ କିଛି ଦିନ ତଳେ ଶ୍ରୀ ସାହୁ ନିଜ ଘରକୁ ବିଦ୍ୟୁତ ସଂଯୋଗ ପାଇଁ ଗୋଚର ପ୍ଲଟରେ ସୀମାରେ ପୋତାଯାଇଥିବା ବିଦ୍ୟୁତ ଖୁଣ୍ଟକୁ ଉପାଡି ପୁନର୍ବାର ପଦା ମଝିରେ ଖୁଣ୍ଟ ବସାଇଛନ୍ତି। କିଛି ଗ୍ରାମବାସୀ ଏହାକୁ ବିରୋଧ କରିବାରୁ ସେ କାହାରି କଥା ଶୁଣିନଥିଲେ। ଗତ ସପ୍ତାହରେ ପୁନର୍ବାର ରାତି ଅଧିଆ ନିଜ ଜାଗାକୁ ରାସ୍ତା ବନେଇବା ପାଇଁ ଜେସିବି ଲଗାଇ ଉକ୍ତ ଗୋଚର ପଦାକୁ ଖୋଳି ରାସ୍ତା ନିର୍ମାଣ କରିଛନ୍ତି। ଏ ନେଇ ଗ୍ରାମବାସୀ ବିରୋଧ କରିବାରୁ ସେ ତାଙ୍କର ପ୍ଲଟଟିକୁ ଘରବାଡି ପ୍ଲଟରେ ପରିବର୍ତ୍ତନ କରିଛନ୍ତି ତେଣୁ ରାସ୍ତା ପକେଇବା ପାଇଁ କେହି ଅଟକେଇ ପାରିବେ ନାହିଁ ବୋଲି କହି ଧମକ ଦେଇଆସୁଛନ୍ତି। ସରକାରୀ ଗୋଚର ଜାଗାରେ କୌଣସି ନିର୍ମାଣ କାର୍ଯ୍ୟ ହେବାର ନିୟମ ରହିଥିଲାବେଳେ ଏହି ରାସ୍ତାକୁ ତୁରନ୍ତ ସମତୁଲ କରାଯାଇ ଖୋଳାଯାଇଥିବା ପଦାକୁ ଭର୍ତ୍ତି କରିବା ସହ ଏହାର ତଦନ୍ତ କରାଯାଇ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଖଗଡାପାଳ ଗ୍ରାମ ମୁଖ୍ୟ ମଧୁସୂଦନ ସାହୁ,ମୁରଲୀମୋହନ ସାହୁ,ଇଂ ସୁଶାନ୍ତ କୁମାର ଚକ୍ରବର୍ତ୍ତୀ, ପ୍ରଫୁଲ୍ଲ କୁମାର ସାହୁ , ଉର୍ମିଳା ସାହୁ, ବିଶ୍ୱବୃଷଣ ସାହୁ ସମେତ ଗ୍ରାମବାସୀ ଦାବି କରିଛନ୍ତି। ସେହିପରି ରାସ୍ତା ନ ଥାଇ ଘରବାଡି ପ୍ଲଟ କିଭଳି କରାଗଲା ଏହାର ତଦନ୍ତ କରାଯାଇ ଉକ୍ତ ଘରବାଡି ପ୍ଲଟକୁ ଖାରଜ କରିବା ପାଇଁ ବାଲିଆପାଳ ସୂଚନା ଅଧିକାର ସଂଘର ସଭାପତି ଅନୁଜ କୁମାର ମହାପାତ୍ର ପ୍ରଶାସନକୁ ଜଣେଇଛନ୍ତି।

## ବନ୍ୟା ବିପନ୍ନଙ୍କୁ ସହାୟତା

**ବାଲେଶ୍ୱର, ୧।୮ (ସମିସ):** ସ୍ଥାନୀୟ ପୁରୁଣା ଷ୍ଟାଡିୟମ ପରିସର ରେ ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ 'ପ୍ରେରଣା ମହିଳା ସଂଗଠନ' ଏବଂ 'ଚିୟର ଅପ 'ର ମିଳିତ ସହଯୋଗ ରେ ବାଲେଶ୍ୱର ପୌରପାଳିକା ଅନ୍ତର୍ଗତ ବିଭିନ୍ନ ୱାର୍ଡ ର ବନ୍ୟା ବିପନ୍ନ ପରିବାର କୁ ଶୁଖିଲା ଖାଦ୍ୟ, ତାର୍ପୋଲିନ, ଆଦି ବଣ୍ଟନ କରାଯାଇଛି। ପ୍ରେରଣାର ଚେୟାରମ୍ୟାନ ରଂଜିତା ପାଣିଗ୍ରାହୀ ଓ ଚିୟର ଅପ ର ଚେୟାରମ୍ୟାନ ସତ୍ୟଶିବ ସୁନ୍ଦର ଦାଶଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଦୁଇଶହ ପରିବାରକୁ ବିଭିନ୍ନ ସାମଗ୍ରୀ ବଣ୍ଟନ କରାଯାଇଛି। କାର୍ଯ୍ୟକ୍ରମରେ ପ୍ରେରଣାର ସଭାପତି ସୁଚିସ୍ମିତା ପଣ୍ଡା, ଉପସଭାପତି ଶ୍ୟାମଳୀ ନନ୍ଦୀ, କୋଷାଧ୍ୟକ୍ଷା ସତ୍ୟ ସାଧନା ସିଂ, ସଦସ୍ୟା ଚିନ୍ମୟୀ ନାୟକ, ସସ୍ମିତା ରଣା, ମିତା ରାଣୀ ନାୟକ, ବନିତା ସାମଲ, ସୁଷମା ଦାସ, ସସ୍ମିତା ଦାସ, ସୁତପା ବେରା, ପୂର୍ଣ୍ଣିମା ମିଶ୍ର ଓ ମିନାକ୍ଷୀ ପଣ୍ଡା, ଚିୟର ଅପ ପକ୍ଷରୁ ଚିତ୍ତ ରଞ୍ଜନ ପଣ୍ଡା, ଦେବାଶିଷ ରଥ ଓ ନିତ୍ୟ ଗୋପାଳ ସିଂ ପ୍ରମୁଖ ସହଯୋଗ କରିଥିଲେ।

## ଜଳେଶ୍ୱର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଜ୍ଞାନବିଜ୍ଞାନ ମେଳା

**ଜଳେଶ୍ୱର, ୧।୮ (ସମିସ):** ଓଡିଶା ବିଦ୍ୟାଭାରତୀ ଶିକ୍ଷା ବିକାଶ ସମିତି ଦ୍ୱାରା ପରିଚାଳିତ ଜଳେଶ୍ୱର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ବିଦ୍ୟାଳୟ ସ୍ତରୀୟ ଜ୍ଞାନ ବିଜ୍ଞାନ ମେଳା ଅଗଷ୍ଟ ୧ତାରିଖ ଦିନ ଅନୁଷ୍ଠିତ ହୋଇଯାଇଛି। ଏହି ମେଳାରେ ବିଦ୍ୟାଳୟର ଶିଶୁ ବର୍ଗ, ବାଲ ବର୍ଗ ଓ କିଶୋର ବର୍ଗର ଛାତ୍ରଛାତ୍ରୀମାନେ ପ୍ରକଳ୍ପ, ପ୍ରଶ୍ନମଂଚ, ପ୍ରୟୋଗ, ପତ୍ରବାଚନ, ମୂର୍ତ୍ତିକଳା, ଲୋକ ନୃତ୍ୟ ଇତ୍ୟାଦି କ୍ଷେତ୍ରରେ ନିଜ ନିଜର କୃତିତ୍ୱ ପ୍ରଦର୍ଶନ କରିଥିଲେ। ବିଜ୍ଞାନ ପ୍ରକଳ୍ପରେ ୭୦ଜଣ, ଗଣିତ ପ୍ରକଳ୍ପରେ ୪୫ଜଣ, ଗଣିତ, ବିଜ୍ଞାନ ଏବଂ ସଂସ୍କୃତିଜ୍ଞାନ ପ୍ରଶ୍ନ ମଂଚରେ ୧୧୦ଜଣ, ମୂର୍ତ୍ତିକଳା ଏବଂ ବିଭିନ୍ନ ପତ୍ର ବାଚନରେ ୪୦ଜଣ, ଗଣିତ ଏବଂ ବିଜ୍ଞାନ ପ୍ରୟୋଗରେ ୨୫ଜଣ, ଜ୍ଞାନ ବିଜ୍ଞାନ ମେଳାରେ ମୋଟ ୨୯୦ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ଆୟୋଜିତ ଉଦ୍‌ଘାଟନୀ ସଭାରେ ମୁଖ୍ୟ ଅତିଥି ଭାବେ ଶାଳିକୋଠା ସଦାଶିବ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ହରେକୃଷ୍ଣ ଜେନା ଯୋଗଦେଇଥିବା ବେଳେ ମୁଖ୍ୟ ବକ୍ତା ଭାବେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦରର ସଭାପତି ଶଶୀକାନ୍ତ ପ୍ରଧାନ, ବିଦ୍ୟାମନ୍ଦିରର ସମ୍ପାଦକ ଗିରିଶ କୁମାର ପାଣିଗ୍ରାହୀ ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ଉଦ୍‌ବୋଧନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାମନ୍ଦିରର ପ୍ରଧାନ ଆଚାର୍ଯ୍ୟ ରାଧାରଂଜନ ବାଗ, ବିଜ୍ଞାନ ପ୍ରମୁଖ ଶୁଚିସ୍ମିତା ଗନ୍ତାୟତ, ଗଣିତ ପ୍ରମୁଖ ସମୀର କୁମାର ପରିଡା, ସଂସ୍କୃତି ଜ୍ଞାନ ପ୍ରମୁଖ ଉମାରାଣୀ ପାତ୍ର ପ୍ରମୁଖ ଯୋଗଦେଇଥିଲେ। ଆଚାର୍ଯ୍ୟ ଲକ୍ଷ୍ମୀନାରାୟଣ କର ଆଭିମୁଖ୍ୟ କଥନ ଓ ସ୍ୱୟଂପୂର୍ଣ୍ଣା ଦେବଶ୍ରୀ ଚନ୍ଦ ମଂଚ ପରିଚାଳନା କରିଥିବା ବେଳେ ଶେଷରେ ଆଚାର୍ଯ୍ୟ ଉମାଶଙ୍କର ପାଳ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ବିଦ୍ୟାଳୟ ସ୍ତରୀୟ ଜ୍ଞାନ ବିଜ୍ଞାନ ମେଳାରେ କୃତିତ୍ୱ ହାସଲ କରିଥିବା ପ୍ରକଳ୍ପ ଶଙ୍କୁଳ ସ୍ତରୀୟ ଜ୍ଞାନ ବିଜ୍ଞାନ ମେଳାରେ ଅଂଶ ଗ୍ରହଣ କରିବେ ବୋଲି ଜଣାଯାଇଛି।




## ମୌଳିକ ସୁବିଧାରୁ ବଞ୍ଚିତ କବାଟଘାଟି ଆଶ୍ରମ ସ୍କୁଲ

ଜଳେଶ୍ୱର,୧।୮ (ସମିସ)

ଜଳେଶ୍ୱର ବ୍ଲକ ଆଦିବାସୀ ବହୁଳ ରାଇବଣିଆ ପଞ୍ଚାୟତ କବାଟଘାଟି ସରକାରୀ ଆଶ୍ରମ ସ୍କୁଲର ସମସ୍ୟା ଓ ଗାଁରେ ପାନୀୟ ଜଳ ସଙ୍କଟ ଉତ୍କଟ ହୋଇଛି। ଏ ସମ୍ପର୍କରେ ଦୀର୍ଘ ୨ବର୍ଷ ଧରି ପ୍ରଶାସନ, ଜନପ୍ରତିନିଧିଙ୍କୁ

**ଆଦିବାସୀ ସଂଗଠନର ଧାରଣା ଚେତାବନୀ**

ଜଣାଇଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ବିଶୁଦ୍ଧ ପାଣି ନ ମିଳିବା ଓ ସଚେତନତା ଅଭାବରୁ ନିରୀହ ଆଦିବାସୀମାନେ ଦୂଷିତ ଜଳ ବ୍ୟବହାର କରି ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଛନ୍ତି। ଗାଁର ପ୍ରାୟ ୨ଶହ ୫୦ ପରିବାର ପାନୀୟ ଜଳ ପାଇଁ ଦୀର୍ଘ ବର୍ଷଧରି ସଂଘର୍ଷ କରୁଛନ୍ତି। ଏହା ସହିତ ସନ୍ନିକଟ ଆବାସିକ ଆଶ୍ରମ ବିଦ୍ୟାଳୟରେ ଦୁଇଟି ଛାତ୍ରାବାସ ନିର୍ମାଣ ଲାଗି ଅର୍ଥ ମଞ୍ଜୁର ହୋଇଥିଲେ ମଧ୍ୟ ନିର୍ମାଣରେ ଅହେତୁକ ବିଳମ୍ବ ଯୋଗୁଁ କୁନି ଛାତ୍ରଛାତ୍ରୀ ଦୟନୀୟ ଭାବେ ଏକ ସ୍ଥାନରେ ରହୁଛନ୍ତି। ୧୫୦ରୁ ଉର୍ଦ୍ଧ୍ୱ ହଷ୍ଟେଲ ଅନ୍ତେବାସୀ ଶୋଇବା, ଖାଇବା, ପ୍ରାର୍ଥନା ଓ ଅଧ୍ୟୟନ ଏକ ସ୍ଥାନରେ ହେଉଥିବା ସାମାଜିକ ସଂଗଠନ ଅଭିଯୋଗ କରିଛି। ସମସ୍ୟା ସମ୍ପର୍କରେ ଅଞ୍ଚଳର ପ୍ରମୁଖ ଆଦିବାସୀ ସଂଗଠନ ଆଶାରେନାଃ ମାର୍ଶାଲ ର ଆବାହକ ସମାଜସେବୀ ସନ୍ତୋଷ କୁମାର ଜେନା ଜଳେଶ୍ୱର ବିଡିଓ ଓ ତହସିଲଦାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଆଦୀବାସୀ ଅଧ୍ୟୁଷିତ ଗ୍ରାମ ଏବଂ ଆବାସିକ ବିଦ୍ୟାଳୟରେ ସ୍ଥାୟୀ ସମାଧାନ ଲାଗି ଅଗଷ୍ଟ ୧୪ ତାରିଖରେ ବିଦ୍ୟାଳୟ ସମ୍ମୁଖରେ ଧାରଣାରେ ବସିବେ ବୋଲି ସେ ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ତହସିଲଦାରଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ତହସିଲଦାର ଚକ୍ରଧର ମଲ୍ଲିକ, ବିଡିଓଙ୍କ ଉଦ୍ଦେଶ୍ୟରେ ବ୍ଲକ ଡବ୍ଲୁଇଓ ସଜତ୍ ଅନୁପମଙ୍କୁ ଲିଖିତ ପତ୍ର ପ୍ରଦାନ କରିଛନ୍ତି। ଏହା ସହିତ ବାଲେଶ୍ୱର ଜିଲ୍ଲାପାଳ, ମୁଖ୍ୟମନ୍ତ୍ରୀଙ୍କୁ ପତ୍ର ମାଧ୍ୟମରେ ଅବଗତ କରାଇଥିବା ଜଣାଇଛନ୍ତି।



# ବନ୍ୟା ପରିଚାଳନାରେ ପ୍ରଶାସନ ବିଫଳ: ସଞ୍ଜୀବ

ଭଦ୍ରକ,୧।୮ (ସମିସ)

ଭଦ୍ରକ ଜିଲ୍ଲା ଚଳିତ ବନ୍ୟା ବିଭୀଷିକା ଲୋକଙ୍କୁ ଦୁର୍ଦ୍ଦଶା ମଧ୍ୟକୁ ଠେଲି ଦେଇଛି। ଜିଲ୍ଲାର ଭଣ୍ଡାରିପୋଖରୀ, ଧାମନଗର, ତିହିଡ଼ି, ଚାନ୍ଦବାଲି ବ୍ଲକ୍ ଅଞ୍ଚଳରେ ବନ୍ୟା ବିଭୀଷିକା ଉଗ୍ର ରୂପ ଧାରଣ କରିଛି। ଏପରିସ୍ଥଳେ ଜିଲ୍ଲାର ଏକମାତ୍ର ମନ୍ତ୍ରୀ (ଧାମନଗର ବିଧାୟକ) ତାଙ୍କ ଧାମନଗର ନିର୍ବାଚନମଣ୍ଡଳୀରେ ନିଜେ ରହି ବନ୍ୟା ସ୍ଥିତିର ସୁପରିଚାଳନା କରିବା ସହ ବନ୍ୟା ବିପନ୍ନଙ୍କ ଉଦ୍ଧାର, ସହାୟତା ଆଦି କାର୍ଯ୍ୟରେ ନିଜେ ମାତିବା ସହ ରାଜ୍ୟର ସବୁ ଉଚ୍ଚ ପଦାଧିକାରୀ ଓ ଜିଲ୍ଲା ପ୍ରଶାସନିକ ଅଧିକାରୀମାନେ ସେଠାରେ ରହି ଯୁଦ୍ଧକାଳୀନ ଭିତ୍ତିରେ ରିଲିଫ୍ ଓ ରେସ୍କ୍ୟୁ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦେଉଥିଲେ। ଏହା ଖୁସିର କଥା। ତେବେ ଦୁଃଖ ଓ ପରିତାପର ବିଷୟ ମନ୍ତ୍ରୀ ମହାଶୟ ଜାଣିବା କଥା ସେ ଜିଲ୍ଲା ତଥା ରାଜ୍ୟର ମନ୍ତ୍ରୀ। ତେଣୁ ସେ ସମସ୍ତଙ୍କ ପାଖରେ ଉତ୍ତରଦାୟୀ।




- ମନ୍ତ୍ରୀ ନିଜ ନିର୍ବାଚନମଣ୍ଡଳୀ କଥା ବୁଝିଲେ; ଭଣ୍ଡାରିପୋଖରୀ ବନ୍ୟାବିପନ୍ନଙ୍କୁ ଅଣଦେଖା କଲେ
- ବନ୍ୟାଞ୍ଚଳ ଓ ବିପନ୍ନଙ୍କ ୮ ଦଫା ଦାବି ପୂରଣ ଲାଗି ବିଧାୟକଙ୍କ ଦାବି

ତେଣୁ ଭଣ୍ଡାରିପୋଖରୀ ନିର୍ବାଚନମଣ୍ଡଳୀରେ ହୋଇଥିବା ବନ୍ୟାରେ କ୍ଷତିଗ୍ରସ୍ତ ବିପନ୍ନଙ୍କ ଦାୟିତ୍ୱ ମନ୍ତ୍ରୀ ନେବାର ଥିଲା। ସେମାନଙ୍କ ଦୁଃଖ, ଦୁର୍ଦ୍ଦଶା ଦୂର ଲାଗି ଅଫିସରମାନଙ୍କୁ ରିଭ୍ୟୁ କରିବା କଥା ଓ ଅଫିସରମାନଙ୍କୁ ସେଠାକୁ ପଠାଇବାର ଥିଲା। ମାତ୍ର ଦୁଃଖ ଓ ପରିତାପର ବିଷୟ କେହି ଭଣ୍ଡାରିପୋଖରୀ ବନ୍ୟାଞ୍ଚଳକୁ ଗଲେ ନାହିଁ। ଫଳରେ ଅଢ଼େଇ ଲକ୍ଷ ବନ୍ୟା ବିପନ୍ନ ପାଣି ଘେରରେ ଦୀର୍ଘ ଦିନ ଧରି ରହିଲେ ବୋଲି ଶନିବାର ଭଣ୍ଡାରିପୋଖରୀ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ ତାଙ୍କ ଭଦ୍ରକ ଅପର୍ତ୍ତିବିନ୍ଧାସ୍ଥିତ ବାସଭବନରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଉଦ୍‌ବେଗ ପ୍ରକାଶ କରିଛନ୍ତି। ବିଧାୟକ ଶ୍ରୀ ମଲ୍ଲିକ ଆହୁରି କହିଛନ୍ତି ଯେ, ବନ୍ୟା ପରିଚାଳନାରେ ପ୍ରଶାସନ ସମ୍ପୂର୍ଣ୍ଣ ଫେଲ୍।

ମୋ ନିର୍ବାଚନମଣ୍ଡଳୀ ଭଣ୍ଡାରିପୋଖରୀରେ ପ୍ରାୟ ଅଢ଼େଇ ଲକ୍ଷ ବନ୍ୟା କ୍ଷତିଗ୍ରସ୍ତଙ୍କୁ ଅଣଦେଖା ତଥା ଉପେକ୍ଷା କରାଗଲା। ଚଳିତ ବନ୍ୟା ପରିଚାଳନାରେ ତ୍ରୁଟି ନେଇ ବିଧାୟକ ଶ୍ରୀ ମଲ୍ଲିକ ୮ ଦଫା ଦାବି ଉପସ୍ଥାପନ କରିଥିଲେ। ଏହି ସାମ୍ବାଦିକ ସମ୍ମିଳନୀରେ ବିଧାୟକ ଶ୍ରୀ ମଲ୍ଲିକ ଭଣ୍ଡାରିପୋଖରୀ ନିର୍ବାଚନମଣ୍ଡଳୀର ବନ୍ୟାଜଳରେ କ୍ଷତିଗ୍ରସ୍ତ ହୋଇଥିବା ପ୍ରତ୍ୟେକ କ୍ଷତିଗ୍ରସ୍ତ ପରିବାରକୁ ୭ ଦିନର ରିଲିଫ୍ ପାଇଁ ବ୍ୟବସ୍ଥା କରାଇବା, ବନ୍ୟା ଜଳରେ ବୟସ୍କ ଲୋକଠାରୁ ଛୋଟ ପିଲା ପର୍ଯ୍ୟନ୍ତ ପ୍ରତ୍ୟେକ ଲୋକ ବିଭିନ୍ନ ରୋଗରେ ଆକ୍ରାନ୍ତ ହୋଇଛନ୍ତି। ତେଣୁ ତୁରନ୍ତ ଲୋକଙ୍କ ସ୍ୱାସ୍ଥ୍ୟ ସେବା ନିମନ୍ତେ ପ୍ରତ୍ୟେକ ଗାଁରେ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ କରାଇବା, ପଶୁ ସମ୍ପଦମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ଏବଂ ୭ ଦିନର ଗୋ-ଖାଦ୍ୟ ଦେବାକୁ ଦାବି କରାଇବା ସହ ବନ୍ୟା ଜଳରେ ବହୁ ଲୋକଙ୍କର ଧନ ଜୀବନ ହାନୀ ହେବା ସହ ତାଙ୍କ କଚ୍ଚା ଘର ମଧ୍ୟ ଭାଙ୍ଗିଛି। ତେଣୁ ତୁରନ୍ତ ଏସବୁକୁ ତଦନ୍ତ କରି କ୍ଷତିଗ୍ରସ୍ତ ପରିବାରଙ୍କୁ ନୂତନ ଗୃହ ପ୍ରଦାନ କରିବାକୁ ଦାବି କରିଛନ୍ତି। ଏଥିସହ ଭଣ୍ଡାରିପୋଖରୀ ବିଡିଓଙ୍କ ଭୁଲ୍ ବନ୍ୟା ପରିଚାଳନା ପାଇଁ ହଜାର ହଜାର ଲୋକ ଭୋକ ଉପାସରେ ରହିବାକୁ ବାଧ୍ୟ ହେଲେ। ଗ୍ରାଉଣ୍ଡ ଜିରୋରେ ଚୁଡ଼ା, ଗୁଡ଼, ଦିଆସିଲି ଓ ମହମବତି ମହଜୁଦ ଅଛି ବୋଲି ରାଜସ୍ୱ ମନ୍ତ୍ରୀଙ୍କୁ ରିପୋର୍ଟ ଦେଇଥିଲେ ବିଡିଓ। କିନ୍ତୁ ପ୍ରକୃତ ପକ୍ଷେ କୌଣସି ବ୍ୟବସ୍ଥା ନ ଥିଲା। ନିଜେ ବିଧାୟକ ଶୁଖିଲା ଖାଦ୍ୟ ପଠାଇବା ପାଇଁ ବ୍ଲକ୍‌ରେ ପହଞ୍ଚିବା ବେଳକୁ ବ୍ଲକ୍‌ରେ କିଛି ନାହିଁ ବୋଲି ବିଡିଓ ଏକଥା ବିଧାୟକଙ୍କ ଆଗରେ ମାନିଥିଲେ। ପରେ ବିଧାୟକ ନିଜେ ବିନ୍ୟା ବିପନ୍ନଙ୍କ ନିକଟକୁ ରିଲିଫ୍ ସାମଗ୍ରୀ ପଠାଇଥିଲେ। ଏହି ତଥ୍ୟ ବିଧାୟକ ତୁରନ୍ତ ବିଡିଓଙ୍କ ଆଗରେ ରାଜସ୍ୱ ମନ୍ତ୍ରୀ ଓ ଜିଲ୍ଲାପାଳଙ୍କୁ ଫୋନ୍ ଯୋଗେ ଜଣାଇଥିଲେ। ବିଡିଓଙ୍କ ଏହିପରି ମନୋମୁଖୀ କାର୍ଯ୍ୟ ଓ ମିଥ୍ୟା ତଥ୍ୟ ପାଇଁ ଆଜି ଭଣ୍ଡାରିପୋଖରୀ ନିର୍ବାଚନମଣ୍ଡଳୀରେ ବନ୍ୟା ପ୍ରପୀଡ଼ିତମାନେ ବହୁ କ୍ଷତି ସହିଲେ। ତେଣୁ ଏହିଭଳି ବିଡିଓଙ୍କ କାର୍ଯ୍ୟକୁ ତଦନ୍ତ କରିବା ସହ ଆଇନ ଅନୁଯାୟୀ, କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି ବିଧାୟକ ଶ୍ରୀ ମଲ୍ଲିକ। ସେହିଭଳି ବନ୍ୟା ଜଳରେ ଭଣ୍ଡାରିପୋଖରୀ ନିର୍ବାଚନମଣ୍ଡଳୀର ବହୁ ଗମନାଗମନ ରାସ୍ତାଘାଟ ବନ୍ୟା ଯୋଗୁଁ କ୍ଷତିଗ୍ରସ୍ତ ହୋଇଛି। ଅଧିକାଂଶ ମୁଖ୍ୟ ରାସ୍ତା, ପଞ୍ଚାୟତକୁ ପଞ୍ଚାୟତ ସଂଯୋଗ କରୁଥିବା ରାସ୍ତା, ଗ୍ରାମକୁ ଗ୍ରାମ ସଂଯୋଗ କରୁଥିବା ରାସ୍ତା, ବହୁ ପୋଲ (ଶୋଲମପୁର ପଞ୍ଚାୟତର ମୁଢ଼ାପଦା ବରାହ ନୂଆପଡ଼ା ଏବଂ ଦାଣ୍ଡକୂଳ ତିଖିଲିଆ) ବହୁ ମାତ୍ରାରେ କ୍ଷତିଗ୍ରସ୍ତ ହୋଇଛି ତେଣୁ ତୁରନ୍ତ ଯୁଦ୍ଧକାଳୀନ ଭିତିରେ କାର୍ଯ୍ୟ ଆରମ୍ଭ କରାଯାଉ। ଏହାସହ ଅଧିକାଂଶ ସ୍କୁଲ ଗୃହ, ଅଙ୍ଗନବାଡ଼ି ଘରଗୁଡ଼ିକ ବହୁ କ୍ଷତି ଘଟିଛି। ତେଣୁ ତାହାକୁ ତୁରନ୍ତ ଯୁଦ୍ଧକାଳୀନ ଭିତିରେ କାର୍ଯ୍ୟ କରିବାକୁ ଦାବି କରିଛନ୍ତି ବିଧାୟକ ଶ୍ରୀ ମଲ୍ଲିକ। ପ୍ରତ୍ୟେକ ବନ୍ୟାରେ ତେସିଙ୍ଗା ପଞ୍ଚାୟତର ବନସ୍ତାଠାରେ ନଦୀବନ୍ଧ ବାରମ୍ବାର ଧସୁଛି। ଏହାକୁ ବାରମ୍ବାର ତିଆରି କରାଯାଉଛି। କିନ୍ତୁ ଏହାର ସ୍ଥାୟୀ ପ୍ରତିକାର କରାଯାଉନାହିଁ। ତେଣୁ ପ୍ରତ୍ୟେକ ବର୍ଷ ଏହି ସ୍ଥାନରେ କେତେ ଟଙ୍କା ଖର୍ଚ୍ଚ ହୋଇଛି ତାହାର ତଦନ୍ତ କରାଯାଉ ଏବଂ କଣ୍ଟିଘାଇ ଏସ୍‌କେପର ଉଚ୍ଚତା ବୃଦ୍ଧି କରାଯାଉ। ଏହା ହେଲେ ଭଣ୍ଡାରିପୋଖରୀ, ଧାମନଗର, ତହିଡ଼ି, ଚାନ୍ଦବାଲିର ହଜାର ହଜାର ଲୋକ ବନ୍ୟା ଦାଉରୁ ରକ୍ଷା ପାଇବା ସହ ଧନଜୀବନ ନଷ୍ଟ ହେବାରୁ ବଞ୍ଚିତ ହେବେ ବୋଲି ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବିଧାୟକ ଶ୍ରୀ ମଲ୍ଲିକ ଦାବି ଜଣାଇଛନ୍ତି। ଉକ୍ତ ସାମ୍ବାଦିକ ସମ୍ମିଳନୀରେ ଭଣ୍ଡାରିପୋଖରୀ ବ୍ଲକ୍ ବିଜେଡି ସଭାପତି ଲକ୍ଷ୍ମୀଧର ସାହୁ, ବନ୍ତ ବ୍ଲକ୍ ବିଜେଡି ସଭାପତି ଲକ୍ଷ୍ମୀକାନ୍ତ ମହାନ୍ତି, ସରପଞ୍ଚ ପରମାନନ୍ଦ ନାୟକ, ସଞ୍ଜୀବ ପରିଡ଼ା, ଶରତଚନ୍ଦ୍ର ଜେନା, ନୃସିଂହ ନାଥ ପାଲ୍, ଦିବାକର ଜେନା ପ୍ରମୁଖ ଉପସ୍ଥିତ ଥିଲେ।

### ଆରଡ଼ିରେ ବନ୍ୟା ସ୍ଥିତି ଅସମ୍ଭାଳ; ଭାଙ୍ଗିଲା ୧୫ ବର୍ଷର ରେକର୍ଡ

# ବନ୍ୟାବିପନ୍ନଙ୍କୁ ଭେଟିଲେ ବ୍ୟୋମକେଶ





ଆରଡ଼ି,୧।୮ (ସମିସ): ଚଳିତ ବୈତରଣୀ ଓ ସାଳନ୍ଦୀ ବନ୍ୟା ୨୦୧୧ରେ ହୋଇଥିବା ବନ୍ୟାର ରେକର୍ଡ ଭାଙ୍ଗିଛି। ଗତ ୧୫ ବର୍ଷ ଭିତରେ ଏତେ ବଡ଼ ବନ୍ୟା ଆରଡ଼ି ଅଞ୍ଚଳରେ ହୋଇ ନ ଥିଲା। ଏହି ବନ୍ୟା ଫଳରେ ୪ ପଞ୍ଚାୟତର ୨୪ ଗାଁର ହଜାର ହଜାର ସଂଖ୍ୟାର ଲୋକ ପ୍ରଭାବିତ ହୋଇଛନ୍ତି। ବିଶେଷ କରି ଆରଡ଼ି ପଞ୍ଚାୟତ ମୁଆଁ ଗାଁ ଅଧିକ ପ୍ରଭାବିତ ହୋଇଛି। ସିଂପୁର ଓ ମୁଆଁରେ ନଳକୂଅ ବୁଡ଼ିଯାଇଥିବାରୁ ପିଇବା ପାଣି ସମସ୍ୟା ଅଧିକ ହୋଇ ପଡ଼ିଛି। ସେହିପରି ସୁନ୍ଦରପୁର ପଞ୍ଚାୟତର

- ବୁଡ଼ିଛି ଅନେକ ରାସ୍ତା; ଯୋଗାଯୋଗ ବିଚ୍ଛିନ୍ନ
- ଫଟୋ ଉଠାରେ ସୀମିତ ପ୍ରଶାସନର ବନ୍ୟା ମୁକାବିଲା
- ମିଳିଲାନି ବୋଟ୍; ଡଙ୍ଗାରେ ବନ୍ୟାଞ୍ଚଳ ବୁଲିଲେ ବିଧାୟକ

ପାରିଡିହା ଗାଁରେ ପାନୀୟ ଜଳ ସଙ୍କଟ ଦେଖାଦେଇଛି। ଆରଡ଼ି-ନାନ୍ଦପୁର, ଆରଡ଼ି-ତିନତର, ମଠଡିହ-ପାରିଡିହା, ମଠଡିହ-ବୋଡ଼କ, ଆରଡ଼ି-ପାଲଟପୁର, ଆରଡ଼ି-ଭୂଇଁପୁର ରାସ୍ତାରେ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ବ୍ଲକ୍ ପ୍ରଶାସନ ଓ ଜିଲ୍ଲା ପ୍ରଶାସନର ବନ୍ୟା ମୁକାବିଲା କେବଳ ଫଟୋଉଠାରେ ସୀମିତ ଅଛି। ଆରଡ଼ି ପଞ୍ଚାୟତର କୌଣସି ଗାଁରେ ଅଦ୍ୟାବଧି ରନ୍ଧା ଖାଦ୍ୟ ଦିଆଯାଇ ନାହିଁ। ନାନ୍ଦପୁର ପଞ୍ଚାୟତ ପହଣାରେ ବି ସମାନ ଅବସ୍ଥା। କେବଳ ଶୁଖିଲା ଖାଦ୍ୟ ଦେଇ ପ୍ରଶାସନ ହାତଗୋଡ଼ ଯାକିକି ବସିଛି। ଗୋଖାଦ୍ୟ ଆଜି ପର୍ଯ୍ୟନ୍ତ ବି ପହଞ୍ଚିପାରିଲା ନାହିଁ। ବ୍ଲକ୍ ପ୍ରଶାସନ ପକ୍ଷରୁ ୪ ପଞ୍ଚାୟତରେ ଏ ପର୍ଯ୍ୟନ୍ତ ଜଣକୁ ବି ପାଲ ଯୋଗାଇ ଦିଆଯାଇନାହିଁ। ସରକାରଙ୍କ ଖାମଖିଆଲି ମନୋଭାବ ପାଇଁ ଲୋକମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଶନିବାର ଚାନ୍ଦବାଲି ବିଧାୟକ ଡ. ବ୍ୟୋମକେଶ ରାୟ ୪ ପଞ୍ଚାୟତର ବନ୍ୟାବିପନ୍ନଙ୍କୁ ଭେଟି ସେମାନଙ୍କର ଅସୁବିଧା ସମ୍ପର୍କରେ ବୁଝିଛନ୍ତି।

ବିଧାୟକ ଡ. ରାୟ ଆରଡ଼ି ପଞ୍ଚାୟତର ମୁଆଁ, ସନ୍ତରା, ବାତୋଲ, ସିଂପୁର ସମେତ ନାନ୍ଦପୁର ପଞ୍ଚାୟତର ପହଣା, ଓଳଙ୍ଗ ପଞ୍ଚାୟତର ବୋଡ଼କ, ଷାଠିବାଙ୍କୁଡ଼ା, ସୁନ୍ଦରପୁର ପଞ୍ଚାୟତର ଦୋହରା, ସୁନ୍ଦରପୁର ଅଞ୍ଚଳର ବନ୍ୟାବିପନ୍ନଙ୍କୁ ଭେଟି ସମସ୍ୟା ସମ୍ପର୍କରେ ଅବଗତ ହୋଇ ସମାଧାନ ପାଇଁ ଚାନ୍ଦବାଲି ବିଡିଓ ଏବଂ ତହସିଲ୍‌ଦାରଙ୍କ ସହ ଆଲୋଚନା କରିଛନ୍ତି। ବୈତରଣୀରୁ ପାଣି କମିଥିଲେ ସୁଦ୍ଧା ତଳିଆ ଅଞ୍ଚଳରେ ଏବେ ବି ସ୍ଥିତି ଅସମ୍ଭାଳ ରହିଛି। ପରିସ୍ଥିତି ସ୍ୱାଭାବିକ ହେବାକୁ ଆହୁରି ୩ ଦିନ ଲାଗିବ। ଗୁରୁତ୍ୱପର୍ଣ୍ଣ କଥା, ଶନିବାର ବନ୍ୟାଞ୍ଚଳ ବୁଲିବାକୁ ଯିବା ପାଇଁ ପ୍ରଶାସନ ପକ୍ଷରୁ ବିଧାୟକ ଡ. ରାୟଙ୍କୁ ପାୱାର ବୋଟ୍ ଯୋଗାଇ ଦିଆଯାଇ ନ ଥିଲା। ଫଳରେ ସେ ଡଙ୍ଗାରେ ବନ୍ୟାଞ୍ଚଳ ଯିବାକୁ ବାଧ୍ୟ ହୋଇଥିଲେ। ଏହା ସରକାରଙ୍କ ହୀନମନ୍ୟତା ପଦାରେ ପକାଇଛି ବୋଲି ବିଜେଡି ପକ୍ଷରୁ କୁହାଯାଇଛି। ଶନିବାର ବିଧାୟକଙ୍କ ବନ୍ୟାଞ୍ଚଳ ଗସ୍ତ ବେଳେ ୧ ନମ୍ବର ଜୋନ୍ ଜିଲ୍ଲା ପରିଷଦ ସଭ୍ୟ ପ୍ରିନ୍ସ ରାକେଶ ନାୟକ, ପୂର୍ବତନ ସରପଞ୍ଚ ସରୋଜ ଦାସ, ପୂର୍ବତନ ସରପଞ୍ଚ ଅରବିନ୍ଦ ପାତ୍ରୀ, ପୂର୍ବତନ ସମିତିସଭ୍ୟ ଗୟାଧର ବିଶ୍ୱାଳ, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ଭଗବାନ ମାଝୀ, ସରପଞ୍ଚ ପ୍ରଫୁଲ୍ଲ ବେହେରା, ସମିତିସଭ୍ୟଙ୍କ ପ୍ରତିନିଧି ଅଜୟ ବିଶ୍ୱାଳ ଓ ସରପଞ୍ଚ ଅଭିମନ୍ୟୁ ଯେନା ପ୍ରମୁଖ ଉପସ୍ଥିତ ଥିଲେ।

### ବନ୍ୟାରେ ବେହାଲ ବାରସରପୁର-ଗୋବିନ୍ଦପୁର

## ବିପନ୍ନଙ୍କୁ ଶୁଖିଲା ଖାଦ୍ୟ ବାଣ୍ଟିଲେ ବିଧାୟକ ବ୍ୟୋମକେଶ

ତିହିଡ଼ି/ଚାନ୍ଦବାଲି,୧।୮ (ସମିସ): ସୃଷ୍ଟି ହୋଇଥିବା ବନ୍ୟାରେ ଚାନ୍ଦବାଲି ନିର୍ବାଚନମଣ୍ଡଳୀ ଅଧୀନ ବାରସର ଓ ଗୋବିନ୍ଦପୁର ପଞ୍ଚାୟତ ପ୍ରଭାବିତ ହୋଇଛି। ଏହି ୨ଟି ପଞ୍ଚାୟତର ହଜାର ହଜାର ଲୋକ ପାଣିଘେରରେ ରହିଥିବାବେଳେ ଚାଷଜମି



ଜଳମଗ୍ନ ହୋଇ ରହିଛି। ବନ୍ୟା ପାଣିରେ ରାସ୍ତା ବୁଡ଼ିଯାଇଥିବାରୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ବିପନ୍ନଙ୍କ ଦୁର୍ଦ୍ଦଶା ସମ୍ପର୍କରେ ଖବରପାଇ ଚାନ୍ଦବାଲି ବିଧାୟକ ଡ. ବ୍ୟୋମକେଶ ରାୟ ପଞ୍ଚାୟତର ବିପନ୍ନମାନଙ୍କ ନିକଟରେ ପହଞ୍ଚି ସେମାନଙ୍କ ଦୁଃଖ ଦୁର୍ଦ୍ଦଶା ସମ୍ପର୍କରେ ବୁଝିବା ସହିତ ଶୁଖିଲା ଖାଦ୍ୟ ବଣ୍ଟନ କରିଥିଲେ। ଏହି ବଣ୍ଟନ କାର୍ଯ୍ୟରେ ବିଧାୟକ ଡ. ରାୟଙ୍କୁ ଜିଲ୍ଲା ପରିଷଦ ସଭ୍ୟ ଅମୂଲ୍ୟ ମାଝୀ, ପୂର୍ବତନ ସରପଞ୍ଚ ମାନସ ରଞ୍ଜନ ସାହୁ, ବାରସର ସମିତି ସଭାପତି ମାନସ ରଞ୍ଜନ ନାୟକ, ବିଜେଡି ନେତା ଦୀନବନ୍ଧୁ ମହାକୁଡ଼, ବିପିନ ରାଉତ, ଦିଲ୍ଲୀପ ମିଶ୍ର, ନୀଳମଣି ମାଝୀ, ଭଗବାନ ମାଝୀ, ବିଶ୍ୱଜିତ୍ ବାରିକ, ଅଭିମନ୍ୟୁ ରାଉତ, ଲମ୍ବୋଧର ମହାନ୍ତି ଓ ସୁଧାକର ଦାସଙ୍କ ସମେତ ଅନ୍ୟ ବିଜେଡି ନେତା ଓ କର୍ମୀ ସହଯୋଗ କରିଥିଲେ। ବନ୍ୟା ପରିଚାଳନାରେ ପ୍ରଶାସନ ଅବହେଳା କରିଛନ୍ତି। ଗୋଟେ ୱାର୍ଡକୁ ୫୦ କେଜି ଚୁଡ଼ା ଓ ୨ କେଜି ଗୁଡ଼ ଦିଆଯାଉଛି। ଯାହାକି ସମୁଦ୍ରକୁ ଶଙ୍ଖେ ପରି ହେଉଛି। ବିପନ୍ନଙ୍କୁ ସ୍ୱାସ୍ଥ୍ୟ ସେବା ମିଳୁନାହିଁ। ୨ ଜଣ ସାପ କାମୁଡ଼ା ରୋଗୀଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଗଲାନାହିଁ। ଯେଉଁଥିପାଇଁ ବନ୍ୟା ପାଣିରେ ଗ୍ରାମବାସୀ ସାପ କାମୁଡ଼ା ରୋଗୀଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ରକୁ କାନ୍ଧରେ ବୋହି ନେଇଥିଲେ। ବିପନ୍ନଙ୍କୁ ରନ୍ଧା ଖାଦ୍ୟ ଯୋଗାଇଦେବାର ବ୍ୟବସ୍ଥା ନାହିଁ ବୋଲି ବିପନ୍ନମାନେ ବିଧାୟକ ଡ. ରାୟଙ୍କ ନିକଟରେ ଅଭିଯୋଗ କରିଥିଲେ। ଏ ସମ୍ପର୍କରେ ବିଧାୟକ ଡ. ରାୟ ପ୍ରଶାସନକୁ ଅବଗତ କରାଇ ସହାୟତା ପାଇବା ଦିଗରେ ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ।

## ବ୍ଲକ୍ କାର୍ଯ୍ୟାଳୟରେ ସାଂସଦଙ୍କ ବନ୍ୟା ସମୀକ୍ଷା



ବାରିକପୁର,୧।୮ (ସମିସ): ଭଣ୍ଡାରିପୋଖରୀ ବ୍ଲକ୍‌ର ବିଭିନ୍ନ ବନ୍ୟାଞ୍ଚଳକୁ ଶନିବାର ସାଂସଦ ଅଭିମନ୍ୟୁ ସେଠୀ ପରିଦର୍ଶନ କରିଛନ୍ତି। ପ୍ରଥମେ ସାନବନସ୍ତାଠାରେ ଧସିଥିବା ନଦୀବନ୍ଧକୁ ଦେଖିଥିବାବେଳେ ଏହାଦ୍ୱାରା ଯେମିତି ଭବିଷ୍ୟତରେ କୌଣସି କ୍ଷତି ନ ହୁଏ ସେନେଇ ଯତ୍ନବାନ ହେବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଆଖୁଆପଦା ଆନିକଟ ଓ କଣ୍ଟି ଏସ୍‌କେପ୍ ପରିଦର୍ଶନ କରିବା ପରେ ବ୍ଲକ୍ କାର୍ଯ୍ୟାଳୟଠାରେ ଏକ ସମୀକ୍ଷା ବୈଠକ କରିଥିଲେ। ଏଥିରେ ବ୍ଲକ୍ ଅଧ୍ୟକ୍ଷା ସୁମତୀ ସେଠୀ, ବିଡିଓ ଦେବଦତ ଦାସ, ଉପାଧ୍ୟକ୍ଷ ପ୍ରଣୀତକାନ୍ତି ସାମଲ, ଇଂ. ପ୍ରୟାସକାନ୍ତି ସାମଲ, ଅକ୍ଷୟ ସାହୁ, ପ୍ରଣବ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

# ଜଳଘେରରେ ଶହଶହ ପରିବାର



ବାସୁଦେବପୁର,୧।୮ (ସମିସ): କମିକମି ଆସୁଛି ବନ୍ୟା ପାଣି, ତଥାପି ଜଳବନ୍ଦିରେ ଶହଶହ ପରିବାର। ବଣ୍ଟନ ହେଉଛି ଶୁଖିଲା ଖାଦ୍ୟ। ବନ୍ୟାର ତାଣ୍ଡବ ଜନଜୀବନକୁ ଅସ୍ତବ୍ୟସ୍ତ କରି ପକାଇଛି। ହଜାର ହଜାର ହେକ୍ଟର ଚାଷ ଜମି ଜଳମଗ୍ନ ହୋଇ ପଡ଼ିଥିବାବେଳେ ଶହଶହ ପରିବାର ଏବେ ବି ଜଳବନ୍ଦିରେ ରହିଛନ୍ତି। ବାସୁଦେବପୁର ବ୍ଲକ୍ ଜଗନ୍ନାଥପ୍ରସାଦ ପଞ୍ଚାୟତ ଦଧିବାମନପୁର ଗ୍ରାମର ସୁନାମୁହିଁ, ଡାଙ୍ଗମାଳ, ବନ୍ଧସାହି, ଦାସଡିହ ଓ ଲୁଙ୍ଗା ପଞ୍ଚାୟତ ବଡ଼କିଆରି, ମଉଜୁଡିର ଶହଶହ ପରିବାର ଜଳଘେରରେ ଅଛନ୍ତି। ବରଣ୍ଡୁଆ ପଞ୍ଚାୟତ ରତାଙ୍ଗ, ସୁଦର୍ଶନପୁର ପଞ୍ଚାୟତର ସୁଆଁ ଓ ସୁଦର୍ଶନପୁର, ନରସିଂହପୁର ପଞ୍ଚାୟତ ବଡ଼ଚନ୍ଦ୍ରଭାନୁପୁର ଓ କାଳିଦାସପୁର, ପୌରପାଳିକାର ବିଭିନ୍ନ ଅଞ୍ଚଳ ଜଳମଗ୍ନ ହୋଇପଡ଼ିଛି। ବାସୁଦେବପୁର ବ୍ଲକ୍‌ର ବନ୍ୟା ପ୍ରଭାବିତ ଅଞ୍ଚଳର ଗୋରୁଗାଈ ଉପାସରେ ଦିନ କାଟୁଛନ୍ତି। ବନ୍ୟାର ୧୫ ଦିନ ପରେ ମଧ୍ୟ ପ୍ରାଣୀ ଚିକିତ୍ସା ବିଭାଗର ଅଧିକାରୀଙ୍କ ନିଦ ଭାଙ୍ଗୁନି। ବାରମ୍ବାର ଅଭିଯୋଗ ପରେ ଶନିବାର ମଧ୍ୟାହ୍ନରେ ଜଗନ୍ନାଥପ୍ରସାଦ ପଞ୍ଚାୟତର ଦଧିବାମନପୁର ସ୍କୁଲ ପାଖରେ ପହଞ୍ଚିଛନ୍ତି। ସୁଦର୍ଶନପୁର ପଞ୍ଚାୟତର ସୁଆଁ ଓ ଜଗନ୍ନାଥୀ, ଜଗନ୍ନାଥପୁର ପଞ୍ଚାୟତର ସାରଙ୍ଗପୁର ଓ ଚନ୍ଦନପୁର, ବରଣ୍ଡୁଆ ପଞ୍ଚାୟତର ରତାଙ୍ଗଠାରେ ରନ୍ଧା ଖାଦ୍ୟ ବଣ୍ଟନ କରାଯାଉଛି। ବାସୁଦେବପୁର ବ୍ଲକ୍ ବିଡିଓ ତନ୍ମିତା କର ବନ୍ୟା ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରି ଆବଶ୍ୟକସ୍ଥଳେ ଜଳଘେରରେ ଥିବା ଲୋକମାନଙ୍କୁ ଶୁଖିଲା ଖାଦ୍ୟ ବଣ୍ଟନ କରିବାକୁ ସରପଞ୍ଚଙ୍କୁ କହିଛନ୍ତି। ଜଗନ୍ନାଥପ୍ରସାଦ ପଞ୍ଚାୟତର ସୁନାମୁହିଁ, ଡାଙ୍ଗମାଳ ଗ୍ରାମର ବନ୍ୟା ପ୍ରଭାବିତ ଅଞ୍ଚଳକୁ ଯୁବନେତା ଉଦୟନାରାୟଣ ମଲ୍ଲିକ, ପୂର୍ବତନ ସରପଞ୍ଚ ଭାଗିରଥି ବଳ, ପ୍ରତାପ ସେନାପତି ଓ ଜଗନ୍ନାଥପ୍ରସାଦ ସରପଞ୍ଚ ବାସୁଦେବ କାଣ୍ଡି ଲୋକମାନଙ୍କ ସମସ୍ୟା ବୁଝିବା ସହିତ ଶୁଖିଲା ଖାଦ୍ୟ ବଣ୍ଟନ କରିଥିଲେ।

**ଜଳବନ୍ଦିଙ୍କୁ ଶୁଖିଲା ଖାଦ୍ୟ ବଣ୍ଟନ**

## ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ୨୪ ଘଣ୍ଟିଆ କଣ୍ଟ୍ରୋଲ୍ ରୁମ୍



ଭଦ୍ରକ,୧।୮ (ସମିସ): ଜିଲ୍ଲାରେ ସମ୍ଭାବ୍ୟ ଜରୁରୀ ପରିସ୍ଥିତିର ମୁକାବିଲା, ଉଦ୍ଧାର ଓ ରିଲିଫ୍ କାର୍ଯ୍ୟକୁ ଅଧିକ ସୁଚାରୁ ଭାବେ ପରିଚାଳନା କରିବା ଲକ୍ଷ୍ୟରେ ଜିଲ୍ଲାପାଳ ସୋମେଶ ଉପାଧ୍ୟାୟଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ୨୪ ଘଣ୍ଟିଆ ଜିଲ୍ଲା କଣ୍ଟ୍ରୋଲ ରୁମ୍ ଖୋଲାଯାଇଛି। କଣ୍ଟ୍ରୋଲ ରୁମ୍‌ଟି ଦିନରାତି କାର୍ଯ୍ୟକ୍ଷମ ରହି ପରିସ୍ଥିତିର ନିରନ୍ତର ତଦାରଖ ଓ ଆବଶ୍ୟକ ସମନ୍ୱୟ କରିବ। ଏଠାରେ ସ୍ୱାସ୍ଥ୍ୟ ବିଭାଗ, ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ, ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ବିଭାଗ, ପ୍ରାଣୀ ସମ୍ପଦ ବିକାଶ ବିଭାଗ, ଯୋଗାଣ ବିଭାଗ, ପୁଲିସ ବିଭାଗ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ଏବଂ ଅଗ୍ନିଶମ ସେବାର ଅଧିକାରୀ ଓ କର୍ମଚାରୀମାନେ ୨୪ ଘଣ୍ଟା ଉପସ୍ଥିତ ରହି ସମନ୍ୱିତ ଭାବେ କାର୍ଯ୍ୟ କରୁଛନ୍ତି। ଜିଲ୍ଲା ପ୍ରଶାସନ ପକ୍ଷରୁ ପରିସ୍ଥିତି ଉପରେ ନିରନ୍ତର ନଜର ରଖାଯାଉଥିବା ବେଳେ ଜନସାଧାରଣଙ୍କ ସୁରକ୍ଷା, ଆବଶ୍ୟକ ସେବାର ନିରନ୍ତର ଯୋଗାଣ ଏବଂ ଜରୁରୀ ସହାୟତାକୁ ସୁନିଶ୍ଚିତ କରିବା ପାଇଁ ସମସ୍ତ ସମ୍ପୃକ୍ତ ବିଭାଗକୁ ସତର୍କ ଓ ପ୍ରସ୍ତୁତ ରହିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି।

## କଂଗ୍ରେସ ପକ୍ଷରୁ ରିଲିଫ୍ ବଣ୍ଟନ

ବାରିକପୁର,୧।୮ (ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ଷୋଳମପୁର ପଞ୍ଚାୟତ କଂଗ୍ରେସ ପକ୍ଷରୁ ବନ୍ୟା ବିପନ୍ନଙ୍କୁ ରିଲିଫ୍ ବଣ୍ଟନ କରାଯାଇଛି। ଯୁବନେତା ବିବେକାନନ୍ଦ ମଲ୍ଲିକଙ୍କ ନେତୃତ୍ୱରେ ଦଳୀୟ ସ୍ୱେଚ୍ଛାସେବୀମାନେ ବନ୍ୟାଞ୍ଚଳରେ ଶୁଖିଲା ଖାଦ୍ୟ ପ୍ରଦାନ କରିଛନ୍ତି। ପଞ୍ଚାୟତର ଦାଣ୍ଡକୁଳ, ମୁଢ଼ାପଦା, ବାହାଣିଆ, ବିରୋଳି, ଚାଙ୍ଗୁଆ ପ୍ରମୁଖ ଗ୍ରାମରେ ଦଳ ପକ୍ଷରୁ ରିଲିଫ୍ ପ୍ରଦାନ କରାଯାଇଥିଲା। ଚଳିତ ବର୍ଷ ବୈତରଣୀରେ ଏକ ବଡ଼ ଧରଣର ବନ୍ୟା ଆସିଥିବାବେଳେ କଣ୍ଟି ଏସ୍‌କେପ୍‌ରୁ ନିଷ୍କାସିତ ଜଳ ଦ୍ୱାରା ଏହିସବୁ ଅଞ୍ଚଳ ୨ଦିନ ଧରି ପାଣି ଘେରରେ ରହିଥିଲା। ତେଣୁ କଂଗ୍ରେସ ଦଳ ପକ୍ଷରୁ ଯୁବ ନେତୃତ୍ୱଙ୍କ ଦ୍ୱାରା ରିଲିଫ୍ ସେବା ଯୋଗାଇ ଦିଆଯାଇଛି।

# ସାଳନ୍ଦୀରେ ଲୀନ ହେବ ୯ ଗାଁ !

ବନ୍ତ/ଆଗରପଡ଼ା,୧।୮ (ସମିସ)

ଗତ କିଛିଦିନ ଲଘୁଚାପ ପ୍ରଭାବରେ ଲାଗି ରହିଥିବା ଲଗାଣ ବର୍ଷା ଜିଲ୍ଲାର ବିଭିନ୍ନ ବ୍ଲକ୍‌ରେ ତା'ର କରାଳ ରୂପ ଦେଖାଇ ଚାଲିଥିବାବେଳେ ଏଥିରୁ ଭଦ୍ରକ ଜିଲ୍ଲା ବନ୍ତ ବ୍ଲକ୍‌ର ଆଗରପଡ଼ା ମଧ୍ୟ ବାଦ୍ ପଡ଼ିନି। ସାଳନ୍ଦୀ ନଦୀ ବନ୍ତ ବ୍ଲକ୍‌ର ଆଗରପଡ଼ା ଦେଇ ପ୍ରବାହିତ ହେଉଥିବାବେଳେ ଏହାର ଶାଖା ନଦୀଗୁଡ଼ିକ ଭଦ୍ରକ, ବାଲେଶ୍ୱର ଓ କେନ୍ଦୁଝର ଜିଲ୍ଲାକୁ ପ୍ରବାହିତ ହେଉଛି। ଲଘୁଚାପ ପ୍ରଭାବରେ ଲଗାଣ ବର୍ଷା ହେବା ଫଳରେ

- ରିଂ ବନ୍ଧ ନ ଥିବାରୁ କ୍ରମଶଃ ଗାଁ ପରିସୀମା ସଙ୍କୁଚିତ ହେଉଛି
- ସ୍ଥିତି ପରଖିଲେ ବିଧାୟକ ସଞ୍ଜୀବ ମଲ୍ଲିକ

ଓ ହଦଗଡ଼ ପାଣି ଛାଡ଼ିବା ଫଳରେ ବର୍ତ୍ତମାନ ସାଳନ୍ଦୀ ଫୁଲୁଛି ଓ କ୍ରମଶଃ ନଦୀର ଗତିପଥ ବଦଳି ଜନବସତି ଆଡ଼କୁ ମାଡ଼ି ଆସୁଛି। ସାଳନ୍ଦୀ ନଦୀର ବାରମ୍ବାର ଗତିପଥ ପରିବର୍ତ୍ତନ ସହ ରିଂ ବନ୍ଧ ନ ଥିବାରୁ କ୍ରମଶଃ ଗାଁ ପରିସୀମା ସଙ୍କୁଚିତ ହେବାରେ ଲାଗିଛି। ଏହାରି ପ୍ରଭାବରେ ଅତଡ଼ା ଖସି ମାଟିଗୁଡ଼ିକ ଧୋଇଗଲାଣି। ସାଳନ୍ଦୀ କୂଳରେ ଥିବା ଶ୍ରୀରାମପୁର, ଗୋପିନାଥପୁର, କାଣ୍ଡବା, ସାହୁପଡ଼ା, ମାର୍କଣ୍ଡପୁର, ତାଜିପୁର, ମହାନ୍ତିପଡ଼ା, ହଳଦୀପହଣୀ, କାନପୁର ଆଦି ଗ୍ରାମ ମଧ୍ୟ ସାଳନ୍ଦୀରେ ଲୀନ ହେବାର ସମ୍ଭାବନା ସୃଷ୍ଟି ହୋଇଛି।



ଏହିପରି ପରିସ୍ଥିତି ସୃଷ୍ଟି ହେବାରେ ଲାଗିଥିବାରୁ ଶନିବାର ସ୍ଥାନୀୟ ବିଧାୟକ ସଞ୍ଜୀବ ମଲ୍ଲିକ ବିଭାଗୀୟ ଉପଖଣ୍ଡ ଅଧିକାରୀ ଦଶରଥ ମହନ୍ତ, ଜିଲ୍ଲା ପରିଷଦ ସଭାପତି ପ୍ରଫୁଲ୍ଲ ଜେନା, ଜିଲ୍ଲା ବିଜେଡି ଉପସଭାପତି ପ୍ରଶାନ୍ତ ଦାଶ, ବ୍ଲକ୍ ବିଜେଡି ସଭାପତି ଲକ୍ଷ୍ମୀକାନ୍ତ ମହାନ୍ତି, ବ୍ଲକ୍ ଯୁବ ବିଜେଡି ସଭାପତି ସତ୍ୟସାଧନ ବେଜ, ଯୁବ ନେତା ଦୀପକ ମହାନ୍ତି, ବ୍ରଜ ମହାନ୍ତି, ଲିଟୁ ଦାଶ ପ୍ରମୁଖଙ୍କ ସହିତ ଟିକିରା-ଶ୍ରୀରାମପୁରସ୍ଥିତ ବିଜୁ ସେତୁ ନିକଟସ୍ଥ ସାଳନ୍ଦୀ କୂଳର ସ୍ଥିତିକୁ ପରଖିଥିଲେ। ଆଗାମୀ ଦିନରେ ରିଂ ବନ୍ଧ ନିର୍ମାଣ ନ ହେଲେ ସାଳନ୍ଦୀ କୂଳରେ ଥିବା ୯ଟି ଗାଁ ସାଳନ୍ଦୀରେ ଲୀନ ହେବାର ସମ୍ଭାବନାକୁ ଏଡ଼ାଇ ଦିଆଯାଇ ନ ପାରେ ବୋଲି ସନ୍ଦେହ ପ୍ରକାଶ କରି ଏହାର ପ୍ରତିକାର ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଅଧିକାରୀ ଏହାର ପ୍ରତିକାର ନିମନ୍ତେ କାର୍ଯ୍ୟ କରିବେ ବୋଲି ପ୍ରତିଶ୍ରୁତି ଦେଇଥିବାର ଜଣାପଡ଼ିଛି।

ପ୍ରକାଶ ଥାଉ କି; ପ୍ରାକୃତିକ ବିପର୍ଯ୍ୟୟରୁ ପରିବେଶକୁ ସୁରକ୍ଷିତ ରଖିବା ପାଇଁ କେନ୍ଦ୍ରଠାରୁ ଆରମ୍ଭ କରି ରାଜ୍ୟ ସରକାର ପର୍ଯ୍ୟନ୍ତ ସମସ୍ତେ ବିଭିନ୍ନ ପ୍ରକାର ଯୋଜନା ମାଧ୍ୟମରେ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବାସ୍ଥଳେ ବିଭାଗୀୟ ଅଧିକାରୀଙ୍କ ଦୂରଦୃଷ୍ଟିର ଅଭାବ ଯୋଗୁଁ ଏହାର ସଫଳ ରୂପାୟଣ ହୋଇପାରୁ ନାହିଁ। ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳବିହାରୀ ବାଜପେୟୀଙ୍କ ପ୍ରଧାନମନ୍ତ୍ରିତ୍ୱ କାଳରେ ୨୦୦୨-୦୩ ଆର୍ଥିକ ବର୍ଷରେ ତତ୍କାଳୀନ କେନ୍ଦ୍ର ଜଳସମ୍ପଦ ମନ୍ତ୍ରୀ ତଥା ପୂର୍ବତନ ଭଦ୍ରକ ସାଂସଦ ସ୍ୱର୍ଗତ ଅର୍ଜୁନଚରଣ ସେଠୀଙ୍କ ଉଦ୍ୟମ କ୍ରମେ ସାଳନ୍ଦୀ ସଂସ୍କାର ଯୋଜନାରେ ୧୦୨ କୋଟି ଟଙ୍କା ଅନୁଦାନ ମଞ୍ଜୁର ହୋଇଥିବାବେଳେ ୨୦୦୫-୦୬ ଆର୍ଥିକ ବର୍ଷରେ ବ୍ୟୟ ଅଟକଳ ପ୍ରସ୍ତୁତ କରାଯାଇ କାର୍ଯ୍ୟ କରାଯାଇଥିଲା। ଏହାର ଲକ୍ଷ୍ୟ ଥିଲା ସାଳନ୍ଦୀ ସଂସ୍କାର ଯୋଜନାରେ ପୋତି ହୋଇଯାଇଥିବା ନଦୀଗର୍ଭ ପୁନଃଉଦ୍ଧାର ଓ ସାଳନ୍ଦୀ ସଂଯୋଗୀକରଣ କରି ସାଳନ୍ଦୀ ନଦୀକୁ ସୁରକ୍ଷିତ ରଖିବା। ମାତ୍ର ଉକ୍ତ ଯୋଜନା ଅନୁଦାନ ରାଶି ଉପଯୁକ୍ତ ବିନିଯୋଗ ନ ହେବାରୁ କ୍ରମଶଃ ନଦୀର ଗତିପଥ ବଦଳି ଜନବସତି ଆଡ଼କୁ ମାଡ଼ି ଆସୁଛି। ଅପରପକ୍ଷରେ ସାଳନ୍ଦୀ ସଂସ୍କାର ଯୋଜନାର ସଫଳ ରୂପାୟଣ ହୋଇପାରି ନ ଥିବାବେଳେ ନଦୀପଠାରେ ବେଆଇନ ଭାବେ ଗଢ଼ି ଉଠୁଥିବା ଇଟାଭାଟି ଓ ବାଲି ଖନନ ମଧ୍ୟ ସାଳନ୍ଦୀ କୂଳ ଖାଇବାର ମୁଖ୍ୟ କାରଣ। ପ୍ରଶାସନ, ଖଣି ବିଭାଗ ଓ ପୁଲିସ୍ ଆଖିରେ ଆଙ୍ଗୁଠି ଗେଞ୍ଜି ଚାଲିଛି କୋଟି କୋଟି ଟଙ୍କାର ବାଲି ଚୋରା ଚାଲାଣ। ବିନା ଲିଜ୍‌ରେ ବାଲି ମାଫିଆ ସାଳନ୍ଦୀ ନଦୀଶଯ୍ୟାରୁ ବାଲି କୋରି ନେଉଛନ୍ତି। କୋ÷ଣସି ଲିଜ୍ ନ ଥିବା ସତ୍ତ୍ୱେ ବିଭିନ୍ନ ଗ୍ରାମରେ ଥିବା ବାଲିଘାଟରୁ ବେଧଡ଼କ ଭାବେ ବାଲି ଉତ୍ତୋଳନ ଓ ପରିବହନ କରୁଛନ୍ତି। ଏଥିପାଇଁ କୋ÷ଣସି ଟ୍ରାନ୍‌ଜିଟ୍ ପାସ୍‌ର ଆବଶ୍ୟକତା ପଡୁନି। ବାରମ୍ବାର ଖବର ପ୍ରକାଶ ସତ୍ତ୍ୱେ ବିଭାଗୀୟ ଅଧିକାରୀ ସହ ମାଫିଆଙ୍କ ସଲାସୁତରା ଯୋଗୁଁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବାରୁ ବାଲି ମାଫିଆଙ୍କ ଦୌରାତ୍ମ୍ୟ ଦିନକୁ ଦିନ ବଢ଼ି ଚାଲିଛି। ତେଣୁ ଆଗରପଡ଼ାବାସୀଙ୍କ ସ୍ୱାର୍ଥକୁ ଆଖି ଆଗରେ ରଖି ସ୍ଥାନୀୟ ବିଧାୟକଙ୍କ ନିର୍ଦ୍ଦେଶକୁ ବିଭାଗୀୟ ଅଧିକାରୀ ଯଥାଶୀଘ୍ର ପାଳନ କରିବା ସହିତ ପ୍ରଶାସନିକ ଅଧିକାରୀ ବାଲି ମାଫିଆଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିଭିନ୍ନ ମହଲରୁ ଦାବି ହେଉଛି।

# ନିଶାଗ୍ରସ୍ତ ଯୁବଗୋଷ୍ଠୀଙ୍କ ଅପରାଧ ପ୍ରବଣତା ବଢୁଛି; ନାହିଁ ସଚେତନତା

ଯୋଡ଼ା, ୧।୮ (ସମିସ)

କେନ୍ଦୁଝର ଜିଲ୍ଲା ଯୋଡ଼ା ପୌରପାଳିକାର ୩ ନମ୍ବର ୱାର୍ଡ ବଡ଼ ପୁଲିଆ ନିକଟରେ ଘଟିଥିବା ଜଣେ ବ୍ୟବସାୟୀଙ୍କ ହତ୍ୟା ଘଟଣା ପରେ ସମଗ୍ର ଯୋଡ଼ା ସହରରେ ଆଇନଶୃଙ୍ଖଳା ପରିସ୍ଥିତି ଓ ନିଶାସକ୍ତ ଯୁବଗୋଷ୍ଠୀଙ୍କ ବଢୁଥିବା ଅପରାଧ ପ୍ରବଣତାକୁ ନେଇ ଗଭୀର ଉଦ୍‌ବେଗ ପ୍ରକାଶ ପାଉଛି। ଘଟଣାରେ ଚାରିଜଣ ନାବାଳକଙ୍କୁ ଅଟକ ରଖି ପୁଲିସ ତଦନ୍ତ ଜାରି ରଖିଥିବା ବେଳେ, ସହରରେ ନିଶା କାରବାର ଓ ଯୁବପିଢ଼ିର ଅପରାଧମୁଖୀ ପ୍ରବୃତ୍ତିକୁ ନେଇ ବିଭିନ୍ନ ମହଲରେ ଚର୍ଚ୍ଚା ଜୋର ଧରିଛି। ସ୍ଥାନୀୟ ବାସିନ୍ଦାଙ୍କ କହିବା ଅନୁସାରେ, ସହରର କେତେକ ଅଞ୍ଚଳରେ ଦୀର୍ଘଦିନ ଧରି ନିଶାଦ୍ରବ୍ୟର ଅବାଧ କାରବାର ଚାଲିଥିବା ନେଇ ଅଭିଯୋଗ ରହିଛି। ଏହାର ପ୍ରଭାବରେ କିଛି ଯୁବକ ନିଷାଗ୍ରସ୍ତ ହୋଇ ଚୋରି, ମାରପିଟ, ଭୟଭୀତ କରିବା ଏବଂ ଅନ୍ୟାନ୍ୟ ଅସାମାଜିକ କାର୍ଯ୍ୟକଳାପରେ ଜଡ଼ିତ ହେଉଥିବା ବୋଲି ସ୍ଥାନୀୟ ଲୋକ ଅଭିଯୋଗ କରୁଛନ୍ତି। ବିଶେଷକରି ସନ୍ଧ୍ୟା ଓ ରାତ୍ରି ସମୟରେ ବିଭିନ୍ନ ଗଳିକନ୍ଦି, ପରିତ୍ୟକ୍ତ ସ୍ଥାନ ଏବଂ ସହର ଉପକଣ୍ଠରେ ସନ୍ଦିଗ୍ଧ ଯୁବକଙ୍କ ଅବାଧ ଚଳପ୍ରଚଳ ଲୋକଙ୍କ ମନରେ ଅସୁରକ୍ଷିତ ପରିବେଶ ସୃଷ୍ଟି କରୁଥିବା ସେମାନେ କହିଛନ୍ତି।

ସାମାଜିକ କର୍ମୀମାନଙ୍କ ମତରେ, କେବଳ ଅପରାଧୀଙ୍କୁ ଗିରଫ କିମ୍ବା ଦଣ୍ଡ ଦେବା ଦ୍ୱାରା ସମସ୍ୟାର ସ୍ଥାୟୀ ସମାଧାନ ସମ୍ଭବ ନୁହେଁ। କଠୋର ଦଣ୍ଡ ସହ ନିଷାସକ୍ତ ଯୁବକଙ୍କ ପାଇଁ ବୈଜ୍ଞାନିକ ନିଶାମୁକ୍ତି କାର୍ଯ୍ୟକ୍ରମ, ମନୋବୈଜ୍ଞାନିକ ପରାମର୍ଶ, ଦକ୍ଷତା ବିକାଶ ପ୍ରଶିକ୍ଷଣ, ନିଯୁକ୍ତିମୁଖୀ ସୁଯୋଗ ଏବଂ ପରିବାର ସ୍ତରରେ ସଚେତନତା ସୃଷ୍ଟି କରିବାର ଆବଶ୍ୟକତା ରହିଛି। ଯୁବପିଢ଼ିକୁ ନିଶା କବଳରୁ ରକ୍ଷା କରିବା ପାଇଁ ପରିବାର, ଶିକ୍ଷାନୁଷ୍ଠାନ, ସ୍ୱେଚ୍ଛାସେବୀ ସଂଗଠନ ଓ ପ୍ରଶାସନର ସମନ୍ୱିତ ଉଦ୍ୟମ ଅତ୍ୟାବଶ୍ୟକ ବୋଲି ସେମାନେ ମତ ରଖିଛନ୍ତି। ଅନ୍ୟପକ୍ଷରେ, ସ୍ଥାନୀୟ ବାସିନ୍ଦାମାନେ ସହରରେ ନିଶାଦ୍ରବ୍ୟର ବେଆଇନ କାରବାର ବିରୋଧରେ ସ୍ୱତନ୍ତ୍ର ଅଭିଯାନ, ସମ୍ବେଦନଶୀଳ ଅଞ୍ଚଳରେ ନିୟମିତ ପୋଲିସ ପାଟ୍ରୋଲିଂ, ସିସିଟିଭି ନେଟୱର୍କର ସମ୍ପ୍ରସାରଣ, ରାତ୍ରିକାଳୀନ ଯାଞ୍ଚକୁ ଅଧିକ କଡ଼ାକଡ଼ି କରିବା ସହ ଅସାମାଜିକ ତତ୍ତ୍ୱଙ୍କ ବିରୋଧରେ ନିରପେକ୍ଷ ଓ କଠୋର କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ବୁଦ୍ଧିଜୀବୀ ମହଲର ମତରେ, ଶିଳ୍ପାଞ୍ଚଳ ଭାବେ ପରିଚିତ ଯୋଡ଼ା ସହରରେ ଯଦି ନିଶା କାରବାର, ଅପରାଧ ପ୍ରବଣତା ଏବଂ ସାମାଜିକ ଅବକ୍ଷୟକୁ ସମୟ ଥାଉଥାଉ ନିୟନ୍ତ୍ରଣ କରାନଯାଏ, ତେବେ ଏହା କେବଳ ଆଇନଶୃଙ୍ଖଳା ପାଇଁ ନୁହେଁ, ବରଂ ସାମାଜିକ ସ୍ଥିରତା, ବ୍ୟବସାୟିକ ପରିବେଶ ଏବଂ ନୂତନ ପିଢ଼ିର ଭବିଷ୍ୟତ ପାଇଁ ମଧ୍ୟ ଗମ୍ଭୀର ଆହ୍ୱାନ ସୃଷ୍ଟି କରିପାରେ। ତେଣୁ ପ୍ରତିରୋଧମୂଳକ ପଦକ୍ଷେପ ସହ ଜନସହଭାଗିତାକୁ ଗୁରୁତ୍ୱ ଦେବାକୁ ସେମାନେ ମତ ପ୍ରକାଶ କରିଛନ୍ତି।



ତୁରୁମୁଙ୍ଗା: କେନ୍ଦୁଝର ଜିଲ୍ଲା ପାଟଣା ରେଞ୍ଜ ଅନ୍ତର୍ଗତ କିଆପଡ଼ା ନିକଟ ବୈତରଣୀ ନଦୀର ବନ୍ୟାଜଳରେ ଶନିବାର ମଧ୍ୟାହ୍ନରେ ହାତୀପଲଙ୍କ ଜଳକ୍ରୀଡ଼ା

## ସିଂଡୋଭ ଚେକ୍‌ଡ୍ୟାମ୍‌ରୁ ନିଷ୍କାସିତ ହେଉନି ପାଣି; ଚିନ୍ତାରେ ଚାଷୀକୁଳ

ଆନନ୍ଦପୁର,୧।୮ (ସମିସ): ଲଗାଣବର୍ଷାରେ ବିଭିନ୍ନ ସ୍ଥାନରେ ବିପର୍ଯ୍ୟୟ ପରିସ୍ଥିତି ସୃଷ୍ଟି ହୋଇଥିବା ବେଳେ ଏବେ ଶତାଧିକ ଏକର ଧାନ ଚାଷ ଜମିରେ ପାଞ୍ଚ ଫୁଟ ଉପରେ ପାଣି ଜମି ରହିଛି। ଅପରିଣାମଦର୍ଶୀ ଭାବେ ଜଳସଂରକ୍ଷଣ ପାଇଁ ସିଂଡୋଭଠାରେ ନିର୍ମାଣ ହୋଇଥିବା ଦୁଇଟି ଚେକ୍‌ଡ୍ୟାମ ଯୋଗୁଁ ଏଭଳି ଗୁରୁତର ସମସ୍ୟା ସୃଷ୍ଟି ହୋଇଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଆନନ୍ଦପୁର ତହସିଲ ଓ ହାଟଡିହି ତହସିଲରର ସିଂଡୋଭ, ଶିବନାରାୟଣପୁର, ବାଲକାଟି, ଦୁଡୁଗାଁ ମୋଚିନ୍ଦାଓ ଫକୀରପୁର ପ୍ରଭୃତି ମୌଜାର ଶହ ଶହ ଏକର ଧାନ ଚାଷ ଜମି ବନ୍ୟା ଜଳ ରେ ବୁଡିରହିଛି। ଏହି ୬ଟି ପଞ୍ଚାୟତର ଜନସାଧାରଣ ମୁଖ୍ୟତଃ ଧାନ ଚାଷ ସହିତ ବର୍ଷସାରା ବିଭିନ୍ନ ପନିପରିବା ଚାଷ ଉପରେ ନିର୍ଭର କରିଥାନ୍ତି। ଚଳିତ ବର୍ଷ ମଧ୍ୟ ଏହି ଧାନ ଚାଷୀଙ୍କ ଚାଷ ଜମିରେ ରୁଆ ପୋତା କାମ ସରିଥିବା ବେଳେଏବେ ଲଘୁଚାପ ଜନିତ ଲଗାଣ ବର୍ଷା ପ୍ରଭାବରେ ଏହି ଚାଷ



ଜମି ଗୁଡ଼ିକ ଉପରେ ଏପରିକି ପାଞ୍ଚ ଫୁଟ ଉପରେ ବର୍ଷା ପାଣି ଜମି ରହିଛି।ସ୍ଥାନୀୟ ଚାଷୀଙ୍କ ଅଭିଯୋଗ ଅନୁଯାୟୀ, ପୂର୍ବରୁ ବର୍ଷା ଓ ବନ୍ୟା ଜଳଦୁଇ ତିନି ଦିନ ବ୍ୟବଧାନରେ ବୈତରଣୀ ନଦୀକୁ ଚାଲିଯାଉଥିଲା ମାତ୍ର ସ୍ଥାନୀୟ ଲୋକଙ୍କ ଜବରଦଖଲ ଯୋଗୁଁ କ୍ରମଶଃ ବର୍ଷା ଜଳଯାଉଥିବା ନାଳଗୁଡ଼ିକ ବନ୍ଦ ହୋଇଯାଇଛି। ଏହାସହିତ ଏହି ୬ଟି ପଞ୍ଚାୟତର ସବୁଠାରୁ ନିମ୍ନ ଅବବାହିକା ଅଞ୍ଚଳ ସିଂଡୋଭଠାରେ ଆନନ୍ଦପୁର ବ୍ଲକ ପ୍ରଶାସନ ପକ୍ଷରୁ ବର୍ଷାଜଳ ସଂରକ୍ଷଣ ନାମରେ କରାଯାଇଥିବା ଦୁଇଟି ଚେକ୍ ଡ୍ୟାମ ଯୋଗୁଁ ଏଠାରୁ ଜଳ ନିଷ୍କାସନରେ ହୋଇ ନପାରି ମାସ ମାସ ଧରି ଚାଷ ଜମି ଗୁଡ଼ିକରେ ଜମି ରହୁଛି। ଫଳରେ ରୁଆଯାଇଥିବା ଧାନ ତଳିଗୁଡ଼ିକ ପଚିଯିବାର ଆଶଙ୍କା ଉପୁଜିଛି। ବର୍ତ୍ତମାନ ଏହି ଧାନ ରୁଆଯାଇଥିବା ଚାଷ ଜମିଗୁଡ଼ିକରେ ୪ ଫୁଟ ଉପରେ ବର୍ଷାଜଳ ଜମି ରହିଥିବା ଆକଳନ କରାଯାଇଥିବା ବେଳେ ଠିକ ସମୟରେ ଜଦି ଏହାକୁ ନିଷ୍କାସିତ କରା ନଯାଏ ତେବେ ଧାନ ଓ ପନି ପରିବା ଚାଷ କରିଥିବା ଚାଷୀ ମାନେ ମଧ୍ୟ ବହୁଳ ପରିମାଣରେ କ୍ଷତିଗ୍ରସ୍ତ ହେବେ। ଏଣୁ ବ୍ଲକ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ଜଳ ନିଷ୍କାସନ ପାଇଁ ଆବଶ୍ୟକ ପଦକ୍ଷେପ ନେବା ପାଇଁ ଚାଷୀମାନେ ଦାବି ଜଣାଇଛନ୍ତି।

## ପ୍ରଭାତ ସେନାପତି ସାରସ୍ୱତ ଡିଗ୍ରୀ କଲେଜର ନୂତନ ଅଧ୍ୟକ୍ଷ

କୁଆମରା,୧।୮(ସମିସ): ଗୋପବନ୍ଧୁନଗର ବ୍ଲକ କୁଆମରା ସାରସ୍ୱତ ଡିଗ୍ରୀ କଲେଜର ନୂତନ



ଅଧ୍ୟକ୍ଷ ଭାବେ ପ୍ରଧାପକ ପ୍ରଭାତ କୁମାର ସେନାପତି ଦାୟିତ୍ୱ ଗ୍ରହଣ କରିଛନ୍ତି। ଏଥିପୂର୍ବରୁ ଡଃ ସୁବଳ ଦାସ ୩୫ ବର୍ଷ ଧରି ଅଧ୍ୟକ୍ଷ ପଦରେ ରହି ସୂଚାରୁରୂପେ କାର୍ଯ୍ୟ ତୁଲାଇ ଆସିଥିଲେ। ଗତ ୩୧ ତାରିଖରେ ସେ ଅବସର ଗ୍ରହଣ କରିଛନ୍ତି। ତାଙ୍କ ସମୟରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ହେବା ସହ କଲେଜର ରୂପରେଖ ବଦଳିଥିଲା। ଶ୍ରୀ ଦାସଙ୍କୁ ଆଜି କଲେଜ ପକ୍ଷରୁ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଅଧ୍ୟାପକ ଅଶ୍ୱନୀ କୁମାର ପ୍ରଧାନ, ଅବନୀ କୁମାର ମହାନ୍ତି, ପ୍ରଦୀପ କୁମାର ପଣ୍ଡା, ବିଶ୍ୱନାଥ ବେହେରା, ଗୋପିନାଥ ପଣ୍ଡା, ଅଧ୍ୟାପିକା ମିତାରାଣୀ ଦ୍ୱିବେଦୀ, ନମିତା ପ୍ରଧାନ, ରାଜଲକ୍ଷ୍ମୀ ବେହେରା ପ୍ରମୁଖ ଶ୍ରୀ ଦାସଙ୍କୁ ଉପଢୌକନ ଓ ପୁଷ୍ପଗୁଚ୍ଛ ଦେଇ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ। କଲେଜର ଭବିଷ୍ୟତ ଓ ଶିକ୍ଷା ଉପରେ ଅଧିକ ଦୃଷ୍ଟି ଦେବେ ବୋଲି ଶ୍ରୀ ସେନାପତି କହିଛନ୍ତି।

## ଜିଲ୍ଲା ବିଜେପି ଯୁବମୋର୍ଚ୍ଚା ସମ୍ପାଦକଙ୍କୁ ସମ୍ବର୍ଦ୍ଧନା

ବଡ଼ସାହି,୧।୮(ସମିସ): ବଡ଼ସାହି ନିର୍ବାଚନମଣ୍ଡଳୀରେ ପ୍ରକାଶ ମହାନ୍ତଙ୍କୁ ବିଜେପି ଯୁବ ସଂଗଠନର ଦାୟିତ୍ୱ ମିଳିଛି। ତାଙ୍କୁ ମୟୁରଭଞ୍ଜ (ପୂର୍ବ) ଜିଲ୍ଲା ବିଜେପି ଯୁବମୋର୍ଚ୍ଚା ସମ୍ପାଦକ ଭାବେ ନିଯୁକ୍ତି ଦିଆଯାଇଛି। ସେ ଦଳରେ ଯୁବ ସଂଗଠନକୁ ଅଧିକ ସୁଦୃଢ କରିବା ପାଇଁ ଉଦ୍ୟମ କରିବେ ଓ ଦଳକୁ ଆହୁରି ଆଗକୁ ଆଗେଇ ନେବେ ବୋଲି ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି। ଆଗାମୀ ନିର୍ବାଚନରେ ଏକ ଦାୟିତ୍ୱ ସମ୍ପନ୍ନ କାର୍ଯ୍ୟକର୍ତ୍ତା ଭାବେ ସେ କାମ କରିବେ ବୋଲି କରିବେ ବୋଲି ଦଳ ବିଶ୍ୱାସ କରି ଦାୟିତ୍ୱ ଦେଇଥିବା ଜଣାଯାଇଛି। ପ୍ରକାଶ ମହାନ୍ତ ୨୦୧୭ରେ ବଡ଼ସାହି ମହାବିଦ୍ୟାଳୟରେ ସାଧାରଣ ସମ୍ପାଦକ ଭାବେ ନିର୍ବାଚିତ ହୋଇଥିଲେ ଓ କଲେଜ ପଢା ପରେ ବିଜେପି ସଂଗଠନରେ ଜଡିତ ହୋଇ ସଫଳତାର ସହିତ କାର୍ଯ୍ୟ ସମ୍ପନ୍ନ କରିଛନ୍ତି। ଏଥିପାଇଁ ସେ ବଡ଼ସାହି ବିଧାୟକ ସନାତନ ବିଜୁଳି, ଜିଲ୍ଲା ସଭାପତି ନିହାର ରଞ୍ଜନ ମୋଦି, ରାଜ୍ୟ ସଭାପତି ଅଭିଲାଷ ପଣ୍ଡା, ଜିଲ୍ଲା ସଭାପତି ସୁରଜ ଲୋହାର, ବଡ଼ସାହି ମଣ୍ଡଳ ପ୍ରଭାରୀ ସୁବାସ ଦିବେଦୀ, ବଡ଼ସାହି ମଣ୍ଡଳ ସଭାପତି ଭବାନୀ ଶଙ୍କର ସାହୁ, ସାଧାରଣ ସମ୍ପାଦକ ଦୀପକ ବାରିକ, ଉପସଭାପତି ଅମୁଲ୍ୟ ପାଢ଼ୀ, ବରିଷ୍ଠ ରାଜନେତା ଦିଲ୍ଲୀପ ବିଶ୍ୱାଳ ପ୍ରମୁଖଙ୍କୁ ଧନ୍ୟବାଦ ଜ୍ଞାପନ କରିଛନ୍ତି।



● ସରକାରୀ ଜାଗାରେ ନିର୍ମିତ ଘରେ ମଦୁଆଙ୍କ ଆଡ୍ଡା

## ବିଦେଶୀ ମଦ ଜବତ, ୪ ଅଟକ

ବାରିପଦା, ୧।୮(ସମିସ): ବାଙ୍ଗିରିପୋଷି ଥାନା ଅଧୀନ ଚନ୍ଦନପୁର ଗ୍ରାମରେ ଏକ ସରକାରୀ ଜାଗାରେ ନିର୍ମିତ ଘରେ ଚୋରାମଦ କାରବାର ସହ ମଦ୍ୟପଙ୍କ ଆଡ୍ଡା ଗ୍ରାମବାସୀଙ୍କ ଅସନ୍ତୋଷର କାରଣ ସାଜିଛି। ସେମାନେ ଏ ନେଇ ଅବକାରୀ ଅଧୀକ୍ଷକ ପ୍ରଶାନ୍ତ କହଁରଙ୍କ ନିକଟରେ ଅଭିଯୋଗ କରିବା ପରେ ତାଙ୍କ ନିର୍ଦ୍ଦେଶରେ କୁଳିଅଣା ଅବକାରୀ ଥାନାଧିକାରୀ ଦିବ୍ୟଜ୍ୟୋତି ସତ୍ୟପ୍ରକାଶଙ୍କ ନେତୃତ୍ୱରେ ଅଚାନକ ଚଢ଼ଉ କରାଯାଇଥିଲା। ଘର ଭିତରୁ ୬ ଲିଟର ବିଦେଶୀ ମଦ ଜବତ କରିବା ସହିତ ଘର ଭିତରେ ଥିବା ରାହୁଲ କୁମାର ବେହେରା, ପ୍ରିୟବ୍ରତ ବେହେରା, ତାପସ ବେହେରା, ରଜତ ବେହେରାଙ୍କ ସମେତ ୪ ଜଣ ଯୁବକଙ୍କୁ ଉଠାଇ ଆଣି କୁଳିଅଣା ଅବକାରୀ ଥାନାରେ ଅଟକ ରଖିଥିଲେ। ପରବର୍ତ୍ତୀ ସମୟରେ ସମସ୍ତଙ୍କୁ ନୋଟିସ ଦେଇ ଛାଡ଼ି ଦିଆଯାଇଛି। ଉକ୍ତ ଘଟଣାରେ ଜଡିତ ମୁଖ୍ୟ ଅଭିଯୁକ୍ତ ଜଣେ ନିର୍ଦ୍ଦିଷ୍ଟ ରାଜନୈତିକ ଦଳର ହୋଇଥିବାବେଳେ ଅଟକ ଥିବା ୪ ଜଣ ସେହି ଦଳର ସମର୍ଥକ। ରାଜନୈତିକ ଚାପରେ ସେମାନଙ୍କୁ ଛାଡ଼ି ଦିଆଯାଇଛି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ତେବେ ଅବକାରୀ ବିଭାଗର ଜଣେ କର୍ମଚାରୀ କହିବାନୁଯାୟୀ ଘରଟି ପ୍ରୀତମ ବେହେରାଙ୍କର ହୋଇଥିବାବେଳେ ତାଙ୍କର ଗୋଟିଏ ଟ୍ରାକ୍ଟର ଅଛି। ଟ୍ରାକ୍ଟର ଶ୍ରମିକମାନେ ଖାଇବା ପାଇଁ ମଦ ରଖିଥିଲେ ବୋଲି ପ୍ରୀତମ କହିଛନ୍ତି। ଏଣୁ ଗ୍ରାମବାସୀଙ୍କ ଅଭିଯୋଗ ଅନୁସାରେ ପର୍ଯ୍ୟାପ୍ତ ମଦ ନ ମିଳିବା ଓ ଚୋରା କାରବାର ପ୍ରମାଣ ଅଭାବରୁ ଅଟକ ଅଭିଯୁକ୍ତଙ୍କୁ ନୋଟିସ ଦିଆଯାଇ ଛାଡ଼ି ଦିଆଯାଇଛି। ପରବର୍ତ୍ତୀ ସମୟରେ ନିୟମିତ ଚଢ଼ଉ କରାଯିବ। ପ୍ରମାଣ ମିଳିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।

## ଅରବିନ୍ଦ ପାଠ୍ୟଚକ୍ର ଓ ସୁମନ ପ୍ରଶିକ୍ଷଣ କାର୍ଯ୍ୟକ୍ରମ




କରଞ୍ଜିଆ,୧।୮ (ସମିସ): ମୟୂରଭଞ୍ଜ ଜିଲ୍ଲା କରଞ୍ଜିଆସ୍ଥ ଏନ୍‌ଏସି କଲ୍ୟାଣ ମଣ୍ଡପରେ ଆଜି ପୂର୍ବାହ୍ନ ୧୧ଟା ୩୦ ମିନିଟ୍‌ରେ ଅରବିନ୍ଦ ପାଠ୍ୟଚକ୍ର ଓ ସୁମନ (ସୁରକ୍ଷିତ ମାତୃ ଆଶ୍ୱାସନା) କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଓଡ଼ିଶା ସୁମନ କୋ-ଅର୍ଡିନେଟର ଶ୍ରୀଧର ବେହେରା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବାବେଳେ ରାଜ୍ୟ ସୁମନ ପାଠ୍ୟଚକ୍ରର ଆବାହକ ସୁକାନ୍ତି ଜେନା, ପାଠ୍ୟଚକ୍ରର ସହସଂଯୋଜିକା ଅନୁପମା ସାହୁ ଓ ମୟୂରଭଞ୍ଜ ଜିଲ୍ଲା ସୁମନ ସହସଂଯୋଜିକା ଜୟନ୍ତୀ ଦାସ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଠାକୁରମୁଣ୍ଡା, ଖୁଣ୍ଟା ଓ କରଞ୍ଜିଆ ବ୍ଲକର ସୁମନ ଦିଦି ଅଂଶଗ୍ରହଣ କରିଥିଲେ। ପ୍ରଶିକ୍ଷଣ ପରେ ସେମାନେ ନିଜ ନିଜ ଆୟୁଷ୍ମାନ ଆରୋଗ୍ୟ ମନ୍ଦିରରେ କାର୍ଯ୍ୟରତ ହୋଇ ମାଆ ଓ ଶିଶୁ ସୁରକ୍ଷା, ସ୍ୱାସ୍ଥ୍ୟ ସଚେତନତା ଓ ସେବା କ୍ଷେତ୍ରରେ ନିଜର ଦାୟିତ୍ୱ ପାଳନ କରିବେ ବୋଲି ସୂଚନା ମିଳିଛି। ଭାରତ ସରକାରଙ୍କ ଏହି ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପର ମୂଳ ଉଦ୍ଦେଶ୍ୟ ହେଉଛି ମାତୃ ଓ ଶିଶୁ ମୃତ୍ୟୁହାର ହ୍ରାସ କରିବା। ଏହା ମାଧ୍ୟମରେ ଗର୍ଭବତୀ ମହିଳାଙ୍କୁ ଗର୍ଭାବସ୍ଥାରେ ଉପଯୁକ୍ତ ପୌଷ୍ଟିକ ଖାଦ୍ୟ, ଔଷଧ ସେବନ, ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା, ନିଜର ଯତ୍ନ ଓ ସୁରକ୍ଷିତ ପ୍ରସବ ସମ୍ପର୍କିତ ସଚେତନତା ପ୍ରଦାନ କରାଯାଉଛି। ସେହିପରି ଜନ୍ମ ପରେ ଶିଶୁର ସ୍ୱାସ୍ଥ୍ୟ, ପୁଷ୍ଟିକର ଯତ୍ନ ଓ ସଠିକ୍ ବିକାଶ ଉପରେ ମଧ୍ୟ ବିଶେଷ ଗୁରୁତ୍ୱ ଦିଆଯାଉଛି। ଏହି କାର୍ଯ୍ୟକ୍ରମ ଓଡ଼ିଶାର ୩୦ଟି ଜିଲ୍ଲା ଓ ୩୧୪ଟି ବ୍ଲକରେ ପର୍ଯ୍ୟାୟକ୍ରମେ କାର୍ଯ୍ୟକାରୀ ହେଉଛି। ଏ ପର୍ଯ୍ୟନ୍ତ ୧୪ଟି ବ୍ଲକରେ ପ୍ରଶିକ୍ଷଣ ସମ୍ପନ୍ନ ହୋଇଥିବାବେଳେ ୨୦୨୭ ସୁଦ୍ଧା ସମଗ୍ର ରାଜ୍ୟରେ ଏହି କାର୍ଯ୍ୟକ୍ରମ ସମ୍ପୂର୍ଣ୍ଣ କରାଯିବ ବୋଲି ଓଡ଼ିଶା ସୁମନ କୋ-ଅର୍ଡିନେଟର ଶ୍ରୀଧର ବେହେରା ସୂଚନା ଦେଇଛନ୍ତି।

## ନାବାଳକର ଆତ୍ମହତ୍ୟା

କୁଆମରା,୧।୮(ସମିସ): ଖୁଣ୍ଟା ଥାନା ଅନ୍ତର୍ଗତ ବଡ଼ଖୁଣ୍ଟା ଗ୍ରାମର ଆଜି ସକାଳେ ଜଣେ ୧୪ ବର୍ଷର ନାବାଳକ ବେକରେ ଗାମୁଛା ବାନ୍ଧି ଘର ମଧ୍ୟରେ ଆତ୍ମହତ୍ୟା କରିଛନ୍ତି। ମୃତ ନାବାଳକ ଜଣକ ସ୍ୱର୍ଗତ ସଞ୍ଜୟ କୁମାର ବେହେରାଙ୍କ ପୁଅ ରାଜେଶ। ଆଜି ସକାଳେ ରାଜେଶଙ୍କ ମାଆ କୌଣସି କଥାକୁ ନେଇ ପୁଅକୁ ଗାଳିଗୁଲଜ କରିଥିଲେ। କିଛି ସମୟ ପାଇଁ ମାଆ ପଡ଼ିଶା ଘରକୁ ଯାଇଥିବାବେଳେ ରାଜେଶ ଘର ମଧ୍ୟରେ ଏଭଳି କାଣ୍ଡ କରିଥିଲେ। କିଛି ସମୟ ପରେ ମାଆ ଫେରି ଆସି ଘର ଭିତରକୁ ପଶିବା ବେଳକୁ ପୁଅ ବେକରେ ଗାମୁଛା ବାନ୍ଧି ଉପରେ ଝୁଲୁଥିବା ଦେଖି ପଡ଼ିଶା ଲୋକଙ୍କୁ ଡାକ ପକାଇଥିଲେ। ସ୍ଥାନୀୟ ଲୋକେ ରାଜେଶକୁ ଉଦ୍ଧାର କରି ଖୁଣ୍ଟା ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ପୁଲିସ ପହଞ୍ଚି ବ୍ୟବଚ୍ଛେଦ ପାଇଁ ଉଦଳା ଡାକ୍ତରଖାନା ପଠାଇବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

## ମହିଳା ମହାବିଦ୍ୟାଳୟରେ ସ୍ୱାଗତ ସମାରୋହ

ରାଇରଙ୍ଗପୁର,୧।୮(ସମିସ): ସ୍ଥାନୀୟ ମହିଳା ମହାବିଦ୍ୟାଳୟରେ ନବାଗତ ଶିକ୍ଷାର୍ଥୀଙ୍କୁ ପୁରାତନ ଛାତ୍ରୀଙ୍କ ଦ୍ୱାରା ଚନ୍ଦନ ଟିକା ଓ ଫୁଲ ସହିତ ସ୍ୱାଗତ କରାଯାଇଛି। ଅଧ୍ୟକ୍ଷ ରବିଶଙ୍କର ଶତପଥୀଙ୍କ ମାର୍ଗଦର୍ଶନ ଓ ଆବାହକ ବିଜୟ ରାମଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ପ୍ରଥମେ ଟିକା ଚନ୍ଦନ, ପରେ ପାୟଲ ବେହେରା ଓ ଟିମ ଦ୍ୱାରା ସ୍ୱାଗତ



ସଂଗୀତ ପ୍ରସ୍ତୁତ କରାଯାଇଥିଲା। ବିଜୟ ରାମ ସ୍ୱାଗତ ଭାଷଣ ସହିତ ଛାତ୍ରୀଙ୍କୁ ଭବିଷ୍ୟତ ପାଇଁ ସଚେତନତାର ଆବଶ୍ୟକତା ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଇଂରାଜୀ ଅଧ୍ୟାପିକା ଅଭିସ୍ମିତା ଦାସଙ୍କ ସଂଗୀତ ଉପସ୍ଥିତ ସମସ୍ତଙ୍କୁ ବିମୋହିତ କରିଥିଲା। ଅଧ୍ୟାପିକା ତିଲୋତ୍ତମା ଷଡଙ୍ଗୀ, ଯଶୋଧରା ମହାନ୍ତ, ଅନୀତା ସମଦ, ଡକ୍ଟର ରାଜେନ୍ଦ୍ର ମଣ୍ଡଳ, ରେଣୁକା ମହାନ୍ତ ତାଙ୍କର ବହୁମୁଲ୍ୟ ଉପଦେଶରେ ନବାଗତ ଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ପୁରାତନ ଛାତ୍ରୀଙ୍କ ମଧ୍ୟରୁ ପାୟଲ ବେହେରା, ଶ୍ରଦ୍ଧାଞ୍ଜଳି ବାରିକ, ପୁଦୁ ମୁର୍ମୁ, ସରୋଜିନୀ ଟୁଡୁ, ରଶ୍ମିତା ପାତ୍ର, ତନୀଷା ସେଠୀ ନବାଗତଙ୍କ ପାଇଁ ସ୍ୱାଗତ ଭାଷଣ ପ୍ରସ୍ତୁତ କରିଥିଲେ। ନବାଗତଙ୍କ ମଧ୍ୟରୁ ଗାୟତ୍ରୀ ପାତ୍ର, ଶ୍ରୁତି ପାତ୍ର, ସୁଭଦ୍ରା ମୁଣ୍ଡାରୀ, ସୀତା ହାଁସଦାଙ୍କ ନୃତ୍ୟ ପ୍ରଶଂସିତ ହୋଇଥିଲା । ସସ୍ମିତା ସୋରେନ, ସୁଭଦ୍ରା ମୁଣ୍ଡାରୀ, ପୂଜା ପାଲ ଯୋଗ ଦେଇଥିଲେ। ଅଧ୍ୟାପିକା ରଞ୍ଜୁଲତା ନାୟକ, ପୁଷ୍ପଲତା ମୁର୍ମୁ, ଶ୍ୟାମସୁନ୍ଦର ମଣ୍ଡଳ, ଅମିତ ଗୋପାଳ,ଦୀପିକା ମହାରାଣା, ପ୍ରିୟଦର୍ଶିନୀ ବେହେରା, ହେନା ନାଜ, ବିଦ୍ୟାବତୀ ବେହେରା, ଗୁଞ୍ଜନ କନ୍ଧବେ, ଓମପ୍ରିୟା ମଣ୍ଡଳ, ଜିତେନ୍ଦ୍ର ଗିରି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅମିତ ଗୋପାଳ ଧନ୍ୟବାଦ ଅର୍ପଣ କରିଥିଲେ।

## ବ୍ରିଟିଶ୍ ଅମଳର କନ୍ତୋ ଡାକବଙ୍ଗଳା ଏବେ ଜରାଜୀର୍ଣ୍ଣ

ଆନନ୍ଦପୁର, ୧।୮ (ସମିସ):

ନ୍ଦୁଝର ଜିଲ୍ଲା ଆନନ୍ଦପୁର ବ୍ଲକ୍ କୋଳିମାଟି ପଞ୍ଚାୟତ କନ୍ତୋ ନିକଟରେ ଘଞ୍ଚ ଜଙ୍ଗଲ ମଧ୍ୟରେ ନିର୍ମାଣ ହୋଇଥିଲା ଡାକବଙ୍ଗଳା। ବ୍ରିଟିଶ ସରକାରଙ୍କ ବଡ଼ବଡ଼ ଅଧିକାରୀମାନେ ଏଠାରେ ବିଶ୍ରାମ ନେବା ସହିତ ରାତ୍ରିଯାପନ କରୁଥିଲେ। ରକ୍ଷଣାବେକ୍ଷଣ ଅଭାବରୁ ଏହି ଡାକବଙ୍ଗଳା ଏବେ ଭାଙ୍ଗିରୁଜି ଜରାଜୀର୍ଣ୍ଣ ହୋଇଛି। ଏହା କେବଳ ସ୍ଥାନୀୟ ଲୋକଙ୍କ ପାଇଁ ସ୍ମୃତି ହୋଇ ରହିଯାଇଛି। ସରକାରଙ୍କ ପକ୍ଷରୁ ବିଭିନ୍ନ ଡାକବଙ୍ଗଳାର ନବୀକରଣ ହେଉଥିବା ବେଳେ ଏଥିପ୍ରତି ଦୃଷ୍ଟି ଦିଆ ନଯିବା ସ୍ଥାନୀୟ ଜନସାଧାରଣଙ୍କୁ ବ୍ୟଥିତ କରିଛି।

ସୂଚନା ଅନୁସାରେ, ୧୯୦୦ରୁ ୧୯୦୫ ମଧ୍ୟରେ କେନ୍ଦୁଝର ଜିଲ୍ଲାର ରାମଚନ୍ଦ୍ରପୁର, ଘସିପୁରା, ମରୈଗାଁ, ଦେଓଗାଁ, କନ୍ତୋ, ଘଟଗାଁ, ଢେଙ୍କିକୋଟ, ଗୋପାଳପୁର, ରାଇସୁଆଁ, ପର୍ଶଳା, ପଳାଶପଙ୍ଗା, ଚମ୍ପୁଆ, ଯୋଡ଼ା, ବଡ଼ବିଲରେ ଡାକବଙ୍ଗଳା ନିର୍ମାଣ ହୋଇଥିଲା। ମୁଷଳ ନଦୀ କୂଳ କନ୍ତୋ ନିକଟରେ ନିର୍ମାଣ କରାଯାଇଥିବା ଡାକବଙ୍ଗଳାର ସ୍ୱାତନ୍ତ୍ର ରହିଥିଲା। ଏହା ଯାଜପୁର ଓ



କେନ୍ଦୁଝରର ମଧ୍ୟବର୍ତ୍ତୀ ସ୍ଥାନ ହୋଇଥିବାରୁ ଏହି ସ୍ଥାନରେ ବ୍ରିଟିଶ ସରକାରଙ୍କ କ୍ୟାମ୍ପ ଲାଗୁଥିଲା। ଅଧିକାରୀମାନେ ଏଠାରେ ରାତ୍ରିଯାପନ କରୁଥିଲେ। ଯାଜପୁରରୁ କେନ୍ଦୁଝର ପର୍ଯ୍ୟନ୍ତ ପଡ଼ିଥିବା ନାଲିମାଟି ସଡ଼କରେ ଘୋଡ଼ାରେ ଯିବା ସମୟରେ ଗୋରା ସାହେବମାନେ ଏଠାରେ ବିଶ୍ରାମ ନେଉଥିଲେ। ବ୍ରିଟିଶ ସରକାରଙ୍କ ଏକ କ୍ୟାଣ୍ଟନମେଣ୍ଟ (ସୁରକ୍ଷାବାହିନୀ) ମଧ୍ୟ ଏଠାରେ ରହୁଥିଲେ। ଯାହାର ସଂଖ୍ୟା ପାଖାପାଖି ୫୦ ଥିଲା। ଏହି କ୍ୟାର୍ଣ୍ଟେନମେଣ୍ଟ ଶବ୍ଦରୁ 'କନ୍ତୋ' ନାମ ସୃଷ୍ଟି ହୋଇଥିବା ଗବେଷକ ହଳଧର ପଣ୍ଡା କହିଛନ୍ତି। ପରବର୍ତ୍ତୀ ସମୟରେ ଏହି ଡାକବଙ୍ଗଳା ଆନନ୍ଦପୁର ପୂର୍ତ୍ତ ବିଭାଗ ଅଧୀନକୁ ଆସିଥିଲା। ୨୦୧୦ ପର୍ଯ୍ୟନ୍ତ ବଙ୍ଗଳାଟି ଠିକ୍‌ଠାକ୍ ରହିଥିଲା। ପରବର୍ତ୍ତୀ ସମୟରେ ଏହା ଭାଙ୍ଗିରୁଜି ଯାଇଥିବା ସ୍ଥାନୀୟ ଲୋକେ କହିଛନ୍ତି। ବଙ୍ଗଳାରେ ଅନାବନା ଗଛଲତା ମାଡ଼ିଯାଇଛି।

● ହାତୀପଲଙ୍କୁ ଚିଡ଼ାଇବା, ବନ କର୍ମଚାରୀଙ୍କୁ ଆକ୍ରମଣ ଘଟଣା

## ୫ ଜଣଙ୍କ ନାମରେ ମାମଲା ରୁଜୁ: ଦୁଇ ଗିରଫ

ତୁରୁମୁଙ୍ଗା, ୧।୮ (ସମିସ): କେନ୍ଦୁଝର ଜିଲ୍ଲା ପାଟଣା ଓ ସଦର ରେଞ୍ଜ ସୀମାନ୍ତ ପଦ୍ମପୁର ସଂରକ୍ଷିତ ଜଙ୍ଗଲର ଜାମୁନାଳିଆ ଗାଁ ନିକଟରେ ଶୁକ୍ରବାର ଏକ ୨୦ ଟିକିଆ ହାତୀପଲ ଡେରା ପକାଇଥିବା ସମୟରେ କିଛି ଅମାନିଆ ଯୁବକ ହାତୀପଲଙ୍କୁ ବିଚଳିତ କରୁଥିବା ସମୟରେ ବନ କର୍ମଚାରୀମାନେ ସେମାନଙ୍କୁ ବାରଣ କରିଥିଲେ। କିଛି ଯୁବକ ବନ କର୍ମଚାରୀଙ୍କୁ ଦୁର୍ବ୍ୟବହାର କରି ଅସଭ୍ୟ ଭାଷାରେ ଗାଳିଗୁଲଜ କରିବା ସହ କାର୍ଯ୍ୟରେ ବାଧା ସୃଷ୍ଟି କରି ଆକ୍ରମଣ କରିଥିଲେ। ଆକ୍ରମଣରେ ବନ କର୍ମଚାରୀ ଆହତ ହୋଇଥିଲେ। ଏନେଇ ବନ ବିଭାଗ ପକ୍ଷରୁ ତୁରୁମୁଙ୍ଗା ଥାନାରେ ଅଭିଯୋଗ ପରେ ପୁଲିସ ଏକ ମାମଲା ରୁଜୁ କରିଛି। ଏଏସ୍‌ଆଇ ସୁଜାତା ମହାନ୍ତ ଘଟଣା ତଦନ୍ତ କରୁଛନ୍ତି। ଏଥିସହ ହାତୀପଲଙ୍କୁ ବିଚଳିତ କରୁଥିବା ଅଭିଯୋଗରେ ବନ ବିଭାଗ ଦୁଇ ଜଣ ଯୁବକଙ୍କୁ ଉଠାଇ ନେଇ ଘଟଣାର ତଦନ୍ତ କରି ଶନିବାର ଦୁଇ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଯୁବକଦ୍ୱୟ ଚମ୍ପୁଆ ଥାନା ପାଞ୍ଚପୋଖରିଆ ଗ୍ରାମର ମିହିର ନାଏକ (୨୧) ଏବଂ ଯୋଡ଼ା ଥାନା କୁଦାପି ଗ୍ରାମର ବିଜୟ ମହାନ୍ତ (୨୨) ବୋଲି ସଦର ବନପାଳ ଯତୀନ୍ଦ୍ର ସାହୁ ସୂଚନା ଦେଇଛନ୍ତି।

## ଦୁଷ୍କର୍ମର ଶିକାର ନାବାଳିକା; ୭ ମାସର ଗର୍ଭବତୀ

ତୁରୁମୁଙ୍ଗା, ୧।୮ (ସମିସ): କେନ୍ଦୁଝର ଜିଲ୍ଲା ପାଟଣା ଥାନାଞ୍ଚଳରେ ଜଣେ ୧୭ବର୍ଷର ନାବଳିକାଙ୍କୁ ଏକୁଟିଆ ପାଇ ସେହି ଗ୍ରାମର ଜଣେ ୧୭ବର୍ଷର ନାବାଳକ ବଳାତ୍କାର କରିବା ପରେ ଏବେ ନାବାଳିକା ଜଣକ ୭ ମାସର ଗର୍ଭବତୀ ହେଇଥିବା ଜଣାପଡିଛି। ଏନେଇ ନାବାଳିକାଙ୍କ ମା' ପାଟଣା ଥାନାରେ ଅଭିଯୋଗ କରିବା ପରେ ପାଟଣା ପୁଲିସ ଉଭୟ ନାବାଳିକା ଓ ନାବାଳକଙ୍କୁ ଥାନାକୁ ଆଣି ତଦନ୍ତ ଆରମ୍ଭ କରିଥିଲେ। ଉଭୟଙ୍କ ଡାକ୍ତରୀ ପରୀକ୍ଷା ଶନିବାର ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ କେନ୍ଦୁଝର ଜିଲ୍ଲା ମୁଖ୍ୟଚିକିତ୍ସାଳୟରେ କରାଯାଇ ଉଭୟଙ୍କୁ ଶନିବାର କେନ୍ଦୁଝର ଜୁଭେନାଇଲ ଜଷ୍ଟିସ ବୋର୍ଡରେ ହାଜର କରାଯାଇଛିବୋଲି ତଦନ୍ତ କାରୀ ଅଧିକାରୀ ପାଟଣା ଥାନା ଏସଆଇ ଲକ୍ଷ୍ମଣ ମାଝି କହିଛନ୍ତି। ଏନେଇ ପାଟଣା ଥାନାରେ ଏକ ମାମଲା ରୁଜୁ ହୋଇଛି ବୋଲି ଥାନାଧିକାରୀ କିରଣ ପ୍ରସାଦ ସାହୁ କହିଛନ୍ତି।

## ପୂର୍ବତନ କାଉନ୍‌ସିଲରଙ୍କ ପରଲୋକ

ଆନନ୍ଦପୁର,୧।୮(ସମିସ): ଆନନ୍ଦପୁର ପୌରପରିଷଦ ୧୧ ନମ୍ବର ୱାର୍ଡର ପୂର୍ବତନ କାଉନସିଲର ତଥା ଫକୀରପୁରର ଅବସରପ୍ରାପ୍ତ ପ୍ରଧାନଶିକ୍ଷକଙ୍କ ବୀରବର ମହାନ୍ତି (୮୬)ଙ୍କ ବିୟୋଗରେ ଶୋକ ପ୍ରକାଶ ପାଇଛି। ଶୁକ୍ରବାର ରାତି ପ୍ରାୟ ୩ଟା ସମୟରେ ତାଙ୍କ ପରଲୋକ ହୋଇଥିଲା। ସେ ଜଣେ ମିଷ୍ଟଭାଷୀ, ଛାତ୍ରବତ୍ସଳ ଶିକ୍ଷକ ଭାବେ ବିଦ୍ୟାଳୟରେ ଜଣାଶୁଣା ଥିଲେ। ଅବସର ନେବା ପରେ ଆନନ୍ଦପୁର ପୌରପରିଷଦ ୧୧ ନଂ ୱାର୍ଡ଼ର କାଉନସିଲର ଭାବେ ନିର୍ବାଚିତ ହୋଇଥିଲେ। ତାଙ୍କ ବିୟୋଗ ଖବର ପାଇ ପୂର୍ବତନ ମନ୍ତ୍ରୀ ଜୟଦେବ ଜେନା ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।



ଘସିପୁରା ବିଧାୟକ ବଦ୍ରିନାରାୟଣ ପାତ୍ର, ଯୁବନେତା ଦେବାଶିଷ ପାତ୍ର, ଦେବପ୍ରିୟ ପାତ୍ର କାଉନସିଲର ସୁରେନ୍ଦ୍ର ଦାସଙ୍କ ସମେତ ବହୁ ନେତୃସ୍ଥାନୀୟ ବ୍ୟକ୍ତିବିଶେଷ ଗଭୀର ସମବେଦନା ଜ୍ଞାପନ କରିଛନ୍ତି। ମୃତ୍ୟୁଶଯ୍ୟା ନିକଟରେ ଏକମାତ୍ର ପୁଅ ବିଭୂତି ଭୂଷଣ ମହାନ୍ତି, ବୋହୂ, ନାତିନାତୁଣୀ, ଝିଅ ଜ୍ୱାଇଁ ଉପସ୍ଥିତ ଥିଲେ। ବୈତରଣୀ ନଦୀକୂଳରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ପୁଅ ବିଭୂତି ମୁଖାଗ୍ନି ଦେଇଥିଲେ।

## ସାପ କାମୁଡ଼ାରେ ଯୁବକଙ୍କ ମୃତ୍ୟୁ

ବିଶୋଇ,୧।୮(ସମିସ): ମୟୂରଭଞ୍ଜ ଜିଲ୍ଲା ବିଜାତଳା ବ୍ଲକ ଅନ୍ତର୍ଗତ ବଣକାଟି ପଞ୍ଚାୟତର ଗୋଲମୁଣ୍ଡା ଗ୍ରାମରେ ଅତ୍ୟନ୍ତ ଦୁଃଖଦ ଓ ମର୍ମନ୍ତୁଦ ଘଟଣା ଘଟିଯାଇଛି। ସାପ କାମୁଡ଼ାରେ ଜଣେ ନବବିବାହିତ ଯୁବକଙ୍କ ଅକାଳ ବିୟୋଗ ଘଟିଥିବା ଜଣାପଡ଼ିଛି। ମୃତ ଯୁବକ ଜଣକ ଗୋଲମୁଣ୍ଡା ଗ୍ରାମର ଭୀମ ଟୁଡୁଙ୍କ ପୁତ୍ର ଶଙ୍କର ଟୁଡୁ (୩୪)। ଶଙ୍କର ଆଜି ନିଜ ବିଲରେ କାମ କରୁଥିବା ସମୟରେ ହଠାତ୍ ଏକ ବିଷାକ୍ତ ସାପ ତାଙ୍କୁ କାମୁଡ଼ି ଦେଇଥିଲା। ସର୍ପଘାତ ପରେ ପରିବାର ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ତୁରନ୍ତ ରାଇରଙ୍ଗପୁର ଉପଖଣ୍ଡ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସବୁଠୁ ହୃଦୟ ବିଦାରକ କଥା ହେଉଛି, ଶଙ୍କରଙ୍କ ବିବାହକୁ ମାତ୍ର ଏକମାସ ହୋଇଥିଲା। ନୂଆ ସଂସାର ଗଢ଼ିବା ପୂର୍ବରୁ ଏପରି ଅକାଳ ମୃତ୍ୟୁ ପରିବାର ଉପରେ ଦୁଃଖର ପାହାଡ଼ ଭାଙ୍ଗି ପକାଇଛି। ଏହି ଦୁଃଖଦ ଖବର ପ୍ରଚାରିତ ହେବା ପରେ ଗୋଲମୁଣ୍ଡା ଗ୍ରାମ ସମେତ ସମଗ୍ର ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ବଣକାଟି ସରପଞ୍ଚଙ୍କ ସ୍ୱାମୀ ନରେନ୍ଦ୍ର ମାରାଣ୍ଡି ଶୋକସନ୍ତପ୍ତ ପରିବାର ନିକଟରେ ପହଞ୍ଚି ସହଯୋଗର ହାତ ବଢ଼ାଇଛନ୍ତି।

### ପ୍ରଜ୍ଞା ପରିମିତା ନାୟକଙ୍କୁ ପିଏଚ୍.ଡି (Ph.D) ଡିଗ୍ରୀ ହାସଲ



ବାରିପଦା ସ୍ଥିତ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ (ପୂର୍ବତନ ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ)ର ଅର୍ଥନୀତି ବିଭାଗର ଗବେଷିକା ପ୍ରଜ୍ଞା ପରିମିତା ନାୟକ ସମ୍ମାନଜନକ ଡକ୍ଟରେଟ୍ (Ph.D.) ଡିଗ୍ରୀ ଲାଭ କରିଛନ୍ତି। ସେ ବିଶ୍ୱବିଦ୍ୟାଳୟର ଅର୍ଥନୀତି ବିଭାଗର ପ୍ରଫେସର ଡ଼ ମିନତୀ ମଲ୍ଲିକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ AN ANALYSIS OF GROWTH AND PERFORMANCE OF MICRO, SMALL AND MEDIUM ENTERPRISES IN ODISHA ବିଷୟରେ ଗବେଷଣା କରୁଥିଲେ। ତାଙ୍କ ଲିଖିତ ଗବେଷଣା ସନ୍ଦର୍ଭଟି ଆଇଆଇଟି ଖଡ଼ଗପୁରର ଅର୍ଥନୀତି ପ୍ରଫେସର ଡଃ ଜିତେନ୍ଦ୍ର ମହାକୁଡ଼ ଓ ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟର ପ୍ରଫେସର ଡଃ ମୃତ୍ୟୁଞ୍ଜୟ ମିଶ୍ର, ସମେତ ବିଷୟ ବିଶେଷଜ୍ଞଙ୍କ ଦ୍ୱାରା ଉଚ୍ଚ ପ୍ରଶଂସିତ ହୋଇଛି। ୟୁଜିସି ନିୟମାବଳୀ ଅନୁଯାୟୀ ବିଶ୍ୱବିଦ୍ୟାଳୟର ପରୀକ୍ଷା ନିୟନ୍ତ୍ରକଙ୍କ ଦ୍ୱାରା ପ୍ରକାଶିତ ବିଜ୍ଞପ୍ତି ସଂଖ୍ୟା ୧୨୫୦/ MSCBU/ PhD ତାରିଖ: ୨୦.୦୪.୨୦୨୬ ଅନୁସାରେ ତାଙ୍କୁ ଏହି ଡିଗ୍ରୀ ପାଇଁ ଯୋଗ୍ୟ ଘୋଷଣା କରାଯାଇଛି। ଆଗାମୀ ସମାବର୍ତ୍ତନ ଉତ୍ସବ (Convocation)ରେ ତାଙ୍କୁ ଆନୁଷ୍ଠାନିକ ଭାବେ ଏହି ଉପାଧି ପ୍ରଦାନ କରାଯିବ। ଡ଼ ପ୍ରଜ୍ଞା ପରିମିତା ନାୟକ, ତାଙ୍କ ଏହି ସଫଳତା ପାଇଁ ତାଙ୍କ ଗାଇଡ୍ ପ୍ରଫେସର ମିନତୀ ମଲ୍ଲିକ, ପଦାର୍ଥ ବିଜ୍ଞାନ ପ୍ରଫେସର ସୁସ୍ମିତା କର, ପ୍ରଫେସର କବିତା କୁମାରୀ ସାହୁ, ପ୍ରଫେସର ରବିନାରାୟଣ ପାତ୍ର, ଓ ବାରିପଦା କଲେଜର ପ୍ରାକ୍ତନ ଅଧ୍ୟକ୍ଷ ଡ଼ ତରୁଣ କୁମାର ଓଝାଙ୍କୁ କୃତଜ୍ଞତା ଅର୍ପଣ କରିଛନ୍ତି। ପ୍ରଜ୍ଞା ପରିମିତା, କେନ୍ଦୁଝର ଜିଲ୍ଲାର ହାଟଡିହି ବ୍ଲକର ପ୍ରଶାନ୍ତ ନାୟକ ଓ ପ୍ରଣତି ନାୟକଙ୍କ ଜ୍ୟେଷ୍ଠ ପୁତ୍ରୀ ଅଟନ୍ତି। ଏବଂ ଧନେଶ୍ୱର ମଲ୍ଲିକ୍ ଓ ଛବିଳତା ମଲ୍ଲିକଙ୍କ ଏକମାତ୍ର ପୁତ୍ର ବଧୂ ଅଟନ୍ତି। ସ୍ୱର୍ଗତଃ କାଳନ୍ଦୀ ଚରଣ ନାୟକ ଓ ଜଞ୍ଜାଳି ନାୟକଙ୍କ ନାତୁଣୀ ଅଟନ୍ତି। ଏ କାର୍ଯ୍ୟରେ ବିଶେଷ ଭାବରେ ତାଙ୍କୁ ସହଯୋଗ କରିଥିବାରୁ ଓ ଏନ୍ ଜି ସି, ମୁମ୍ବାଇରେ କାର୍ଯ୍ୟରତ ସ୍ୱାମୀ ସୌମ୍ୟ ରଞ୍ଜନ ମଲ୍ଲିକଙ୍କୁ ଧନ୍ୟବାଦ ଜ୍ଞାପନ କରିଛନ୍ତି। ତାଙ୍କର ଏହି ସଫଳତା ପାଇଁ ସେ ସହଯୋଗୀ କଳିଙ୍ଗ କଲେଜ ଅଫ କମର୍ସ ର ଅଧ୍ୟକ୍ଷ ରଜତ କୁମାର ମଲ୍ଲିକ ଓ ଡ. କାଶୀନାଥ ପତି ଏବଂ ପରିବାରବର୍ଗ ପ୍ରିୟଙ୍କା ନାୟକ, ପ୍ରାଚୀପ୍ରଭା ନାୟକ, ସଞ୍ଜୟ କୁମାର ଜେନା, ପ୍ରଭାତ କୁମାର ପହି, ପ୍ରମିଳା ପହି, ଶାଶ୍ୱତୀ ଶୁଭଦର୍ଶିନୀ ନାୟକ, ତଥା ଶୁଭାକାଂକ୍ଷୀ ସୁବ୍ରତ କୁମାର ଦାସ ଓ ଅନ୍ୟମାନଙ୍କ ସହଯୋଗ ଓ ପ୍ରେରଣାକୁ ଶ୍ରେୟ ଦେବା ସହ ସମସ୍ତଙ୍କୁ ଆନ୍ତରିକ କୃତଜ୍ଞତାଜ୍ଞାପନ କରିଛନ୍ତି।



# ଗଣେଶ ପୂଜାରେ 'ଦଣ୍ଡକାଳୀ'

ଗଣେଶ ପୂଜା ଅବସରରେ ପ୍ରେକ୍ଷାଳୟକୁ ଆସିବ ନୂଆ ଓଡ଼ିଆ ସିନେମା 'ଦଣ୍ଡକାଳୀ'। ରାଜଶ୍ରୀ ସିନେ କ୍ରାଫ୍ଟ ବ୍ୟାନର୍‌ରେ ପ୍ରସ୍ତୁତ ଏହି ସିନେମାର ପ୍ରଯୋଜନାରେ ଅଛନ୍ତି ରାଜଶ୍ରୀ ଘୋଷ। ସୁଧାଂଶୁ ମୋହନ ସାହୁଙ୍କ ନିର୍ଦ୍ଦେଶିତ ଏହି ସିନେମାର କାହାଣୀ ରଚନା କରିଛନ୍ତି ଅଭିସିକ୍ତ ମିଶ୍ର। ସଂଳାପ ଓ ଚିତ୍ରନାଟ୍ୟରେ ଦିଲ୍ଲୀପ ଚୌଧୁରୀ ଥିବା ବେଳେ ସଂଗୀତରେ ଅଛନ୍ତି ପ୍ରେମ ଆନନ୍ଦ। ସିନେମାର ଗୀତ ରଚନା କରିଛନ୍ତି ବାପୁ ଗୋସ୍ୱାମୀ ଏବଂ ନିର୍ମଳ ନାୟକ। ଏଥିରେ ନୃତ୍ୟ ନିର୍ଦ୍ଦେଶନା ଦେଇଛନ୍ତି ଅମିତ ନାୟକ ଓ ଦିବ୍ୟା ସାମଲ। ତେବେ ସିନେମାର ବିଭିନ୍ନ ଚରିତ୍ରରେ ନଜର ଆସିବେ ମହାଶ୍ୱେତା, ସିଦ୍ଧାନ୍ତ, ସୂର୍ଯ୍ୟମୟୀ, ଚିତ୍ରସେନ ଘୋଷ, ତୃପ୍ତି ମୀରାମ୍ବିକା, ଉଷସୀ ମିଶ୍ର, କ୍ରିଷ୍ଣା କର, ଏଲି ପାଢ଼ି, ଚୌଧୁରୀ ଜୟପ୍ରକାଶ, ପ୍ରୀତି ରଂଜନ ପ୍ରଧାନ, ମଧୁସୂଦନ ମିଶ୍ର, ଶ୍ରୀଧର ମହାନ୍ତ, ଅମର ମହାପାତ୍ର, ନିହାର ସାମଲ, ରଜନୀ ପ୍ରମୁଖ। ସେହିପରି ଶିଶୁ କଳାକାର ଭାବେ ହଂସରାଜ ଓ ଧ୍ରୁନଙ୍କୁ ଦେଖିବାକୁ ମିଳିବ। ଅନ୍ୟପଟେ ସିନେମାଟି ଗଞ୍ଜାମ ପ୍ରସିଦ୍ଧ ମା' ଦଣ୍ଡକାଳୀଙ୍କ ଦଣ୍ଡଯାତ୍ରା ଉପରେ ଆଧାରିତ। ■






# ଖୁବ୍‌ଶୀଘ୍ର 'ବିଗ୍‌ବସ୍ ସିଜନ୍-୨୦'

ଟେଲିଭିଜନର ଲୋକପ୍ରିୟ ତଥା ବିବାଦୀୟ ରିଆଲିଟି ଶୋ' ହେଉଛି 'ବିଗ୍‌ବସ୍'। ତେବେ 'ବିଗ୍‌ବସ୍ ସିଜନ୍-୨୦' ଖୁବ୍‌ଶୀଘ୍ର ଆସିବାକୁ ଯାଉଛି। ଏହାରି ଭିତରେ ଶୋ'ର ନୂଆ ଲୋଗୋ ବି ଜାରି କରାଯାଇଛି। 'ବିଗ୍‌ବସ୍ ସିଜନ୍-୧୯'ର ସଫଳତା ପରେ ପୁଣି ଥରେ ସଲମାନ ନୂଆ ସିଜନ୍‌କୁ ହୋଷ୍ଟ କରିବେ। ଏକଥା ସାମ୍ନାକୁ ଆସିବା ପରେ ସଲମାନଙ୍କ ପ୍ରଶଂସକ ଉତ୍ସାହିତ ହୋଇ ପଡ଼ିଛନ୍ତି। ହିନ୍ଦୀ ବ୍ୟତୀତ ଏହି ଶୋ' ତାମିଲ, ତେଲୁଗୁ, ମରାଠି, ବଙ୍ଗଳା, ମଲାୟଲମ, କନ୍ନଡ଼ ଭଳି ୬ଟି ଭାଷାରେ ପ୍ରସାରିତ ହେବ। କୁହାଯାଉଛି ସେପ୍ଟେମ୍ବର ମାସରେ ବିଗ୍‌ବସ୍ ସିଜନ୍-୨୦ ଆରମ୍ଭ ହୋଇପାରେ। ■

ପରଦା ପଛର କାହାଣୀ

# ଟେଲିଭିଜନ୍ ପ୍ରିମିୟର 'ଡଟ୍‌ପେନ୍'

ଜୀ ସାର୍ଥକରେ ପ୍ରଥମ ଥର ପାଇଁ ଅଗଷ୍ଟ ୯ ତାରିଖ ସନ୍ଧ୍ୟା ୬ଟା ୩୦ରେ ସୁପରହିଟ ଓଡ଼ିଆ ଚଳଚ୍ଚିତ୍ର 'ଡଟ୍‌ପେନ୍'ର ଟେଲିଭିଜନ ପ୍ରିମିୟର ହେବ। ଚଳଚ୍ଚିତ୍ରଟି ସମାଜ ଓ ମାନବୀୟ ସମ୍ପର୍କର ଏକ ଜୀବନ୍ତ ଦର୍ପଣ। ଏହା କେବଳ ଏକ ସାଧାରଣ କାହାଣୀ ନୁହେଁ, ଏହି କାହାଣୀ ଭଲପାଇବାରୁ ଆରମ୍ଭ ହୋଇ ପ୍ରତିଶୋଧରେ ହୁଏ ଶେଷ...ଏ କେମିତିକା ପ୍ରେମ? ଏହି ଚଳଚ୍ଚିତ୍ରର ମୂଳ କାହାଣୀ ବାଦଲ ତ୍ରିପାଠୀ (ଜ୍ୟୋତି ରଞ୍ଜନ ନାୟକ) ଏବଂ ତାଙ୍କର ଅତି ଗେହ୍ଲା ଭଉଣୀ ମିତା (ଦିବ୍ୟା)ଙ୍କ ପାରିବାରିକ ସମ୍ପର୍କ ଉପରେ ଆଧାରିତ। ବାଦଲର ସମଗ୍ର ଦୁନିଆ ତା'ର ଭଉଣୀକୁ କେନ୍ଦ୍ର କରି ଗଢ଼ି ଉଠିଛି। କିନ୍ତୁ ହଠାତ୍ ଏକ ଅପ୍ରତ୍ୟାଶିତ ଦୁର୍ଘଟଣା ସେମାନଙ୍କ ଖୁସିର ସଂସାରକୁ ଉଜାଡ଼ି ଦିଏ। ଏହି ଭୟଙ୍କର ଆଘାତ ବାଦଲକୁ ଏକ ନୂଆ ରାସ୍ତା ବାଛିବାକୁ ବାଧ୍ୟ କରେ। ଯାହା ହେଉଛି ନ୍ୟାୟ ଏବଂ ପ୍ରତିଶୋଧର ରାସ୍ତା। ତା'ର ଏହି ସଂଘର୍ଷମୟ ଯାତ୍ରାରେ ଜଗୁ (ରୋହନ ଗର୍ଗ), ଯିଏ କି ମିତାର ସ୍ୱାମୀ ଓ ବାଦଲର ଭାଗ୍ୟକୁ ଏକ ନୂଆ ମୋଡ଼ ଦେଇଥାଏ। ଏଥିସହ ମୀରା (ପ୍ରୀତି ବିଶ୍ୱାଳ), ସନ୍ତୁ (ସନ୍ତୁ ନିଜେ), ମାମୁ (ଶକ୍ତି ବରାଳ) ଏବଂ ଜଗୁଙ୍କ ମା' (ପ୍ରିୟମ୍ବଦା ଅପା)ଙ୍କ ପରି ଚରିତ୍ରମାନେ ଏହି କାହାଣୀକୁ ଆହୁରି ମଜବୁତ ଓ ଜୀବନ୍ତ କରିଛନ୍ତି। ଫିଲ୍ମର ନାଁ 'ଡଟ୍‌ପେନ୍'? ଏହି ପେନ୍‌ର ଗୁରୁତ୍ୱ କ'ଣ, ତାହା ହିଁ ଚଳଚ୍ଚିତ୍ରର ମୁଖ୍ୟ ସସପେନ୍ସ। ଆଗରୁ ଆକ୍ସନ, ଇମୋସନ ଏବଂ ପାରିବାରିକ ମୂଲ୍ୟବୋଧର ଏହି ସୁନ୍ଦର ମିଶ୍ରଣ ଦର୍ଶକଙ୍କୁ ଶେଷ ପର୍ଯ୍ୟନ୍ତ ବାନ୍ଧି ରଖିବାରେ ସଫଳ ହୋଇଥିଲା ସିନେମା ହଲ୍‌ରେ। ଯେଉଁମାନେ ସିନେମା ହଲ୍‌ରେ ଏହି ଶ୍ରେଷ୍ଠ ଚଳଚ୍ଚିତ୍ରଟିକୁ ଦେଖିବାରୁ ବଞ୍ଚିତ ହୋଇଛନ୍ତି, ସେମାନଙ୍କ ପାଇଁ ଜୀ ସାର୍ଥକ ଏହି ସୁବର୍ଣ୍ଣ ସୁଯୋଗ ଆଣି ଦେଇଛି। ■



# ମଣିରତ୍ନମ୍‌ଙ୍କ ସିନେମାରେ ସାଇ ପଲ୍ଲବୀ

ଲୋକପ୍ରିୟ ଅଭିନେତ୍ରୀ ସାଇ ପଲ୍ଲବୀଙ୍କ ଅଭିନୀତ 'ରାମାୟଣ' ସିନେମା ଏବେ ମୁକ୍ତିଲାଭ ଅପେକ୍ଷାରେ ଅଛି। ଏହାରି ଭିତରେ ଆଉ ଏକ ନୂଆ ସିନେମାରେ ସାଇ ପଲ୍ଲବୀ ନଜର ଆସିବା ଚର୍ଚ୍ଚା ହେଉଛି। ମଣିରତ୍ନମ୍‌ଙ୍କ ନୂଆ ସିନେମାରେ ତାଙ୍କୁ ଦେଖିବାକୁ ମିଳିବ। ଅବଶ୍ୟ ସିନେମାର ଶୀର୍ଷକ ସ୍ଥିର ହୋଇ ନାହିଁ। ତେବେ ଏହି ସିନେମାରେ ସାଇ ପଲ୍ଲବୀଙ୍କ ସହିତ ମୁଖ୍ୟ ଚରିତ୍ରରେ ବିଜୟ ସେତୁପତି ନଜର ଆସିବେ। ନିକଟରେ ଅଭିନେତା ସାମାଜିକ ଗଣମାଧ୍ୟମରେ କୋଲକାତା ଯାତ୍ରାର ଭିଡିଓ ସେୟାର୍ କରାଯାଇଥିଲା। ସେହିପରି ଦୁହେଁ ସିନେମାର ସୁଟିଂ ଆରମ୍ଭ କରିଥିବା କୁହାଯାଉଛି। ■



# ଗୀତ ପାଇଁ ଅନିଦ୍ରା ଅଭିନେତ୍ରୀ

ଅଶି ଦଶକର ଲୋକପ୍ରିୟ ଅଭିନେତ୍ରୀ ଭାବେ ଜୟପ୍ରଦା ବେଶ୍ ପରିଚିତ। କୋମଳତା, ଚମତ୍କାର ଅଭିନୟ ଏବଂ ନୃତ୍ୟଶୈଳୀରେ ସେ କୋଟି କୋଟି ଦର୍ଶକଙ୍କ ମନ ଜିଣିଥିଲେ। ସରଗମ୍, ସରାଫି, ତୋଫାହ ଏବଂ ମକ୍‌ସଦ୍ ଭଳି ତାଙ୍କ ଅଭିନୀତ ଚରିତ୍ରଗୁଡ଼ିକକୁ ଦର୍ଶକେ ଖୁବ୍ ପ୍ରଶଂସା କରିଥିଲେ। ହେଲେ ୪୨ ବର୍ଷ ପୂର୍ବେ ତାଙ୍କର ଏକ ଗୀତ ଥିଲା। ଯାହା ସୁଟିଂ ପୂର୍ବରୁ ସେ ଚିନ୍ତାଗ୍ରସ୍ତ ହୋଇ ଅନିଦ୍ରା ଥିଲେ। ୧୯୮୪ ମସିହାରେ ମୁକ୍ତିଲାଭ କରିଥିବା ଫିଲ୍ମ ଶରାବୀରେ 'ଦେ ଦେ ପ୍ୟାର୍ ଦେ' ଗୀତ ସୁଟିଂ ପୂର୍ବ ଦିନ ଜୟପ୍ରଦା ଅନିଦ୍ରା ରହିଥିଲେ। ଏହି ଗୀତରେ ଅମିତାଭ ବଚ୍ଚନ ଏବଂ ଜୟପ୍ରଦା ଦେଖାଯାଇଥିଲେ। ନିକଟରେ ଜୟପ୍ରଦା ଏହି ଗୀତ ସୁଟିଂ ସହ ଜଡ଼ିତ ରୋଚକୀୟ କାହାଣୀ ପ୍ରକାଶ କରିଛନ୍ତି। ଏହି ଗୀତ ସୁଟିଂର ଦିନକ ପୂର୍ବରୁ ନିର୍ଦ୍ଦେଶକ ପ୍ରକାଶ ମେହରା ତାଙ୍କୁ କଷ୍ଟ୍ୟୁମ୍ ପିନ୍ଧିବାକୁ ନେଇ ଡିମାଣ୍ଡ କରିଥିଲେ ଯେଉଁଥି ପାଇଁ ସେ ଅନିଦ୍ରା ରହିଥିଲେ। ନିର୍ଦ୍ଦେଶକ ତାଙ୍କୁ ଏହି ଗୀତରେ ସମ୍ପୂର୍ଣ୍ଣ ଆଧୁନିକ ପୋଷାକ ପିନ୍ଧିବା ସହ ଆକର୍ଷଣୀୟ ଦେଖାଯିବାକୁ କହିଥିଲେ। କାରଣ ଏହି ଗୀତଟି ହିଁ ଫିଲ୍ମର ଆତ୍ମା ଥିଲା। ଏହା ଶୁଣି ଜୟପ୍ରଦା ଚକିତ ହୋଇଥିଲେ। ଅଶି ଦଶକରେ ଦର୍ଶକଙ୍କ ସମ୍ମୁଖରେ ସେ ଶାଢ଼ି ଏବଂ ପାରମ୍ପରିକ ପୋଷାକ ପରିଧାନ କରୁଥିବା ଅଭିନେତ୍ରୀ ଭାବେ ପରିଚିତ ଥିଲେ। ଏପରିସ୍ଥଳେ ସିଧାସଳଖ ଆଧୁନିକ ଏବଂ ଆକର୍ଷଣୀୟ ମେକ୍‌ଅପ୍ ନେବା ତାଙ୍କ ପାଇଁ ସହଜ ନ ଥିଲା। ନିର୍ଦ୍ଦେଶକଙ୍କଠୁ ଶୁଣିବା ପରେ ଦର୍ଶକ ତାଙ୍କୁ ଏ ରୂପରେ ଗ୍ରହଣ କରିବେ କି ନାହିଁ ସେ ରାତିସାରା ଏହା ଭାଳି ହେଉଥିଲେ। ଏଥିସହ ଆଧୁନିକ ଆଉଟ୍‌ଫିଟ୍ ତାଙ୍କୁ ମାନିବ କି ନାହିଁ ସେ ନେଇ ମଧ୍ୟ ଖୁବ୍ ଚିନ୍ତାଗ୍ରସ୍ତ ଥିଲେ। ଗୀତ ଏବଂ ମ୍ୟୁଜିକ୍ ଏନର୍ଜେଟିକ୍ ଥିବାବେଳେ, ତାଙ୍କ ସାମ୍ନାରେ ଅମିତାଭ ବଚ୍ଚନଙ୍କ ଭଳି ସୁପରଷ୍ଟାର୍ ଥିଲେ। ତେଣୁ ତାଙ୍କ ଆଗରେ ଭଲ ପ୍ରଦର୍ଶନକୁ ନେଇ ତାଙ୍କ ଉପରେ ଚାପ ଥିଲା। ତେଣୁ ସେ ସୁଟିଂ ପୂର୍ବରାତିରେ ଶୋଇପାରି ନ ଥିଲେ। ■



ସାକ୍ଷାତକାର



# 'ଭିନ୍ନ ଭିନ୍ନ ଚରିତ୍ରରେ ଅଭିନୟ କରିବାକୁ ଇଚ୍ଛା'

**ରୋହନ ଗର୍ଗ, ଅଭିନେତା**

ପିଲାଦିନରୁ ଅଭିନେତା ହେବାକୁ ସେ ସ୍ୱପ୍ନ ଦେଖିଥିଲେ। ନିଜ ସ୍ୱପ୍ନ ପୂରା କରିବାକୁ ସେ ଆକ୍ଟିଂ ସ୍କୁଲରେ ନାଁ ଲେଖାଇଲେ। ଅଡିସନ୍ ମାଧ୍ୟମରେ ନିଜ ଭାଗ୍ୟ ପରୀକ୍ଷା କରି ଓଲିଉଡ୍‌ରେ ପାଦ ଥାପିଲେ ବଲାଙ୍ଗିରର ରୋହନ ଗର୍ଗ। 'ଡଟ୍‌ପେନ୍' ତାଙ୍କର ଡେବ୍ୟୁ ସିନେମା। ଏଥିରେ ସେ ଏକ ସାଇକୋ ଚରିତ୍ରରେ ଅଭିନୟ କରଛନ୍ତି। ସେ କେବଳ ଜଣେ ଅଭିନେତା ନୁହଁନ୍ତି, ତାଙ୍କର ନିଜସ୍ୱ ବ୍ୟବସାୟ ରହିଛି। ତେବେ ଅଭିନୟରେ ଦର୍ଶକଙ୍କ ମନ ଜିଣୁଥିବା ରୋହନଙ୍କ ମୁହଁରୁ ଜାଣିବା ତାଙ୍କ ସଂଘର୍ଷର କାହାଣୀ।

**ଓଲିଉଡ୍‌କୁ ଯାତ୍ରା କିପରି ଥିଲା?**

- ପିଲାଦିନରୁ ଅଭିନେତା ହେବାକୁ ମୋର ଇଚ୍ଛା ଥିଲା। ତେଣୁ ପଢ଼ା ସାରିବା ପରେ ମୁଁ ମୁମ୍ବାଇର ଏକ ଆକ୍ଟିଂ ସ୍କୁଲରେ ନାଁ ଲେଖାଇଥିଲି। ଶିକ୍ଷାନୁଷ୍ଠାନରେ ପ୍ରାୟ ୧୦ରୁ ଊର୍ଦ୍ଧ୍ୱ ନାଟକରେ ଅଭିନୟ କରିଛି। ସେହି ଅଭିଜ୍ଞତାକୁ ନେଇ ଫିଲ୍ମ ଲାଇନ୍‌କୁ ଆସିବାକୁ ମନ ବଳାଇଥିଲି। ଏଥିପାଇଁ ବିଭିନ୍ନ ସ୍ଥାନରେ ଅଡିସନ୍ ଦେଇଥିଲି। ତେବେ ଅଡିସନ୍‌ରେ ମୋର ଅଭିନୟ ଦେଖି ଅଶ୍ୱିନୀ ସାର୍ ମୋତେ 'ଡଟ୍‌ପେନ୍' ସିନେମାରେ କାମ କରିବାକୁ ସୁଯୋଗ ଦେଇଥିଲେ। 'ଡଟ୍‌ପେନ୍' ମୋର ଡେବ୍ୟୁ ସିନେମା। ଏଥିରେ ମୁଁ ଏକ ସାଇକୋ ଚରିତ୍ରରେ ଅଭିନୟ କରିଛି। ଏହାବାଦ୍ ମୋ ଅଭିନୀତ ଆଉ କିଛି ପ୍ରୋଜେକ୍ଟ ପୋଷ୍ଟ ପ୍ରଡକ୍ସନରେ ଅଛି। ଆଶା କରୁଛି ଖୁବ୍ ଶୀଘ୍ର ଏହା ମଧ୍ୟ ରିଲିଜ୍ ହୋଇଯିବ।

**'ଡଟ୍‌ପେନ୍' ସିନେମାକୁ ଦର୍ଶକଙ୍କ ଭଲପାଇବା ମିଳିଛି?**

- ଏହା ଏକ ସାଧାରଣ କାହାଣୀ ନୁହେଁ, ଏହି କାହାଣୀ ଭଲପାଇବାରୁ ଆରମ୍ଭ ହୋଇ ପ୍ରତିଶୋଧରେ ଶେଷ ହୁଏ। ଫିଲ୍ମରେ ପେନ୍‌ର ଗୁରୁତ୍ୱ କ'ଣ ତାହା ହିଁ ଚଳଚ୍ଚିତ୍ରର ମୁଖ୍ୟ ସସ୍‌ପେନ୍ସ। ଏଥିରେ ଆକ୍ସନ, ଇମୋସନ ଏବଂ ପାରିବାରିକ ମୂଲ୍ୟବୋଧର ସୁନ୍ଦର ମିଶ୍ରଣ ରହିଛି। ସିନେମାର ପ୍ରତିଟି ସିନ୍‌କୁ ନେଇ ଦର୍ଶକ ଯାହା କଳ୍ପନା କରୁଥିଲେ ସିନେମାରେ ତା'ର ଓଲଟା ଦୃଶ୍ୟ ଦେଖିବାକୁ ମିଳୁଥିଲା। ତେବେ ଥିଏଟରରେ ସିନେମା ଦେଖି ଦର୍ଶକ ଅଜସ୍ର ଭଲପାଇବା ଦେଇଥିଲେ। ଖୁବ୍‌ଶୀଘ୍ର ଟିଭି ପରଦାରେ ଦର୍ଶକ ଏହି ସିନେମା ଦେଖିବାକୁ ସୁଯୋଗ ପାଇବେ।

**ଅଭିନୟକୁ ଜୀବନ୍ତ କରିବାକୁ କେଉଁ କଥାକୁ ଗୁରୁତ୍ୱ ଦିଅନ୍ତି?**

- ପ୍ରତିଦିନ ଅଭିନୟ ଅଭ୍ୟାସ କରିବା, ନିଜ ବ୍ୟକ୍ତିଗତ ଜୀବନରେ ପରିବର୍ତ୍ତନ ଆଣି ଚରିତ୍ରକୁ ସୁହାଇଲା ପରି ଅଭିନୟ କରିବା ଆଦି ଦିଗକୁ ଧ୍ୟାନ ଦେଲେ ଅଭିନୟ ଜୀବନ୍ତ ହୁଏ।

**ସୁଟିଂ ସେଟ୍‌ର ସ୍ମରଣୀୟ ମୁହୂର୍ତ୍ତ?**

- ପ୍ରତ୍ୟେକ ସେଟ୍ ମୋତେ କିଛି ନୂଆ ନୂଆ କଥା ଶିଖାଇଛି। ହେଲେ ମୋ ଅନୁଭୂତିରୁ ଗୋଟେ କଥା କହିବି ଯେ 'ଡଟ୍‌ପେନ୍' ସିନେମା ସୁଟିଂ ପାଇଁ ପୂରା ଟିମ୍ ଢେଙ୍କାନାଳ ଏବଂ କାମାକ୍ଷାନଗରରେ ପ୍ରାୟ ୨୫ ଦିନ ରହିଥିଲୁ। ସେଠାକାର ଗାଁ ଲୋକଙ୍କ ସହିତ ମିଶିବା, ଖାଇବା, ବୁଲିବା, ଶୋଇବା, ସେମାନଙ୍କ ପରି ଚଳିବା ତଥା ସେମାନଙ୍କ ଜୀବନଶୈଳୀକୁ ଆଦରି ନେବା ମୋ ପାଇଁ ସବୁଠାରୁ ସ୍ମରଣୀୟ ମୁହୂର୍ତ୍ତ।

**ପ୍ରଥମ ପାରିଶ୍ରମିକରେ କ'ଣ କରିଥିଲେ?**

- ମୋ' ପରିବାର ସହିତ ବିଦେଶ ଭ୍ରମଣ କରିଥିଲି।

**ରୋହନଙ୍କ ଫିଟ୍‌ର ରାଜ୍?**

- ପ୍ରତିଦିନ ଜିମ୍ ଯାଏ। ସନ୍ତୁଳିତ ତଥା ଘରତିଆରି ଖାଦ୍ୟପେୟକୁ ଅଧିକ ଗୁରୁତ୍ୱ ଦିଏ।

**ଅଭିନୟକୁ ବାଦ୍ ଦେଲେ କ'ଣ କରିବାକୁ ଭଲ ଲାଗେ?**

- ସାଙ୍ଗସାଥିଙ୍କ ସହ ବୁଲିବାକୁ ପସନ୍ଦ କରେ।

**ସୁଟିଂ ନଥିଲେ କ'ଣ କରନ୍ତି?**

- ମୋର ନିଜସ୍ୱ ବ୍ୟବସାୟ ରହିଛି। ଯେତେବେଳେ ଅଭିନୟ କରିବାକୁ ସୁଯୋଗ ମିଳେ, ସେତେବେଳେ ଅଭିନୟକୁ ଗୁରୁତ୍ୱ ଦିଏ। ଏହାସହିତ ବ୍ୟବସାୟକୁ ବି ସମୟ ଦେବାକୁ ପଡ଼ିଥାଏ।

**ଡ୍ରିମ୍ ରୋଲ?**

- ମୋତେ ଭିନ୍ନ ଭିନ୍ନ ଚରିତ୍ରରେ ଅଭିନୟ କରିବାକୁ ଇଚ୍ଛା ଅଛି।

**ଅଭିନୟରେ ରୁଚି ରଖିଥିବା ଯୁବକଯୁବତୀଙ୍କୁ କ'ଣ କହିବେ?**

- ଫିଲ୍ମ ହେଉ କି ଧାରାବାହିକ, ଅଭିନୟ କରିବାକୁ ଆସିବା ପୂର୍ବରୁ ନିଜକୁ ପ୍ରସ୍ତୁତ କରନ୍ତୁ। ଏଥିପାଇଁ ପରିଶ୍ରମ କରନ୍ତୁ। କଳାକାର ହେବାକୁ ଅନେକ ପ୍ଲାଟଫର୍ମ ରହିଛି। ଯେଉଁଠି ଅଡିସନ୍ ଦିଆଯାଉଛି ସେଠାକୁ ଯିବା ଆବଶ୍ୟକ। ସୁବିଧା ନଥିଲେ ଭିଡିଓ ମାଧ୍ୟମରେ ଅଡିସନ୍ ଦେଇ ପାରିବେ। ସବୁବେଳେ ନୂଆ ନୂଆ କଥା ଜାଣିବାକୁ ଆଗ୍ରହ ରଖିବା ସହ ଜୀବନ୍ତ ଅଭିନୟ କରିବାକୁ ଗୁରୁତ୍ୱ ଦେଲେ, ଅଭିନୟ ଭଲ ହୋଇଥାଏ। ■

# ବକ୍ସିଂରେ ପ୍ରୀତି, ଯସ୍ମିନ୍‌ଙ୍କୁ ସ୍ୱର୍ଣ୍ଣ, ଯଦୁମଣିଙ୍କୁ ରୌପ୍ୟ


ପ୍ରୀତି ପାୱାର


ଯସ୍ମିନ୍ ଲାମ୍ବୋରିଆ

ଗ୍ଲାସ୍‌ଗୋ,୨।୮ (ଏଜେନ୍ସି):

ଗ୍ଲାସ୍‌ଗୋ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଭାରତୀୟ ବକ୍ସରମାନେ ଐତିହାସିକ ପ୍ରଦର୍ଶନ କରିଛନ୍ତି। ଏଠାରେ ୧୦ଟି କାଟେଗୋରୀରେ ବକ୍ସିଂ ପ୍ରତିଯୋଗିତା ଆୟୋଜିତ ହେଉଥିଲାବେଳେ ଭାରତ ସମସ୍ତ ୧୦ଟି ଯାକ କାଟେଗୋରୀରେ ଫାଇନାଲରେ ପ୍ରବେଶ କରି ଇତିହାସ ସୃଷ୍ଟି କରିଛନ୍ତି। ଏହା ମଧ୍ୟରୁ ଶନିବାର ଅନୁଷ୍ଠିତ ୩ଟି ଫାଇନାଲ ମଧ୍ୟରୁ ଦୁଇଟିରେ ପ୍ରୀତି ପାୱାର ଓ ଯସ୍ମିନ୍ ଲାମ୍ବୋରିଆ ସ୍ୱର୍ଣ୍ଣପଦକ ବିଜୟୀ ହୋଇଛନ୍ତି। ତୃତୀୟ ଫାଇନାଲରେ ଯଦୁମଣି ସିଂ ପରାଜିତ ହୋଇ ରୌପ୍ୟରେ ସନ୍ତୁଷ୍ଟ ହୋଇଛନ୍ତି। ଆଉ ୭ଟି ବିଭାଗରେ ଫାଇନାଲ ଖେଳାଯିବାର କାର୍ଯ୍ୟକ୍ରମ ରହିଛି। ସେହିପରି ଶନିବାର ଅନୁଷ୍ଠିତ ପୁରୁଷ ଟ୍ରିପଲ ଜମ୍ପ ଫାଇନାଲରେ ପ୍ରବୀଣ ଚିତ୍ରାଭେଲ ରୌପ୍ୟ ଓ ସେଲଭା ପ୍ରଭୁ କାଂସ୍ୟ ପଦକ ବିଜୟୀ ହୋଇଥିଲେ। ଗତକାଲି ବିଳମ୍ବିତ ରାତିରେ ଅନୁଷ୍ଠିତ ପୁରୁଷ ଜାଭେଲିନ୍ ଥ୍ରୋ'ରେ ନୀରଜ ଚୋପ୍ରା ଓ ଯଶବୀର ସିଂ ଯଥାକ୍ରମେ ରୌପ୍ୟ ଓ କାଂସ୍ୟ ପଦକ ହାସଲ କରିଥିଲେ। ସେହିପରି ଡେକାଥଲନ୍‌ରେ ତେଜସ୍ୱିନ୍ ଶଙ୍କର ପ୍ରଥମ ଭାରତୀୟ ଭାବେ କାଂସ୍ୟ ପଦକ ଜିତିଥିଲେ। ଫଳରେ ଚଳିତ ଆଥଲେଟିକ୍ସରେ ଭାରତକୁ ସ୍ୱର୍ଣ୍ଣ ପଦକ ମିଳି ନାହିଁ। ଅନ୍ୟ ପକ୍ଷରେ ପାରା ଆଥ୍‌ଲେଟିକ୍ସରେ ଆଜି ଖେଳାଯାଇଥିବା ପୁରୁଷ ଏଫ୍‌୫୭ ସଟ୍‌ପୁଟ୍‌ରେ ସୋମନ ରାଣା ଓ ଶୁଭମ ଜୁୟାଲ ଯଥାକ୍ରମେ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ଜିତିବାରେ ସମର୍ଥ ହୋଇଛନ୍ତି। ଫଳରେ ଭାରତର ପଦକ ସଂଖ୍ୟା ୩୦ରେ ପହଞ୍ଚିଛି। ଏହା ମଧ୍ୟରେ ୮ଟି ସ୍ୱର୍ଣ୍ଣ, ୧୫ଟି ରୌପ୍ୟ ଓ ୭ଟି କାଂସ୍ୟ ପଦକ ରହିଛି।

## ଡବଲ୍ ସ୍ୱର୍ଣ୍ଣରୁ ବକ୍ସିଂରେ ପଦକ ଅଭିଯାନ

ରାଜ୍ୟଗୋଷ୍ଠୀ କ୍ରୀଡ଼ା

ବକ୍ସିଂରେ ରେକର୍ଡ ୧୦ଟି କାଟେଗୋରୀର ଫାଇନାଲରେ ପ୍ରବେଶ କରିଥିବା ଭାରତୀୟ ପ୍ରତିଯୋଗୀମାନେ ଡବଲ ସ୍ୱର୍ଣ୍ଣରୁ ପଦକ ଅଭିଯାନ ଆରମ୍ଭ କରିଥିଲେ। ଶନିବାର ଅପରାହ୍ଣରେ ପ୍ରଥମେ ଅନୁଷ୍ଠିତ ମହିଳା ୫୪ କେଜି ଫାଇନାଲରେ ପ୍ରୀତି ପାୱାର ୫-୦ରେ କାନାଡାର ସ୍କାର୍ଲେଟ ଡେଲଗାଡୋଙ୍କୁ ପରାସ୍ତ କରି ପ୍ରଥମ ସ୍ୱର୍ଣ୍ଣ ବିଜୟୀ ହୋଇଥିଲେ। ଏହାପରେ ମହିଳା ୫୭ କେଜି ଫାଇନାଲ୍‌ରେ ବିଶ୍ୱ ଚାମ୍ପିଅନ ଯସ୍ମିନ ଲାମ୍ବୋରିଆ ୫-୦ରେ ନର୍ଦର୍ଣ୍ଣ ଆୟର୍ଲାଣ୍ଡର ମିକାଏଲା ୱାଲ୍‌ଶଙ୍କୁ ହରାଇ ଦ୍ୱିତୀୟ ସ୍ୱର୍ଣ୍ଣ ବିଜୟୀ ହୋଇଥିଲେ। ପୁରୁଷ ବିଭାଗର ୫୫ କେଜି କାଟେଗୋରୀରେ ଅଷ୍ଟ୍ରେଲିଆର ଜାଇ ଡିକ୍ସନଙ୍କଠାରୁ ୫-୦ରେ ପରାଜିତ ହୋଇ ଯଦୁମଣି ରୌପ୍ୟ ପଦକ ପାଇଥିଲେ। ଖେଳାଯିବାକୁ ଥିବା ଆଉ ୭ଟି ବିଭାଗ ଫାଇନାଲ ମଧ୍ୟରୁ ମହିଳା ୫୧ କେଜିରେ ସାକ୍ଷୀ ଚୌଧୁରୀ-ଇଂଲଣ୍ଡର ରୁବି ହ୍ୱାଇଟ୍, ୬୦ କେଜିରେ ପ୍ରିୟା ଘାଙ୍ଗାସ୍-କାନାଡାର ବାଥାଉଲ ଅଲ ଅହମଦିଆ, ୭୦ କେଜିରେ ଅରୁନ୍ଧତି ଚୌଧୁରୀ-ଇଂଲଣ୍ଡର ଚାଂଟେଲୀ ରିଡ୍, ୭୫ କେଜିରେ ଲଭଲିନା ବୋରୋଗୋହାଁଇ-ଅଷ୍ଟ୍ରେଲିଆର ଏମା-ସ୍ୟୁ ଗ୍ରୀନ୍‌ଟ୍ରିଙ୍କ ମୁକାବିଲା ହେବ। ସେହିପରି ପୁରୁଷ ବିଭାଗ ୬୦ କେଜିରେ ସଚିନ ସିୱାଚ୍-ନାମିବ୍ୟାର ଟ୍ରାୟାଗେନ୍ ମର୍ଣ୍ଣିଂ ଏନ୍‌ଡିଭେଲୋ, ୮୦ କେଜିରେ ଅଙ୍କୁଶ ପାଙ୍ଘଲ-ଇଂଲଣ୍ଡର ଦିମେଜି ସିନ୍ଥୁ ଓ ୯୦ରୁ ଉର୍ଦ୍ଧ୍ୱ କେଜିରେ ନରେନ୍ଦର ବନୱାଲ-ଇଂଲଣ୍ଡର ଦାମର ଥୋମାସଙ୍କ ସହ ମୁକାବିଲା ହେବ।

**ଗ୍ଲାସ୍‌ଗୋ ରାଜ୍ୟଗୋଷ୍ଠୀ କ୍ରୀଡ଼ା ପଦକ ତାଲିକା**

| ର୍‍ୟାଙ୍କ | ଦେଶ | ସ୍ୱର୍ଣ୍ଣ | ରୌପ୍ୟ | କାଂସ୍ୟ | ମୋଟ୍ |
|---|---|---|---|---|---|
| ୧ | ଅଷ୍ଟ୍ରେଲିଆ | ୬୧ | ୩୫ | ୪୭ | ୧୪୩ |
| ୨ | ଇଂଲଣ୍ଡ | ୨୨ | ୩୭ | ୩୧ | ୯୦ |
| ୩ | କାନାଡା | ୧୮ | ୧୭ | ୨୧ | ୫୬ |
| ୪ | ସ୍କଟଲାଣ୍ଡ | ୧୦ | ୮ | ୧୬ | ୩୪ |
| ୫ | ନାଇଜେରିଆ | ୧୦ | ୬ | ୪ | ୨୦ |
| ୬ | ନ୍ୟୁଜିଲାଣ୍ଡ | ୯ | ୧୦ | ୮ | ୨୭ |
| ୭ | ଭାରତ | ୮ | ୧୫ | ୮ | ୩୧ |
| ୮ | ୱେଲ୍ସ | ୮ | ୭ | ୧୨ | ୨୭ |
| ୯ | ଦ.ଆଫ୍ରିକା | ୭ | ୯ | ୯ | ୨୫ |
| ୧୦ | ମାଲେସିଆ | ୭ | ୩ | ୩ | ୧୩ |

ବି.ଦ୍ର.: ପଦକ ତାଲିକାର ପ୍ରଥମ ୧୦ଟି ସ୍ଥାନରେ ରହିଥିବା ଦେଶ।

## ଟ୍ରିପଲ ଜମ୍ପ୍‌ରେ ଡବଲ୍ ପଦକ

ଶନିବାର ଅନୁଷ୍ଠିତ ପୁରୁଷ ଟ୍ରିପଲ ଜମ୍ପରେ ଭାରତ ରୌପ୍ୟ ଓ କାଂସ୍ୟ ପଦକ ବିଜୟୀ ହୋଇଛି। ଏଥିରେ ପ୍ରବୀଣ ଚିତ୍ରାଭେଲ ୧୬.୫୮ ମିଟର ଦୂରତାକୁ ଡେଇଁ ଦ୍ୱିତୀୟ ସ୍ଥାନ ଅଧିକାର କରିବା ସହ ରୌପ୍ୟ ଏବଂ ସେଲଭା ପ୍ରଭୁ ୧୬.୫୨ ମିଟରକୁ ଡେଇଁ କାଂସ୍ୟ ପଦକ ହାସଲ କରିଥିଲେ। ୧୬.୭୨ ମିଟରକୁ ଡେଇଁଥିବା ଜାମାଇକାର ଜୋର୍ଡାନ ସ୍କଟଙ୍କୁ ସ୍ୱର୍ଣ୍ଣ ପଦକ ମିଳିଥିଲା। ମହିଳା ୧୦,୦୦୦ ମିଟର ରେସ୍ ୱାକ୍‌ରେ ପ୍ରିୟଙ୍କା ଗୋସ୍ୱାମୀ ଚତୁର୍ଥ ସ୍ଥାନ ଅଧିକାର କରି ନିରାଶ କରିଥିଲେ।

## ପୁରୁଷ ଡେକାଥଲନରେ ପ୍ରଥମ ପଦକ

ପୁରୁଷ ଡେକାଥଲନରେ ଭାରତର ତେଜସ୍ୱୀ ଶଙ୍କର ତୃତୀୟ ସ୍ଥାନ ଅଧିକାର କରି କାଂସ୍ୟ ପଦକ ହାସଲ କରିଛନ୍ତି। ୧୦ଟି ଖେଳକୁ ନେଇ ଆୟୋଜିତ ହେଉଥିବା ଏହି ଇଭେଣ୍ଟରେ ସେ ୭୯୭୬ ପଏଣ୍ଟ ହାସଲ କରି ଏହି ସଫଳତା ପାଇଥିଲେ। ଡେକାଥଲନରେ ଜଣେ ଭାରତୀୟଙ୍କ ଲାଗି ଏହା ପ୍ରଥମ ପଦକ ହୋଇଥିଲା। ଏହାସହ ସେ ମଧ୍ୟ ପ୍ରଥମ ଆଥଲେଟ ଭାବେ ଦୁଇଟି ଭିନ୍ନ ଭିନ୍ନ ଇଭେଣ୍ଟରେ ପଦକ ଜିତିବାର ରେକର୍ଡ କରିଛନ୍ତି। ୨୦୨୨ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ସେ ପୁରୁଷ ହାଇ ଜମ୍ପରେ କାଂସ୍ୟ ପଦକ ବିଜୟୀ ହୋଇଥିଲେ।

## ପାରା ସଟ୍‌ପୁଟରେ ସୋନମଙ୍କୁ ସ୍ୱର୍ଣ୍ଣ, ଶୁଭମଙ୍କୁ ରୌପ୍ୟ



ଶନିବାର ଅନୁଷ୍ଠିତ ପାରା ଆଥଲେଟିକ୍‌ସ ପୁରୁଷ ସଟପୁଟ୍ ଏଫ୍‌୫୭ କାଟେଗୋରୀରେ ଭାରତକୁ ଐତିହାସିକ ସଫଳତା ମିଳିଛି। ଏଥିରେ ଭାଗ ନେଇଥିବା ଭାରତର ଦୁଇ ପ୍ରତିଯୋଗୀଙ୍କୁ ଯଥାକ୍ରମେ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ମିଳିଛି। ସୋନମ ରଣା ୧୩.୪୦ ମିଟର ଦୂରତାକୁ ସଟ୍‌ପୁଟ ଫିଙ୍ଗି ପ୍ରଥମ ସ୍ଥାନରେ ରହି ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଥିଲେ। ତାଙ୍କ ପଛକୁ ଶୁଭମ ଜୁୟାଲ ୧୩.୨୮ ମିଟର ଦୂରତାକୁ ସଟ୍‌ପୁଟ ଫିଙ୍ଗି ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। ଚଳିତ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଏହା ତୃତୀୟ ଇଭେଣ୍ଟ ଯେଉଁଥିରେ ଭାରତୀୟମାନେ ୨ଟି ଲେଖାଏଁ ପଦକ ଜିତିବାରେ ସଫଳ ହୋଇଥିଲେ। ଅନ୍ୟ ଦୁଇଟି ହେଲା ଏଫ୍‌୫୭ ମହିଳା ସଟ୍‌ପୁଟ ଓ ଟି୪୭ ପୁରୁଷ ୧୦୦ ମିଟର ଦୌଡ଼। ଏହି ପଦକ ଜିତିବା ସହ ପାରାଆଥଲେଟିକ୍ସରେ ଭାରତର ଅଭିଯାନ ଶେଷ ହୋଇଛି। ଭାରତ ମୋଟ ୩ ସ୍ୱର୍ଣ୍ଣ, ୨ ରୌପ୍ୟ ଓ ୨ କାଂସ୍ୟ ସହ ମୋଟ ୭ଟି ପଦକ ଜିତି ସର୍ବଶ୍ରେଷ୍ଠ ସଫଳତା ହାସଲ କରିଛି। ପୂର୍ବରୁ ଏହି ପ୍ରତିଯୋଗିତାର ୨୦ ବର୍ଷ ପରେ ଭାରତ ପାରା ଆଥଲେଟିକ୍ସରେ ପ୍ରଥମଥର ପଦକ ଜିତିବାରେ ସଫଳ ହୋଇଥିଲା।

## ନୀରଜ ରୌପ୍ୟରେ ସନ୍ତୁଷ୍ଟ, ଯଶବୀରଙ୍କୁ କାଂସ୍ୟ

ଗତକାଲି ରାତିରେ ଅନୁଷ୍ଠିତ ପୁରୁଷ ଜାଭେଲିନ୍ ଥ୍ରୋରେ ଭାରତର କିଂବଦନ୍ତୀ ଆଥଲେଟ ନୀରଜ ଚୋପ୍ରା ରୌପ୍ୟ ପଦକରେ ସନ୍ତୁଷ୍ଟ ହୋଇଛନ୍ତି। ଏହି ଇଭେଣ୍ଟରେ ନୀରଜ ୮୫.୮୩ ମିଟର ଦୂରତାକୁ ଜାଭେଲିନ୍ ଫିଙ୍ଗି ଦ୍ୱିତୀୟ ସ୍ଥାନରେ ରହିଥିଲେ। ଦ୍ୱିତୀୟ ଆଟେମ୍ପଟରେ ନୀରଜଙ୍କୁ ଏହି ସଫଳତା ମିଳିଥିଲା। ଏହାପରେ ସେ ଆଉ ୪ଥର ଥ୍ରୋ କରିଥିଲେ ମଧ୍ୟ ଅଧିକ ଦୂରତାକୁ ଅତିକ୍ରମ କରିପାରି ନ ଥିଲେ। ଅନ୍ୟପକ୍ଷରେ ଯଶବୀର ସିଂ ଶେଷ ଆଟେମ୍ପଟ୍‌ରେ ୮୫.୪୧ ମିଟର ଦୂରତାକୁ ଫିଙ୍ଗି ସମସ୍ତଙ୍କୁ ଚମକାଇଦେବା ସହ କାଂସ୍ୟ ପଦକରେ ସନ୍ତୁଷ୍ଟ ହୋଇଥିଲେ। ରାଜ୍ୟଗୋଷ୍ଠୀ କ୍ରୀଡ଼ା ଜାଭେଲିନ୍‌ରେ ଭାରତର ଦୁଇ ପ୍ରତିଯୋଗୀ ପଦକ ପାଇବାରେ ଏହା ପ୍ରଥମ ଘଟଣା। ତୃତୀୟ ଆଥଲେଟ ଭାବେ ଫାଇନାଲରେ ପ୍ରବେଶ କରିଥିବା ରୋହିତ ଯାଦବ ୮୧.୫୬ ମିଟରକୁ ଫିଙ୍ଗି ୭ମ ସ୍ଥାନରେ ରହିଥିଲେ। ଶ୍ରୀଲଙ୍କାର ରୁମେଶ ତରଙ୍ଗା ପାଥୀରାଗେ ୮୯.୬୭ ମିଟରକୁ ଫିଙ୍ଗି ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ।



**ସାଫ୍ ଚାମ୍ପିଅନସିପ୍**

## ନଭେମ୍ବର ୧୧ରେ ଭାରତ-ପାକିସ୍ତାନ ଲଢ଼େଇ

ନୂଆଦିଲ୍ଲୀ, ୧।୮ (ଏଜେନ୍ସି): ଦକ୍ଷିଣ ଏସୀୟ ଫୁଟବଲ୍ ମହାସଂଘ (ସାଫ୍) ଆନୁକୂଲ୍ୟରେ ଆୟୋଜିତ ସାଫ୍ ଚାମ୍ପିଅନସିପ୍‌ର ଆଗାମୀ ସଂସ୍କରଣ ନଭେମ୍ବର ୪ରୁ ଢାକାରେ ଆରମ୍ଭ ହେବ। ଏଥିଲାଗି ଶନିବାର ଡ୍ର ଘୋଷଣା କରାଯାଇଛି। ଡିଫେଣ୍ଡିଂ ଚାମ୍ପିଅନ ଭାରତୀୟ ଫୁଟବଲ୍ ଦଳ ଗ୍ରୁପ୍-ବି'ରେ ସ୍ଥାନ ପାଇଛି। ଏହି ଗ୍ରୁପ୍‌ରେ ଭାରତ ସମେତ ପାକିସ୍ତାନ ଓ ମାଳଦୀପ୍ ରହିଛି। ସେହିଭଳି ଆୟୋଜକ ବାଂଲାଦେଶ, ଶ୍ରୀଲଙ୍କା ଓ ଭୁଟାନ ଗ୍ରୁପ୍-ଏ'ରେ ସ୍ଥାନ ପାଇଛି। ଭାରତ ଏହାର ପ୍ରଥମ ମ୍ୟାଚ୍ ନଭେମ୍ବର ୫ରେ ମାଳଦୀପ ସହ ଖେଳି ଅଭିଯାନ ଆରମ୍ଭ କରିବ। ଏହାପରେ ନଭେମ୍ବର ୧୧ରେ ଚିରପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନ ସହ ଖେଳିବାର କାର୍ଯ୍ୟସୂଚୀ ରହିଛି। ସାଫ୍ ଚାମ୍ପିଅନସିପ୍ ଇତିହାସରେ ଭାରତ ସବୁଠୁ ସଫଳତମ ଦଳ ରହିଛି। ଭାରତ ମୋଟ୍ ଉପରେ ୯ଥର ସାଫ୍ ଚାମ୍ପିଅନସିପ୍ ଟାଇଟଲ୍ ଜିତିଛି। ଉଲ୍ଲେଖଯୋଗ୍ୟ ଆଗାମୀ ସଂସ୍କରଣରେ ମୋଟ୍ ୭ଟି ଦଳ ଅଂଶଗ୍ରହଣ କରିବାର କାର୍ଯ୍ୟସୂଚୀ ରହିଥିଲା। କିନ୍ତୁ ନେପାଳ ଫୁଟବଲ ସଂଘକୁ ଫିଫା ବାସନ୍ଦ କରିବାରୁ ଏହି ଦଳ ଖେଳିବାରୁ ବଞ୍ଚିତ ହୋଇଥିଲା।

**ଶ୍ରୀଲଙ୍କା ବିପକ୍ଷ ଟେଷ୍ଟ ସିରିଜ**

## ତିନି ଦିନିଆ ୱାର୍ମଅପ୍ ଖେଳିବ ଭାରତ

ନୂଆଦିଲ୍ଲୀ, ୧।୮ (ଏଜେନ୍ସି): ଭ୍ରମଣକାରୀ ଭାରତ ଓ ଶ୍ରୀଲଙ୍କା ମଧ୍ୟରେ ଦୁଇ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ ଅଗଷ୍ଟ ୧୫ରୁ ଗଲ୍‌ରେ ଆରମ୍ଭ ହେବ। ଏଥିପୂର୍ବରୁ ଶୁବମନ ଗିଲ୍‌ଙ୍କ ନେତୃତ୍ୱାଧୀନ ଭାରତ ଓ ଘରୋଇ ଶ୍ରୀଲଙ୍କା ଏକାଦଶ ମଧ୍ୟରେ ଏକ ଅଭ୍ୟାସ ମ୍ୟାଚ୍ ଅଗଷ୍ଟ ୭ରୁ ଖେଳାଯିବାର କାର୍ଯ୍ୟସୂଚୀ ରହିଛି। ତେବେ ଏହି ମ୍ୟାଚର କାର୍ଯ୍ୟସୂଚୀରେ ଏବେ ସାମାନ୍ୟ ପରିବର୍ତ୍ତନ ହୋଇଛି। କଲମ୍ବୋର ଏନସିସି ଗ୍ରାଉଣ୍ଡରେ ଖେଳାଯିବାକୁ ଥିବା ଏହି ଅଭ୍ୟାସ ମ୍ୟାଚଟି ଚାରିଦିବସୀୟ ପରିବର୍ତ୍ତେ ୩ ଦିନିଆ ହେବ। ଅଗଷ୍ଟ ୭ରୁ ୯ ତାରିଖ ପର୍ଯ୍ୟନ୍ତ ଏହା ଖେଳାଯିବ। ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ ବୋର୍ଡ ପକ୍ଷରୁ ଶନିବାର ଏହି ସୂଚନା ଦିଆଯାଇଛି। ଅଭ୍ୟାସ ମ୍ୟାଚ୍‌ଟି ମଧ୍ୟ ସିଧା ପ୍ରସାରଣ କରାଯିବ। ଏହି ଟେଷ୍ଟ ସିରିଜ୍ ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍ ପଏଣ୍ଟ ଟେବୁଲ ପାଇଁ ଗୁରୁତ୍ୱପୂର୍ଣ୍ଣ ରହିଛି।

## ଦୁଲୀପ୍ ଟ୍ରଫି: ପଟିଦାରଙ୍କୁ କେନ୍ଦ୍ରାଞ୍ଚଳର ନେତୃତ୍ୱ

ଲକ୍ଷ୍ନୌ, ୧।୮ (ଏଜେନ୍ସି): ବିସିସିଆଇ ଚଳିତ ଘରୋଇ କ୍ରିକେଟ୍ ସିଜନର ପ୍ରଥମ ଟୁର୍ଣ୍ଣାମେଣ୍ଟ ଦୁଲୀପ୍ ଟ୍ରଫି ଲାଗି ଶନିବାର ଡିଫେଣ୍ଡିଂ ଚାମ୍ପିଅନ କେନ୍ଦ୍ରାଞ୍ଚଳ ଦଳ ଘୋଷଣା କରାଯାଇଛି। ମଧ୍ୟପ୍ରଦେଶର ଷ୍ଟାର୍ ବ୍ୟାଟର ରଜତ ପଟିଦାରଙ୍କୁ ଘୋଷିତ ୧୫ ଜଣିଆ ଦଳର ନେତୃତ୍ୱ ଭାର ଦିଆଯାଇଛି। ସେହିଭଳି ଉତ୍ତରପ୍ରଦେଶର ରିଙ୍କୁ ସିଂଙ୍କୁ ଉପ-ଅଧିନାୟକ ନିଯୁକ୍ତ କରାଯାଇଛି। ଗତ ସଂସ୍କରଣ ଫାଇନାଲରେ ଦକ୍ଷିଣାଞ୍ଚଳକୁ ହରାଇ କେନ୍ଦ୍ରାଞ୍ଚଳ ଚାମ୍ପିଅନ ହୋଇଥିଲା। ତେଣୁ ଏଥର କେନ୍ଦ୍ରାଞ୍ଚଳକୁ ସିଧାସଳଖ ସେମିଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛି। ଅଗଷ୍ଟ ୩୦ ତାରିଖରୁ ସେମିଫାଇନାଲ ପର୍ଯ୍ୟାୟ ଆରମ୍ଭ ହେବ। ଏଥିପୂର୍ବରୁ ଅଗଷ୍ଟ ୨୩ରୁ ଦୁଇଟି ପ୍ଲେ-ଅଫ୍ ମ୍ୟାଚ୍ ଖେଳାଯିବ। ଯେଉଁଥିରେ ପୂର୍ବାଞ୍ଚଳ ସହ ଉତ୍ତରପୂର୍ବାଞ୍ଚଳ ଏବଂ ଉତ୍ତରାଞ୍ଚଳ ଓ ପଶ୍ଚିମାଞ୍ଚଳ ପରସ୍ପରକୁ ଭେଟିବେ।

**ଘୋଷିତ କେନ୍ଦ୍ରାଞ୍ଚଳ ଦଳ:** ରଜତ ପଟିଦାର (ଅଧିନାୟକ), ରିଙ୍କୁ ସିଂ (ଉପ-ଅଧିନାୟକ), ଆର୍ଯ୍ୟନ ଜୁୟଲ ଓ କୁନାଲ ସିଂ ରାଠୋଡ (ଉଭୟ ୱିକେଟକିପର), ସାରାଂଶ ଜୈନ, ଅମନ ମୋଖାଡେ, କୁନାଲ ଚାଣ୍ଡେଲା, ଜୀଶାନ ଅନସାରୀ, ଆର୍ଯ୍ୟନ ପାଣ୍ଡେ, ଅର୍ଶଦ ଖାନ, ଆୟୁଷ ପାଣ୍ଡେ, ଯଶ ରାଠୋଡ, ହର୍ଷ ଦୁବେ, ଯଶ ଠାକୁର ଓ ନଚିକେତ ଭୁତେ।

## ସାନାଙ୍କ ସହ ଆଲିଙ୍ଗନ କରି ଚର୍ଚ୍ଚାରେ ଜେମିମା

ସାଉଥାମ୍ପଟନ, ୧।୮ (ଏଜେନ୍ସି): ଅପରେସନ ସିନ୍ଦୁର ପରେ ରାଜନୈତିକ ଉତ୍ତେଜନା ଲାଗି ଭାରତ ଓ ପାକିସ୍ତାନ ଖେଳାଳିମାନେ ବିଭିନ୍ନ କ୍ରୀଡ଼ାରେ ପରସ୍ପର ସହ ହାତ ମିଳାଇବାରୁ ନିବୃତ୍ତ ରହୁଛନ୍ତି। କିନ୍ତୁ ଇଂଲଣ୍ଡରେ ଚାଲିଥିବା 'ଦି ହଣ୍ଡ୍ରେଡ' ମହିଳା କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଏକ ଭିନ୍ନ ଚିତ୍ର ସାମ୍ନାକୁ ଆସିଛି। ଭାରତୀୟ ମହିଳା କ୍ରିକେଟ ଦଳର ପ୍ରମୁଖ ଖେଳାଳି ଜେମିମା ରୋଡ୍ରିଗ୍ସ ଓ ପାକିସ୍ତାନର ଫାତିମା ସାନା ପରସ୍ପର ଆଲିଙ୍ଗନ କରି ଚର୍ଚ୍ଚାକୁ ଆସିଛନ୍ତି। ଏହାର ଭିଡିଓ ଏବେ ସାମାଜିକ ଗଣମାଧ୍ୟମରେ ବେଶ୍ ଭାଇରାଲ ହୋଇଛି।



ରିପୋର୍ଟ ଅନୁଯାୟୀ ସଦର୍ନ ବ୍ରେଭ ଓ ବର୍ମିଂହାମ ଫୋଏନିକ୍ସ ମଧ୍ୟରେ ଅନୁଷ୍ଠିତ ମ୍ୟାଚରେ ଏହି ବିରଳ ଦୃଶ୍ୟ ଦେଖିବାକୁ ମିଳିଥିଲା। ଏହି ମ୍ୟାଚରେ ଜେମିମା ସଦର୍ନ ବ୍ରେଭ ପକ୍ଷରୁ ଏବଂ ସାନା ବର୍ମିଂହାମ ଦଳରୁ ପ୍ରତିନିଧିତ୍ୱ କରୁଥିଲେ। ମ୍ୟାଚରେ ସଦର୍ନ ଦଳ ବିଜୟୀ ହେବାପରେ ଦୁଇ ଦଳର ଖେଳାଳି ଧାଡ଼ିଆ ମଧ୍ୟରେ ପରସ୍ପର ସହ ହାତ ମିଳାଇଥିଲେ। ଏହି ସମୟରେ ଜେମିମା ଓ ସାନା ପରସ୍ପର କେବଳ ହାତ ମିଳାଇ ନଥିଲେ, ବରଂ ଆଲିଙ୍ଗନ ମଧ୍ୟ କରିଥିଲେ। ଏହି ଘଟଣାକୁ ସୋସିଆଲ ମିଡିଆରେ ମିଶ୍ରିତ ପ୍ରତିକ୍ରିୟା ମିଳିଛି। ରାଜନୀତିକୁ ଖେଳଠାରୁ ଦୂରରେ ରଖିବା ଉଚିତ ବୋଲି ଅନେକ ଲୋକ ମନ୍ତବ୍ୟ ଦେଇଛନ୍ତି।

## ତାଇପେଇ ଓପନ୍ ଫାଇନାଲରେ ତନଭୀ



ତାଇପେଇ ସିଟି, ୧।୮ (ଏଜେନ୍ସି): ଉଦୀୟମାନ ଭାରତୀୟ ବ୍ୟାଡ୍‌ମିଣ୍ଟନ ଖେଳାଳି ତନଭୀ ଶର୍ମା ଏଠାରେ ଚାଲିଥିବା ତାଇପେଇ ଓପନ୍ ଟୁର୍ଣ୍ଣାମେଣ୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ଶନିବାର ଅନୁଷ୍ଠିତ ମହିଳା ସିଙ୍ଗଲ୍ସ ସେମିଫାଇନାଲରେ ତନଭୀ ୨୧-୧୭, ୨୧-୧୧ ସିଧାସଳଖ ଗେମରେ ଘରୋଇ ଖେଳାଳି ତଥା ୫ମ ସିଡ୍ ହୁଆଙ୍ଗ ୟୁ-ସୁନଙ୍କୁ ପରାସ୍ତ କରିଥିଲେ। ମାତ୍ର ୩୩ ମିନିଟରେ ତନଭୀ ଏହି ମ୍ୟାଚକୁ ଜିତିନେଇଥିଲେ। ରବିବାର ଖେଳାଯିବାକୁ ଥିବା ଫାଇନାଲରେ ତନଭୀଙ୍କ ମୁକାବିଲା ଭିଏତ୍‌ନାମର ଗୁୟେନ ଥୁ ଲିନଙ୍କ ସହ ହେବ। ଅନ୍ୟ ଏକ ସେମିଫାଇନାଲରେ ଗୁୟେନ ୨୧-୧୫, ୨୧-୧୮ ଗେମରେ ଭାରତର ଉନ୍ନତି ହୁଡାଙ୍କୁ ହରାଇଥିଲେ। ତନଭୀଙ୍କ କ୍ୟାରିୟରର ଏହା ଦ୍ୱିତୀୟ ବିଡବ୍ଲ୍ୟୁଏଫ୍ ସୁପର୍ ୩୦୦ ଫାଇନାଲ। ଏଥିପୂର୍ବରୁ ଗତବର୍ଷ ସେ ୟୁଏସ୍ ଓପନରେ ରନର୍ସଅପ୍ ହୋଇଥିଲେ।

## ତୀରନ୍ଦାଜ କ୍ଷୀରୋଦ; ଓଙ୍କାରଙ୍କୁ ସଫଳତା

ଭୁବନେଶ୍ୱର, ୧।୮ (ସମିସ): ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦନକାରୀ ବେଦାନ୍ତ ଆଲୁମିନିୟମ ଲାଞ୍ଜିଗଡ଼ରେ ଏହାର କ୍ରୀଡା ତାଲିମ ପ୍ରୋତ୍ସାହନ କାର୍ଯ୍ୟକ୍ରମ ମାଧ୍ୟମରେ କ୍ରୀଡା ପ୍ରତିଭାର ବିକାଶ ଜାରି ରଖିଛି। ଏହି ପ୍ରତିବଦ୍ଧତାର ପ୍ରଭାବୀ ପ୍ରଦର୍ଶନ କରି ଯୁବ ତୀରନ୍ଦାଜ କ୍ଷୀରୋଦ କୁମାର ଭବାନୀପାଟଣାର ବିକାଶ ଆବାସିକ ବିଦ୍ୟାଳୟ ଦ୍ୱାରା ଆୟୋଜିତ ସିବିଏସ୍‌ଇର ପୂର୍ବାଞ୍ଚଳ ତୀରନ୍ଦାଜୀ ଚାମ୍ପିଅନସିପ୍‌ରେ ୧୯ ବର୍ଷରୁ କମ୍ ବର୍ଗରେ ୪୦ ମିଟର ଏବଂ ୩୦ ମିଟର ଇଭେଣ୍ଟରେ ତିନୋଟି ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ଏଥିସହ କ୍ଷିରୋଦ ଓ ଓଙ୍କାର ମାଝୀ ସିବିଏସ୍‌ଇ ଜାତୀୟ ଚାମ୍ପିଅନସିପ୍ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ଉଭୟ ଆଥଲେଟ୍ ଗତ ଚାରି ବର୍ଷ ଧରି ବେଦାନ୍ତ ଆଲୁମିନିୟମର ତୀରନ୍ଦାଜୀ ତାଲିମ କାର୍ଯ୍ୟକ୍ରମ ଅଧୀନରେ ପ୍ରଶିକ୍ଷଣ ନେଉଛନ୍ତି। ଡୋଲା ଏବଂ ରାହୁଲ ବାନାର୍ଜୀ ସ୍ପୋର୍ଟସ୍ ଫାଉଣ୍ଡେସନ୍ ସହଭାଗିତାରେ ୨୦୧୮ରେ ଆରମ୍ଭ ହୋଇଥିବା ଏହି ପଦକ୍ଷେପ ସମ୍ପ୍ରଦାୟର ଯୁବ ପ୍ରତିଭାଙ୍କୁ ତୀରନ୍ଦାଜୀ ଏବଂ ଆଥଲେଟିକ୍ସରେ ବୃତ୍ତିଗତ କୋଚିଂ ପ୍ରଦାନ କରୁଛି। ଏହି ସଫଳତାକୁ ନେଇ ଲାଞ୍ଜିଗଡସ୍ଥିତ ବେଦାନ୍ତ ଆଲୁମିନା ବିଜନେସର ସି.ଇ.ଓ ପ୍ରଣବ କୁମାର ଭଟ୍ଟାଚାର୍ଯ୍ୟ କହିଛନ୍ତି, "କ୍ଷିରୋଦଙ୍କର ସଫଳତା ଗ୍ରାମୀଣ ଭାରତର ଯୁବ ପ୍ରତିଭାମାନଙ୍କର ବିପୁଳ ସମ୍ଭାବନାକୁ ପ୍ରତିଫଳିତ କରିଥାଏ। ଆମର ତୃଣମୂଳସ୍ତରର କ୍ରୀଡ଼ା କାର୍ଯ୍ୟକ୍ରମ ମାଧ୍ୟମରେ, ଯୁବକମାନଙ୍କୁ ଦକ୍ଷତା, ଆତ୍ମବିଶ୍ୱାସ ସହିତ ସଶକ୍ତ କରିବାକୁ ଲକ୍ଷ୍ୟ ରଖିଛୁ। ଏହି ମାଇଲଖୁଣ୍ଟ ପାଇଁ ଆମେ କ୍ଷିରୋଦ ଏବଂ ଓଙ୍କାରଙ୍କୁ ଅଭିନନ୍ଦନ ଜଣାଉଛୁ।'




**ସର୍ବଭାରତୀୟ ଜୁନିଅର ର୍‍ୟାଙ୍କିଂ ବ୍ୟାଡ୍‌ମିଣ୍ଟନ ଉଦ୍‌ଯାପିତ**

# ବାଳିକାରେ ପାରୁଲ, ବାଳକରେ ଚାନ୍ଦ୍ ଚାମ୍ପିଅନ

ଭୁବନେଶ୍ୱର,୨।୮ (ସମିସ):

ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ୍ 'ସଟଲ' ଚାଲିଥିବା ସର୍ବଭାରତୀୟ ଜୁନିଅର ର୍‍ୟାଙ୍କିଙ୍ଗ ବ୍ୟାଡମିଂଟନ ଟୁର୍ଣ୍ଣାମେଣ୍ଟ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ବାଳିକା ଏକକ ବିଭାଗରେ ତାମିଲନାଡୁର ଦୀକ୍ଷା ଏସ୍‌ଆର୍‌ଙ୍କୁ ୨-୦ରେ ହରାଇ ରାଜସ୍ଥାନର ପାରୁଲ ଚୌଧୁରୀ ଏବଂ ବାଳକ ଏକକ ଫାଇନାଲରେ ତେଲଙ୍ଗାନାର ଟି. ଜ୍ଞାନଦତ୍ତଙ୍କୁ ୨-୧ ସେଟ୍‌ରେ ହରାଇ ଉତ୍ତରାଞ୍ଚଳର ନିଶ୍ଚଳ ଚାନ୍ଦ୍ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛନ୍ତି। ଏହା ବ୍ୟତୀତ ମିଶ୍ରିତ ଯୁଗଳ ଫାଇନାଲରେ ଛତିଶଗଡ଼ର ଦିବ୍ୟାନାସ ଅଗରୱାଲ- ତାମିଲନାଡୁର ଭାମା ପ୍ରଭୁଆନନ୍ଦ, ବାଳିକା ଯୁଗଳ ଫାଇନାଲରେ ଉତ୍ତରାଖଣ୍ଡର ଆନ୍ୟା ବିଷ୍ଟ- ଆଞ୍ଜେଲ ପୁନେରା ଓ ବାଳକ ବିଭାଗ ଯୁଗଳରେ କେରଳ-ଦିଲ୍ଲୀ ଯୋଡି ଆଥିସ ଶ୍ରୀନିବାସ-ଯୋଗନ୍ସ ସିଂଙ୍କ ଯୋଡି ଟାଇଟଲ କବ୍‌ଜା କରିଛନ୍ତି।



ଖେଳ ଶେଷରେ ଆୟୋଜିତ ଉତ୍ସବରେ କ୍ରୀଡ଼ା ଓ ଯୁବସେବା ବିଭାଗ ନିର୍ଦ୍ଦେଶକ ୟେଦୁଲା ବିଜୟ ମୁଖ୍ୟ ଅତିଥି, ଅଶୋକ କୁମାର ପଣ୍ଡା, ଅମିତ ନାୟକ, ସୁଧାକର ନାୟକ, ବିଭୁଦା ଗଡନାୟକ ଓ ଆୟୋଜକ ଓଡ଼ିଶା ରାଜ୍ୟ ବ୍ୟାଡ୍‌ମିଣ୍ଟନ ସଂଘ ସମ୍ପାଦକ ନୀଳିନ କୁମାର ସମ୍ମାନିତ ଅତିଥିଭାବେ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ। ଟୁର୍ଣ୍ଣାମେଣ୍ଟର ସଫଳତା ପଛରେ ଉପସଭାପତି ପ୍ରଦୀପ ପଟ୍ଟନାୟକ, ଶୈଳେନ୍ଦ୍ର ଚୌଧୁରୀ, ଜୟପ୍ରକାଶ ସିଂ, କମଳ ଦାସ ଓ ସୁରୁଲାଲ ମଟାରୀ ପ୍ରମୁଖ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS